R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୧୬୫
ତିଥି : ଅଷ୍ଟମୀ
୨୩ ମାର୍ଚ୍ଚ ୨୦୨୫, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
(ରଙ୍ଗିନ୍ ତରଙ୍ଗ ଟାବ୍‌ଲଏଡ୍ ସହ)

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 165
23 March 2025, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ୨୫ ଯାଏ କାଳ ବୈଶାଖୀ



ଭୁବନେଶ୍ୱର/ବ୍ରହ୍ମପୁର, ୨୨।୩ (ସବ୍ୟୁ) : କାଳବୈଶାଖୀ ପ୍ରଭାବ ସାରା ରାଜ୍ୟରେ ଦେଖିବାକୁ ମିଳିଛି । ଆସନ୍ତା ୨୫ ଯାଏ ରାଜ୍ୟର ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ ବର୍ଷା ହେବା ସହ କୁଆପଥର ବର୍ଷା ହେବାର ମଧ୍ୟ ଆଶଙ୍କା ରହିଛି । ତେବେ ଏହି ସମୟ ମଧ୍ୟରେ ପବନର ବେଗ ୪୦ ରୁ ୫୦ କିମି ସ୍ଥଳ ବିଶେଷରେ ୬୦ କିମି ଘଣ୍ଟା ପ୍ରତି ହୋଇପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ଆହୁରି ୩ ଦିନ କାଳ ବୈଶାଖୀ ବର୍ଷା ନେଇ ସତର୍କ କରିନିଆଯାଇଥିବାବେଳେ ୧୨ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ପ୍ରଦାନ କରାଯାଇଛି । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ମୟୂରଭଞ୍ଜ, କେନ୍ଦୁଝରରେ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ବିଜୁଳି, ଘଡଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ଓ କୁଆପଥର ବର୍ଷାକୁ ନେଇ ଜଗତସିଂହପୁର, କଟକ, ଢେଙ୍କାନାଳ, ଅନୁଗୁଳ, ଦେଓଗଡ ଓ ସୁନ୍ଦରଗଡକୁ ପାଣିପାଗ କେନ୍ଦ୍ର ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି । ଏହି ସମୟରେ ୫୦ ରୁ ୬୦ କିମି ଘଣ୍ଟାପ୍ରତି ପବନର ବେଗ ହେବା ନେଇ ସମ୍ଭାବନା ରହିଛି । ଝାରସୁଗୁଡ଼ା, ସୋନପୁର, ବରଗଡ, ସମ୍ବଲପୁର, ବୌଦ୍ଧ, ନୟାଗଡ, କନ୍ଧମାଳ, କଳାହାଣ୍ଡି, ପୁରୀ, ଗଜପତି, ଗଞ୍ଜାମ, ରାୟଗଡା, କୋରାପୁଟ, ମାଲକାନଗିରି, ନୂଆପଡା, ବଲାଙ୍ଗିର ଓ ନବରଙ୍ଗପୁରରେ ବିଜୁଳି ସହ ଘଡଘଡି ବର୍ଷାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି ରହିଛି । ଆସନ୍ତାକାଲି ଠାରୁ ବର୍ଷାର ପରିମାଣ ବଢ଼ିବାର ସମ୍ଭାବନା ଥିବାନେଇ ୨୪ ଯାଏ କାଳବୈଶାଖୀ ବର୍ଷାର ସମ୍ଭାବନା ରହିଛି । ୨୫ ପରେ ପାଗ ପରିବର୍ତ୍ତନ ଆସିବ । ଧୀରେ ଧୀରେ ତାପମାତ୍ର ବଢ଼ିବା ସହ ୨ ରୁ ୫° ପୁଣି ବୃଦ୍ଧି ହେବ । ୨୫ ପରେ ଭୀଷଣ ତାତି ଅନୁଭବ ହେବ ବୋଲି ଅନୁମାନ କରାଯାଇଛି । ବାରିପଦାରେ ସର୍ବାଧିକ ୧୨୩.୪ମିମି ବର୍ଷା ହୋଇଥିବାବେଳେ କେନ୍ଦୁଝର ଯୋଡାରେ ୮୪.୫ମିମି, ରାଜଗାଙ୍ଗପୁରରେ ୭୦.୨ ମିମି, କେନ୍ଦୁଝର ସରପଡ଼ାରେ ୬୧.୬ ମିମି ବର୍ଷା ରେକର୍ଡ କରାଯାଇଛି । ତେବେ ବାଲେଶ୍ୱର, ମୟୁରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ଅନୁଗୁଳ, (୯ ପୃଷ୍ଠାରେ)

### ୩ ଦିନ ପରେ ବଢ଼ିବ ତାପମାତ୍ରା

### ବର୍ଷା ନେଇ ୧୨ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ

### ବ୍ରହ୍ମପୁରରେ ପ୍ରବଳ ବର୍ଷା ସହ ଗଛ ଉପୁଡିଲା

## ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଆଇପିଏଲ୍ ୧୮ ଉଦ୍‌ଘାଟିତ




କୋଲକାତା, ୨୨।୩ (ଏଜେନ୍ସି) : ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଆଇପିଏଲ୍‌ର ୧୮ତମ ସଂସ୍କରଣ ଆରମ୍ଭ ହୋଇଛି । ଉଦ୍‌ଘାଟନୀ ମ୍ୟାଚ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ଖେଳାଯାଇଛି । ଇଡେନ୍ ଗାର୍ଡେନରେ ଏହା ପୂର୍ବରୁ ବଲିଉଡ ତାରକାଙ୍କ ଜଲୱା ଦେଖିବାକୁ ମିଳିଥିଲା । ନାଚ ଗୀତରେ ଷ୍ଟାଡିୟମ୍‌ରେ ଥିବା ଦର୍ଶକ ମତୁଆଲା ଦେଇଥିଲା । ଗୀତର ତାଳେ ତାଳେ ନାଚି ଥିଲେ କ୍ରିକେଟ୍‌ପ୍ରେମୀ । ବଲିଉଡ ଗାୟିକା ଶେୟା ଘୋଷଲା, ଦିଶା ପାଠାଣୀ, କରଣ ଅଉଜଲାଙ୍କ ପରେ ଶେଷରେ ଶାହାରୁଖ ଖାନ୍‌ଙ୍କ ଦର୍ଶକଙ୍କ ମନ ଜିଣିଥିଲେ ।

ଷ୍ଟାଡିୟମ୍‌କୁ ଆସି ଦର୍ଶକଙ୍କୁ ନିଜର ସୁମଧୁର ସ୍ୱରରେ ବାନ୍ଧି ରଖିଥିଲେ ଶ୍ରେୟା ଘୋଷଲା । ଶ୍ରେୟା ପୁଷ୍ପ-୨ର ଗୀତରେ କୋଲକାତାବାସୀଙ୍କୁ ନାଚିବା ପାଇଁ ବାଧ୍ୟ କରିଥିଲେ । ଶ୍ରେୟା ୧୫ ମିନିଟ୍ ଯାଏ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ମା ତୁଝେ ସଲାମ ଓ ବନ୍ଦେ ମା ତରମ୍ ଗୀତ ପରେ ଶ୍ରେୟା ମଞ୍ଚ ଛାଡିଥିଲେ । ତାଙ୍କ ପଛକୁ ବଲିଉଡ ନାୟିକା ଦିଶା ପଠାଣୀ ଆସିଥିଲେ । ସେ ଏପରି ନାଚିଲେ ଯେ ଦର୍ଶକ ଏକବାର ମନ୍ତ୍ରମୁଗ୍ଧ ହୋଇଗଲେ । ଦିଶାଙ୍କ ପରେ ପଞ୍ଜାବୀ ଗାୟିକ କରନ୍ ଉଜଲା ହୁସ୍ନ ତେରା ତୌବା ତୌବା ଗୀତରେ ଉପସ୍ଥିତ ଦର୍ଶକ ଝୁମି ଥିଲେ । କରନଙ୍କ ଗୀତରେ ଦିଶା ପଠାଣୀ (୯ ପୃଷ୍ଠାରେ)

### ଛତିଶଗଡ ମୁଖ୍ୟମନ୍ତ୍ରୀଙ୍କ ସହ ମୋହନ ମାଝୀଙ୍କ ସାକ୍ଷାତ

## ଆପୋଷ ଆଲୋଚନାରେ ସମାଧାନ ହେବ ମହାନଦୀ ବିବାଦ

ଭୁବନେଶ୍ୱର, ୨୨।୩ (ସବ୍ୟୁ) : ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଓଡ଼ିଶା ଗସ୍ତରେ ଆସିଥିବା ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ।

ଏହି ଅବସରରେ ବିଭିନ୍ନ ବିଷୟ ସହିତ ମହାନଦୀ ଜଳ ବିବାଦ ସମ୍ପର୍କରେ ମଧ୍ୟ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲାଛ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ଏହି ବିବାଦର ଆପୋଷ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପରାମର୍ଶ ଦେଇଥିଲେ । ଦୁଇ ରାଜ୍ୟ ପରସ୍ପରର ପଡ଼ୋଶୀ ରାଜ୍ୟ ଏବଂ ଉଭୟ ରାଜ୍ୟ ମଧ୍ୟରେ ଭାଷା ଓ ଭାବଗତ ସାମଞ୍ଜସ୍ୟ ମଧ୍ୟ ରହିଛି ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ଉଭୟ ରାଜ୍ୟର ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଏହାର ତୁରନ୍ତ (୯ ପୃଷ୍ଠାରେ)



### ଚୋରି ସନ୍ଦେହରେ ଶ୍ରମିକଙ୍କୁ ନିର୍ଯାତନା

## ମାଡ ସହ ଗରମ ପାଣି ଢ଼ାଳିଦେଲେ

ସୋନପୁର, ୨୨।୩ (ସବ୍ୟୁ) : ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ୍ ତଥା ବୀରମହାରାଜପୁର ଥାନା କ୍ଷେତିପଡ଼ା ସ୍ଥିତ ଜେଆରପି ଠିକା ସଂସ୍ଥାର ସିମେଣ୍ଟ ଓ ଲୁହାଛଡ ଚୋରି ସନ୍ଦେହରେ କାର୍ଯ୍ୟରତ ଶ୍ରମିକ ଚିନ୍ମୟ ସ୍ୱାଇଁ(୧୮)ଙ୍କୁ ଅମାନୁଷିକ ଭାବେ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଛି । ପୀଡିତ ଶ୍ରମିକ ସମ୍ବଲପୁର ଜିଲ୍ଲା ରେଢାଖୋଲ ଥାନା ବଡ଼କସିବାହାଲ ଗାଁର ବୋଲି ଜଣାପଡିଛି । ଶରୀରରେ ଗରମ ପାଣି ଢ଼ଳାଯାଇ ନିର୍ଯାତନା ଦିଆଯାଇଥିବାରୁ ଚିନ୍ମୟଙ୍କ ଦେହ, ମୁଣ୍ଡ ଓ ପିଠିରେ ଫୋଟକା ସୃଷ୍ଟି ହୋଇଥିବା ବେଳେ ୪ ଦିନ ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି ।

ଅଭିଯୋଗ ଅନୁସାରେ, ଚିନ୍ମୟ ୨ ସପ୍ତାହ ପୂର୍ବରୁ ସମ୍ପୃକ୍ତ ଠିକା ସଂସ୍ଥାର କଂକ୍ରିଟ୍ ମିକ୍ସଚର୍ ମେସିନରେ କାମ କରୁଥିଲେ । ଠିକାସଂସ୍ଥା ପକ୍ଷରୁ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଦପଲା ନିକଟରେ ପୋଲ ନିର୍ମାଣ କରାଯାଉଥିବା ବେଳେ ଚିନ୍ମୟ ସେଠାରେ ନିୟୋଜିତ ହୋଇଥିଲେ । ପୋଲ ନିର୍ମାଣ ସ୍ଥାନରୁ ସିମେଣ୍ଟ ଓ ଲୁହାଛଡ଼ ସହ ଅନ୍ୟ କିଛି ସାମଗ୍ରୀ ଚୋରି ହୋଇଥିଲା।ଏହି ଘଟଣାରେ ଚିନ୍ମୟଙ୍କୁ ଦୋଷାରୋପ କରାଯାଇଥିଲା । ଠିକା ସଂସ୍ଥା ମାଲିକ ଜୟରାମ ପୂଜାରୀଙ୍କ ପୁଅ ଆକାଶ ପୂଜାରୀଙ୍କ ନିର୍ଦ୍ଦେଶରେ ଆକାଶଙ୍କ ସୁରକ୍ଷା କର୍ମୀ ଓ ଗାଡ଼ିଚାଳକ ଗତ ୧୬ରେ ଚିନ୍ମୟଙ୍କୁ ପୋଲ ନିର୍ମାଣ ପହଞ୍ଚିଥିଲେ ହେଁ ଠିକା ସଂସ୍ଥା ପକ୍ଷରୁ ଭାଇ ସହ ଦେଖା କରିବାକୁ ଦିଆଯାଇନଥିଲା । ପୁଲିସର ଭୟ ଦେଖାଇ ବନ୍ଦ କୋଠରୀରୁ ଚିନ୍ମୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଉଲୁଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଘଟଣା ସମ୍ପର୍କରେ ବୀରମହାରାଜପୁର (୯ ପୃଷ୍ଠାରେ)

### ଗୁରୁତର ଅବସ୍ଥାରେ ବୁର୍ଲା ମେଡିକାଲରେ ଭର୍ତ୍ତି



## ବିନୋଦ ଶୁକ୍ଳାଙ୍କୁ ଜ୍ଞାନପୀଠ ପୁରସ୍କାର



ନୂଆଦିଲ୍ଲୀ, ୨୨।୩ : ପ୍ରସିଦ୍ଧ ହିନ୍ଦୀ ସାହିତ୍ୟିକ ବିନୋଦ କୁମାର ଶୁକ୍ଳାଙ୍କୁ ୫୯ତମ ଜ୍ଞାନପୀଠ ପୁରସ୍କାର ପ୍ରଦାନ କରାଯିବ । ୮୮ ବର୍ଷୀୟ ବିନୋଦ କୁମାର ତାଙ୍କର କାହାଣୀ, କବିତା ଓ ପ୍ରବନ୍ଧ ଲାଗି ବେଶ୍ ପରିଚିତ । ସମକାଳୀନ ହିନ୍ଦୁ ସାହିତ୍ୟର ସବୁଠୁ ପ୍ରଭାବଶାଳୀ ରଚନାକାରଙ୍କ ମଧ୍ୟରେ ତାଙ୍କୁ ଗଣାଯାଏ । ଛତିଶଗଡର ପ୍ରଥମ ଲେଖକ ଭାବେ ଏହି ପୁରସ୍କାର ମିଳୁଛି । ତାଙ୍କୁ ୧୧ ଲକ୍ଷ ଟଙ୍କା ପୁରସ୍କାର ସହ ମା' ସରସ୍ୱତୀଙ୍କ କାଂଶ୍ୟ ପ୍ରତିମା ଓ ପ୍ରଶସ୍ତିପତ୍ରରେ ସମ୍ମାନିତ କରାଯିବ ।

ଦେଶର ଏହି ପ୍ରତିଷ୍ଠିତ ସମ୍ମାନ ପାଇଁ ମନୋନିତ ହୋଇଥିବାରୁ ବିନୋଦ କୁମାର ଖୁସି ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଯେ ଏଭଳି ସମ୍ମାନ ପାଇବେ ବୋଲି କେବେ ଭାବିନଥିଲେ । ନିଜର ସହଜ ଭାଷା ଓ ସମ୍ବେଦନଶୀଳ ଲେଖନୀ ଚାଳନା ନିମନ୍ତେ ଏହା ଏକ ବଡ ପୁରସ୍କାର । (୯ ପୃଷ୍ଠାରେ)

## ବଜ୍ରାଘାତରେ ୩ ମୃତ

ଭୁବନେଶ୍ୱର, ୨୨।୩ (ସବ୍ୟୁ) : କାଳ ବୈଶାଖୀ ପ୍ରଭାବରେ ବଜ୍ରାଘାତ ହୋଇ ରାଜ୍ୟର ବିଭିନ୍ନ ସ୍ଥାନରେ ୩ଜଣଙ୍କର ମୃତ୍ୟୁ ହୋଇଛି।ପୁରୀ ଜିଲା ବ୍ରହ୍ମଗିରିରେ ଅଞ୍ଚଳରେ ବିଲରେ କାମ କରୁଥିବା ବାପାମାଆଙ୍କୁ ଡାକି ସାଥୀରେ ଆସୁଥିବା ବେଳେ ବଜ୍ରାଘାତରେ ଜଣେ ଯୁବକଙ୍କର ମୃତ୍ୟୁ ହୋଇଛି।

ସେହିଭଳି ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବମୋକେଇ ପଞ୍ଚାୟତ ନାରାୟଣପୁର ଗ୍ରାମର ୧୦ମ ଶ୍ରେଣୀ ଛାତ୍ର ରାଜେଶ ଗୌଡ଼ ଶନିବାର ମଧ୍ୟାହ୍ନ ପ୍ରାୟ ୧୨ ଟାରେ ବଜ୍ରପାତ ପ୍ରଭାବରେ ମୃତ୍ୟୁବରଣ କରିଛନ୍ତି। ରାଜେଶ ଗ୍ରାମ ନିକଟସ୍ଥ ବୋମକେଇ ଗ୍ରାମ ଶିବାନନ୍ଦ ନୋଡାଲ ହାଇସ୍କୁଲରେ ପାଠ ପଢୁଥିଲେ। ଚଳିତବର୍ଷ ସେ ପଦ୍ମନାଭପୁର ଗ୍ରାମ ରାଧା ଦାମୋଦର ଗାଲର୍ସ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଦେଇଥିଲେ। ବାଲେଶ୍ୱର ଜିଲ୍ଲା ସୋର ଅଞ୍ଚଳରେ ଶୁକ୍ରବାର ସନ୍ଧ୍ୟାରେ ଦିବ୍ୟାଂଶୁ ସେଠି ନାମକ ଜଣେ ବ୍ୟକ୍ତି ସ୍କୁଟିରେ ସଂମ୍ପର୍କୀୟ ଘର ଖଇରା ବ୍ଲକ କୃଷ୍ଣଦାସପୁର ଯାଇ ନିଜ (୯ ପୃଷ୍ଠାରେ)

## ବାଲି ଖାଦାନ ପରିଚାଳନା ଲାଗି ଏସ୍‌ଓପି

ଭୁବନେଶ୍ୱର, ୨୨।୩ (ସବ୍ୟୁ) : ରାଜ୍ୟରେ ବାଲି ଚାଲାଣ ଓ ଲଘୁ ଖଣିଜ ଦ୍ରବ୍ୟର ବ୍ୟାପକ ହରିଲୁଟ୍ ନେଇ ଅଭିଯୋଗ ଆସିଥିଲା । ବେଆଇନ୍ ଭାବେ ବାଲି ଓ ଖଣିଜ ସାମଗ୍ରୀ ଚାଲାଣ କରି ମାଫିଆମାନେ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ସରକାର ବାଲି ଖାଦାନ ପରିଚାଳନା ଲାଗି ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜର (ଏସ୍‌ଓପି) ଜାରି କରିଛନ୍ତି ।

ଲଘୁ ଖଣିଜ ନିର୍ଦ୍ଦେଶାଳୟ ପକ୍ଷରୁ ଜାରି ଏସ୍‌ଓପି ଅନୁଯାୟୀ ବାଲି ପରିଚାଳନା ଲାଗି ପ୍ରତି ଜିଲ୍ଲାରେ କମିଟି ଗଠନ ହେବ । କମିଟିରେ ଜିଲ୍ଲାପାଳ ଅଧ୍ୟକ୍ଷତା କରିବେ, କେଉଁ ଖାଦାନରୁ ବାଲି ଉତ୍ତୋଳନ ହେବ ତାହା କମିଟି ସ୍ଥିର କରିବ । କମିଟିରେ ସଦସ୍ୟ ଭାବେ ଉପଜିଲ୍ଲାପାଳ, ସମ୍ପୃକ୍ତ ଜିଲ୍ଲାର ଏସ୍‌ପି, ଜିଲ୍ଲା ବନଖଣ୍ଡ ଅଧିକାରୀ, ଜିଲ୍ଲା ଉନ୍ନୟନ ଅଧିକାରୀ, ରାଜସ୍ୱ ବିଭାଗ, ଏଡିଏମ୍, ଜିଲ୍ଲା ଖଣି ଅଧିକାରୀ ରହିବେ । ଦୁଇଜଣ ବିଡିଓ ଓ ଦୁଇଜଣ ତହସିଲଦାର ମଧ୍ୟ ଜିଲ୍ଲାପାଳଙ୍କ ଦ୍ୱାରା ମନୋନୀତ ହୋଇ ସଦସ୍ୟ ରହିବେ । ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ କମିଟିର ଆବାହକ ରହିବେ । ରାଜ୍ୟ ବାହାରକୁ ବାଲି ଚାଲାଣ ନେଇ ଅଭିଯୋଗ ଆସୁଥିଲା । ନୂଆପଡା ତହସିଲ ଅଧିନରେ ଥିବା ଛତିଶଗଡ ସୀମାନ୍ତରେ ବେଆଇନ୍ ବାଲି ଚୋରା ଚାଲାଣ ଅଭିଯୋଗ ହେଉଥିବା ବେଳେ ରାୟଗଡା (୯ ପୃଷ୍ଠାରେ)

### ସୀମା ପୁନଃନିର୍ଦ୍ଧାରଣ ବିରୋଧରେ ଜେଏସି

## ୨୫ ବର୍ଷ ଯାଏ ସ୍ଥଗିତ ରହୁ ପ୍ରସ୍ତାବ




ଚେନ୍ନାଇ, ୨୨।୩ : ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଯୁଗ୍ମ କ୍ରିୟାନୁଷ୍ଠାନ କମିଟି (ଜେଏସି) ବୈଠକରେ ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣକୁ ବିରୋଧ କରାଯାଇଛି । ସୀମା ପୁନଃନିର୍ଦ୍ଧାରଣ ପ୍ରକ୍ରିୟାରେ ସ୍ୱଚ୍ଛତା ରକ୍ଷାକରିବା ସହ ଏହାକୁ ୨୫ ବର୍ଷ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ପ୍ରସ୍ତାବ ପାରିତ ହୋଇଛି । କୋର୍ କମିଟି ପକ୍ଷରୁ ବୈଠକରେ ହୋଇଥିବା ଉଦ୍‌ବେଗକୁ ପ୍ରଧାନମନ୍ତ୍ରୀଙ୍କୁ ପ୍ରଦାନ କରାଯିବ ବୋଲି ସ୍ଥିର ହୋଇଛି ।

ଷ୍ଟାଲିନଙ୍କ ଅଧ୍ୟକ୍ଷତାରେ ଜେଏସି ବୈଠକ ତାମିଲନାଡୁରେ ଅନୁଷ୍ଠିତ ହୋଇଥିଲା । ଏଥିରେ ୪ ରାଜ୍ୟର ମୁଖ୍ୟମନ୍ତ୍ରୀ, ଜଣେ ଉପମୁଖ୍ୟମନ୍ତ୍ରୀ, ତାମିଲନାଡୁ, କେରଳ, ତେଲେଙ୍ଗାନା, କର୍ଣ୍ଣାଟକ, ଓଡ଼ିଶା ଓ ପଞ୍ଜାବର ବରିଷ୍ଠ ନେତାମାନେ (୯ ପୃଷ୍ଠାରେ)

### ସ୍ୱଚ୍ଛତାର ସହ କରାଯାଉ ସୀମା ପୁନଃନିର୍ଦ୍ଧାରଣ

## ଜନସଂଖ୍ୟା ଏକମାତ୍ର ମାନଦଣ୍ଡ ନହେଉ

### ଚେନ୍ନାଇ ବୈଠକରେ ନବୀନଙ୍କ ଭିଡ଼ିଓ ବାର୍ତ୍ତା

ଭୁବନେଶ୍ୱର, ୨୨।୩ (ସବ୍ୟୁ) : ଜନସଂଖ୍ୟା ନିୟନ୍ତ୍ରଣ ଏବଂ ସ୍ଥିରୀକରଣ ପାଇଁ ଭଲ କାମ କରିଥିବା ରାଜ୍ୟଗୁଡ଼ିକରେ ରହୁଥିବା ଲୋକଙ୍କ ଗଣତାନ୍ତ୍ରିକ ପ୍ରତିନିଧିତ୍ୱ ଓ ଅଧିକାର ସୁନିଶ୍ଚିତ କରିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ । ସେମାନଙ୍କର ଗଣତାନ୍ତ୍ରିକ ପ୍ରତିନିଧିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିଜେଡି ସଭାପତି ନବୀନ ପଟ୍ଟନାୟକ ତାମିଲନାଡୁରେ ହୋଇଥିବା ସୀମା ପୁନଃନିର୍ଦ୍ଧାରଣ ବିରୋଧ ବୈଠକରେ ନିଜ ମତ ରଖିଛନ୍ତି । ଭିଡିଓ ବାର୍ତ୍ତା କରି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଜନସଂଖ୍ୟା ନିୟନ୍ତ୍ରଣ ଦେଶର ବିକାଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ ଏଜେଣ୍ଡା । ଯଦିଓ ଏହା ଏକ ସକରାତ୍ମକ ଜାତୀୟ ଏଜେଣ୍ଡା ପ୍ରତି ଆମର ଅବଦାନ ଏକ ଶକ୍ତିଶାଳୀ ଭାରତ ଗଠନ ପାଇଁ କେବଳ ଜନସଂଖ୍ୟା ଉପରେ ଆଧାରିତ ସୀମା ନିର୍ଦ୍ଧାରଣ ସେହି ରାଜ୍ୟମାନଙ୍କ ପ୍ରତି ଅନ୍ୟାୟ ହେବ । ଯେଉଁମାନେ ଜାତୀୟ ପ୍ରାଥମିକତା ସହ ସେମାନଙ୍କ ଜନସଂଖ୍ୟା ବୃଦ୍ଧି ହାର ହ୍ରାସ କରିବା ପାଇଁ କଠିନ ପରିଶ୍ରମ କରିଛନ୍ତି ଆସନ କମିଲେ ତାହା ଅନ୍ୟାୟ ହେବ । ଆମର ମତ ହେଉଛି ଦେଶର ସର୍ବୋଚ୍ଚ ପ୍ରତିନିଧିତ୍ୱ ସଂସ୍ଥାରେ ଆସନ ସଂଖ୍ୟା ନିର୍ଣ୍ଣୟ କରିବା ପାଇଁ ଜନସଂଖ୍ୟା ଏକମାତ୍ର ମାନଦଣ୍ଡ ହେବା ଉଚିତ୍ ନୁହେଁ । କେନ୍ଦ୍ର ସରକାର ସମସ୍ତ ଦଳ ସହ ବିସ୍ତୃତ ଆଲୋଚନା କରନ୍ତୁ । ଯାହାଦ୍ୱାରା ଗଣତନ୍ତ୍ର ପାଇଁ ଦୂରବର୍ତ୍ତୀ ପ୍ରଭାବ ପକାଉଥିବା ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଯେ କୌଣସି ସନ୍ଦେହ ଦୂର ହୋଇପାରିବ । ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏହି ବୈଠକ ଆୟୋଜନ କରିଥିବାରୁ ତାଙ୍କୁ ଧନ୍ୟବାଦ ଦେଉଛି ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ ।

# ୨୦୦ ମିଲିଅନ ବର୍ଷ ତଳର ପାଦଚିହ୍ନ

ଡାଇନୋସରକୁ ନେଇ ଅନେକ ସମୟରେ ବିଭିନ୍ନ କଥା ବୈଜ୍ଞାନିକମାନେ ଠାବ କରି ଥାଆନ୍ତି । ସେହିଭଳି ଏକ ଆବିଷ୍କାର ବର୍ତ୍ତମାନ ଚର୍ଚ୍ଚାର ବିଷୟ ପାଲଟିଛି । ଅଷ୍ଟ୍ରେଲିଆର ବୈଜ୍ଞାନିକଙ୍କୁ ମିଳିଛି ୨୦୦ ବର୍ଷ ପୁରୁଣା ଡାଇନୋସରର ପାଦ ଚିହ୍ନ । କୁଇନ୍ସଲାଣ୍ଡ ୟୁନିଭର୍ସିଟିରେ ମିଳିଛି ଏକ ପଥର ଖଣ୍ଡ ଯେଉଁଥିରେ ରହିଛି ପାଖାପାଖି ୬୬ଟି ଡାଇନୋସରଙ୍କର ପାଦଚିହ୍ନ । ଏହି ପାଦ ଚିହ୍ନ ଗୁଡିକ ୨୦୦ ମିଲିଅନ ବର୍ଷ ପୁରୁଣା ବୋଲି ବୈଜ୍ଞାନିକ ମତ ଦେଇଛନ୍ତି । ସେହିଭଳି ଏହି ପାଦ ଚିହ୍ନ ଗୁଡିକ ଦୁଇଗୋଡ଼ିଆ ଶାକାହାରୀ ଡାଇନୋସର ବୋଲି ବୈଜ୍ଞାନିକମାନେ ଆକଳନ କରିଛନ୍ତି । ଏହି ପଥରରୁ ଡାଇନୋସରଙ୍କ ବିଷୟରେ ଅଧିକ ତଥ୍ୟ ମିଳିବ ବୋଲି ବୈଜ୍ଞାନିକ ଆଶା ରଖିଛନ୍ତି ।



## ସୋସିଆଲ କୋଟ୍ସ



“କନେଡା ସିରିଜ୍‌ରେ ଅଭିନୟ କରିବା ମୋର ଏକ ଇମୋସନାଲ ଜର୍ଣ୍ଣି । ଏଥିରେ ଅଭିନୟ କରିଥିବା ଚରିତ୍ର ମୋର ହୃଦୟର ଖୁବ ନିକଟରେ ରହିବ । ଏହି ସିରିଜ୍‌ରୁ ମୁଁ ଅନେକ କିଛି ଶିଖିଛି ।

ଜାସମିନ୍ ବାଜବା, ଅଭିନେତ୍ରୀ



“କନେଡା ପ୍ରୋଜେକ୍ଟଟି ମୋ ପାଇଁ ଖୁବ ସ୍ପେସାଲ । ଯେତେବେଳେ ଏହି ଅଫର ମୋତେ ମିଳିଥିଲା ମୁଁ କିଛି ନଭାବି ହଁ କହିଥିଲି, କାରଣ କାହାଣୀ ମୋତେ ଖୁବ ଭଲ ଲାଗିଥିଲା ।

ଅଦାର ମଲିକ୍, ଅଭିନେତା



“ଏକୁଟିଆ ରହିବା କିଛି ଖରାପ ନୁହେଁ । ଜୀବନରେ ଏକୁଟିଆ ରହିବା ସମସ୍ତଙ୍କ ପାଇଁ ଲାଭଦାୟକ । ଏକୁଟିଆ ରହିଲେ ଅନେକ କିଛି ଶିଖିବାକୁ ମିଳିଥାଏ ।

ଅର୍ଜୁନ କପୁର, ଅଭିନେତା

# ଖାଦ୍ୟ କମାଇବ ଓଜନ



ଓଜନ ହ୍ରାସ ସମସ୍ତଙ୍କ ପାଇଁ ଏକ ସମସ୍ୟା ପାଲଟିଛି । ଏଥିପାଇଁ ବିଭିନ୍ନ ଲୋକ ସବୁବେଳେ କିଛି ନୂଆନୂଆ ଉପାୟ ଆପଣାଇଥାଆନ୍ତି । ହେଲେ ଏଭଳି କିଛି ଖାଦ୍ୟ ଯୋଡି ଅଛି, ଯାହାକୁ ଖାଇବା ଦ୍ୱାରା ଓଜନ ହ୍ରାସ ହେବା ସହ ଆପଣଙ୍କୁ ପୂର୍ଣ୍ଣମାତ୍ରାରେ ପୋଷଣ ମଧ ମିଳିପାରିବ । ଏହି ଖାଦ୍ୟଗୁଡିକ ଆପଣଙ୍କର ସମସ୍ତ ଅଦରକାରୀ ଫ୍ୟାଟ୍ କମାଇବ ।

**ଓଟ୍ସ ଓ ବାଦାମ :** ସକାଳର ଜଳଖିଆରେ ଓଟ୍ସ ସହ କିଛି ମଞ୍ଜିଜାତୀୟ ଖାଦ୍ୟ ଯେପରି ବାଦାମ, କାଜୁ, ଆଲମଣ୍ଡ ଆଦି ସାମିଲ କରନ୍ତୁ । ଓଟ୍ସରେ ଫାଇବର ଅଧିକମାତ୍ରାରେ ରହିଥାଏ ଯାହା ଆମ ଶରୀରରେ ଘେରେଲିନ୍ ହର୍ମୋନକୁ ନିୟନ୍ତ୍ରଣ କରିଥାଏ । ଏହି ହର୍ମୋନ ଆମ ଭୋକକୁ ନିୟନ୍ତ୍ରଣ କରେ, ତେଣୁ ଓଟ୍ସ ଖାଇବା ଦ୍ୱାରା ଆମକୁ ଲାଗୁଥିବା ଅଯଥା ଭୋକ କମିଥାଏ । ଜଳଖିଆ ଓଟ୍ସ ଓ ବାଦାମ ଖାଇବା ଫଳରେ ଆମକୁ ବିଭିନ୍ନ ପ୍ରକାରର ପୋଷଣ ମିଳିଥାଏ ।



**ଦହି ଓ କୋଳି :** ଦହିରେ ପ୍ରୋଟିନର ମାତ୍ରା ଖୁବ ଅଧିକ ଥାଏ । ଏହା ଆପଣଙ୍କ ଓଜନ ହ୍ରାସ ପାଇଁ ଡବଲ ବେନିଫିଟ୍ ପ୍ରଦାନ କରିଥାଏ । ଦହି ଖାଇବା ଦ୍ୱାରା ହଜମ ସମୟରେ ଆମ ଫ୍ୟାଟ୍ ଅଧିକ ମାତ୍ରାରେ ବର୍ଣ୍ଣ ହୋଇଥାଏ । ଦହିରେ ଭିଟାମିନ୍ ଡି ଓ କ୍ୟାଲସିଅମ ରହିଥାଏ ଯାହା ଆମର ଫ୍ୟାଟ୍ ପ୍ରଡକସନ୍ ଉପରେ ନିୟନ୍ତ୍ରଣ ରଖିଥାଏ । ତେଣୁ ଏହା ଓଜନ ହ୍ରାସ ପାଇଁ ଏକ ଭଲ ଅପସନ୍ ।

**ପିନଟ୍ ବଟ୍‌ର ଓ ସେଓ :** ଏହି କମ୍ବିନେସନ୍ ଫ୍ଲେଭର୍ ସହିତ ପୋଷଣରେ ମଧ ଭରପୂର ହୋଇଥାଏ । ଏହା ଆମକୁ ପୋଷଣ ଦେବା ସହିତ ଫ୍ୟାଟ୍ କମାଇବାରେ ସାହାଯ୍ୟ କରିଥାଏ । ପିନଟ୍ ବଟରରେ ଥିବା କିଛି ତତ୍ତ୍ୱ ଆମର ଫ୍ୟାଟକୁ ରେଗୁଲେଟ୍ କରିଥାଏ । ସେହିଭଳି ସେଓରେ କ୍ୟାଲୋରୀର ମାତ୍ରା କମ ଥିବାବେଳେ ଫାଇବର ମାତ୍ରା ଅଧିକ ରହିଥାଏ । ତେଣୁ ଏହି ଦୁଇଟି ସାମଗ୍ରୀ ଆମ ଓଜନ ନିୟନ୍ତ୍ରଣ ରଖିବାରେ ସାହାଯ୍ୟ କରିଥାଏ ।

# ରୋବଟ ସହିତ ଡେଟ୍‌ରେ

ଚୀନରେ ରୋବୋଟର ବ୍ୟବହାର ଖୁବ ଅଧିକ ବଢିବାରେ ଲାଗିଛି । ସେମାନେ ଜୀବନରେ ବିଭିନ୍ନ ଢଙ୍ଗରେ ରୋବଟକୁ ବ୍ୟବହାର କରିବାରେ ଲାଗିଛନ୍ତି । ନିକଟରେ ଜଣେ ଇନ୍‌ଫ୍ଲୁଏନ୍ସର ନିଜର କାର୍ଯ୍ୟ ପାଇଁ ଖୁବ ଚର୍ଚ୍ଚାରେ ରହିଛନ୍ତି । ଏହି ବ୍ୟକ୍ତି ଜଣଙ୍କ ଏକ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ କରି ଏକ ରୋବଟ କିଣିଛନ୍ତି ଯିଏ ତାଙ୍କ ଘରର ସମସ୍ତ କାର୍ଯ୍ୟ କରିବା ସହିତ ଗୋଟିଏ ଦିନ ତାଙ୍କ ସହିତ ଡେଟ୍‌ରେ ମଧ ଯାଉଛି । ଏନେଇ ସେ ଏକ ଭିଡିଓ ପୋଷ୍ଟ କରିବା ପରେ ଏହା ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବା ସହିତ ରୋବଟଙ୍କ ଆମ ଜୀବନରେ ଭୂମିକାକୁ ନେଇ ଆଲୋଚନା ଆରମ୍ଭ ହୋଇଛି । ଝାଙ୍ଗ ଗେନିୟୁନା ନାମକ ଜଣେ ୨୫ ବର୍ଷୀୟ ଟ୍ରାଭେଲ ବ୍ଲଗର ଏହି ରୋବଟକୁ କିଣିଛନ୍ତି । ସେ ରୋବଟ ସହିତ ବିତାଇଥିବା ଗୋଟିଏ ଦିନର ଭିଡିଓ ନିଜ ବ୍ଲଗ୍‌ରେ ମଧ ପୋଷ୍ଟ କରିଛନ୍ତି ଯାହା ଖୁବ ଭାଇରାଲ ହେଉଛି । ଏହି ହ୍ୟୁମାନଏଡ୍ ରୋବଟର ନାଁ ରହିଛି ଜିଓ୍ୱାନ୍, ଯାହା ଚୀନର ଖୁବ ପରିଚିତ ହ୍ୟୁମାନଏଡ୍ ରୋବଟ ।



# ଇରାନି ଅମଲେଟ୍

**ସାମଗ୍ରୀ–** ୨ ଅଣ୍ଡା, ୨ଟି ଟମାଟୋ, ଗୋଟିଏ ପିଆଜ, ରସୁଣ, ଅଳ୍ପ ପରିମାଣ ଗୋଲମିରଚ ଗୁଣ୍ଡ, ଏକ ଚାମଚ ଲଙ୍କାଗୁଣ୍ଡ, ଛୋଟ ଖଣ୍ଡ ଡାଲଚିନି, ଲୁଣ ସ୍ୱାଦ ଅନୁସାରେ ।

**ପ୍ରଣାଳୀ–** ପ୍ରଥମେ ପ୍ୟାନରେ ତେଲ ଗରମ କରନ୍ତୁ । ଏଥିରେ ରସୁଣ କଟା ରସୁଣ ପକାନ୍ତୁ । ଏହାପରେ ଏଥିରେ ଟମାଟୋ ପକାଇ ଭାଜନ୍ତୁ । ସେହିଭଳି ଅଲଗା ପ୍ୟାନରେ ପିଆଜକୁ ଭାଜି ନିଅନ୍ତୁ। ଏହାପରେ ଟମାଟୋରେ ଲୁଣ, ଡାଲଚିନି ଖଣ୍ଡ, ଲଙ୍କା ଗୁଣ୍ଡ, ମରିଚ ଗୁଣ୍ଡ ମିଶାନ୍ତୁ । ଅଳ୍ପ ଭାଜିହେବା ପରେ ଏଥିରେ ଅଣ୍ଡା ଭାଙ୍ଗି ମିଶାନ୍ତୁ । ସମସ୍ତ ମିଶ୍ରଣକୁ ଅଳ୍ପ ସମୟ ଭାଜନ୍ତୁ । ଏହାପରେ ଉପରେ ଭଜା ପିଆଜ ଓ ଧନିଆ ପତ୍ର ପକାଇ ପରଷନ୍ତୁ ଇରାନି ଅମଲେଟ୍ ।



# ଘରକୁ ଗରମ ରଖିବ ବ୍ୟାଟେରି




ଥଣ୍ଡା ଅଞ୍ଚଳରେ ଶୀତରୁ ରକ୍ଷା ପାଇବା ପାଇଁ ଲୋକମାନେ ବିଭିନ୍ନ ଉପାୟ ଆପଣାନ୍ତି । ବୈଜ୍ଞାନିକମାନେ ଏହି କଷ୍ଟରୁ ରକ୍ଷା ପାଇବା ପାଇଁ ଏକ ଉପାୟ ବାହାର କରିଛନ୍ତି । ଲୁଣ ଏବଂ ପାଣିକୁ ବ୍ୟବହାର କରି ଏଭଳି ଏକ ହିଟ୍ ବ୍ୟାଟେରି ନିର୍ମାଣ କରାଯାଇଛି, ଯାହା ଘରକୁ ଗରମ କରିବାରେ ସାହାଯ୍ୟ କରିବ । ଏକ ପ୍ରତିକାରେ ପ୍ରକାଶିତ ରିପୋର୍ଟ ଅନୁସାରେ ଏହି ବ୍ୟାଟେରିଟି ପୁରାତନ ପ୍ରଣାଳୀ ଥର୍ମୋକେମିକାଲ ପ୍ରୋସେସକୁ ନେଇ ତିଆରି କରାଯାଇଛି । ଏହି ପ୍ରଣାଳୀ ଅନୁସାରେ ଯେତେବେଳେ ଲୁଣରେ ପାଣି ମିଶିଥାଏ, ସେତେବେଳେ ଏହା ତାପ ଉତ୍ପାଦନ କରିଥାଏ । ଏହାସହ ଉତ୍ତାପକୁ ବ୍ୟବହାର କରି ଜଳକୁ ବାଷ୍ପୀଭୂତ କରାଯାଇଥାଏ । ଏହି ଉପାୟ ବ୍ୟବହାର କରାଯାଇ ଡ୍ରାଏ ସଲ୍ଟରେ ହିଟ୍‌କୁ ଷ୍ଟୋର କରାଯିବା ସହିତ ବ୍ୟାଟେରିକୁ ଉର୍ଜା ସଂରକ୍ଷିତ କରି ରଖିବାପାଇଁ ପ୍ରସ୍ତୁତ କରିଥାଏ । ତେବେ ଏହି ବ୍ୟାଟେରିକୁ ପ୍ରସ୍ତୁତ କରିବା ପାଇଁ ପ୍ରାୟ ୧୨ବର୍ଷ ସମୟ ଲାଗିଥିଲା । ଏହି ସଲ୍ୟୁସନ୍‌ରେ ତାପର ଉର୍ଜାକୁ ସଂରକ୍ଷିତ କରି ରଖାଯାଇଥାଏ । ଏହି ଉର୍ଜାକୁ ଶିଳ୍ପ ଉପାଦାନ ଗୁଡିକରୁ ମିଳୁଥିବା ଲୁଣରୁ ପ୍ରସ୍ତୁତ କରାଯାଇଛି । ଏହି ପ୍ରକ୍ରିୟାରେ ଉତ୍ପାଦିତ ଶକ୍ତି ଗୋଟିଏ ପରିବାରକୁ ଦୁଇଦିନ ପର୍ଯ୍ୟନ୍ତ ଉତ୍ତାପ ଯୋଗାଇବାରେ ସକ୍ଷମ । ଏହି ବ୍ୟାଟେରିକୁ ପରେ ବୈଜ୍ଞାନିକମାନେ ଆହୁରି ବିକଶିତ କରିଛନ୍ତି, ଯାହା ପୂରା ଏକ ରୁ ଦୁଇ ମାସ ପର୍ଯ୍ୟନ୍ତ ଗୋଟିଏ ଘରକୁ ଉତ୍ତାପ ଯୋଗାଇ ପାରିବ । ତେବେ ଏବେ ମଧ ଏହାର ପରୀକ୍ଷଣ ଜାରି ରହିଥିବା ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି । ଏହାକୁ ଏକ ପାଇଲଟ ପ୍ରୋଜେକ୍ଟ ଭଳି ପ୍ରଥମେ ଫ୍ରାନ୍ସ, ପୋଲାଣ୍ଡ ଓ ନେଦରଲାଣ୍ଡରେ ପରୀକ୍ଷଣ କରାଯିବ । ଏହାସଫଳ ହେବା ପରେ ଅଧିକ ଥଣ୍ଡା ଅଞ୍ଚଳରେ ବ୍ୟବହାର କରାଯିବ ବୋଲି ସେମାନେ ମତ ଦେଇଛନ୍ତି ।

## ଇତିହାସ

୧୮୩୬– ଫ୍ରାଙ୍କ୍‌ଲିନ୍ ବେଲ୍ ମୁଦ୍ରା ଛାପାଖାନା ଆବିଷ୍କାର କଲେ ।

୧୯୧୦– ମହାନ୍ ସ୍ୱାଧୀନତା ସଂଗ୍ରାମୀ ତଥା ସମାଜବାଦୀ ନେତା ରାମ ମନୋହର ଲୋହିଆଙ୍କ ଜନ୍ମ ।

୧୯୪୦– ଅଲ୍ ଇଣ୍ଡିଆ ମୁସଲିମ୍ ଲିଗ୍ ସ୍ୱତନ୍ତ୍ର ଦେଶ ଗଠନ ଲାଗି ଦାବି କଲେ ।

୧୯୫୬– ବିଶ୍ୱର ପ୍ରଥମ ମୁସଲିମ୍ ଗଣତନ୍ତ୍ର ରାଷ୍ଟ୍ର ରୂପେ ପାକିସ୍ତାନକୁ ମାନ୍ୟତା ମିଳିଲା ।

୧୯୬୫– ନାସା ପ୍ରଥମକରି ଜେମିନି ୩ ମହାକାଶଯାନରେ ଦୁଇଜଣ ବ୍ୟକ୍ତିକୁ ମହାକାଶ ପଠାଇଲା ।

୨୦୧୨– ପ୍ରଥମ କ୍ରିକେଟର ରୂପେ ସଚିନ ତେନ୍ଦୁଲକର ଅନ୍ତର୍ଜାତୀୟ କ୍ରିକେଟରେ ଶହେତମ ଶତକ ହାସଲ କଲେ ।

# ଓଟିଟି ଡେବ୍ୟୁ

ପଞ୍ଜାବର ପପୁଲାର ସିଙ୍ଗର ତଥା ଅଭିନେତା ପରମୀଶ ବର୍ମାଙ୍କୁ ବର୍ତ୍ତମାନ ଓଟିଟି ପ୍ଲାଟଫର୍ମରେ ତାଙ୍କ ଫ୍ୟାନ୍‌ମାନେ ଦେଖିପାରିବେ । ନିକଟରେ ସେ କ୍ରାଇମ୍ ଥ୍ରିଲର କନେଡାରେ ନିଜର ଓଟିଟି ଡେବ୍ୟୁ କରିଛନ୍ତି । ଏହି ୱେବ୍ ସିରିଜ୍‌ଟି ଜିଓ ହଟ୍‌ଷ୍ଟାର୍‌ରେ ଷ୍ଟ୍ରିମ ହେଉଛି । ନିକଟରେ ଏହି ସିରିଜ୍‌କୁ ନେଇ ପରମିଶ ଏକ ସାକ୍ଷାତକାରରେ ମନଖୋଲି କଥା ହୋଇଛନ୍ତି । ସେହିଭଳି ଏହି ସିରିଜ୍‌ଟି ତାଙ୍କ ପାଇଁ ଏକ ଆକ୍ଟିଂ ସ୍କୁଲ ଭଳି କାମ କରିଛି ବୋଲି ପରମିଶ ମତ ଦେଇଛନ୍ତି । ସେ କେବେ ବି କୌଣସି ଆକ୍ଟିଂ ସ୍କୁଲ ଯାଇନାହାନ୍ତି ଅଭିନୟ ଶିଖିବା ପାଇଁ । ଏହି ସିରିଜ୍‌ରେ ଅଭିନୟ କରିବା ସମୟରେ ସେ ନିଜର ସିନିଅର ଆକ୍ଟରଙ୍କ ପାଖରୁ ଅନେକ କିଛି ଶିଖିଥିବା ପ୍ରକାଶ କରିଛନ୍ତି । ସେହିଭଳି ଏହି ସିରିଜ୍‌ରେ ଅଭିନୟ କରିବା ସମୟରେ ସେ ଯାହା କିଛି ଶିଖିଛନ୍ତି ତାହା ତାଙ୍କୁ କେବଳ ଅଭିନୟ ନୁହେଁ ଜୀବନରେ ମଧ ଖୁବ ସହାୟକ ହେବ ବୋଲି ପରମିଶ ମତ ଦେଇଛନ୍ତି । ସେ ଏହି ସୁଟିଂ ସେଟ୍‌ରୁ ଯାହା ଶିଖିଛନ୍ତି ତାହା ଜୀବନରେ ବ୍ୟବହାର କରିବେ ଏବଂ ଏକ ସୁନ୍ଦର ଜୀବନ ବଞ୍ଚିପାରିବେ ବୋଲି ସେ ମତ ଦେଇଛନ୍ତି । ଏଥିରେ ପରମିଶ ଅଭିନୟ କରିଥିବା ଚରିତ୍ରର ନାଁ ରହିଛି ନିମ୍ମା । ଏହି ଚରିତ୍ର ଜୀବନରେ ଅନେକ ଚାଲେଞ୍ଜକୁ ଅତିକ୍ରମ କରି ଆଗକୁ ବଢୁଥିବା ପରମିଶ ପ୍ରକାଶ କରିଛନ୍ତି ।



ଯେତେବେଳେ ବି ଟ୍ରେନ୍‌ରେ ଯିବାକୁ ହୋଇଥାଏ ଟିକେଟ୍ କିଣିବା ବାଧ୍ୟତାମୂଳକ ଥାଏ । ବିନା ଟିକେଟ୍‌ରେ ଗଲେ ଯାତ୍ରୀଙ୍କୁ ଜରିମାନା ଦେବାକୁ ହୋଇଥାଏ । ତେବେ ଭାରତରେ ଏଭଳି ବିରଳ ଟ୍ରେନ୍ ମଧ ଅଛି ଯାହା ୭୭ ବର୍ଷ ହେଲାଣି ମାଗଣା ରେଳ ସେବା ଦେଉଛି । ଭକରା ରେଳ ପାଖାପାଖି ୭୭ ବର୍ଷ ହେଲାଣି ତା ଯାତ୍ରୀଙ୍କୁ ମାଗଣା ନେବା ଆଣିବା କରୁଛି । ଏହି ଟ୍ରେନଟି ନାନଗଲ ଓ ଭକରା ମଧରେ ଯାତ୍ରା କରୁଛି । ଏହି ରୁଟ୍‌ରେ ଭକରା ରେଳରେ ପାଖାପାଖି ୨୫ଟି ଗାଁର ୩୦୦ରୁ ଅଧିକ ଯାତ୍ରୀ ଯିବା ଆସିବା କରନ୍ତି । ଏଥିରେ ସ୍କୁଲପିଲା ମଧ ସାମିଲ ଅଛନ୍ତି । ୧୯୪୮ରେ ଏହି ରେଳ ସେବା ସ୍ଥାପନା କରାଯାଇଥିଲା । ସେତେବେଳେ ନାନଗଲ ଓ ଭକରା ମଧରେ ଯାତାୟତର କୌଣସି ସାଧନ ନଥିଲା ତେଣୁ ଏଠାରେ ରେଳ ବ୍ୟବସ୍ଥା କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏହି ନିଷ୍ପତ୍ତି ଅନୁଯାୟୀ ଭକରା ରେଳର ସ୍ଥାପନା କରାଯାଇଥିଲା । ୧୯୫୩ ମସିହା ପର୍ଯ୍ୟନ୍ତ ଏହା ଷ୍ଟିମ୍ ଇଞ୍ଜିନ୍ ସହାୟତାରେ ଚାଲୁଥିଲା, ହେଲେ ପରେ ଏହାର ଆଧୁନିକରଣ ପାଇଁ ଚେଷ୍ଟା ଆରମ୍ଭ ହୋଇଥିଲା । କିନ୍ତୁ ଟ୍ରେନ୍‌ଟି ବର୍ତ୍ତମାନ ନିଜର ୬୦ ବର୍ଷର ପୁରୁଣା ଇଞ୍ଜିନ ସହାୟତାରେ ଚାଲିଛି । ସବୁଦିନ ଟ୍ରେନ୍‌ଟି ସକାଳ ୭.୦୫ରେ ନନଗାଲ ଷ୍ଟେସନରୁ ବାହାରି ଭକରାରେ ସକାଳେ ସକାଳ ୮.୨୦ରେ ପହଞ୍ଚିଥାଏ । ପୁଣିଥରେ ଟ୍ରେନ୍‌ଟି ନନଗାଲରୁ ୩.୦୫ରେ ବାହାରି ଭକରାରେ ଅପରାହ୍ନ ୪.୨୦ରେ ପହଞ୍ଚିଥାଏ । ଭକରା ଓ ନନଗାଲ ମଧରେ ଟ୍ରେନ୍‌ଟି ପ୍ରତିଦିନ ୧୩ କିମିର ଯାତ୍ରା କରିଥାଏ । ଏହି ଟ୍ରେନ କାରଣରୁ ଅନେକ ଗରିବ ଶ୍ରେଣୀର ଲୋକଙ୍କୁ ସହାୟତା ମିଳିଥାଏ । ତେବେ ୨୦୧୧ରେ ଆର୍ଥିକ ଅସୁବିଧା କାରଣରୁ ଟ୍ରେନ୍‌କୁ ବନ୍ଦ କରାଯିବା ପାଇଁ ଯୋଜନା କରାଯାଇଥିଲା ହେଲେ ପରେ ଏହାକୁ ପୁଣି ଚାଲୁ ରଖାଯାଇଥିଲା ।

# ମାଗଣା ଟ୍ରେନ୍ ଯାତ୍ରା





ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବତନ ବିଧାୟକ ସ୍ୱର୍ଗତ ଦେବେନ୍ଦ୍ର ଶର୍ମାଙ୍କ ମର ଶରୀରରେ ପୁଷ୍ପ ଗୁଚ୍ଛ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ।



ରାଜସ୍ଥାନର ଦୁଇ ସାଂସଦ, ଚନ୍ଦ୍ର ପ୍ରକାଶ ଯୋଶୀ ଏବଂ ସୁଧୀର ଗୁପ୍ତା ଲୋକସଭା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ସୌଜନ୍ୟ ମୂଳକ ସାକ୍ଷାତ କରିଛନ୍ତି ।

## ବରିଷ୍ଠ କଂଗ୍ରେସ ନେତା ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କୁ ଶ୍ରଦ୍ଧାଞ୍ଜଳି

କଟକ, (ସବ୍ୟୁ):ବରିଷ୍ଠ କଂଗ୍ରେସ ନେତା ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ବିୟୋଗରେ ପୂର୍ବତନ ବିଧାୟକ କଟକ-ବାରବାଟୀ ବିଧାୟକ ଇଂ. ମହମ୍ମଦ ମୋକିମ ଗଭୀର ଶୋକବ୍ୟକ୍ତ କରିଛନ୍ତି । ଆଜି ଶିଖରପୁର ଠାରେ ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଦେଇ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଜଣେ ଦୃଢମନା ରାଜନେତା ନିଜ ଅଞ୍ଚଳ ଆଳିର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ସତତ ଚେଷ୍ଟିତ ଥିଲେ । ତାଙ୍କର ବିୟୋଗରେ ଓଡିଶା ଜଣେ ପ୍ରବୀଣ ରାଜନୀତିଜ୍ଞଙ୍କୁ ହରାଇବା ସହିତ କଂଗ୍ରେସ ଦଳର ଏକ ଅପୂରଣୀୟ କ୍ଷତି ଘଟିଲା ବୋଲି ଶ୍ରୀ ମୋକିମ କହିଛନ୍ତି । ସ୍ୱର୍ଗତ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ତାଙ୍କର ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ବିଶ୍ୱଜିତ ଦାସ, ନିକୁଞ୍ଜ ପଶାୟତ, ଗିରିବାଳା ବେହେରା, ଡ ଗୋବିନ୍ଦ ଭୂୟାଁ, ଶରତ ଚନ୍ଦ୍ର ସେଠୀ, ଶୁବାଶିଷ ପଟ୍ଟନାୟକ, କୁନା ଶତପଥି, ସତ୍ୟାନନ୍ଦ ରାଉତ, ଅଜୟ ଗୋଛାୟତ, ପ୍ରତାପ ପରିଡା, ଭିକି ଚକ୍ରବର୍ତ୍ତୀ, ସୁରଜିତ ସାହୁ, ଦିଲ୍ଲୀପ ନାୟକ, ରୂପକ ପାତ୍ର ପ୍ରମୁଖ ନେତୃମଣ୍ଡଳୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ସର୍ବଦଳୀୟ ସଭାରେ ଶ୍ରଦ୍ଧାଞ୍ଜଳି

# ତ୍ୟାଗ, ନିରନ୍ତର ସଂଗ୍ରାମ ବଳରେ ଜନନାୟକ ବନିଥିଲେ ଦେବେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, (ସବ୍ୟୁ): ବିଶିଷ୍ଟ ରାଜନେତା, ବିଜେପିର ପୂର୍ବତନ ରାଜ୍ୟ ସଭାପତି, ରାଷ୍ଟ୍ରୀୟ ଉପସଭାପତି ଓ କେନ୍ଦ୍ରମନ୍ତ୍ରୀ ଡକ୍ଟର ଦେବେନ୍ଦ୍ର ପ୍ରଧାନଙ୍କ ଗତ ୧୭ ତାରିଖ ଦିନ ୮୩ ବର୍ଷ ବୟସରେ ଦିଲ୍ଲୀଠାରେ ଦେହାନ୍ତ ହୋଇଛି । ତାଙ୍କ ପରଲୋକରେ ରାଜ୍ୟ ଓ ଦେଶ ପାଇଁ ଅପୁରଣୀୟ କ୍ଷତି ହୋଇଛି । ୧୯୮୦ରେ ଭାରତୀୟ ଜନତା ପାର୍ଟିରେ ଯୋଗଦେବା ପରେ ଦୃଢ଼ ସଙ୍ଗଠକ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ଦଳକୁ ତୃଣମୂଳସ୍ତରରୁ ମଜଭୁତ କରିବାରେ ତାଙ୍କ ଭୂମିକା ଅତୁଳନୀୟ ବୋଲି ଭୁବନେଶ୍ୱର ଓୟୁଏଟି ବିଶ୍ୱବିଦ୍ୟାଳୟ ପରିସରସ୍ଥିତ କୃଷି ଶିକ୍ଷା ସଦନରେ ଅନୁଷ୍ଠିତ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ମତବ୍ୟକ୍ତ କରିଛନ୍ତି । ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ, ଡ. ପ୍ରଧାନ ଥିଲେ ଓଡ଼ିଶାର ଜଣେ ସ୍ଥିତପ୍ରଜ୍ଞ ତଥା ଉତ୍ସର୍ଗୀକୃତ ରାଜନେତା । ନିଜର ନମ୍ରତା ଓ ଭଲପାଇବା ମାଧ୍ୟମରେ ସମସ୍ତଙ୍କୁ ନିଜର କରିପାରିଥିଲେ । ତାଙ୍କର ନିଷ୍ଠା, କଠିନ ପରିଶ୍ରମ ଓ ପ୍ରତିବଦ୍ଧତା ବଳରେ ଓଡ଼ିଶାରେ ଭାରତୀୟ ଜନତା ପାର୍ଟିକୁ ପ୍ରତିଷ୍ଠିତ କରିବାରେ ଅଗ୍ରଣୀ ଭୂମିକା ନେଇଥିଲେ । ଓଡ଼ିଶାରେ ବିଜେପିର ଅଭ୍ୟୁଦୟରେ ଡ.ପ୍ରଧାନ ଥିଲେ ଭଗୀରଥ । ସେ ହେଲେ ଆମ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ଛ ଡାକ୍ତରୀ ଭଳି ପେଶାକୁ ଛାଡ଼ି ସମାଜସେବା ପାଇଁ ରାଜନୀତିକୁ ଓହ୍ଲାଇ ବିପରୀତ ପରିସ୍ଥିତିରେ ଦଳକୁ ସୁଦୃ କରିଥିଲେ । ଓଡ଼ିଶା ରାଜନୀତିରେ ତାଙ୍କ ଯୋଗଦାନ ସବୁଦିନ ପାଇଁ ଅମର ହୋଇରହିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ।

ଶ୍ରଦ୍ଧାଞ୍ଜଳୀ ସଭାରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ କହିଥିଲେ ଯେ, ରାଜନୀତିରେ ରହି ରାଜନୀତିଠାରୁ ଦୂରରେ ଥିବା ବ୍ୟକ୍ତି ଥିଲେ ଡ.ପ୍ରଧାନ । ମଣ୍ଡଳ ସଭାପତିଠାରୁ ଆରମ୍ଭ କରି ରାଜ୍ୟ ସଭାପତି, ରାଷ୍ଟ୍ରୀୟ ଉପସଭାପତି ହୋଇଥିଲେ ମଧ୍ୟ ତାଙ୍କ ସରଳ ବ୍ୟକ୍ତିତ୍ୱ ବଳରେ ସମସ୍ତଙ୍କ ପ୍ରିୟପାତ୍ର ହୋଇପାରିଥିଲେ । ସେ ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲିପାରୁଥିଲେ । ତାଙ୍କ ପରି ସନ୍ଥପ୍ରବୃତିର ବ୍ୟକିତ୍ୱ ରାଜନୀତିରେ ବିରଳ ବୋଲି କହି କେନ୍ଦ୍ରମନ୍ତ୍ରୀ ସିଂ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ରାଜ୍ୟ ପ୍ରଭାରୀ ଅରୁଣ ସିଂହ କହିଥିଲେ ଡ. ପ୍ରଧାନ ବିପରୀତ ପରିସ୍ଥିତିରେ ଗୋଟିଏ ଗୋଟିଏ କାର୍ଯ୍ୟକର୍ତାଙ୍କୁ ଯୋଡି ସଂଗଠନକୁ ମଜବୁତ କରିବାର ମୂଳଦୁଆ ପକାଇଥିବାରୁ ଆଜି ରାଜ୍ୟରେ ବିଜେପି ସରକାର ଗଠନ କରିବାରେ ସଫଳ ହୋଇଛି । ଏହି ଅବସରରେ ଶ୍ରୀ ନଡ୍ଡାଙ୍କ ଶୋକବାର୍ତା ପାଠ କରି ଶ୍ରୀ ସିଂହ ଦିବଂଗତ ଆତ୍ମାର ସଦ୍ଗତି କାମନା କରିଥିଲେ ।





ଡ.ପ୍ରଧାନ ଜଣେ ସାଲିସବିହୀନ ରାଜନେତା ଥିଲେ । ତୃଣମୂଳସ୍ତରରୁ ନିରନ୍ତର ସଂଗ୍ରାମ କରି ନିଜର ତ୍ୟାଗ ଓ ଉଦ୍ୟମ ବଳରେ ଜନନାୟକ ବନିପାରିଥିଲେ । ସଂଗଠନଠାରୁ ସରକାର ପର୍ଯ୍ୟନ୍ତ ସବୁଠି ନିଖୁଣଭାବେ ଦାୟିତ୍ୱ ସମ୍ପାଦନ କରି ସ୍ୱର୍ଗତଃ ଡ. ପ୍ରଧାନ ସଫଳତାର ଶୀର୍ଷରେ ପହଂଚିପାରିଥିଲେ । ପ୍ରତିକୂଳ ପରିସ୍ଥିତିରେ ଦଳ ପାଇଁ ଚଟାଣ ଭଳି କାର୍ଯ୍ୟକରି ସମସ୍ତ ପାଇଁ ପ୍ରେରଣା ସାଜିଥିଲେ । ଓଡ଼ିଶାର ବିକାଶ ଦିଗରେ ଡ.ପ୍ରଧାନ ନିରନ୍ତର ପ୍ରୟାସ ଜାରି ରଖିଥିଲେ । ସେ ସବୁଦିନ ପାଇଁ ଆମ ସମସ୍ତଙ୍କ ଲାଗି ପ୍ରେରଣାର କେନ୍ଦ୍ର ବିନ୍ଦୁ ହୋଇରହିବେ ବୋଲି ଶ୍ରଦ୍ଧାଞ୍ଜଳୀ ସଭାରେ ଯୋଗ ଦେଇ ବକ୍ତାମାନେ କହିଥିଲେ ।

ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଶୋକବ୍ୟକ୍ତ କରି କହିଛନ୍ତି ଯେ, ଡ. ପ୍ରଧାନ ଜଣେ ସ୍ନେହୀ ଓ ଅମାୟିକ ବ୍ୟକ୍ତିତ୍ୱ ଥିଲେ । କେବଳ ରାଜ୍ୟ ନୁହେଁ ସାରା ଦେଶର ଲୋକଙ୍କ ପାଇଁ ସେ ଜଣେ ଆଦର୍ଶ ବ୍ୟକ୍ତିତ୍ୱ ଅଧିକାରୀ ଥିଲେ । ଦଳ ବିଚାରଧାରର ଡ.ପ୍ରଧାନ ଜଣେ ମୂର୍ତିମନ୍ତ ପ୍ରତୀକ ଥିଲେ ବୋଲି କହି ଡ.ପଣ୍ଡା ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

ଏହି ଅବସରରେ ବାଚସ୍ପତି ଶ୍ରୀମତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ଶ୍ରୀମତି ପ୍ରଭାତୀ ପରିଡ଼ା, ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ସହ ପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡି, ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡା, ବିମ୍ବାଧର କୁଅଁର, ବରିଷ୍ଠ କଂଗ୍ରେସ ନେତା ପଂଚାନନ କାନୁନ୍‌ଗୋ, ନିରଞ୍ଜନ ପଟ୍ଟନାୟକ, ବରିଷ୍ଠ ବିଜେଡି ନେତା ପ୍ରଫୁଲ୍ଲ ଘଡେଇ, ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ଦେବୀ ପ୍ରସାଦ ମିଶ୍ର, ପ୍ରଫୁଲ୍ଲ ସାମଲ, ଅମର ଶତପଥୀ, ସାଂସଦ ଅନନ୍ତ ନାୟକ, ପ୍ରତାପ ଷଡଙ୍ଗୀ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସରୋଜ ମିତ୍ର, ସୋମ୍ୟରଞ୍ଜନ ପଟ୍ଟନାୟକ, ପୂର୍ବତନ ସାଂସଦ ତଥାଗତ ଶତପଥୀ, ଐର ଖାରବେଳ ସ୍ୱାଇଁ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ ତ୍ରିପାଠୀ, ଆପ ନେତା ନିଶିକାନ୍ତ ମହାପାତ୍ର, ବିଶିଷ୍ଟ ସ୍ତମ୍ଭକାର ପ୍ରଦ୍ୟୁମ୍ନ ଶତପଥୀ, ସାମ୍ବାଦିକ ରାଜାରାମ ଶତପଥୀ, ଶ୍ରମିକ ନେତା କୃଷ୍ଣ ଚନ୍ଦ୍ର ମିଶ୍ର, ପ୍ରମୁଖ ନିଜ ବକ୍ତବ୍ୟ ମାଧ୍ୟମରେ ଡ. ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବରିଷ୍ଠ ନେତା ଶ୍ରୀ ସଜ୍ଜନ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ବିଜେଡି, କଂଗ୍ରେସ, କମ୍ୟୁନିଷ୍ଟ, ଆପ୍ ଦଳର ବରିଷ୍ଠ ଓ ପ୍ରମୁଖ ନେତୃବୃନ୍ଦଙ୍କ ସମେତ ବିଭିନ୍ନ ସାମାଜିକ ସଂଗଠନ, ଧାର୍ମିକ ସଂଗଠନ, ପ୍ରତିଷ୍ଠିତ ବ୍ୟକ୍ତିବିଶେଷ, ସାମ୍ବାଦିକ, ଡାକ୍ତର, ଅଧିବକ୍ତାମାନେ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ଡକ୍ଟର ପ୍ରଧାନଙ୍କ ସ୍ମୃତିଚାରଣ କରିବା ସହିତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ।

### ବିଶ୍ୱ ଜଳ ଦିବସ ସମାରୋହ ୨୦୨୫

## ୫ ବର୍ଷ ରେ ଅତିରିକ୍ତ ୧୫ ଲକ୍ଷ ହେକ୍ଟର ଜମିକୁ ଜଳ ସେଚିତ କରାଯିବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଜଳ ସଂରକ୍ଷଣ, ଜଳ ପରିଚାଳନାରେ ସରକାରଙ୍କର ସବୁଠାରୁ ବଡ ଭୂମିକା ରହିଛି କିନ୍ତୁ ଏଥିରେ ବ୍ୟକ୍ତିଗତ ସ୍ତରରେ ତଥା ଗୋଷ୍ଠୀଗତ ସ୍ତରରେ ସମସ୍ତେ ନିଜ ନିଜ ଯୋଗଦାନ ରଖିବା ନିତାନ୍ତ ଆବଶ୍ୟକ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଶ୍ୱ ଜଳ ଦିବସ ଅବସରରେ ଲୋକସେବା ଭବନ ସ୍ଥିତ କନଭେନସନ ସେଣ୍ଟର ଠାରେ ରାଜ୍ୟ ଜଳ ସମ୍ପଦ ବିଭାଗ ପକ୍ଷରୁ ଆୟୋଜିତ ସମାରୋହରେ ଯୋଗ ଦେଇ କହିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ରାଜ୍ୟ ସହିତ ଥିବା ଜଳ ବିବାଦ ବିଷୟରେ ଆଲୋକପାତ କରି କହିଥିଲେ ଯେ, ଓଡିଶା ସହିତ ଜଳକୁ ନେଇ ଯେଉଁଠି ବିବାଦ ଅଛି ତାକୁ ଆମେ ଗୁରୁତ୍ୱର ସହ ନେଇଛୁ । ତାର ତ୍ୱରିତ ସମାଧାନ କରାଯିବ । ମହାନଦୀକୁ ନେଇ ଛତିଶଗଡ଼ ସହ ବିବାଦ ଚାଲିଛି । ଶନିବାର ଲୋକସେବା ଭବନରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ଅବସରରେ ଏହି ବିଷୟରେ ଆଲୋଚନା ହୋଇଥିଲା । ଯେହେତୁ କେନ୍ଦ୍ର, ଛତିଶଗଡ଼ ଓ ଓଡିଶାରେ ତ୍ରିପଲ-ଇଂଜିନ ସରକାର ଚାଲିଛି, ତେଣୁ ଏ ବିବାଦର ଆପୋଷ ସମାଧାନ ହେବ । ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଥିଲେ ଯେ, ଜଳ ବିନା ଜୀବନ ସୃଷ୍ଟି ହେବା ଅସମ୍ଭବଛ ବିଶ୍ୱ ଜଳବାୟୁ ପରିବର୍ତ୍ତନ ଯୋଗୁଁ ବ୍ୟବହାର ଯୋଗ୍ୟ ଜଳର ଉପଲବ୍ଧତା ନେଇ ବିଶ୍ୱ ପାଣିପାଗ ସଂଘ ଆଶଙ୍କା ପ୍ରକାଶ କରିଛି । ଗତ ୨୦ ବର୍ଷ ଧରି, ମାଟିର ଆର୍ଦ୍ରତା ଏବଂ ଗ୍ଲାସିଆରରେ ଗଚ୍ଛିତ ଜଳର ପରିମାଣ କ୍ରମାଗତ ଭାବେ କମିବାର ଲକ୍ଷ୍ୟ କରାଯାଇଛି । ଏ ସବୁ ଦୃଷ୍ଟିକୋଣରୁ ଆଗାମୀ ଦିନରେ ଜଳ ସଂରକ୍ଷଣ ଓ ଜଳକୁ ପ୍ରଦୂଷଣ ମୁକ୍ତ ରଖିବା ଅପରିହାର୍ଯ୍ୟ । ସେ କହିଥିଲେ ଯେ ୨୦୨୧ ମସିହା ତଥ୍ୟ ଅନୁଯାୟୀ, ୨୨୦ କୋଟିରୁ ଉର୍ଦ୍ଧ୍ୱ ଲୋକ ଜଳ ସଙ୍କଟ ଦେଖା ଯାଉଥିବା ଦେଶରେ ବାସ କରୁଛନ୍ତି । ବିଶ୍ୱ ଜଳବାୟୁ ପରିବର୍ତ୍ତନ ଓ ଜନସଂଖ୍ୟା ବୃଦ୍ଧି ଯୋଗୁଁ ଏହି ସଂଖ୍ୟା ବଢ଼ିବାରେ ଲାଗିଛି । ବିଶ୍ୱର ପ୍ରତ୍ୟେକ ବ୍ୟକ୍ତିଙ୍କୁ ବିଶୁଦ୍ଧ ଜଳ ଯୋଗାଇଦେବା ସହିତ, ଏହାର ଉପଯୋଗୀତା ବିଷୟରେ ଜନସଚେତନତା ସୃଷ୍ଟି କରିବା ପାଇଁ ବିଶ୍ୱ ଜଳ ଦିବସ ପାଳନ କରାଯାଉଛି । ସେ ପୁଣି କହିଥିଲେ ଯେ ଆଗାମୀ ଦିନରେ କିଭଳି ଜଳ ସଂରକ୍ଷଣ ଓ ଜଳ ପରିଚାଳନାର ସୁବନ୍ଦୋବସ୍ତ ହେଇ ପାରିବ, ତାକୁ ଗୁରୁତ୍ୱ ଦେଇ ସେ ଦିଗରେ ଆମ ସରକାର ଆସିବା ପରେ ବ୍ୟାପକ ପଦକ୍ଷେପ ଗ୍ରହଣ କରୁଛନ୍ତି । କେନାଲର ତଳ ମୁଣ୍ଡରେ ରହୁଥିବା ଚାଷୀ ପାଖରେ କିଭଳି ପାଣି ପହଂଚିବ ସେଥିପ୍ରତି ଆମେ ଧ୍ୟାନ ଦେଉଛୁ । ଆଗାମୀ ୫ ବର୍ଷ ଅର୍ଥାତ ୨୦୨୯ ସୁଦ୍ଧା ଅତିରିକ୍ତ ୧୫ ଲକ୍ଷ ହେକ୍ଟର ଜମିକୁ ଜଳ ସେଚିତ କରିବା ପାଇଁ ଆମେ ଲକ୍ଷ୍ୟ ରଖିଛୁ । ଜଳ ସମ୍ପଦର ସୁରକ୍ଷା ଓ ଏହାର ସୁପରିଚାଳନା ପାଇଁ ଚଳିତ ବର୍ଷ ବଜେଟରେ ୧୪ ହଜାର ୮୪୧ କୋଟି ୭୨ ଲକ୍ଷ ୯୨ ହଜାର ଟଙ୍କାର ବ୍ୟୟ ବରାଦ କରାଯାଇଛିଛ ଆମ ସରକାରଙ୍କ ଲକ୍ଷ୍ୟ କେବଳ ଜଳସେଚନ ଯୋଗାଇବା ନୁହେଁ, ସାମଗ୍ରିକ ଭାବେ ଜଳ ପରିଚାଳନା କରିବା, ଯାହାଦ୍ୱାରା ରାଜ୍ୟର ପ୍ରତ୍ୟେକ ଲୋକେ ପରିବେଶକୁ କ୍ଷତି ନ ପହଞ୍ଚାଇ ଆବଶ୍ୟକ ଜଳ ପାନୀୟ ତଥା ଅନ୍ୟ କାର୍ଯ୍ୟ ପାଇଁ ହାତ ପାହାନ୍ତାରେ ପାଇ ପାରିବେ । ଶେଷରେ ମୁଖ୍ୟମନ୍ତ୍ରୀ ଜଳ ସଂରକ୍ଷଣ, ଘରୋଇ ବ୍ୟବହାରରେ ଜଳ ଅପବ୍ୟବହାର ରୋକିବା, କୃଷି ଓ ଶିଳ୍ପ କ୍ଷେତ୍ରରେ ଜଳର ସୁବିନିଯୋଗ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ୮୦ କୋଟି ଟଙ୍କା ବ୍ୟୟରେ ୨୦ଟି ଜିଲ୍ଲା ପାଇଁ କରାଯାଇଥିବା ୧୦୦ ଟି ଚେକ୍ ଡ୍ୟାମ୍‌କୁ ଲୋକାର୍ପଣ କରିବା ସହିତ ୪ ଗୋଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଯଥା କେନ୍ଦୁଝର ଜିଲ୍ଲାର ଘାସିଡ଼ିହି ଏମ୍‌ଆଇପି ଗଞ୍ଜାମ ଜିଲ୍ଲାର ବିଲୁଆମରା ଏମ୍‌ଆଇପି, ଗଜପତି ଜିଲ୍ଲାର କୁରଲଣ୍ଡା ଏମ୍‌ଆଇପି ଏବଂ ମୟୂରଭଞ୍ଜ ଜିଲ୍ଲାର ବାଘିଆ ଏମ୍‌ଆଇପି ର ୬୧.୫୩ କୋଟି ବ୍ୟୟରେ ହୋଇଥିବା ଭୂତଳ ପାଇପ୍‌ଲାଇନ୍ ନେଟୱାର୍କ ମଧ୍ୟ ଲୋକାର୍ପିତ କରିଥିଲେ । ଏଥିସହିତ ମୁଖ୍ୟମନ୍ତ୍ରୀ ଅନୁଗୁଳ, କେନ୍ଦୁଝର, ଢେଙ୍କାନାଳ, ମୟୂରଭଞ୍ଜ ଜିଲ୍ଲାର ୨୭,୩୩୭ ହେକ୍ଟର ଉଚ୍ଚ ଚାଷଜମିକୁ ଜଳସେଚନ କରାଯିବା ପାଇଁ ୧,୨୨୭କୋଟି ଟଙ୍କା ମୂଲ୍ୟର ୧୮ଟି ବୃହତ ଉଠା ଜଳସେଚନ ଯୋଜନାର ଶିଳାନ୍ୟାସ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ, ଗୋ ୱାର୍ଟର ଇଆରପି ଆପ୍ ର ଶୁଭାରମ୍ଭ କରିବା ସହିତ ଏହି ସମ୍ପର୍କିତ ସୂଚନା ପୁସ୍ତିକାକୁ ଉନ୍ମୋଚନ କରିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟ ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିଲେ । କାର୍ଯ୍ୟକ୍ରମରେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ର ଶେଖର ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ ।



# କଳାଭୂମି ଉତ୍ସବ ଉଦଘାଟିତ

ଭୁବନେଶ୍ୱର (ସବ୍ୟୁ): ସ୍ଥାନୀୟ ଓଡିଶା ହସ୍ତଶିଳ୍ପ ସଂଗ୍ରହାଳୟଠାରେ ଆରମ୍ଭ ହୋଇଛି ସପ୍ତମ କଳାଭୂମି ଉତ୍ସବ । ଏହି ୫ ଦିନିଆ ଉତ୍ସବକୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଗୁହା ପୁନମ ତାପସ କୁମାର ଉଦ୍ଘାଟନ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି, ଓଡ଼ିଶାର ଗରିମାମୟ ହସ୍ତତନ୍ତ ଓ ହସ୍ତଶିଳ୍ପର ସମୃଦ୍ଧ ପରମ୍ପରାକୁ ଆଗେଇ ନେବା ପାଇଁ ବିଭାଗ ପ୍ରତିଶ୍ରୁତିବଦ୍ଧ ଅଛି । ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପ୍ରଭାକର ମହାରଣା, ହସ୍ତଶିଳ୍ପ ନିର୍ଦ୍ଦେଶକ ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତୀ ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଉଦଘାଟନୀ ଉତ୍ସବରେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀମତୀ ମଧୁମିତା ରଥ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଅତିରିକ୍ତ ଶାସନ ସଚିବ ଧନ୍ୟବାଦ ଅର୍ପଣ କରିଥିଲେ ।

ଉଦଘାଟନୀ କାର୍ଯ୍ୟକ୍ରମ ପରେ ଏକ ପଥର ଖୋଦେଇ କର୍ମଶାଳା ସ୍ଥାପତ୍ୟ: ଇଚିଙ୍ଗ୍ ଲାଇଭଲିହୁଡ୍ ଅନ୍ ଷ୍ଟୋନ୍ ଆୟୋଜନ ହୋଇଥିଲା । ଖୋଦେଇ ଶିଳ୍ପକଳା ସମ୍ପର୍କିତ ପ୍ୟାନେଲ୍ ଆଲୋଚନାରେ ଜାତୀୟ ପୁରସ୍କାରପ୍ରାପ୍ତ ଉଦୟ ମହାନ୍ତି, ପଦ୍ମ ଚରଣ ଓଝା, ଇନ୍ଦ୍ରମଣି ମହାରଣା, ମହେଶ୍ୱର ଓଝା, ରାଜେନ୍ଦ୍ର ମିଶ୍ର, ବିନୟ ଭୂଷଣ ଜେନା, ଗୋଲକ ପାତ୍ର ଓ ଭାରତୀୟ ରପ୍ତାନି ସଂଗଠନ ମହାସଂଘ ପକ୍ଷରୁ କୋମଲ କାନ୍ତ ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ବିଭାଗ ପକ୍ଷରୁ ଦେବୀ ପ୍ରସନ୍ନ ନନ୍ଦ ଆଲୋଚନାକୁ ସଂଚାଳନ କରିଥିଲେ । ଏହି ଉତ୍ସବ ଚଳିତ ମାସ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ । ରବିବାର ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯିବ । ମାର୍ଚ୍ଚ ୨୪ ରେ ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଗ୍ରୀଷ୍ମ ଶିବିର ଆୟୋଜନ ମଧ୍ୟ କରାଯିବ । ମାର୍ଚ୍ଚ ୨୩ ଓ ୨୪ ତାରିଖରେ ନିଃଶୁଳ୍କ ପ୍ରବେଶ ସୁବିଧା ରହିଛି । ମାର୍ଚ୍ଚ ୨୫ ଓ ୨୬ ରେ କୋଲକାତାସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ପ୍ୟାକେଜିଙ୍ଗ ସହିତ ଏକ କର୍ମଶାଳାର ଆୟୋଜନ ହେବ । ପ୍ରତ୍ୟେକ ଦିନ ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ରଖାଯାଇଛି । ଉଦଯାପନୀ ସମାରୋହରେ ମାନ୍ୟବର ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗ ଦେଇ କୃତି ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିବେ ।






ଲୋହିୟା ଏକାଡେମୀ ଠାରେ ନିଖିଳ ଉତ୍କଳ ଗ୍ରାମ ରକ୍ଷୀ ସଂଘର ଏକ ପ୍ରେସ ମିଟ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରେସ ମିଟରେ ଗ୍ରାମ ରକ୍ଷୀ ସଙ୍ଘର ସଭାପତି ପ୍ରତାପ ଚନ୍ଦ୍ର ରାଉତ କହିଥିଲେ ସଂଘର ଦାବିକୁ ସରକାର ମାନି ଥିବାରୁ ୨୪ତାରିଖର ଆନ୍ଦୋଳନକୁ ସ୍ଥଗିତ ରଖାଗଲା ।

## ଏଚ୍‌ପି ପକ୍ଷରୁ ନେକ୍ସଟ-ଜେନ ଏଆଇ କମର୍ସିଆଲ ପିସିର ନୂତନ ଶୃଙ୍ଖଳା ଉନ୍ମୋଚିତ

ଭୁବନେଶ୍ୱର, (ସବ୍ୟୁ): ଏଚପି ପକ୍ଷରୁ ଭାରତରେ ଏହାର ନୂତନ ପିଢିର କମର୍ସିଆଲ ଏଆଇ ପିସିର ନୂଆ ଶୃଙ୍ଖଳାର ଶୁଭାରମ୍ଭ କରାଯାଇଛି ଯାହାକୁ ବ୍ୟବସାୟ ଓ ପେସାଦାର ବ୍ୟକ୍ତିମାନଙ୍କ ପରିବର୍ତ୍ତିତ ଆବଶ୍ୟକତାକୁ ପୂରଣ କରିବା ପାଇଁ ଡିଜାଇନ କରାଯାଇଛି। ଏହି ଶୃଙ୍ଖଳାରେ ଏଚ୍‌ପି ଏଲିଟବୁକ ଅଲଟ୍ରା ଜିଂଆଇ ୧୪-ଇଂଚ, ଏଚ୍‌ପି ଏଲିଟବୁକ ଏକ୍ସ ଜିଂଆଇ ୧୪ ଇଂଚ୍ ଓ ଏଚ୍‌ପି ଏଲିଟବୁକ ଏକ୍ସ ଜିଂଆଇ ଫ୍ଲିପ ୧୪ ଇଂଚ ମଡେଲ ସାମିଲ ରହିଛି। ଏହି ପିସିଗୁଡିକ ନୂଆ ଇଂଟେଲ କୋର ଟିଏମ୍ ଅଲଟ୍ରା ପ୍ରୋସେସରଗୁଡିକ ଦ୍ୱାରା ପରିଚାଳିତ ଅଟେ ଯେଉଁଥିରେ ଏକ ନ୍ୟୁରାଲ ପ୍ରୋସେସିଂ ୟୁନିଟ (ଏନ୍‌ପିୟୁ) ରହିଛି ଯାହା ପ୍ରତି ସେକେଣ୍ଡ ପିଛା ୪୮ ଟ୍ରିଲିୟନ ପର୍ଯ୍ୟନ୍ତ ଅପରେଶନଗୁଡିକୁ (ଟପ୍‌ସ) ନିୟନ୍ତ୍ରଣ କରିପାରେ। ଏହାବ୍ୟତୀତ ଏଚ୍‌ପି ଭାରତରେ ଏଲିଟବୁକ ଏକ୍ସ ଜି୧ଏ ୧୪-ଇଂଚ ନୋଟବୁକର ଶୁଭାରମ୍ଭ କରିଛି ।

# ଖୋର୍ଦ୍ଧା ମେଡିକାଲ ପରିସରରେ ବ୍ୟବଚ୍ଛେଦ ଶବକୁ ଖାଇଲେ କୁକୁର

ଖୋର୍ଦ୍ଧା,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଶବ ବ୍ୟବଚ୍ଛେଦ ଗୃହ ନିକଟରେ ପୋତାଯାଇଥିବା ଶବକୁ ଶନିବାର ଖୋଳି କୁକୁର ଖାଉଥିବାର ଦୃଶ୍ୟ ଦେଖାଯାଇଛି । ଯଦି କୌଣସି ମୃତବ୍ୟକ୍ତିର ପରିଚୟ ମିଳିପାରିନଥାଏ, ବ୍ୟବଚ୍ଛେଦ ପରେ ୯୬ଘଂଟା ଶବ ଗୃହରେ ସୁରକ୍ଷିତ ଭାବେ ରଖାଯାଇଥାଏ । ପରେ ପରିଚୟ ମିଳିଲେ ତାଙ୍କ ପରିବାରକୁ ମୃତଦେହ କୁ ହସ୍ତାନ୍ତର କରାଯାଇଥାଏ । ଯଦି କୌଣସି ମୃତବ୍ୟକ୍ତିଙ୍କ ପରିଚୟ ନମିଳିଲା, ତେବେ ବ୍ୟବଚ୍ଛେଦ ର ୯୬ ଘଣ୍ଟା ପରେ ସମ୍ପୃକ୍ତ ଥାନା କୁ ଶବ ମେଡିକାଲ କର୍ତ୍ତୃପକ୍ଷ ହସ୍ତାନ୍ତର କରିଥାନ୍ତି । ଗତ ମାର୍ଚ୍ଚ ୧୮ ତାରିଖରେ ଖୋର୍ଦ୍ଧା ଜିଆରପି ୨ଜଣ ଅଜଣ ବ୍ୟକ୍ତିଙ୍କ ମୃତ ଦେହକୁ ଉଦ୍ଧାର କରି ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ନିମନ୍ତେ ଭର୍ତି କରିଥିଲା । ଯାହାଙ୍କର ଆନୁମାନିକ ବୟସ ୪୫ ରୁ ୫୦ହେବ । ଏନେଇ ଜିଆରପି ପକ୍ଷରୁ ୧୭/୨୫ ଓ ୧୮/୨୫ ରେ ଦୁଇଟି ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ କରାଯାଇଥିଲା । ଶବ ବ୍ୟବଚ୍ଛେଦ ପରେ ମେଡିକାଲ



କର୍ତ୍ତୃପକ୍ଷ ଜିଆରପି କୁ ଶବ ଦୁଇଟି କୁ ହସ୍ତାନ୍ତର କରିଥିଲେ ବୋଲି ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ମନୋରଞ୍ଜନ ରାଉତ ପ୍ରକାଶ କରିଛନ୍ତି । ତେବେ ବ୍ୟବଚ୍ଛେଦ ଶବ ଦୁଇଟି କୁ କିପରିଭାବେ ସେଠାରେ ପୋତାଗଲା ଓ କାହା ନିର୍ଦ୍ଦେଶରେ ପୋତାଗଲା ତାହା ଏବେ ତଦନ୍ତ ସାପେକ୍ଷ୍ୟ । ଏଥିରେ ମେଡିକାଲ ଏବଂ ଜିଆରପି ର କିଛି ଅସାଧୁ କର୍ମଚାରୀ ହେୟ ମନୋଭାବ ଯୋଗୁ ଏଭଳି ଘଟଣା ଘଟିଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି । ତେବେ ଶବ ପୋତିବା ନିମନ୍ତେ ସଠିକ ଗଭିରତା ସଂପନ୍ନ ଗାତ କରିବା, ତନ୍ମଧ୍ୟରେ ପଲିଥିନ, ଲୁଣ, ବ୍ଲିଚି, ଶବ ନଷ୍ଟ ନିମନ୍ତେ କେମିକାଲ ପ୍ରଭୃତି ଦେବାର ନିୟମ ଥିଲେ ହେଁ ଏହାକୁ ଅଣଦେଖା କରାଯାଇଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି । ଫଳରେ ଏଭଳି ଦୃଶ୍ୟ ଆଜି ଦେଖିବାକୁ ମିଳିଛି । ତେଣୁ ଏହି ଘଟଣାର ତଦନ୍ତ କରି ଶବ ପୋତା ରେ ଲିପ୍ତଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ ପଦକ୍ଷେପ ନେବାକୁ ଦାବି ହେଉଛି । ଏନେଇ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ରାଉତ କୁହନ୍ତି, ଯଦି ଘଟଣା ସତ ହୋଇଥାଏ, ଯେଉଁମାନେ ଏଥିରେ ସମ୍ପୃକ୍ତ ଥିବେ ସେମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ।

## ଦାଦାବଟି ମାଗି ୨ଗିରଫ
# ଦେଶୀ ବନ୍ଧୁକ, ୩ଜୀବନ୍ତ ଗୁଳି ଜବତ

ଖୋର୍ଦ୍ଧା, (ସବ୍ୟୁ): ବନ୍ଧୁକ ଦେଖାଇ ଦାଦାବଟି ଆଦାୟ କରିବା ଅଭିଯୋଗରେ ଆଦର୍ଶଥାନା ପୁଲିସ ୨ଜଣଙ୍କୁ ଗିରଫ କରିଥିବାବେଳେ ଜଣେ ନାବାଳକ କୁ ପୁଲିସ ଧରି ଜୁଭେନାଇଲ କୋର୍ଟ ରେ ହାଜର କରିଛି । ଗିରଫମାନେ ହେଲେ ସ୍ଥାନୀୟ ଗଡଖୋର୍ଦ୍ଧା ହାଉସିଂବୋର୍ଡ ର ସଞ୍ଜୟ ବେହେରା (୨୦) ଓ ସଦରଥାନା ଅନ୍ତର୍ଗତ ବଙ୍ଗିଦା ର ସଞ୍ଜୟ କୁମାର ପରିଡା ଓରଫ ସିଲୁ(୨୧) । ସେମାନଙ୍କ ଠାରୁ ପୁଲିସ ଏକ ଦେଶୀ ବନ୍ଧୁକ ସମେତ ୩ଜୀବନ୍ତ ଗୁଳିକୁ ପୁଲିସ ଜବତ କରିଥିବା ଆଦର୍ଶଥାନା ଅଧିକାରୀ ସଞ୍ଜୟ ନାୟକ ସୂଚନା ଦେଇଛନ୍ତି । ଶୁକ୍ରବାର ସନ୍ଧ୍ୟାରେ ଏକ ଗାଡିରେ ୩ଜଣ ଆସି ସ୍ଥାନୀୟ ଲୋକେଶ୍ୱରପୁର ର ସୁବାସ ପ୍ରଧାନଙ୍କୁ ବନ୍ଧୁକ ଦେଖାଇ ଅଭିଯୁକ୍ତମାନେ ଦାଦାବଟି ମାଗିଥିଲେ । ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ତାଙ୍କ ଠାରୁ ୫ହଜାର ଟଙ୍କା ଛଡାଇନେଇଥିଲେ । ଏନେଇ ସେ ଥାନାରେ ଅଭିଯୋଗ କରିବାରେ ୧୨୨/୨୫ରେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଧରି ଥିବାବେଳେ ବନ୍ଧୁକ ଓ ଜୀବନ୍ତ ଗୁଳିକୁ ପୁଲିସ ଜବତ କରିଛି ।

# ମହିମାନଗର ପୂଜା କମିଟିର ପଖାଳ ଦିବସ

କଟକ, (ସବ୍ୟୁ): ମହିମାନଗର ପୂଜାକମିଟି ପକ୍ଷରୁ ଆଜି ବିଶ୍ୱ ପଖାଳ ଦିବସ ସ୍ଥାନୀୟ ମହିମା ଆଶ୍ରମରେ ପାଳିତ



ହୋଇଯାଇଛି । ଦହିପଖାଳ ସହିତ ବିଭିନ୍ନ ସୁଆଦିଆ ବ୍ୟଞ୍ଜନରେ ଅତିଥୀମାନଙ୍କୁ ଆପ୍ୟାୟିତ କରାଯାଇଥିଲା । ପଖାଳ ହେଉଛି ସାରା ବିଶ୍ୱର ଧନୀ ଓ ଗରିବଙ୍କ ଆପଣାର ବୋଲି କମିଟିର ସଭାପତି ସତ୍ୟ ମହାନ୍ତି କହିଥିଲେ । ପରେ ପରେ ମହାନଗର ସାମ୍ବାଦିକ ସଂଘର ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆଜିର ଏହି ଉତ୍ସବରେ କମିଟିର କାର୍ଯ୍ୟକାରୀ ସଭାପତି ଶୁସାନୁ ରଥ, ସମ୍ପାଦକ ସୁରେଶ ଚନ୍ଦ୍ର ଜେନା, ସହ ସମ୍ପାଦକ ପ୍ରକାଶ ପୃଷ୍ଟି, କୋଷାଧକ୍ଷ ସରୋଜ ବିଶ୍ୱାଳ, ସଦସ୍ୟ ବିଜୟ ସାହୁ, ମାନସ ସ୍ୱାଇଁ, ଅଭିମନ୍ୟୁ ପତି, ସୌରଭ ସାହୁ, ବିଚିତ୍ରାନନ୍ଦ ମହାପାତ୍ର, ପ୍ରଦୀପ୍ତି ରାଉତ, ବିନୟ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିବାବେଳେ ମହାନଗର ସାମ୍ବାଦିକ ସଂଘର ଉପଦେଷ୍ଟା ନିଖିଳ ବିଶ୍ୱାଳ, ସଭାପତି ପ୍ରଦୀପ କୁମାର ପତି, କାର୍ଯ୍ୟକାରୀ ସଭାପତି ସୁକାନ୍ତ ପଣ୍ଡା, ଉପସଭାପତି ଜୟନ୍ତ ରାଉତରାୟ, ସମ୍ପାଦକ ବିଶ୍ୱଜିତ ଧଳ, କୋଷାଧକ୍ଷ ପ୍ରଶାନ୍ତ ମହାନ୍ତି, ସଂଗଠନ ସମ୍ପାଦକ ଆନନ୍ଦ ଦାସ, ସହ ସମ୍ପାଦକ ମହେଶ ପାଟରା, ସଦସ୍ୟ ଗଣେଶ ସାହୁ, ସତ୍ୟଦିପ କର ଓ ସ୍ୱରାଜ କେଶରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦର ବିଶ୍ୱ ପଖାଳ ଦିବସ

ଭୁବନେଶ୍ୱର (ସବ୍ୟୁ): ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ ଦ୍ୱାରା ବିଶ୍ୱ ପଖାଳ ଦିବସ ସ୍ଥାନୀୟ ଜୟଦେବଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସୂଚନା ଦେଇଥିଲେ । ପଖାଳ ଶ୍ରୀଜଗନ୍ନାଥଙ୍କ ପ୍ରିୟ ବ୍ୟଞ୍ଜନ ହୋଇଥିବାରୁ ତାର ଉପକାରିତା ସଂପର୍କରେ ଜନସାଧାରଣଙ୍କୁ ଜଣାଇବା ପାଇଁ ପରିଷଦ ପ୍ରୟାସ କରିଆସିଛି ସାମନ୍ତରାୟ, ପୁରୀ ବଡଦେଉଳର ଚୂନରାସେବକ ଡ. ଶରତ ଚନ୍ଦ୍ର ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ । ମୁଖ୍ୟ ଅତିଥି ସୁରେଶ ପୂଜାରୀ ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦକୁ ପ୍ରସଂଶା କରି ସାରା ବିଶ୍ୱରେ



ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ସକାଳେ ଶ୍ରୀଜଗନ୍ନାଥଙ୍କ ସହସ୍ର ନାମ ଓ ଭଜନଗାନ କାର୍ଯ୍ୟକ୍ରମ ହୋଇଥିଲା । ପରିଷଦର ଯୁଗ୍ମ ସଂପାଦକ ଅଜୟ ହରିଚନ୍ଦନ ଭଜନ ସମାରୋହକୁ ପରିଚାଳନା କରିଥିଲେ । ସଭାରେ ପରିଷଦର ସଭାପତି ତଥା ପୂର୍ବତନ ବିଧାୟିକା ସଂଚିତା ମହାନ୍ତି ସଭାପତିତ୍ୱ କରି ପରିଷଦର କାର୍ଯ୍ୟକ୍ରମ ସଂପର୍କରେ ବୋଲି ମତବ୍ୟକ୍ତ କରିଥିଲେ । ପରିଷଦର ଉପଦେଷ୍ଟା ପ୍ରଭାତ କୁମାର ନନ୍ଦ, ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତଃ ଗୋପିନାଥ ମହାନ୍ତିଙ୍କୁ ସ୍ମରଣ କରିଥିଲେ । ସ୍କନ୍ଦ ପୁରାଣକୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରିତିନୀତି, ଜାନିଯାତ୍ରା ଓ ଉତ୍ସବ ଆଧାର ରୂପେ ଗ୍ରହଣ କରି କାର୍ଯ୍ୟକାରୀ କରିବାକୁ କହିଥିଲେ । ଏହି ଅବସରରେ ଉପଦେଷ୍ଟା ମନୋରଞ୍ଜନ ପାଣିଗ୍ରାହୀ, ବକ୍ତା ପଣ୍ଡିତ ଦାଶରଥି ମହାପ୍ରଭୁଙ୍କ ସଂସ୍କୃତିକୁ ପ୍ରଚାର କରିବା ପାଇଁ ଅନୁରୋଧ କରିଥିଲେ । ଏହି ଅବସରରେ ଡାକ୍ତର ଅଶୋକ କୁମାର ମହାପାତ୍ର, ଗୁରୁ ଦୁର୍ଗାଚରଣ ରଣବୀର, ପ୍ରଫେସର ଅଦ୍ୱୈତ୍ୟ ଗଡନାୟକ, ଡ. ପ୍ରତୀଭା ଶତପଥିଙ୍କୁ ମୁଖ୍ୟ ଅତିଥି ଶ୍ରୀ ପୂଜାରୀ ଖଣ୍ଡୁଆ ପାଟ, ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ । ପରିଷଦର ଉପସଭାପତି ରବି ନାରାୟଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଡିଏଭି ଚନ୍ଦ୍ରଶେଖରପୁର ଛାତ୍ରଛାତ୍ରୀଙ୍କ ସାମାଜିକ ସେବା ଶିବିର

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର -ବିଦ୍ୟାର୍ଥୀଙ୍କ ଶୈକ୍ଷିକ ବିକାଶ ସହ ସମାଜ ସଚେତନତା ଓ ସାମାଜିକ ଅଙ୍ଗୀକାରବଦ୍ଧତା ସୃଷ୍ଟି କରାଇବା ଉଦ୍ଦେଶ୍ୟରେ ଡିଏଭି ଚନ୍ଦ୍ରଶେଖରପୁର ଛାତ୍ରଛାତ୍ରୀଙ୍କ ନିମନ୍ତେ ସିଭିଲ ଡିଫେନ୍ସ ବିଭାଗ ତରଫରୁ ୩ ଦିନିଆ ସାମାଜିକ ସେବା ଶିବିର ନିୟମିତ ଆୟୋଜିତ ହୋଇ ଆସୁଛି। ବିଭିନ୍ନ ଶିକ୍ଷଣୀୟ ସ୍ଥାନ ଭ୍ରମଣ କରିବା ସହ ଲୋକମାନଙ୍କ ସମସ୍ୟା ସହ ଜଡିତ ହୋଇ ସେମାନଙ୍କୁ ବିଭିନ୍ନ ପ୍ରସଂଗରେ ସଚେତନ କରାଇବା ଏହାର ମୌଳିକ ଉଦ୍ଦେଶ୍ୟ । ଚଳିତବର୍ଷ ୮ମ ଓ ୯ମ ଶ୍ରେଣୀର ପ୍ରାୟ ୩୦୦ ଛାତ୍ରଛାତ୍ରୀ ଢେଙ୍କାନାଳସ୍ଥିତ ଜିଏମଆର ବରାଲକ୍ଷ୍ମୀ ଡିଏଭି ସ୍କୁଲକୁ ୩ ଦିନିଆ ସାମାଜିକ ସେବା ଶିବିର ନିମନ୍ତେ ଗସ୍ତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଡ. ସୁଜାତା ସାହୁ ପତାକା ଦେଖାଇ ଏହାର ଶୁଭାରମ୍ଭ କରିବା ସହ ବିଦ୍ୟାର୍ଥୀଙ୍କୁ ଶୁଭମନାସି ଏଥିରୁ ଉପାଦେୟ ଅନୁଭୂତି ହାସଲ କରିବାକୁ ପରାମର୍ଶ ଦେଇଥିଲେ । ଶିକ୍ଷାର୍ଥୀମାନେ ସେଠାରେ ଅବସ୍ଥାନ କାଳରେ ଜିଏମଆର ଥର୍ମାଲ ପ୍ଲାଣ୍ଟ ପରିଦର୍ଶନ କରିବା ସହ ନିକଟସ୍ଥ କମଳେଶ୍ୱର ମନ୍ଦିର ପରିସର ପରିଚ୍ଛନ୍ନ କରିଥିଲେ। ଏଥିସହ ଏଜିଏମ ଦିଲ୍ଲୀପ ସେଠୀଙ୍କ



ଦ୍ୱାରା ପରିଚାଳିତ ଅଗ୍ନି ନିରାପତ୍ତା ଓ ବିପର୍ଯ୍ୟୟ ପରିଚାଳନା ସଂକ୍ରାନ୍ତୀୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସନ୍ନିକଟ କମଳାଙ୍ଗ ଗ୍ରାମବାସୀଙ୍କୁ ଅଂଶୁଘାତ ସୁରକ୍ଷା, ସ୍ୱାସ୍ଥ୍ୟ ସଚେତନତା, ସଡକ ନିରାପତ୍ତା ଆଦି ପ୍ରସଙ୍ଗରେ ଏକାଧିକ ଆକର୍ଷଣୀୟ କାର୍ଯଛକ୍ରମ ଜରିଆରେ ସଚେତନ କରାଇବା ସହ ଦରକାରୀ ଦ୍ରବ୍ୟମାନ ବିତରଣ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ ଛାତ୍ରଛାତ୍ରୀଙ୍କ ସହ ମିଶି ମନୋରମ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଏହି ମନୋଜ୍ଞ କାର୍ଯ୍ୟକ୍ରମରେ ଜିଏମଆର ଚେୟାରମ୍ୟାନ୍ ମନୋଜ ମିଶ୍ର, ଅନ୍ୟ ବରିଷ୍ଠ ପଦାଧିକାରୀ ସୁଶୀଲକ୍ଷ୍ମ ଚୌଧୁରୀ, ଅମିତେନ୍ଦୁ ଦ୍ୱିବେଦୀ, ପ ରଘୁନାଥମ, ଦିଲୀପ କରଙ୍କ ସମେତ ଜିଏମଆର ଡିଏଭି ଅଧ୍ୟକ୍ଷା ଅହଲ୍ୟାବାଈ ସାହୁ ପ୍ରମୁଖ ଅତିଥି ରୂପେ ଯୋଗଦାନ କରି ଛାତ୍ରଛାତ୍ରୀଙ୍କ ବହୁମୁଖୀ ପ୍ରତିଭା ଓ ସମାଜମନସ୍କତାକୁ ଭୂୟସୀ ପ୍ରଶଂସା କରିଥିଲେ। ପ୍ରକାଶଥାଉକି, ଡିଏଭି ଆଞ୍ଚଳିକ ନିର୍ଦ୍ଦେଶକ ଡ.କେ.ସି. ଶତପଥୀଙ୍କ ପ୍ରତ୍ୟକ୍ଷ ପ୍ରେରଣାରେ ଏହି କାର୍ଯ୍ୟକ୍ରମ ନିୟମିତ ଆୟୋଜିତ ହୋଇ ସବୁ ମହଲରୁ ପ୍ରଶଂସା ହାସଲ କରିପାରିଛି। ଏକାଡେମିକ ସୁପରଭାଇଜର ଭାରତୀ ପ୍ରଧାନ, ଚିନ୍ମୟୀ ମହାପାତ୍ର, କ୍ୟାମ୍ପ କମାଣ୍ଡା ତଥା ବରିଷ୍ଠ ଶିକ୍ଷକ ଡ. ସର୍ବଦମନ ସିଂହଙ୍କ ସମେତ ପ୍ରଦୀପ କୁମାର ପଣ୍ଡା, ଆନନ୍ଦ ଚନ୍ଦ୍ର ଦାସ ପ୍ରମୁଖ ସମୁଦାୟ ଶିବିର ସୁଚାରୁରୂପେ ପରିଚାଳନା କରିଥିଲେ।

## ଦୁଇ ଯୁବକଙ୍କ ଝୁଲନ୍ତା ଶବ ଉଦ୍ଧାର

ଭୁବନେଶ୍ୱର, (ସବ୍ୟୁ) : ମଞ୍ଚେଶ୍ୱର ଥାନା ଅଞ୍ଚଳ ଆଦିମାତା କଲୋନୀ ଓ ଇଷ୍ଟକୋଷ୍ଟ ରେଲ୍‌ୱେ ସେଣ୍ଟ୍ରାଲ ହସ୍ପିଟାଲ ପରିସରରୁ ଦୁଇ ଯୁବକଙ୍କ ଝୁଲନ୍ତା ଶବ ଉଦ୍ଧାର ହୋଇଛି । ଦୁହେଁ ଆତ୍ମହତ୍ୟା କରିଥିବା କୁହାଯାଉଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ମିଳିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି । ଆଦିମାତା କଲୋନୀ କାଠ ଦୋକାନ ପାଖରେ ଥିବା ଏକ ବ୍ୟବସାୟ ପ୍ରତିଷ୍ଠାନ ଘରେ ଜଣେ ଯୁବକ ଫ୍ୟାନ୍ ଝୁଲିଥିଲା । ଖବର ପାଇ ମଞ୍ଚେଶ୍ୱର ଥାନା ପୋଲିସ ଶବ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛି । ସେହିପରି ହସ୍ପିଟାଲ ପରିସର ଗାଡ଼ି ଷ୍ଟାଣ୍ଡ ପାଖ ଏକ ଗଛରେ ଆମ୍ବୁଲାନ୍ସ ହେଲ୍ପର ସୀମାଞ୍ଚଳ ଭୋଇଙ୍କ ଶବ ଝୁଲୁଥିବା ପୋଲିସ ଖବର ପାଇଥିଲା । ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଦୁଇଜଣଙ୍କ ଘର ଫୁଲବାଣୀ ଜିଲ୍ଲାରେ ବୋଲି ସୂଚନା ମିଳିଛି । ଏକସଙ୍ଗେ ଦୁଇଟି ଆତ୍ମହତ୍ୟା ଖବର ପାଇବା ପରେ ମଞ୍ଚେଶ୍ୱର ଥାନା ପୋଲିସ ତତ୍ପରତା ପ୍ରକାଶ କରି ଅନୁସନ୍ଧାନ ଚଳାଇଛି । ବ୍ୟବଚ୍ଛେଦ ରିପୋର୍ଟ ମିଳିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି ।

# ରାଜଧାନୀରେ ଚୋରା ନିଶା କାରବାର : ୪ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀରେ ଚୋରା ନିଶା କାରବାରକୁ ନେଇ କମିଶନରେଟ ପୋଲିସ ଶନିବାର ଛାନ୍‌ଭିନ୍ କରିଛି । ସହିଦନଗର ଥାନା ଅଞ୍ଚଳରେ ଗଞ୍ଜେଇ କାରବାରକୁ ନେଇ ସନ୍ଧାନୀ କୁକୁର ସହାୟତାରେ ଯାଞ୍ଚ କରାଯାଇ ୩ ଜଣଙ୍କୁ ଗିରଫ କରାଯାଇଛି । ସେହିପରି ଖାରବେଳନଗର ଥାନା ଅନ୍ତର୍ଗତ ଶାସ୍ତ୍ରୀନଗର ଟ୍ରାଫିକ ଛକରେ ଦେଶୀ ମଦଭାଟି ଉପରେ ଚଢ଼ାଉ କରାଯିବା ସହ ଜଣେ ମହିଳାଙ୍କୁ ଗିରଫ କରାଯାଇଛି ।

କମିଶନର ଏସ୍. ଦେବଦତ୍ତ ସିଂହଙ୍କ ନିର୍ଦ୍ଦେଶରେ ସ୍ପେଶାଲ କ୍ରାଇମ୍ ୟୁନିଟ ସହିଦନଗର ଥାନା ପୋଲିସକୁ ସାଙ୍ଗରେ ନେଇ ତିନିଟି ଗଞ୍ଜେଇ ବିକ୍ରିପାନ ଦୋକାନରେ ଚଢ଼ାଉ କରିଥିଲା । ଚଢ଼ାଉବେଳେ ୧୧୦ ଗ୍ରାମ ଗଞ୍ଜେଇ, ୧୭୩ଟି ଗଞ୍ଜେଇ ସିଗାରେଟ୍ ଜବତ କରାଯାଇଛି । ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ଅମନ କୁମାର (୨୯), ରଶ୍ମିରଞ୍ଜନ ସାହୁ (୨୪) ଓ ହୃଷିକେଶ ପାଣିଗ୍ରାହୀ (୬୦) । ଏହି ତିନିଜଣଙ୍କୁ ଗଞ୍ଜେଇ କାରବାରକୁ ନେଇ ଗିରଫ କରାଯାଇଥିବାବେଳେ ଅନ୍ୟ କେଉଁମାନେ ଗଞ୍ଜେଇ କାରବାରରେ ଜଡ଼ିତ ତାଙ୍କଠାରୁ ତଥ୍ୟ ସଂଗ୍ରହ କରିବାକୁ ପୋଲିସ ପଚରା ଉଚରା କରୁଛି । ଚୋରା ନିଶା କାରବାର ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ବାରମ୍ବାର ଚଢ଼ାଉ କରାଯାଇ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଉଛି ବୋଲି ଡିସିପି ଜଗମୋହନ ମିନା ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ।

ଖାରବେଳନଗର ଥାନା ଅନ୍ତର୍ଗତ ଶାସ୍ତ୍ରୀନଗର ଟ୍ରାଫିକ ଛକ ନିକଟ ଫାଷ୍ଟଫୁଡ୍ ଦୋକାନ ପଛପଟ ଘର ଲାଟ୍ରିନ୍ ଓ ରୋଷେଇ ଘରେ ଦେଶୀ ମଦ ତିଆରି ହେଉଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା । ସେଠାରେ ଶତାଧିକ ଲିଟର ଦେଶୀ ମଦ ନଷ୍ଟ କରାଯିବା ସହ ଜଣେ ମହିଳାଙ୍କୁ ଗିରଫ କରାଯାଇଛି । ଦେଶୀ ମଦ ଭାଟି ପଛପଟେ ଚାଲିଥିବାବେଳେ ସାମ୍ନାରେ ଫାଷ୍ଟଫୁଡ୍ ଦୋକାନ । ଫାଷ୍ଟଫୁଡ୍ ଚାଖଣାରେ ଦେଶୀ ମଦ ଢୋକି ଦେଉଥିଲେ ମଦୁଆ । ରାଜଧାନୀର କେନ୍ଦ୍ରସ୍ଥଳ ଶାସ୍ତ୍ରୀନଗର ଭଳି ସ୍ଥାନର ରାସ୍ତାକଡ଼ରେ ଦେଶୀ ମଦଭାଟି ଚାଲୁଥିବ ତାହା ସହଜରେ ବିଶ୍ୱାସ ହେଉ ନଥିଲେ ମଧ୍ୟ ପୋଲିସ ଚଢ଼ାଉ କରି ମଦ ଜବତ କଲାପରେ ତାହା ସ୍ପଷ୍ଟ ହୋଇଯାଇଛି । ଶୁକ୍ରବାର ଖଣ୍ଡଗିରି ଜାଗମରା ଅଞ୍ଚଳରେ ଅବକାରୀ ଏକ ଦୋକାନରେ ଚଢ଼ାଉ କରି କୋଲ୍ଡ୍ରିଙ୍କ ବୋତଲରେ ଦେଶୀ ମଦ ବିକ୍ରି ହେବାର ପର୍ଦ୍ଦାଫାସ କରିଥିଲା । ଗିରଫ ଦୋକାନୀଙ୍କ କହିବା ଅନୁଯାୟୀ ସେ ସାଲିଆ ସାହି ଅଞ୍ଚଳରୁ ସେହି ମଦ ବୋଝେଇ କେଡ୍‌କେଡ୍ କୋଲ୍ଡ୍ରିଙ୍କ ବୋତଲ ନେଇ ବିକ୍ରି କରୁଥିଲା । ତାହା ସ୍ପ୍ରାଇଟ୍ ବୋତଲରେ ଥିବାରୁ ସହଜରେ ଜାଣି ହେଉ ନଥିଲା । ଗ୍ରାହକମାନେ ସ୍ପେଶାଲ କୋଲ୍ଡ୍ରିଙ୍କ ମାଗି ବୋତଲ ଖୋଲି ଦୋକାନ ସାମ୍ନାରେ ପିଉଥିଲେ । ଶୁକ୍ରବାର ସେହି ଦୋକାନରୁ କୋଲ୍ଡ୍ରିଙ୍କ ବୋତଲରେ ମଦ ଜବତ ହୋଇଥିଲାବେଳେ ଶନିବାର ଶାସ୍ତ୍ରୀନଗର ଫାଷ୍ଟଫୁଡ୍ ଦୋକାନ ପଛପାଖରେ ମଦ ଭାଟି ଚାଲୁଥିବା ପର୍ଦ୍ଦାଫାସ୍ ହୋଇଛି ।

## ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ଶୈକ୍ଷିକ ବିକାଶ
# ତୋଇ ଓହୋମାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଓ କିଟ୍ ମଧ୍ୟରେ ବୁଝାମଣା

ଭୁବନେଶ୍ୱର, (ସବ୍ୟୁ): ନିଉଜିଲାଣ୍ଡର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଓ କିଟ୍ ବିଶ୍ୱବିଦ୍ୟାଳୟ



ମଧ୍ୟରେ ଗୁରୁବାର ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି । ନିଉଜିଲାଣ୍ଡ ପ୍ରଧାନମନ୍ତ୍ରୀ ଖ୍ରୀଷ୍ଟଫର ଲକ୍ସନ, ତେ ପୁକେଙ୍ଗା-ନିଉଜିଲାଣ୍ଡ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍କିଲ୍ସ ଆଣ୍ଡ ଟେକ୍ନୋଲୋଜିର ମୁଖ୍ୟ କାର୍ଯ୍ୟନିର୍ବାହୀ ଗସ ଗିଲମୋର, ନିଉଜିଲାଣ୍ଡ ଟ୍ରେଡ୍ ଆଣ୍ଡ ଏଣ୍ଟରପ୍ରାଇଜ୍ର କନସୁଲ ଜେନେରାଓ ଓ ଟ୍ରେଡ୍ କମିଶନର ଗ୍ରାହମ ରାଉଜ, କିଟ୍ ଇଣ୍ଟରନ୍ୟାସ୍ନାଲ୍ ରିଲେସନ୍ସ ବିଭାଗ ମହାନିର୍ଦ୍ଦେଶକ ଦେବରାଜ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ଏହି ବୁଝାମଣା ଦ୍ୱାରା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ, ମିଳିତ ଗବେଷଣା ଏବଂ ଅଧ୍ୟାପକ ବିନିମୟ ପାଇଁ ନୂତନ ପଥ ଖୋଲିବ, ଯାହା ଦ୍ୱାରା ଶୈକ୍ଷିକ ଉତ୍କର୍ଷତା ଏବଂ ବିଶ୍ୱସ୍ତରୀୟ ପରିଚିତି ବୃଦ୍ଧି ପାଇବ । ଏହା ସହିତ ଦକ୍ଷତା ବିକାଶ, ଏଆଇ ସମନ୍ୱୟ ଏବଂ ବୃତ୍ତିଗତ ଶିକ୍ଷା ଉପରେ ଭାରତର ଅଧିକ ଧ୍ୟାନ ସହ ଏହି ବୁଝାମଣା ଭବିଷ୍ୟତର କର୍ମଶକ୍ତି ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବଛ ଏହି ବୁଝାମଣା ସମୟରେ ଉପସ୍ଥିତ ସମସ୍ତ ବିଶିଷ୍ଟ ବ୍ୟକ୍ତିଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହା ନିଶ୍ଚିତ ସାର୍ଥକ ଫଳାଫଳ ପ୍ରଦାନ କରିବ ବୋଲି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି । ସେହିପରି ନୂଆଦିଲ୍ଲୀ ଠାରେ ଅବସ୍ଥାପିତ ଇଣ୍ଡୋନେସିଆ ରାଷ୍ଟ୍ରଦୂତ ଇନା ଏଚ୍ କ୍ରିଷ୍ଣାମୂର୍ତ୍ତିଙ୍କ ସହ ଏକ ପ୍ରତିନିଧିମଣ୍ଡଳ କିଟ୍ ଓ କିସ୍ ପରିଦର୍ଶନ କରିଛନ୍ତି । ଏହି ପ୍ରତିନିଧିମଣ୍ଡଳ କିଟ୍ ଓ କିସ୍ ପରିଦର୍ଶନ କରି ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଶିକ୍ଷା ଜରିଆରେ କରାଯାଇଥିବା ସାମାଜିକ ପରିବର୍ତ୍ତନର ପ୍ରଶଂସା କରିଥିଲେ ।

## ଡ଼ଃ ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ଅନୁଗୁଳ ଜିଲ୍ଲାବାସୀ
# ଚିର ସ୍ମରଣୀୟ ହୋଇ ରହିବେ ଡ଼ଃ ଦେବେନ୍ଦ୍ର ପ୍ରଧାନ

ଅନୁଗୁଳ ,(ସବ୍ୟୁ) :ଅନୁଗୁଳ ସଭାଘର ଠାରେ ଶନିବାର ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡ଼ଃ ଦେବେନ୍ଦ୍ର ପ୍ରଧାନଙ୍କ ଜିଲ୍ଲା ସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ସମଗ୍ର ଅନୁଗୁଳ ଜିଲ୍ଲାର ବିଭିନ୍ନ ଅଂଚଳରୁ ଦଳମତ ନିର୍ବିଶେଷରେ ହଜାର ହଜାର ସଂଖ୍ୟାରେ ବ୍ୟକ୍ତି ବିଶେଷ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ତଥା ପ୍ରାକ୍ତନ ବିଜେପି ରାଜ୍ୟ ସଭାପତି ଡ଼ଃ ପ୍ରଧାନଙ୍କର ବିୟୋଗ ସମଗ୍ର ଅନୁଗୁଳ ଜିଲ୍ଲା, ଓଡିଶା ପ୍ରଦେଶ ଓ ଦେଶ ପାଇଁ ଅପୂରଣୀୟ କ୍ଷତି ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତ ଦେଇଥିଲେ । କଟକ ଏସସିବିରୁ ଡାକ୍ତରୀ ପାସ କରି କୋଲ ଇଣ୍ଡିଆରେ ଡାକ୍ତର ଚାକିରୀ କରି ରୋଗୀ ସେବା କରି ବେଶ ସୁନାମ ଅର୍ଜନ କରିଥିଲେ । ସରକାରୀ ଡାକ୍ତରୀ ଚାକିରୀ ଛାଡି ରାଷ୍ଟ୍ର ସେବାରେ ବ୍ରତୀ ହୋଇ ରାଜ୍ୟରେ ସେ ସମୟରେ ବିଜେପି ରେ ଯୋଗ ଦେଇ ଥିଲେ । ବିଜେପି ତାଳଚେର ମଣ୍ଡଳ ସଭାପତିରୁ ରାଜ୍ୟ ସଭାପତି ପର୍ଯ୍ୟନ୍ତ ନିଷ୍ଠାପର ଭାବେ କଠିନ ପରିଶ୍ରମ କରି ବିଜେପି ଲକ୍ଷ ଲକ୍ଷ କାର୍ଯ୍ୟକର୍ତା ତିଆରି କରିଥିଲେ । ଅଟଳବିହାରୀ ବାଜପେୟୀଙ୍କ ସରକାରରେ ସଡ଼କ ପରିବହନ ମନ୍ତ୍ରୀ




ଭାବେ ଦାୟିତ୍ୱ ନେଇ ଜାତୀୟ ରାଜପଥକୁ ଓଡିଶା ରେ ୧୬୦୦ କିମି ନୂତନ ଭାବେ ମଂଜୁର କରି ଦୁଇ ଗୁଣିତ କରି ସଡ଼କ କ୍ରାନ୍ତି ସୃଷ୍ଟି କରିଥିଲେ । କୃଷି ମନ୍ତ୍ରୀ ହେବା ପରେ ରାଜ୍ୟ ର ସବୁ ଜିଲ୍ଲାରେ କୃଷି ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ସହ କୃଷି ଓ କୃଷକମାନଙ୍କ ବିକାଶ ପାଇଁ ବହୁ କାର୍ଯ୍ୟ କରିଥିଲେ । ଜଣେ ସ୍ପଷ୍ଟବାଦୀ, ଅମାୟିକ ବ୍ୟକ୍ତିତ୍ୱ, ଦୃଢ଼ ସଂଗଠକ, ସମସ୍ତଙ୍କର ପ୍ରିୟ, ଦରଦୀ ମଣିଷ ଦଳ ମତ ନିର୍ବିଶେଷରେ ସମସ୍ତ ଙ୍କର ପ୍ରିୟ ଥିଲେ ବୋଲି ଶ୍ରଦ୍ଧାଞ୍ଜଳି ସଭା ରେ ମତ ପ୍ରକାଶ ପାଇଥିଲା । ସେ କରିଥିବା କାର୍ଯ୍ୟ ଓ ତାଙ୍କର ବ୍ୟକ୍ତିତ୍ୱ ପାଇଁ ସେ ଚିର ନମସ୍ୟ ହୋଇ ରହିବେ ବୋଲି ବିଭିନ୍ନ ବିଶିଷ୍ଟ ବ୍ୟକ୍ତି ମାନେ ମତ ଦେଇଥିଲେ । ବିଭିନ୍ନ ବ୍ୟକ୍ତି ବିଶେଷ ଙ୍କ ସହ ଡ଼ଃ ପ୍ରଧାନଙ୍କର ସ୍ମୃତି ତଥା ଅନୁଭୂତି ଉପରେ ଆଲୋକପାତ କରିଥିଲେ । ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ, ଅନୁଗୋଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ପୂର୍ବତନ ଉପ ବାଚସ୍ପତି ରଜନୀକାନ୍ତ ସିଂହ, ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ, ପୂର୍ବତନ ବିଧାୟକ ରମେଶ ସାଏ, ପୂର୍ବତନ ବିଧାୟକ ଖଗେଶ୍ୱର ବେହେରା, କଂଗ୍ରେସ ଜିଲ୍ଲା ସଭାପତି ଅମ୍ବିକା ଭଟ୍ଟ, ବିଜେଡ଼ି ଜିଲ୍ଲା ସଭାପତି ମହେନ୍ଦ୍ର ବସ୍ତିୟା, ପଣ୍ଡିତ ମହେଶ ସାହୁ, ଜିଲ୍ଲାର ବିଭିନ୍ନ ବ୍ଲକ ରୁ ଆସିଥିବା ଜିଲ୍ଲା ପରିଷଦ ଓ ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷା, ଜିଲ୍ଲା ସଭାପତି ଯଯାତି କେଶରୀ ପଟ୍ଟନାୟକ ,ବିଭିନ୍ନ ଦଳ ବିଭିନ୍ନ ଅନୁଷ୍ଠାନ ର ଶତାଧିକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ସ୍ମୃତି ଚାରଣ କରିଥିଲେ ।

## ଲାଞ୍ଚ ନେଉଥିବା ଭିଡ଼ିଓ ଭାଇରାଲ ଘଟଣା
# ନିଲମ୍ବିତ ହେଲେ ଯୋଗାଣ ନିରୀକ୍ଷକ ବଳରାମ ଜେନା



ପାତ୍ରପୁର, (ସବ୍ୟୁ) : ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ଗୁଡିପଦର ପଞ୍ଚାୟତ ଅନ୍ତର୍ଗତ ବଳରାମପୁର ଗ୍ରାମର ପାଣ୍ଡୁରଙ୍ଗା-ଏ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଠାରୁ ପିଡ଼ିଏସ ଲାଇସେନ୍ସ ନବୀକରଣ ନିମନ୍ତେ ଲାଞ୍ଚ ନେଉଥିବା ଭିଡ଼ିଓ ଭାଇରାଲ ଘଟଣାରେ ପାତ୍ରପୁର ଯୋଗାଣ ନିରୀକ୍ଷକ ବଳରାମ ଜେନାଙ୍କୁ ଶୁକ୍ରବାର ରାଜ୍ୟ ସରକାର କାର୍ଯ୍ୟରୁ ନିଲମ୍ବନ କରିଛନ୍ତି ।

ଏନେଇ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଉପଭୋକ୍ତା ମଙ୍ଗଳ ବିଭାଗ ତରଫରୁ ଚିଠି ସଂଖ୍ୟା ୫୩୬୯ ପ୍ରକାରେ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇ ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଛି । ଭାଇରାଲ ଭିଡ଼ିଓ ସାମାଜିକ ଗଣମାଧ୍ୟମରେ ଘୁରି ବୁଲିବା ପରେ ବ୍ରହ୍ମପୁର ଉପଜିଲ୍ଲାପାଳ ଦିନା ଦସ୍ତାଗିରଙ୍କ ନିର୍ଦ୍ଦେଶ କ୍ରମେ ସହକାରୀ ଜିଲ୍ଲାପାଳ ସୁଭସ୍ମିତା ମିଶ୍ର, ଅତିରିକ୍ତ ଯୋଗାଣ ଅଧିକାରୀ ସକଳେଶ୍ୱର ଦାସ,ପାତ୍ରପୁର ବିଡ଼ିଓ ଲକ୍ଷ୍ମଣ ସୋରେନ ଏବଂ ପାତ୍ରପୁର ତହସିଲଦାର ବିଶ୍ୱରଂଜନ କଂହର ପ୍ରମୁଖଙ୍କ ନେଇ ଏକ ଚାରି ଜଣିଆ କମିଟି ଘଟଣାର ତଦନ୍ତ କରି ଉପ ଜିଲ୍ଲାପାଳଙ୍କୁ ରିପୋର୍ଟ ଦେଇଥିଲେ।

ଉକ୍ତ ତଦନ୍ତ ରିପୋର୍ଟକୁ ଆଧାର କରି ବ୍ରହ୍ମପୁର ଉପ ଜିଲ୍ଲାପାଳ ଏହି ବିଷୟରେ ଆଇନ ମୁତାବକ ପଦକ୍ଷେପ ପାଇଁ ଉପରିସ୍ଥ ଅଧିକାରୀଙ୍କ ପାଖକୁ ପ୍ରେରଣ କରିଥିବା ଜଣାପଡ଼ିଛି ।

ଉକ୍ତ ରିପୋର୍ଟ ଆଧାରରେ ବିବାଦୀୟ ଯୋଗାଣ ନିରୀକ୍ଷକଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ନିଲମ୍ବିତ କରାଯାଇଛି । ଉକ୍ତ ଘଟଣାକୁ ନେଇ ସାରା ଜିଲ୍ଲାରେ ଚର୍ଚ୍ଚା ଜୋର ଧରିଛି ।

## ବର୍ଷା ଆଣିଲା ଆଶ୍ୱସ୍ତି

ବୁଗୁଡା ,(ସବ୍ୟୁ) : ଚଳିତ ମାର୍ଚ୍ଚ ମାସ ଆରମ୍ଭରୁ ହିଁ ବୁଗୁଡା ଅଞ୍ଚଳରେ ଗ୍ରୀଷ୍ମର ପ୍ରଭାବ ଦେଖିବାକୁ ମିଳିଥିଲା । ତାପମାତ୍ରା ୩୫ ଡିଗ୍ରୀ ଉପରେ ରହୁଥିଲାଛ ଟାଣ ଖରାର ପ୍ରକୋପ ଯୋଗୁଁ ମଧ୍ୟାହ୍ନରେ ଘରୁ ବାହାରିବା ଏକ ପ୍ରକାର କଷ୍ଟକର ବ୍ୟାପାର ଥିଲା ।

ଗତ ଦୁଇ ଦିନ ହେଲା ସକାଳେ ଏବଂ ରାତିରେ ଟିକେ ଥଣ୍ଡା ଲାଗୁଥିଲେ ହେଁ ମଧ୍ୟାହ୍ନରେ ଅସହ୍ୟ ଗରମ ହେଉଥିଲା । ତେବେ ଲୋକେ ତାତିରୁ ତ୍ରାହି ପାଇବା ପାଇଁ ବିକଳ ହେଉଥିବା ବେଳେ ଶନିବାର ଅପରାହ୍ନରେ ବିଜୁଳି ଓ ଘଡଘଡି ସହ ଅସରାଏ ବର୍ଷା ଯୋଗୁଁ ଲୋକଙ୍କୁ ସେଥିରୁ ଆଶ୍ୱସ୍ତି ମିଳିଥିବା ଜଣାଯାଇଛି ।

# ଟିପିଏସ୍‌ଓଡିଏଲ୍‌ର ଯୋଡ଼ିଙ୍ଗା ପିଏସ୍‌ଏସ୍ କାର୍ଯ୍ୟକ୍ଷମ



ବ୍ରହ୍ମପୁର, (ସବ୍ୟୁ) : ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ ପକ୍ଷରୁ ନବରଙ୍ଗପୁର ଜିଲ୍ଲାର ଯୋଡ଼ିଙ୍ଗାଠାରେ ଏକ ନୂତନ ପ୍ରାଇମେରୀ ସବଷ୍ଟେସନ (ପିଏସଏସ୍) କାର୍ଯ୍ୟକ୍ଷମ ହୋଇଛି ।ଏହା ରାଇଘର ଏବଂ ଆଖପାଖ ଅଞ୍ଚଳରେ ଭରସାଯୋଗ୍ୟ ବିଜୁଳି ସେବାକୁ ସୁଦୃଢ଼ କରିବ ।

ଦୁଇଟି ୫ ଏମଭିଏ କ୍ଷମତା ବିଶିଷ୍ଟ ଟ୍ରାନ୍ସଫର୍ମର ଥିବା ଏହି ସବଷ୍ଟେସନ କାର୍ଯ୍ୟକ୍ଷମ ହେବା ପରେ ବର୍ତ୍ତମାନ ରାଇଘର ପିଏସଏସ ଉପରେ ଥିବା ଲୋଡ୍ ହ୍ରାସ ପାଇବ । ଯାହା ଫଳରେ ୭,୫୦୦ ରୁ ଉର୍ଦ୍ଧ୍ୱ ଉପଭୋକ୍ତା ଗୁଣାତ୍ମକ ବିଜୁଳି ସେବା ଦ୍ୱାରା ଉପକୃତ ହୋଇପାରିବେ । ଏହାସହ ତୁରୁଡି ଏବଂ ପ୍ରାଚୀପଡ଼ାରେ ଦୁଇଟି ୧୧ କେଭି ଫିଡ୍ କାର୍ଯ୍ୟକ୍ଷମ ହେବା ପରେ ସ୍ଥାନୀୟ ଅଞ୍ଚଳର ଲୋକେ ଉନ୍ନତ ମାନର ବିଦ୍ୟୁତ ସେବା ପାଇବେ । ତୁରୁଡି ଫିଡର ବର୍ତ୍ତମାନ ପ୍ରାୟ ୪ ହଜାର ଉପଭୋକ୍ତାଙ୍କୁ ସେବା ଯୋଗାଉଥିବା ବେଳେ ପ୍ରାଚୀପଡ଼ା ଫିଡର ୩୫୦୦ରୁ ଅଧିକ ଉପଭୋକ୍ତାଙ୍କୁ ବିଜୁଳି ସେବା ପ୍ରଦାନ କରୁଅଛ । ଭୋଲ୍ଟେଜ ସମସ୍ୟା ଦୂର ହେବା ସହ ଘରୋଇ ଉପଭୋକ୍ତା, ବ୍ୟବସାୟୀ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନକୁ ଭରସାଯୋଗ୍ୟ ଏବଂ ଉନ୍ନତ ମାନର ବିଜୁଳି ଯୋଗାଣ ସମ୍ଭବ ହୋଇପାରିଛି । ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି, ନୂତନ ଭାବେ ସ୍ଥାପିତ ଯୋଡିଙ୍ଗା ପିଏସଏସ୍ ବିଦ୍ୟୁତ ଯୋଗାଣରେ ଥିବା ସବୁ ପ୍ରତିବନ୍ଧକକୁ ଦୂର କରିବ ଏବଂ ରାଇଘର ଅଞ୍ଚଳର ଉପଭୋକ୍ତାଙ୍କୁ ଗୁଣାତ୍ମକ ସେବା ମିଳିବଛ ଏହି ପଦକ୍ଷେପ ଯୋଗୁଁ ଉନ୍ନତ ବିଜୁଳି ସେବା ସୁନିଶ୍ଚିତ ହୋଇପାରିଛି ଏବଂ ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ କରିବା ଦିଗରେ ଆମେ ପ୍ରତିବଦ୍ଧ ରହି ଆସିଛୁ ।କ୍ଷମତା ବୃଦ୍ଧି ଏବଂ ନେଟୱାର୍କ ସମ୍ପ୍ରସାରଣ ମାଧ୍ୟମରେ ଉପଭୋକ୍ତାଙ୍କୁ ଭରସାଯୋଗ୍ୟ ବିଜୁଳି ଯୋଗାଣ ସହ ଦକ୍ଷିଣ ଓଡ଼ିଶାରେ ବିଦ୍ୟୁତ ଭିତ୍ତିଭୂମିର ଉନ୍ନତିକରଣ ପାଇଁ ଟିପିଏସ୍‌ଓଡିଏଲ୍ ନିରନ୍ତର ପ୍ରୟାସ ଜାରି ରଖିଛ ।

# କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା



ବାରିପଦା, (ସବ୍ୟୁ) : ବାରିପଦା ସହରର ପାଲବଣି ଠାରେ ଓଡିଶା କଂଗ୍ରେସର ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇ ସ୍ୱାଗତ କରାଯାଇଅଛି । ସେ ଜଣେ ତୃଣମୁଳ ସ୍ତର ନେତା ଓ ଉତ୍ତର ପ୍ରଦେଶର ପୂର୍ବତନ ରାଜ୍ୟ ସଭାପତିଥିବାରୁ ରାଜ୍ୟ ସାରା ନେଜେ ବୁଲି ତୃଣମୁଳ ସ୍ତରର କଂଗ୍ରେସ କର୍ମୀ ନେତୃତ୍ୱ ବୃନ୍ଦଙ୍କ ମନୋବଳ ବଢାଇବାର ନିଷ୍ପତି ନେଇଛନ୍ତି । ପାଲବଣି ଠାରେ ପୂର୍ବତନ ଏମପି ଶୁଶ୍ରୀ ସୁଶିଳା ତିରିଆ, ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ, ପୂର୍ବତନ ଜିଲ୍ଲା ସଭାପତି ହେମନ୍ତ ଦାସ ପ୍ରମୁଖ ତାଙ୍କୁ ସ୍ୱାଗତ ଜଣାଇଥିଲେ ।

ମହିଳା କଂଗ୍ରେସ ସଭାନେତ୍ରୀ ସୁସ୍ମିତା ଘୋଷାଲ ଗତ ନିର୍ବାଚନରେ ବାରିପଦା ନଗରପାଳ ଲଢିଥିବା ଯୁବନେତା ଯୋଗେଶ ଅଗ୍ରୱାଲା, ବାରିପଦା ବିଧାୟକ ଲଢିଥିବା ପ୍ରାର୍ଥୀ ପ୍ରମୋଦ ହେମ୍ବ୍ରମ୍ ଓ ଛାତ୍ର କଂଗ୍ରେସର ସଭାପତି ମୋତୀ ପ୍ରକାଶ ଦାଶ ପ୍ରତକ୍ଷ ତତ୍ତ୍ୱାବଧାନରେ ପ୍ରାୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଦ୍ଧିକ ଯୁବଛାତ୍ର ମହିଳା କଂଗ୍ରେସ କର୍ମୀ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ ।

ତନ୍ମଧ୍ୟରୁ ଅରବିନ୍ଦ ଦାସ ପିସିସି ସଭ୍ୟ, ଯୁବନେତା ଶିବାନନ୍ଦ ଦାସ, ଅଶୋକ ଗିରି, ମହିଳା ସଭାନେତ୍ରୀ ଇତିଶ୍ରୀ ମିଶ୍ର, ରଶ୍ମିତା ମିଶ୍ର ଗୌରୀ ନାୟକ, ମୋରଡା ସଭାପତି ଏସ.କେ. ମୁସ୍ତାଫା, କାଳୀଚରଣ ଧୀର, ମୁରଲୀ ନାୟକ, ଅମରେନ୍ଦ୍ର ଗିରି, ପ୍ରଦୀପ ମିଶ୍ର, ତାରାକାନ୍ତ ବେହେରା, ଚୈତନ୍ୟ ହର୍ସଦା, ଅଶୋକ ଅଧିକାରୀ, କ୍ଷିରୋଦ ପାତ୍ର, ରଞ୍ଜିତା ହେମ୍ବ୍ରମ୍, ପୂର୍ଣ୍ଣିମା ବିଶ୍ୱାଳ, ନାରାୟଣ ପଟ୍ଟନାୟକ, ପ୍ରଭାଶ କର ମହାପାତ୍ର ପ୍ରଭୃତି ଶତାଧିକ କର୍ମୀ ସେଠାରେ ଯୋଗଦାନ କରିଥିଲେ ।

## ଟଙ୍କା ପାଇଁ ସ୍ତ୍ରୀ ହତ୍ୟା
# ସ୍ୱାମୀକୁ ଆଜୀବନ କାରାଦଣ୍ଡ

ଭଞ୍ଜନଗର,(ସବ୍ୟୁ): ମାଆଙ୍କ ଶ୍ରାଦ୍ଧ ପାଇଁ ଟଙ୍କା ନଦେବାରୁ ଉତ୍ତ୍ୟକ୍ତ ସ୍ୱାମୀ ନିଜ ପତ୍ନୀଙ୍କୁ ହତ୍ୟା କରିବା ଘଟଣାର ବିଚାର କରି ଭଞ୍ଜନଗର ଅତିରିକ୍ତ ଜିଲ୍ଲା ଦୈରାଜଜ୍ ଅଭିଯୁକ୍ତ ସ୍ୱାମୀ ରାଜୁ ମୁଳି କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ମାତ୍ର ୨୧ ମାସ ମଧ୍ୟରେ ରାୟ ପ୍ରକାଶ ପାଇବା ଘଟଣା ଭଞ୍ଜନଗର ଅଦାଲତ ପାଇଁ ପ୍ରଥମ ବୋଲି କୁହାଯାଇଛି ।

ମିଳିଥିବା ସୁଚନା ପ୍ରକାରେ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଅନ୍ତର୍ଗତ ଆଖୁପଦର ଗ୍ରାମର ଗୀତାଞ୍ଜଳୀ ମୁଳିଙ୍କୁ ତାଙ୍କ ସ୍ୱାମୀ ରାଜୁ ମୁଳି ୨୦୨୩ ମସିହା ମେ ମାସ ୨୭ ତାରିଖ ରାତିରେ ହତ୍ୟା କରିଥିଲେ ।ଏହି ମାମଲାର ରାୟ ଶନିବାର ପ୍ରକାଶ ପାଇଛି । ଭଞ୍ଜନଗର ଅତିରିକ୍ତ ଜିଲ୍ଲା ଦୈରାଜଜ୍ ଦେବଦତ୍ତ ପଟ୍ଟନାୟକ ୧୮ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅଭିଯୁକ୍ତ ସ୍ୱାମୀ ରାଜୁ ମୁଳିଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅର୍ଥ ଅନାଦେୟ ଅଧିକ ଏକ ବର୍ଷ କାରାଦଣ୍ଡ ଭୋଗିବେ ଅଭିଯୁକ୍ତ । ଘଟଣାର ମାତ୍ର ୨୧ ମାସ ମଧ୍ୟରେ ଏହି ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି ।ଘଟଣାରୁ ପ୍ରକାଶ ଯେ ଭଞ୍ଜନଗର ସହରତଳି ଛେଦାଭୂମି ଗ୍ରାମର ଜୟନ୍ତୀ ମୁଳିଙ୍କ ଝିଅ ଗୀତାଞ୍ଜଳୀ ୧୮ ବର୍ଷ ପୂର୍ବେ ଆଖୁପଦର ଗ୍ରାମର ରାଜୁଙ୍କୁ ବିବାହ କରିଥିଲେ । ବିବାହର ୧୦ ବର୍ଷ ପର୍ଯ୍ୟନ୍ତ ସ୍ୱାମୀ ସ୍ତ୍ରୀ ଭଲରେ ଚଳିଥିଲେ । ଏଥିସହ ସେମାନଙ୍କର ଗୋଟିଏ ପୁଅ ମଧ୍ୟ ଥିଲା । ପରେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ବିଭିନ୍ନ କାରଣରୁ ଝଗଡ଼ା ଲାଗି ରହୁଥିଲା । ଘଟଣା ଦିନ ରାଜୁ ମଦ ପିଇ ଆସି ନିଜ ମାଆଙ୍କ ଶ୍ରାଦ୍ଧ ପାଇଁ ପତ୍ନୀ ଗୀତାଞ୍ଜଳୀକୁ କିଛି ଟଙ୍କା ମାଗିଥିଲେ । କିନ୍ତୁ ଟଙ୍କା ପାଖରେ ନଥିବା ଯୋଗୁ ଗୀତାଞ୍ଜଳୀ ସ୍ୱାମୀଙ୍କୁ ଟଙ୍କା ଦେଇପାରି ନ ଥିଲେ ।ଫଳରେ ଏଥିରେ ଉତ୍ତ୍ୟକ୍ତ ହୋଇ ନିଶାସକ୍ତ ଅବସ୍ଥାରେ ରାଜୁ ସେଦିନ ରାତିରେ ସ୍ତ୍ରୀଙ୍କୁ ଏକ ଧାରୁଆ ଅସ୍ତ୍ରରେ ହତ୍ୟା କରିଥିଲା । ପୁଲିସ ଏ ନେଇ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଉଷାକାନ୍ତ ପଟ୍ଟନାୟକ ମାମଲାର ପରିଚାଳନା କରୁଥିଲେ ।

# ବିଶ୍ୱ ବନଦିବସ ପାଳିତ




ଭଞ୍ଜନଗର,(ସବ୍ୟୁ) : ଭଂଜନଗର ସ୍ଥିତ ଉତ୍ତର ଘୁମୁସର ବନଖଣ୍ଡର ଲାଲସିଙ୍ଗି ସ୍ଥିତ ସ୍ଥାୟୀ ଚାରା ଉଦ୍ୟାନ କେନ୍ଦ୍ର ଠାରେ ବିଶ୍ ବନଦିବସ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ସହକାରୀ ମୁଖ୍ୟ ବନ ସଂରକ୍ଷକ ରଶ୍ମି ରଞ୍ଜନ ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏସିଏଫଓ ବିବେକ କୁମାର ଦାସ, ମୁଜାଗଡ ବନାଞ୍ଚଳ ଅଧିକାରୀ ବିଯାଧର ସାହୁ, ଜଗନ୍ନାଥପ୍ରସାଦ ବନାଞ୍ଚଳ ଅଧିକାରୀ ସୁଜାତା ରାଣୀ ପଣ୍ଡା, କେନ୍ଦ୍ରିୟ ବନାଞ୍ଚଳ ଅଧିକାରୀ ପୃଥ୍ୱୀରାଜ୍ ପ୍ରଧାନ, ଅବସରପ୍ରାପ୍ତ ଅଧିକାରୀ ଅନୁପମ ବାନାର୍ଜୀ, ସୁରେଶ ଚନ୍ଦ୍ର ସ୍ୱାଇଁ, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଚଳିତ ବର୍ଷର ବିଶ୍ୱ ବନଦିବସ କାର୍ଯ୍ୟକ୍ରମର ବିଷୟବସ୍ତୁ ବନ ଓ ଖାଦ୍ୟ ରହିଥିବା ବେଳେ, ଜଙ୍ଗଲ ସହ ଏଥିରୁ ପାଉଥିବା ଖାଦ୍ୟ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା ।ଏଥିରେ ବିଭିନ୍ନ ବନ ସୁରକ୍ଷା ସମିତି ର ସଦସ୍ୟ, ବୁଦ୍ଧିଜୀବୀ, ପ୍ରକୃତିପ୍ରେମୀ ପ୍ରମୁଖ ଯୋଗ ଦେଇଥିଲେ ।

## କାଳବୈଶାଖୀରେ କ୍ଷତିଗ୍ରସ୍ତଙ୍କୁ ସଠିକ କ୍ଷତିପୂରଣ ନେଇ ସିପିଆଇର ଦାବି

ବାରିପଦା, (ସବ୍ୟୁ) : ଗୁରୁବାର ସନ୍ଧ୍ୟାରେ କାଳବୈଶାଖୀର ତାଣ୍ଡବ ଯୋଗୁଁ ମୟୂରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି, ବିଶୋଇ, ସାରସକଣା ଓ କୁଳିଅଣା ବ୍ଲକର ଅଧିକାଂଶ ଅଞ୍ଚଳରେ ଓଜନିଆ କୁଆପଥର ବର୍ଷା ହୋଇଛି। ଯାହାଫଳରେ ଛାତ ଘର ବ୍ୟତୀତ ଅନ୍ୟ ସବୁ ଘର ନଷ୍ଟ ହୋଇଯାଇଛି। ଚାଷୀର ଚାଷ ଉଜୁଡି ଯାଇଛି। ମଣିଷ ସମେତ ଗୃହ ପାଳିତ ପଶୁ ଖୋଲା ଆକାଶ ତଳେ ରହୁଛନ୍ତି। ସ୍ଥାନୀୟ ପ୍ରଶାସନର ଅବହେଳା ଲୋକଙ୍କୁ ରାଜରାସ୍ତାକୁ ଟାଣିଛି। ତେଣୁ କ୍ଷୟକ୍ଷତିର ସଠିକ ଆକଳନ କରାଯାଇ କ୍ଷତିପୂରଣ ଦେବା, ନଷ୍ଟ ହୋଇଥିବା ଘର ଗୁଡ଼ିକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବା, ଲୋକେ ସମ୍ପୂର୍ଣ୍ଣ ଆର୍ଥିକ ସ୍ଥିତିକୁ ଆସିବା ପର୍ଯ୍ୟନ୍ତ ସରକାରୀ ଶିବିରରେ ସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ରଖିବା ସହିତ ସେମାନଙ୍କ ପିଲାମାନଙ୍କୁ ନିୟମିତ ବିଦ୍ୟାଳୟକୁ ଯିବାର ଯତ୍ନ ନେବାରେ ଅବହେଳା ନକରିବା ପାଇଁ ମିଳିତ ଭାବେ ସିପିଆଇ ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର, ସହ ସମ୍ପାଦକ ସାଥୀ ତ୍ରିନାଥ ପାତ୍ର, ହୃଷିକେଶ ସାହୁ, ବାଙ୍ଗିରିପୋଷି ଜୋନ୍ ସମ୍ପାଦକ ସାଥୀ ରଥ ସିଂ, ଶୁକୁରା ସିଂ, ସାରସକଣା ଜୋନ୍ ସମ୍ପାଦକ ବଳରାମ ମୁର୍ମୁ, ପରମେଶ୍ୱର ମହାନ୍ତ, ପ୍ରତାପ ନାଏକ, ବଳରାମ ମହାନ୍ତ, ସାରଥୀ ନାଏକ ଓ ଚିତ୍ରମଣି ସିଂ ପ୍ରମୁଖ ଉପସ୍ଥିତ ରହି ସୂଚନା ଦେଇଛନ୍ତି ।

## ମା' ତାରାତାରିଣୀଙ୍କ ଚୈତ୍ର ମଙ୍ଗଳ ଯାତ୍ରା: ଆଦାନୀ ଫାଉଣ୍ଡେସନର ସହଯୋଗ

ଛତ୍ରପୁର ,(ସବ୍ୟୁ) : ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ପ୍ରସିଦ୍ଧ ଚୈତ୍ର ମଙ୍ଗଳ ଯାତ୍ରା ଆରମ୍ଭ ହୋଇଛି। ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲାବେଳେ ଏଥିରେ ସହଯୋଗର ହାତ ବଢାଇଛି ଆଦାନୀ ଫାଉଣ୍ଡେସନ।

ଶନିବାର ଦିନ ଏକ ବିଶେଷ ମୂହର୍ତ୍ତରେ ଗଞ୍ଜାମ ଜିଲ୍ଲା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ ଆଦାନୀ ଫାଉଣ୍ଡେସନ ତରଫରୁ ୬ ଲକ୍ଷ୍ୟ ଟଙ୍କାର ଏକ ଚେକ୍ ପ୍ରଦାନ କରାଯାଇଛି। ଗୋପାଳପୁର ବନ୍ଦରର ବିଜନେସ ମୁଖ୍ୟ ଶ୍ରୀ ସନ୍ଦୀପ



ଜୈସୱାଲ ଏହି ଚେକ୍ ଶ୍ରୀ ପରିଡାଙ୍କୁ ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ଶ୍ରୀ ଜୈସୱାଲ କହିଛନ୍ତି ଯେ ଏହି ସହଯୋଗ ଗଞ୍ଜାମ ଜିଲ୍ଲାର ସାଂସ୍କୃତିକ ଐତିହର ସଂରକ୍ଷଣ ସହ ସ୍ଥାନୀୟ ପରମ୍ପରାକୁ ପ୍ରୋତ୍ସାହନ କରିବ ଯାହା ଆଦାନୀ ଫାଉଣ୍ଡେସନର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ମା' ତାରାତାରିଣୀଙ୍କ ପ୍ରସିଦ୍ଧ ଚୈତ୍ର ମଙ୍ଗଳ ଯାତ୍ରା ଭଳି ଏକ ପୁରାତନ ସାଂସ୍କୃତିକ କାର୍ଯକ୍ରମ ସହିତ ଯୋଡି ହୋଇଥିବାରୁ ଆଦାନୀ ଫାଉଣ୍ଡେସନ ନିଜକୁ ଗର୍ବିତ ଅନୁଭବ କରୁଛି ବୋଲି ଶ୍ରୀ ଜୈସୱାଲ କହିଥିଲେ।ଶ୍ରୀ ଦିବ୍ୟଜ୍ୟୋତି ପରିଡା, ଜିଲ୍ଲାପାଳ, ଗଞ୍ଜାମ, ଆଦାନୀ ଫାଉଣ୍ଡେସନର ଏହି ସହଯୋଗକୁ ପ୍ରଶଂସା କରିବାସହ ଶ୍ରଦ୍ଧାଳୁମାନଙ୍କ ଶୃଙ୍ଖଳିତ ଦର୍ଶନ ତଥା ଅନ୍ୟାନ୍ୟ ଜରୁରୀ ସେବାକୁ ଉନ୍ନତ କରିବା ଆଦି କ୍ଷେତ୍ରରେ ଏହି ପାଣ୍ଠିର ସୁବିନିଯୋଗ କରାଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋପାଳପୁର ବନ୍ଦରର ଶିଳ୍ପ ସମ୍ପର୍କ ମୁଖ୍ୟଭକ୍ତ ବନ୍ଧୁ ଶତପଥୀ ଏବଂ ସିଏସଆର ବିଭାଗ ମୁଖ୍ୟ ଦେବଦତ୍ତ ମିଶ୍ର ଉପସ୍ଥିତ ଥିଲେ।

# ଲୁହାଛଡ ଚୋରି : ୩ ଗିରଫ

ବୁଗୁଡ଼ା ,(ସବ୍ୟୁ) : ବୁଗୁଡ଼ା ଥାନା ଅନ୍ତର୍ଗତ ଖୋଳଖାଲି ଅଞ୍ଚଳରେ ଥିବା ଧରଣୀ ଧର ପଣ୍ଡାଙ୍କ ବଜରଙ୍ଗି କ୍ରସର ପରିସରରୁ ୫ ଟନ୍ ପରିମାଣର ଲୁହାରଡ୍ ଚୋରି ଅଭିଯୋଗରେ ୩ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଗିରଫ ତିନିହେଁ ହେଲେ ରାମଣ୍ଡା ଗ୍ରାମର ଜଗନ୍ନାଥ ପାତ୍ର (୩୦), ବୁଗୁଡାର ମାନସ ସାହୁ (୪୩)ଙ୍କ ଓ ପୋଲସରା ଥାନା ଅନ୍ତର୍ଗତ ଲକ୍ଷ୍ମଣପଲ୍ଲୀର ପ୍ରଦୀପ ସାହୁ(୨୮)।ପ୍ରକାଶ ଯେ, ଖୋଳଖାଳି ଅଞ୍ଚଳସ୍ଥ ବଜରଙ୍ଗି କ୍ରସରଠାରେ ବିଭିନ୍ନ ସ୍ଥାନରେ ନିର୍ମାଣ କାର୍ଯ୍ୟ ନିମନ୍ତେ ଗଚ୍ଛିତ ଥିବା ବହୁ ପରିମାଣର ଲୁହାଛଡ ମଧ୍ୟରୁ ଦୀର୍ଘ ଦିନ ହେଲା ଚୋରି ହେଉଥିଲା। ଏ ନେଇ ଗତ ଫେବୃୟାରୀ ୨୬ ତାରିଖରେ ବଜରଙ୍ଗି କନଷ୍ଟ୍ରକସନର ସୁପରଭାଇଜର ମିଥୁନ ଡାକୁଆ ପୋଲିସ ଥାନାରେ ଅଭିଯୋଗ କରିବା ପରେ କେସ୍ ନଂ ୧୨୮/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ତେବେ ଜଗନ୍ନାଥ ଏହି ଲୁହାଖାଡି ଚୋରି କରି ଦୁଇ ଜଣ କବାଡିଆ ମାନସ ଓ ପ୍ରଦୀପକୁ ବିକ୍ରି କରିଥିଲା। ପୋଲିସ ଶନିବାର ଦିନ ଅଭିଯୁକ୍ତ ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି।

# ଅଦିନିଆ ବର୍ଷାର ମୁକାବିଲା ପାଇଁ ୧୩ ଟିମ ସାମିଲ

ବ୍ରହ୍ମପୁର,(ସବ୍ୟୁ) : ଶନିବାର ମଧ୍ୟାହ୍ନରେ ସହରରେ ଅଦିନିଆ ଲଗାଣ ବର୍ଷା ଯୋଗୁଁ ୧୬ରୁ ଅଧିକ ସ୍ଥାନରେ ବର୍ଷା ଜଳ ଜମି ରହିଥିଲା। ଜୟପ୍ରକାଶନଗର, ଗାନ୍ଧୀନଗର ଭଳି ସ୍ଥାନରେ ବର୍ଷା ଜଳ ରହିବାରୁ ଲୋକମାନେ ଯାତାୟାତ କରିପାରିନଥିଲେ ।ଜମି ରହିଥିବା ବର୍ଷା ଜଳକୁ ଖାଲି କରିବାକୁ ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ କରାଯାଇଥିଲା । ବ୍ରହ୍ମପୁର ଅଗ୍ନିଶମ ବିଭାଗର ୩ଟି ଟିମ ସହ ଛତ୍ରପୁର, ଏମକେସିଜି ମେଡିକାଲ, କୁକୁଡାଖଣ୍ଡି, ଦିଗପହଣ୍ଡି ଓ କନିଷି ଅଗ୍ନିଶମ ବିଭାଗର ମୋଟ ୮୩ ଜଣ କର୍ମଚାରୀଙ୍କୁ ନେଇ ୧୩ଟି ଟିମ ଗଠନ କରାଯାଇଥିଲା। ଏହି ଟିମ ନିକଟରେ ଥିବା ୧୨ଟି ପମ୍ପସେଟ ଜରିଆରେ ଗୋଟିଏ ପରେ ଗୋଟିଏ ସ୍ଥାନରୁ ଜମି ରହିଥିବା ବର୍ଷା ଜଳ ନିଷ୍କାସନ କରାଯାଇଥିଲା ।

ସେହିପରି ପ୍ରବଳ ବର୍ଷା ଯୋଗୁଁ ସହରର ୪୦ରୁ ଅଧିକ ସ୍ଥାନରେ ୧୧୦ରୁ ଅଧିକ ଗଛ ଓ ଡାଳ ପଡି ରାସ୍ତା ଅବରୋଧ ହୋଇଯାଇଥିଲା । କୋର୍ଟପେଟା, ହିଲପାଟଣା, ଖଲ୍ଲିକୋଟ କଲେଜ ଛକ ଭଳି ପ୍ରମୁଖ ରାସ୍ତାର ମଝିରେ ଗଛ ପଡିଯିବାରୁ ଯାତାୟାତ ବନ୍ଦ ହୋଇଥିଲା । ଏଭଳି ସ୍ଥିତିରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ କଟର ସାହାର୍ଯ୍ୟରେ ଗଛ କାଟି ଯାତାୟାତକୁ ସ୍ୱାଭାବିକ କରିଥିଲେ । ବର୍ଷା ଓ ପବନର ମୁକାବିଲା କରିବାକୁ ଅଗ୍ନିଶମ ବିଭାଗ କର୍ମଚାରୀମାନେ ବହୁ ପରିଶ୍ରମ କରିଛନ୍ତି ବୋଲି ଦକ୍ଷିଣାଞ୍ଚଳ ଅଗ୍ନିଶମ ଅଧିକାରୀ ବିଚିତ୍ର କୁମାର ପଣ୍ଡା ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ସେହିପରି ପ୍ରେମନଗର ଠାରେ ଜଣେ ଦୃଷ୍ଟିବାଧିତ ମହିଳାଙ୍କୁ ପାଣିଘେରା ଭିତରୁ ତାଙ୍କ ଘରୁ ଉଦ୍ଧାର କରାଯାଇଥିବା ସେ ସୂଚନା ଦେଇଛନ୍ତି । ରାତିରେ ମଧ କିଛି ସ୍ଥାନରୁ ଜମି ରହିଥିବା ପାଣି ଖାଲି କରାଯାଉଥିବା ବେଳେ ଆଉ କିଛି ସ୍ଥାନରେ ଗଛ କଟା ଜାରି ରହିଛି ବୋଲି ସେ ସୂଚନା ଦେଇଛନ୍ତି।

# ଅଖିଳ ଭାରତ ଯୁବକ ସଂଘ ଆଞ୍ଚଳିକ ସମ୍ମିଳନୀ

ଛତ୍ରପୁର, (ସବ୍ୟୁ): ସ୍ଥାନୀୟ ଲକ୍ଷ୍ମଣ ଭନ ପରିସରରେ ଅଖିଳ ଭାରତ ଯୁବକ ସଂଘ ର ୧୫ତମ ଆଞ୍ଚଳିକ ସମ୍ମିଳନୀ ଅନୁରାଗ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।

ଏହି ସମ୍ମିଳନୀକୁ ଆଇନଜୀବି ଡି. ଆଦିନାରାୟଣ ରେଡ୍ଡୀ ଯୋଗଦେଇ ଉଦଘାଟନ କରିଥିଲେ । ଯୁବସଂଘ ଜିଲ୍ଲା ସଭାପତି କାମଦେବ ନାହାକ ଯୋଗଦେଇ ବର୍ତ୍ତମାନ ଦେଶର ସମସ୍ୟା ଉପରେ ଯୁବକ ମାନଙ୍କ ଭୂମିକା ଉପରେ ନିଜ ବକ୍ତବ୍ୟ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜୀବ ଲୋଚନ ପଣ୍ଡା, ଏସ. କ୍ରିଷ୍ଣା ରେଡ୍ଡୀ, ସିଏଚ. ଜନାର୍ଦ୍ଦନ ରେଡ୍ଡୀ, ଦଣ୍ଡପାଣି ପାତ୍ର, ଆର. ହରେସୁ ରେଡ୍ଡୀ, ଡି. ରାଜେଶ ରେଡ୍ଡୀ,ଟି ନାରାୟଣ ରେଡ୍ଡୀ,ଚିଙ୍କାରା ବେହେରା, ଏନ. ସୁକାନ୍ତ ଆଚାରୀ, ନବୀନ ଚନ୍ଦ୍ର ଗୌଡ଼,ଶିକନ୍ଦର ଖାନ, ଦୁର୍ଯ୍ୟୋଧନ ପ୍ରଧାନ ଓ ଗୁରୁନାଥ ପ୍ରଧାନ ଙ୍କ ସମେତ ବହୁ ଯୁବକ ମାନେ ଯୋଗଦେଇ ଥିଲେ, ଏହି ଅବସରରେ ସର୍ବସମ୍ମତି କ୍ରମେ ନୂତନ କମିଟି ଚୟନ କରାଯାଇଥିଲା, ସଭାପତି ଭାବେ ଚିଙ୍କାରା ବେହେରା, ଉପସଭାପତି ଭାବେ ଅନୁରାଗ ମିଶ୍ର, ସମ୍ପାଦକ ଭାବେ ନବୀନ ଚନ୍ଦ୍ର ଗୌଡ଼, ସହ ସମ୍ପାଦକ ଏନ. ସୁକାନ୍ତ ଆଚାରୀଙ୍କୁ ମନୋନୀତ କରାଯାଇଛି ।

ଏହା ସହ ସଂଗଠନ ର ଅଭିବୃଦ୍ଧି ନେଇ ୧୫ଜଣିଆ କମିଟି ଗଠନ କରାଯାଇଛି । ପ୍ରାରମ୍ଭ ରେ କୃଷ୍ଣ ଚନ୍ଦ୍ର ରାଉଳ ଦଳୀୟ ପତାକା ଉତ୍ତୋଳନ କରିଥିଲେ ।

## ମେଥ୍ ଓ ଇଂଲିଶ ଅଲମ୍ପିଆଡ୍‌ରେ ଦେଶରେ ପ୍ରଥମ ୟୁରୋକିଡ୍ ସ୍କୁଲର ୨ ଛାତ୍ର

ଛତ୍ରପୁର ,(ସବ୍ୟୁ) : ସ୍ଥାନୀୟ ବଜରଙ୍ଗୀନଗର ସ୍ଥିତ ଦ ନ୍ୟୁ ଏଜ ୟୁରୋକିଡସ ସ୍କୁଲର ଛାତ୍ରଛାତ୍ରୀ ମାନେ ଦିନକୁ ଦିନ ସଫଳତାର ପାହାଚ ଅତିକ୍ରମ କରିବାରେ ଲାଗିଛନ୍ତି । ଗତ କିଛି ଦିନ ତଳେ ଉକ୍ତ ସ୍କୁଲର ଜଣେ ୯ ବର୍ଷର କୁନି ଛାତ୍ରୀ ସାଇନ୍ସ ଅଲମ୍ପିଆଡ ଲେଭେଲ ୨ ପ୍ରତିଯୋଗିତାରେ ଭାରତ ବର୍ଷରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଏବେ ଆଉ ଦୁଇ ଛାତ୍ର ପୁଣି ସଫଳତାର ଶୀର୍ଷରେ ପହଂଚିଛନ୍ତି। ଗତ ଡିସେମ୍ବର ମାସରେ ନ୍ୟୁ ଦିଲ୍ଲୀର ସିଲଭର ଜୋନ୍ ଦ୍ୱାରା ଆୟୋଜିତ ମେଥ୍ ଏବଂ ଇଂଲିସ୍ ଅଲମ୍ପିଆଡ୍ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଭାରତ ବର୍ଷରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ଛତ୍ରପୁର ଦ ନ୍ୟୁ ଏଜ ୟୁରୋକିଡସ ସ୍କୁଲର ପ୍ରଥମ ଶ୍ରେଣୀର ଛାତ୍ର ରେୟାଂଶ ରଞ୍ଜନ ନାହାକ ଓ ତୃତୀୟ ଶ୍ରେଣୀର ଛାତ୍ର ଆନିମେଶ ପାତ୍ର । ମେଥ୍ ଅଲମ୍ପିଆଡ୍ ରେ ରେୟାଂଶ ରଞ୍ଜନ ନାହାକ ସାରା ଭାରତ ବର୍ଷରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଇଂଲିଶ ଅଲମ୍ପିଆଡରେ ଆନିମେଶ ପାତ୍ର ମଧ ଭାରତ ବର୍ଷରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଛତ୍ରପୁର ର ଏହି ଦ ନ୍ୟୁ ଏଜ ୟୁରୋ ସ୍କୁଲର ପ୍ରାୟ ୨୦ ଜଣ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ବେଳେ ଦୁଇ ଛାତ୍ରଙ୍କ ସଫଳତାରେ ସ୍କୁଲ କର୍ତ୍ତୃପକ୍ଷ ଏବଂ ତାଙ୍କ ପରିବାର ବର୍ଗ ବେଶ ଖୁସି ଜାହିର କରିଛନ୍ତି ।ଅନ୍ୟପଟେ ଆନିମେଶ ଓ ରେୟାଂଶ ରଞ୍ଜନ ତାଙ୍କ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ତାଙ୍କ ଅଭିଭାବକଙ୍କୁ ସଫଳତାର ଶ୍ରେୟ ଦେଇଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ସଫଳତା ପାଇଁ ସ୍କୁଲ ଓ ଉଭୟ ଛାତ୍ରଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛ।



# ପୌରପାଳିକା ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଧାରଣ ବୈଠକ

ବାରିପଦା, (ସବ୍ୟୁ) : ବାରିପଦା ପୌରପାଳିକାର ଗେଷ୍ଟ ହାଉସ ପରିସରରେ ବାରିପଦା ପୌରପାଳିକାର ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ସାଧାରଣସଭା ବୈଠକ ଏହାର ସଭାପତି ତାରାମଣୀ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ଉକ୍ତ ବୈଠକରେ ପୌରପାଳିକାର ସମସ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସରକାରୀ କର୍ମଚାରୀ ତୁଲ୍ୟ ସମସ୍ତ ସୁବିଧା ସୁଯୋଗ ପ୍ରଦାନ ପାଇଁ ଦାବୀ କରାଯାଇଛି। ଦାବିଗୁଡିକ ହେଉଛି ପେନସନ୍ ବହି ପ୍ରଦାନ, ଏଯାଏଁ କାହାକୁ ଏହା ଦିଆଯାଇ ନାହିଁ, ବାକି ଥିବା ବକେୟା ପେନସନ ପ୍ରଦାନ,




ସରକାରୀ କର୍ମଚାରୀ ତୁଲ୍ୟ ଗ୍ରାଚ୍ୟୁଇଟି ପ୍ରଦାନ, ଅଷ୍ଟମ ବେତନ କମିଶନ ରିପୋର୍ଟକୁ କାର୍ଯ୍ୟକାରୀ କରିବା, ପୌରପାଳିକାର ପରିସର ମଧ୍ୟରେ ଏକ କାର୍ଯ୍ୟାଳୟ କୋଠାରୀ ପ୍ରଦାନ, ଲାଇଭ ସାର୍ଟିଫିକେଟ ପ୍ରଦାନ ପ୍ରକ୍ରିୟାକୁ ଅନ୍‌ଲାଇନ କରିବା ଇତ୍ୟାଦି ପ୍ରମୁଖ। ରାଜ୍ୟରେ ଏହିପ୍ରକାର କର୍ମଚାରିଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏକ ରାଜ୍ୟସ୍ତରୀୟ ସଂଗଠନର ଆବଶ୍ୟକତା ରହିଛି। ଏହାକୁ ଲକ୍ଷ୍ୟରେ ରଖି ଏକ ଆଂଚଳିକ ସମାବେଶ ଆୟୋଜନ କରିବାର ସିଦ୍ଧାନ୍ତ ନିଆଯାଇଛି। ପ୍ରାରମ୍ଭରେ ସାଧାରଣ ସମ୍ପାଦକ ଉଜ୍ଜ୍ୱଳ ବେହେରା ବିଗତ ଦିନର ବିବରଣୀ ପାଠ କରିଥିଲେ। ଉପଦେଷ୍ଟା ନନ୍ଦ କୁମାର ମହାପାତ୍ର ସାଙ୍ଗଠନିକ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ହାଡିବନ୍ଧୁ ପଣ୍ଡା, ସହସମ୍ପାଦକ ଉମାକାନ୍ତ ଦେ, କୋଷାଧ୍ୟକ୍ଷ ଅନୁପ କୁମାର ଗିରି, ପଙ୍କଜ ମହାନ୍ତି, ଜଗନ୍ନାଥ ଆଚାର୍ଯ୍ୟ, ତରୁଣ ବାରିକ ପ୍ରମୁଖ ମତବ୍ୟକ୍ତ କରିଥିଲେ ।

# ଗ୍ରାମ୍ୟ ଉନ୍ନୟନ ବିଭାଗର ଦାୟିତ୍ୱହୀନତା ପାଇଁ ରାସ୍ତାରେ ପାଣି

ନିଶ୍ଚିନ୍ତକୋଇଲ,(ସବ୍ୟୁ) :ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗର ଦାୟିତ୍ୱହୀନତା କାର୍ଯ୍ୟ ପାଇଁ ଦୀର୍ଘ ବର୍ଷ ହେବ ଜିଗ୍ନୀପୁ ପଞ୍ଚାୟତ ଛୁଆଳିଆ ଗ୍ରାମ ମଧ୍ୟ ଦେଇ ଯାଇଥିବା ରାସ୍ତାରେ ଟିକିଏ ବର୍ଷା ହେଲେ ଜମି ରହୁଛି ବର୍ଷା ପାଣି । ବର୍ଷା ଋତୁରେ ଏହି ରାସ୍ତାରେ ଆଣ୍ଠୁଏ ଗହଳରେ ଜମି ରହୁଥିବା ବର୍ଷା ଜଳରେ ଲୋକମାନେ ପଶି ଯାତାୟତ କରୁଥିବା ବେଳେ ଏବେ ଖରାଦିନେ ଟିକିଏ ଅଦିନିଆ ବର୍ଷାରେ ମଧ୍ୟ ବହୁ ପାଣି ଜମିଥିବାରୁ ଲୋକମାନେ ଯାତାୟତ ପାଇଁ ନାହିଁ ନଥିବା ହୀନସ୍ତା ଭୋଗୁଛନ୍ତି । ଗତ ୨୦୧୫ ମସିହାରେ ଉକ୍ତ ଗ୍ରାମ୍ୟ ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନକୁ ନେଇ ରାମକୃଷ୍ଣପୁର-ବରାଦୋ ରାସ୍ତା ନାମରେ ନାମିତ କରି ପିଚୁ ଓ ଢଳେଇ ରାସ୍ତାରେ ପରିଣତ କରିଥିଲେ । ଛୁଆଳିଆ ଗ୍ରାମ ମଧ୍ୟ ଦେଇ ଯାଇଥିବା ରାସ୍ତାକୁ ଠିକାଦାର ଢଳେଇ କରିଥିବା ବେଳେ ନିମ୍ନମାନର କାମ ଯୋଗୁଁ ରାସ୍ତାରୁ ବର୍ଷା ଜଳ ନିଷ୍କାସନ ହୋଇପାରୁନାହିଁ । ଅନେକ ଥର ଗ୍ରାମବାସୀମାନେ ଅଭିଯୋଗ କରିବା ପରେ ଏହି ରାମକୃଷ୍ଣପୁର-ବରାଦୋ ରାସ୍ତାକୁ ଉନ୍ନତିକରଣ କରିବା ପାଇଁ ୨୦୨୩ ମସିହାରୁ ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇ କାର୍ଯ୍ୟ ଆରମ୍ଭ ହେଲା । ଗତ ଦୁଇ ବର୍ଷ ହେବ ଠିକାଦାର ଏହି କାର୍ଯ୍ୟ ଆରମ୍ଭ କରିଥିବାବେଳେ ଉକ୍ତ ଢଳେଇ ରାସ୍ତାକୁ ଛାଡ଼ିଦେଇ ଅନ୍ୟ ସ୍ଥାନ ଗୁଡ଼ିକରେ ଥିବା ପିଚୁ ରାସ୍ତାକୁ କରିଛନ୍ତି । ଛୁଆଳିଆ ଗ୍ରାମ ମଧ୍ୟ ଦେଇ ଯାଇଥିବା ଏହି ଢଳେଇ ରାସ୍ତାକୁ ଠିକାଦାର ଉନ୍ନତିକରଣ ନକରିବାରୁ ଗ୍ରାମବାସୀମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି । ଏହି ଗ୍ରାମ୍ୟ ଢଳେଇ ରାସ୍ତାକୁ ଉନ୍ନତିକରଣ କରାଯାଇ ବର୍ଷା ଜଳର ନିଷ୍କାସନର ବ୍ୟବସ୍ଥା କରିବା ନିମନ୍ତେ ଗ୍ରାମବାସୀମାନେ ବହୁବାର ବିଭାଗ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାଁନ୍ତି । ଶନିବାର ଦିନ ଏହି ଅଞ୍ଚଳରେ ଟିକିଏ ଅଦିନିଆ ବର୍ଷା ହେବାରୁ ଗାଁ ଦାଣ୍ଡରେ ବର୍ଷା ପାଣି ପୁରା ଜମିରହିଛି ।

# ବାରୁଅ ଆଶ୍ରମରେ ପଦ୍ମଶ୍ରୀ ବାବା ବଳିଆଙ୍କ ପଦାର୍ପଣ

କେନ୍ଦ୍ରାପଡା,(ସବ୍ୟୁ) :ବାରୁଅ ଗ୍ରାମରେ ଥିବା ଶିଶୁ ଅନନ୍ତ ଆଶ୍ରମରେ ପରିବେଶ, ଗଣତନ୍ତ୍ର ଓ ଧର୍ମ ସମ୍ପର୍କରେ ଅୟୋଜିତ ଏକ ସଚେତନତା କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପୂଜ୍ୟ ପୂଜକ ବାବା ବଳିଆ ଯୋଗ ଦେଇଥିଲେ । ପୂଜ୍ୟ ପୂଜକ ବାବା ବଳିଆ ନିଜ ଅଭିଭାଷଣରେ ସତସଙ୍ଗର ମହତ୍ୱ ସମ୍ବନ୍ଧରେ ଉଲ୍ଲେଖ କରିବା ସହିତ ଯୁବକମାନେ ନିଶାଦ୍ରବ୍ୟ ପରିତ୍ୟାଗ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ । ଦକ୍ଷିଣା ସ୍ୱରୂପ ସମସ୍ତେ ପାଞ୍ଚଟି ଗଛ ଲଗାଇବା ସହ ତାକୁ ବଞ୍ଚାଇବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ । 'ବାରୁଅ' ନାମର ମହତ୍ତ୍ୱ ପ୍ରତିପାଦନ କରିବାକୁ ଯାଇ ବା – ବାୟୁ , ରୁ – ଋଷି , ଅ – ଅନନ୍ତ ବୋଲି ନିଜର ଅଭିଭାଷଣରେ ସୁନ୍ଦର ବ୍ୟାଖ୍ୟା କରିଥିଲେ । ବାବା ବଳିଆଙ୍କୁ ଗ୍ରାମବାସୀମାନେ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ସ୍ୱାଗତ କରି ଆଶ୍ରମ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ । ଆଶ୍ରମର ଦେହତ୍ୟାଗ କରିଥିବା ତିନିଜଣ କର୍ମକର୍ତ୍ତା ଗୋବିନ୍ଦ ପରିଡ଼ା, ହରିଶ୍ଚନ୍ଦ୍ର ପରିଡ଼ା, ଗଣେଶ ନାୟକ ଓ ତୁଳସୀ ଦେବୀଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଆରମ୍ଭରେ ସଙ୍ଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡା ବାବା ବଳିଆଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଭାବଗ୍ରାହୀ କଳା ନିକେତନର ବିମଳ ପରିଡା, ଉପେନ୍ଦ୍ର ପାଢ଼ୀ, ନିରୁପମା ଜେନା, ରଞ୍ଜନ ବରାଳ, ରୂପାଲି ସୂତାର ଏବଂ ସ୍ମୃତିରେଖା ବିଶ୍ୱାଳ ପ୍ରମୁଖ କଳାକାରମାନେ ଶିଶୁ ଅନନ୍ତ ଏବଂ ସିଦ୍ଧ ବଳଦେବଜୀଉଙ୍କ ଉପରେ ଆଧାରିତ ଭଜନ ଓ ନୃତ୍ୟ ପରିବେଷଣ କରିଥିଲେ। ସାଂସଦ ଓ ବିଧାୟକଙ୍କୁ ସେମାନଙ୍କର ସହଯୋଗ ନିମନ୍ତେ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ପୀଡ଼ିତାଙ୍କୁ ଥାନାରୁ ବୋହୂ କରି ନେଲେ ଓଏଏସ ବାବୁଙ୍କ ପରିବାର ଲୋକେ



ଜଗତସିଂହପୁର,(ସବ୍ୟୁ) : ଓଏଏସ ଅଫିସର ଲଭ,ସେକ୍ସ ଓ ଧୋଖା ଘଟଣାକୁ ନେଇ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ଚେତିଲେ ଓଏଏସ ବାବୁ ପରିବାର । ଥାନାରେ ଲେଖା ପଢି କରି ପିଡ଼ିତାଙ୍କୁ ବୋହୁ କରି ନେବାକୁ ରାଜି ହେଲେ ଶାଶୁ ଶଶୁର । ପୂର୍ବରୁ ପ୍ରେମ କରି ଲୁଚା ଛପାରେ ବିବାହ କରିବା ସହିତ ଶାରୀରିକ ସମ୍ପର୍କ ରଖିଥିବା ଯୁବକ ଆଲବର୍ଟ ହାଁସଦା ତିନି ମାସ ପୂର୍ବରୁ ଓଏଏସ ପାଇବା ପରେ ପୀଡିତାଙ୍କୁ ଆଉ ସ୍ତ୍ରୀ ଭାବରେ ଗ୍ରହଣ କରିନଥିଲେ । ଏହାକୁ ନେଇ ଓଏଏସ ବାବୁଙ୍କ ପ୍ରେମ ପ୍ରତାରଣା ଘଟଣା ସାରା ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଥିଲା । ସେହି ଆଦିବାସୀ ଯୁବତୀଙ୍କ କରୁଣ କାହାଣୀ ଗଣମାଧ୍ୟମରେ ପ୍ରସାରଣ ପରେ ଚେତା ପସିଲା ଧୋକାଦେଇଥିବା ଓଏଏସ ବାବୁଙ୍କ ପରିବାରଲୋକମାନଙ୍କର । ଜଗତସିଂହପୁର ସଦର ଥାନାକୁ ଆସି ପିଡିତା ଯୁବତୀଙ୍କୁ ଘରକୁ ବୋହୁକରି ନେବାକୁ ରାଜି ହୋଇଛନ୍ତି ଓଏଏସ ଆଲବର୍ଟ ହାନ୍ସଦାଙ୍କ ବାପା ମାଆ । ଜଗତସିଂହପୁର ଜିଲ୍ଲା ସଦର ଥାନା ମାର୍କଣ୍ଡପୁର ଗାଁର ଗଣେଶ୍ୱର ହାନ୍ସଦାଙ୍କ ପୁଅ ଆଲବର୍ଟ ନିଜ ଜାତିର ଜଣେ ଆଦିବାସୀ ଯୁବତୀଙ୍କୁ ଦୀର୍ଘ ବର୍ଷ ହେଲା ପ୍ରେମ କରି ଆସିବା ସହ ଦୁଇବର୍ଷ ତଳେ ସାନ୍ତାଳୀ ପ୍ରଥା ଅନୁସାରେ ଲୁଚିଛପି ବିବାହ କରିବା ସହ ଶାରୀରିକ ସମ୍ପର୍କ ରକ୍ଷା କରିଆସୁଥିଲେ । ଏପରିକି ଯୁବତୀଙ୍କ ଅଭିଯୋଗ କ୍ରମେ ତିନି ତିନି ଥର ଗର୍ଭ ନଷ୍ଟ ମଧ୍ୟ କରାଇଥିଲେ । ଘଟଣା ପଦାକୁ ଆସିବା ପରେ ଯୁବକଙ୍କ ପରିବାର ଲୋକେ ଗତ କିଛି ମାସ ତଳେ ପିଡିତା ଯୁବତୀଙ୍କୁ ଘରକୁ ବୋହୁ କରି ନେଇଥିଲେ । ହେଲେ ତିନିମାସ ତଳେ ପୁଅ ଆଲବର୍ଟ ଓଏଏସ ପାଇବା ପରେ ବୋହୁ କରି ନେଇଥିବା ଯୁବତୀଙ୍କୁ ପୁଣି ଘରୁ ବିଦା କରି ଦେଇଥିଲେ ଶାଶୁ ଘର ଲୋକେ । ଏହାକୁ ନେଇ ପିଡିତା ଜଗତସିଂହପୁର ଥାନାର ଦ୍ୱାରସ୍ଥ ହୋଇଥିଲେ ଛଜଗତସିଂହପୁର ଥାନା ପକ୍ଷରୁ କେଶ ନମ୍ବର ୪୦ ରୁଜୁକରି ମାମଲାର ତଦନ୍ତ କରିଥିଲା । ଆଜି ପିଡିତା ଜଗତସିଂହପୁର ଥାନାକୁ ଆସି ଥାନା ଅଧିକାରୀ ପ୍ରଭାସ କୁମାର ସାହୁଙ୍କ ସହିତ ଆଲୋଚନା କରିଥିଲେ । ପିଡିତା ଥାନାରେ ପହଞ୍ଚିବା ପରେ ଥାନା ଅଧିକାରୀ ଓଏଏସ ବାବୁ ଆଲବର୍ଟ ହାଁସଦାଙ୍କ ପରିବାର ତଥା ବାପା ଗଣେଶ ହାଁସଦା ଓ ମାଆ ମାଇନୋ ହାଁସଦାଙ୍କୁ ଯୋଗାଯୋଗ କରିଥିଲେ । ଆଲବର୍ଟଙ୍କ ବାପା ମାଆ ଥାନାରେ ପହଂଚିବା ପରେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଗଣମାଧ୍ୟମର ହସ୍ତକ୍ଷେପ ପରେ ପିଡିତାଙ୍କୁ ଜଗତସିଂହପୁର ଥାନାରୁ ବୋହୁ ଭାବରେ ଗ୍ରହଣ କରି ଘରକୁ ନେଇଛନ୍ତି ଶାଶୁ ଓ ଶଶୁର । ଶାଶୁ ଘର ଲୋକେ ବୋହୁ କରି ନେବା ପ୍ରତିଶ୍ରୁତି ଦେବା ପରେ ପିଡିତା ଜଣକ ଖୁସି ହେବା ସହିତ ଆଲବର୍ଟ ଓଏଏସ ଟ୍ରେନିଂରୁ ଫେରିଲେ କୋର୍ଟରେ ବିବାହ କରିବେ ବୋଲି ପିଡିତା ଜଣଙ୍କ କହିଛନ୍ତି । ଦୀର୍ଘ ଦିନର ସଂଘର୍ଷ ପରେ ପିଡିତା ଆଦିବାସୀ ଯୁବତୀ ଜଣକ ନ୍ୟାୟ ପାଇବା ସହିତ ନିଜ ଶାଶୁ ଘର ଲୋକଙ୍କୁ ପାଇ ଖୁସିରେ ଘରକୁ ଯାଇଥିବା ଦେଖାଯାଇଛି ।

# ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ



କେନ୍ଦ୍ରାପଡ଼ା ,(ସ୍ୱପ୍ର ): କଂଗ୍ରେସ ଓ ଅନ୍ୟାନ୍ୟ ଦଳ ,ସଂଗଠନ ପକ୍ଷରୁ ପୂର୍ବତନ ବିଧାୟକ ଦେବେନ୍ଦ୍ର ନାଥ ଶର୍ମାଙ୍କ ପାର୍ଥିବ ଶରୀରକୁ ପୁଷ୍ପମାଲ୍ୟ ଅର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଗତକାଲି ରାତ୍ରରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପୂର୍ବତନ ବିଧାୟକ ଦେବେନ୍ଦ୍ର ନାଥ ଶର୍ମାଙ୍କ ଦେହାନ୍ତ ଘଟିଥିଲା । ଆଜି କେନ୍ଦ୍ରାପଡ଼ା କଜଳା ସ୍ଥିତ କଂଗ୍ରେସ ଭବନକୁ ପାର୍ଥିବ ଶରୀର ଅଣା ଯାଇଥିଲା । ସେଠାରେ ପୂର୍ବରୁ ଉପସ୍ଥିତ ଥିବା ବିଭିନ୍ନ ଦଳ ଓ ସଂଗଠନର ନେତୃବୃନ୍ଦ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ସେମାନଙ୍କ ମଧ୍ୟରେ ଥିଲେ ଜିଲ୍ଲା କଂଗ୍ରେସ ନେତା ପ୍ରଫୁଲ୍ଲ ଦାସ,ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା,ସିପି.ଆଇ. ଏମ ସମ୍ପାଦକ ଗୟାଧର ଧଳ, ବିକାଶ ସାମୁଖ୍ୟ ସମ୍ପାଦକ ଅଜୟ ସାମଲ , ଜିଲ୍ଲା କଂଗ୍ରେସ ନେତା ଫକୀର ଚରଣ ଖଟୁଆ, ପୂର୍ବତନ ନଗର ପାଳ ମହମ୍ମଦ ଆକବର ଅଲ୍ଲୀ, ସି ପି ଆଇ ଏମ୍ ନେତା ଅରବିନ୍ଦ ରାଉଳ ,ଜଗଜିବନ ଦାସ, ଯୁବ କଂଗ୍ରେସ ନେତା ଉମେଶ ପାଢ଼ୀ,କେନ୍ଦ୍ରାପଡ଼ା କ୍ରିକେଟ ଆସୋସିଏସନ୍‌ର ସମ୍ପାଦକ ବୁଲୁ ସେନାପତି, ପ୍ରଦୀପ୍ତ ଦାସ, ବସନ୍ତ କୁମାର ସେଠୀ , ଯୁବ ଆଇ. ଏନ. ଟି.ୟୁସି ର ଯୁବ ସଭାପତି ରଶ୍ମି ରଞ୍ଜନ ଚୌଧୁରୀ,ଶେଖ୍ ଆନସ, ସେଖ କାଲା ,ଆଶିଷ କୁମାର ଲେଙ୍କା । କଂଗ୍ରେସ ଭବନ ପରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତି ରଂଜନ ପ୍ରଧାନଙ୍କ ଗରାପୁର ସ୍ଥିତ ଆବାସିକ କାର୍ଯ୍ୟାଳୟ ନିକଟରେ ପୁଷ୍ପ ଗୁଚ୍ଛ ପ୍ରଦାନ ପରେ କେନ୍ଦ୍ରାପଡ଼ା ବିଜେଡିର ନେତୃବୃନ୍ଦ ବିଧାୟକ ଗଣେଶ୍ୱର ବେହେରାଙ୍କ ବାସ ଭବନ ନିକଟରେ ପାର୍ଥିବ ଶରୀରକୁ ସମ୍ମାନ ଜଣାଇଥିଲେ । ଆଜି କେନ୍ଦ୍ରାପଡ଼ାରୁ ଆଳି ,ରାଜକନିକା ପର୍ଯ୍ୟନ୍ତ ଶୁଭେଚ୍ଛୁ ମାନେ ଦେବ ଭାଇ ଅମର ରହେ ସ୍ଲୋଗାନରେ କମ୍ପୁଥିଲା ଜିଲ୍ଲା ।

# ୩୭୩ ଜଣ ଜନଜାତିଙ୍କୁ ଜଙ୍ଗଲ ଜମିପଟ୍ଟା

ଦାନଗଦି(ସବ୍ୟୁ): ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକେ ଜମି ପଟ୍ଟା ନଥିବା କାରଣରୁ ଆବାସ ଯୋଜନା ରେ ସାମିଲ ହୋଇ ପାରୁନଥିଲେ । ପୁରୁଷ ପୁରୁଷ ଧରି ରହୁଥିବା ଭିଟାମାଟି ଉପରେ ଆଦିବାସୀ ଲୋକେ ନିଜର ଅଧିକାର ସାବ୍ୟସ୍ତ କରି ପାରୁନଥିଲେ । ଜମି ଅଧିକାର ଆଇନ ସେମାନଙ୍କର ଏହି ସମସ୍ୟା ଦୂର କରିଛି । ଆଗକୁ ନିଜ ପଟ୍ଟା ଜମିରେ ସବୁ ଆଦିବାସୀ ଭାଇ ଭଉଣୀମାନେ ସରକାର ଦେଉଥିବା ଆବାସ ତୋଳିବାକୁ ସକ୍ଷମ ହେବେ ବୋଲି ସୁକିନ୍ଦା ବିଧାୟକ ତଥା ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଶନିବାର ଦାନଗଦି ଭବନ ଠାରେ କହିଛନ୍ତି । ଦାନଗଦି ତହସିଲ କାର୍ଯ୍ୟାଳୟ ପକ୍ଷରୁ ବ୍ଲକର ୩୭୩ଜଣ ଆଦିବାସୀ ଙ୍କୁ ଶନିବାର ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯାଇଛି । ମନ୍ତ୍ରୀ ପଟ୍ଟା ବଣ୍ଟନ କରି ଆଗକୁ ଆଜବେଷ୍ଟସ କିମ୍ବା ଟାଇଲ୍ ଛପର ଘରେ ରହୁ ଥିବା ଲୋକେ ମଧ୍ୟ ଆବାସ ଯୋଜନାର ଲାଭ ପାଇବେ ବୋଲି ସୂଚନା ଦେଇଛନ୍ତି । ସମସ୍ତଙ୍କ ପାଇଁ ଛାତ ଘର ରାଜ୍ୟ ସରକାରଙ୍କ ସଂକଳ୍ପ ବୋଲି ସେ କହିଥିଲେ । ଶନିବାର ବ୍ଲକ ର ମଙ୍ଗଳପୁରରେ ୪୨ ଜଣ, ରଣାଗୁଣ୍ଡି ର ୩୬ ଜଣ, କୁଲାପିଟା ର ୬୧ ଜଣ, ବାଲିଆପାଳ ର ୬ ଜଣ, ବାଘୁଆପାଳ ର ସର୍ବାଧିକ ୧୧୮ ଜଣ, ଚିଡ୍ରି ର ୫୭ ଜଣ, ଅଙ୍କୁରାପାଳ ର ୧ ଜଣ, ଧୂଳିଗଡ଼ ର ୧୬ ଜଣ, ଶାଳୀଜଙ୍ଗା ର ୧୨ ଜଣ ଏବଂ ନଛିପୁରା ର ୨୪ ଜଣ ଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇଛି । ଅବଶିଷ୍ଟ ଲୋକମାନଙ୍କୁ ମଧ୍ୟ ଖୁବ୍‌ଶୀଘ୍ର ପଟ୍ଟା ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଏହି ଅବସରରେ ଘୋଷଣା କରିଛନ୍ତି । କାର୍ଯ୍ୟକ୍ରମରେ ଦାନଗଦି ତହସିଲଦାର ରଞ୍ଜିତ ମଲିକ, ଦାନଗଦି ବିଡିଓ ପ୍ରଦୀପ ସେଠୀ, ମଙ୍ଗଳପୁର ସରପଞ୍ଚ ବାବୁଲି ନାଟିଆ ଏବଂ ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଶାନ୍ତ ରାୟ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ବର୍ଷାରେ ବେହାଲ ଦାମୋଦରପୁର ରାସ୍ତା

ପାଣିକୋଇଲ,(ସବ୍ୟୁ) :୧୬ ନମ୍ବର ଜାତୀୟ ରାଜପଥର ଦାମୋଦରପୁର ଠାରୁ ୨୦ ନମ୍ବର ଜାତୀୟ ରାଜପଥର ନୁଆପଦା ଛକ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତାର ଦୋହରୀ କରଣ କାର୍ଯ୍ୟ ଚାଲୁଅଛି। ଦିନେ ସ୍ଥାନୀୟ ଜନସାଧାରଣ ରାସ୍ତାର ଉନ୍ନତିକରଣ କାର୍ଯ୍ୟକୁ ନେଇ ଖୁସୀ ପ୍ରକଟ କରୁଥିବା ବେଳେ କାଳବୈଶାଖି ବର୍ଷା ସେମାନଙ୍କୁ ଗୃହବନ୍ଦୀ କରି ରଖିଛି। ଉକ୍ତ ରାସ୍ତା କାର୍ଯ୍ୟ ନିମନ୍ତେ ଠିକା ନେଇଥିବା ଠିକାଦାର ଅଧାରୁ କାର୍ଯ୍ୟ ଛାଡ଼ି ଛୁ ମାରିବା ଫଳରେ ଏବେ ୫୦ରୁ ଉର୍ଦ୍ଧ୍ୱ ପରିବାର ନାହିଁ ନଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି। ୧୬ ନମ୍ବର ଜାତୀୟ ରାଜପଥ ଠାରୁ ଦାମୋଦରପୁର ତାରିଣୀ ଛକ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ନକହିଲେ ଭଲ। ଦୁଇ ଚକିଆ ଯାନ ତ ଦୁରରେ ଥାଉ ପାଦରେ ଚାଲିକରି ଯିବା କଷ୍ଟକର। ବର୍ଷାରେ କେଲୁଅ ମାଟି ବତୁରି ଯାଇ କାଦୁଅ ହେବା ଫଳରେ ବାଇକ ଚକ ସ୍ଲିପ ମାରିଯାଇ ୧୩ ଜଣ ଖଣ୍ଡିଆ ଖାବରା ହୋଇଯିବା ସହିତ ଦୁଇ ବାଇକ ଭାଙ୍ଗି ଯାଇଛି ।

# ଗୋରୁ ଚୋରୀ: ୪ ଅଟକ

ଧର୍ମଶାଳା,(ସବ୍ୟୁ) :ଧର୍ମଶାଳା ଥାନା ଦେଓଦା ପଂଚାୟତ ଶେରପୁର ଗ୍ରାମରେ ଗୁହାଳରୁ ଗୋରୁ ଚୋରି କରୁଥିବା ୪ ଜଣ ଦୁର୍ବୃତଙ୍କୁ ପୁଲିସ ଧରି ଆଣି ଥାନାରେ ଅଟକ ରଖି ପଚରା ଉଚରା କରୁଛି । ଗତ ୨୦ ତାରିଖରେ ସ୍ଥାନୀୟ ଅଂଚଳର ଜଣେ ବ୍ୟକ୍ତିଙ୍କ ଗୁହାଳରୁ ରାତିରେ ଗାଇ ଚୋରି ହେବା ନେଇ ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ଅଭିଯୋଗ ପାଇ ପୁଲିସ ହାଲୁକା ଭାବେ ଘଟଣାକୁ ନେଇ ତଦନ୍ତ ନକରି ବସିରହିଛି । ଗତକାଲି ରାତି ପ୍ରାୟ ସାଢେ ବାରଟା ସମୟରେ ଶେରପୁର ଗ୍ରାମର କରୁଣା ରାଉତଙ୍କ ଗୁହାଳରେ କେତେକ ଯୁବକ ପଶି ଗୋରୁ ଫିଟାଉଥିବା ବେଳେ ଲୋକେ ଦେଖି ହୋହଲା କରିବା ସହ ୩ ଜଣଙ୍କୁ କାବୁ କରିନେଇଥିଲେ । ପରେ ଏନେଇ ଧର୍ମଶାଳା ପୁଲିସକୁ ଖବର ଦେବା ପରେ ପୁଲିସ ସେଠାରେ ପହଁଚି ଅଟକଥିବା ବ୍ରହ୍ମବରଦା ଅଂଚଳର ୩ଜଣ ଯୁବକଙ୍କୁ ଧରି ଆଣି ଥାନାରେ ଅଟକ ରଖିବା ସହିତ ସେମାନଙ୍କୁ ପଚରା ଉଚରା କରୁଛି । ଏହି ଘଟଣାରେ ପୁଲିସ ବ୍ରହ୍ମବରଦା ଅଂଚଳର ଅନ୍ୟ ଜଣେ ଯୁବକଙ୍କୁ ଥାନାକୁ ଆଣି ପଚରା ଉଚରା କରୁଥିବା ଜଣାଯାଇଛି ।

# ଭିତରକନିକାକୁ ନେଇ ଦୁଇଟି ପୁସ୍ତକ ଉନ୍ମୋଚିତ

ରାଜନଗର ,(ସବ୍ୟୁ) :ରାଜନଗର ବ୍ଲକର ପ୍ରକୃତିବନ୍ଧୁ ତଥା କଥାକାର ପ୍ରଦୀପ ନାୟକଙ୍କ ରଚିତ ମନୋରମ ଭିତରକନିକା ଓ ମୁକ୍ତ ବିହଙ୍ଗ ଭିତରକନିକା ନାମକ ଦୁଇଟି ପୁସ୍ତକ ଗୁରୁବାର ପେଣ୍ଠ ବେଳାଭୂଇଁରେ ଉନ୍ମୋଚିତ ହୋଇଯାଇଛି । ଏହି ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ରାଜନଗର ଲୁଣାଜଙ୍ଗଲ ବନ୍ୟପ୍ରାଣୀ ବନଖଣ୍ଡ ର ଏସିଏଫ୍ ପୁନମ ହୀରା ହାଁସଦା,ଗଗନ ବିହାରୀ ମଲ୍ଲିକ, ବନାଞ୍ଚଳ ଅଧିକାରୀ ଚିତ୍ତରଞ୍ଜନ ଡେରା,ଗବେଷକ ପ୍ରସନ୍ନ କୁମାର ନାୟକ,ଶ୍ରୀଜଗନ୍ନାଥମହାବିଦ୍ୟାଳୟର ଅଧ୍ୟାପିକା ରାଜଶ୍ରୀ ସାମନ୍ତ, ଅଧ୍ୟାପିକା ଅନସୂୟା ବେହେରା, ଅଧ୍ୟାପିକା ଶୁଭଦର୍ଶିନୀ ପ୍ରଧାନ ଆଦି ଯୋଗଦେଇ ପୁସ୍ତକ ଦୁଇଟିକୁ ଉନ୍ମୋଚନ କରିଥିଲେ । ଅତିଥିମାନେ ଭିତରକନିକାର ଅମୂଲ୍ୟ ବନସମ୍ପଦ ଓ ଜୈବିକତାକୁ ନେଇ ରଚିତ ପୁସ୍ତକ ଦୁଇଟିର ଭୂୟସୀ ପ୍ରଶଂସା କରିଥିଲେ ଓ ଏହା ପିଲାମାନଙ୍କ ପାଇଁ ଖୁବ୍ ଉପାଦେୟ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସତ୍ୟବ୍ରତ ପଣ୍ଡା,ମନୋଜ କୁମାର ଖଣ୍ଡୁଆଳ,ସିତା ବିଶ୍ୱାଳ,ଫରେଷ୍ଟର ବିଭୁତି ତରାଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ରାଜନଗର ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଛାତ୍ରଛାତ୍ରୀ , ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ ସଦସ୍ୟା ଓ ବନ ବିଭାଗର କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ପ୍ରସିଦ୍ଧ ଚଣ୍ଡିଖୋଲ,ବାଲିସାହି ଓ କାଳିଆଘୋଡା ମେଳଣ ଉତ୍ସବ ଉଦ୍‌ଯାପିତ

ଚଣ୍ଡିଖୋଲ/ଚଡେଇଧରା,(ସବ୍ୟୁ) :ଯାଜପୁର ଜିଲ୍ଲାର ବଡଚଣା ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଚଣ୍ଡିଖୋଲ ବଜାର, ଧର୍ମଶାଳା ବ୍ଲକ ସାହାଣିଡିହ ପଞ୍ଚାୟତର କାଳିଆଘୋଡା ଓ ବାଘୁଆ ବ୍ରାହ୍ମଣୀ ଦେବୀ ବାଲିସାହି ଠାରେ ରାଧାକୃଷ୍ଣଙ୍କ ପ୍ରଶିଦ୍ଧ ଦୋଳ ମେଳଣ ଉତ୍ସବ ଉଦଯାପିତ ହୋଇଯାଇଛି । ଏହି ତିନୋଟି ମେଳଣ ଉତ୍ସବରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା । ଚଣ୍ଡିଖୋଲ ବଜାରରେ ଦୀର୍ଘ ୬୬ବର୍ଷ ହେବ ଏହି ମେଳଣ ଅନୁଷ୍ଠିତ ହୋଇ ଆସିଥିଲା ବେଳେ ଚଳିତ ବର୍ଷ ୬୭ତମ ମେଳଣ ଉତ୍ସବ ବେସ ଧୁମଧାମରେ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ରାଧାକୃଷ୍ଣ ମେଳଣ କମିଟି ଓ ବଜାର କମିଟିର ମିଳିବ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ଚଳିତ ବର୍ଷର ଏହି ମେଳଣ ଉତ୍ସବରେ ୨୫ଟି ଦୋଳ ବିମାନ ସାମିଲ ହୋଇଥିଲେ । ଏହି ବିମାନ ଗୁଡିକ ମଧ୍ୟରୁ ଚୋରମୁହାଁ,କୋହ୍ଲା ଓ ଭୁଷଣ୍ଡପୁର ବିମାନକୁ ତିନିଭାଇ ଓ ବାଲିଗରି ଏବଂ ବାଟିଜଙ୍ଗା ବିମାନକୁ ଦୁଇଭାଇ ବିମାନ ଭାବେ ଅଭିହିତ କରାଯାଇ ମିଳନ କରାହେବାର ନିଆରା ଦୃଶ୍ୟ ଆଧାତ୍ମିକ ପରିବେଶକୁ ଋଦ୍ଧିମନ୍ତ କରିଥିଲା । ସେହିପରି ସଂନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ ମଞ୍ଚରେ ଚଣ୍ଡିଖୋଲ ବଜାରର ୨୦ଜଣ ଦିବ୍ୟାଙ୍ଗ ବ୍ୟବସାୟୀଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଥମେ ସୁଙ୍ଗୁଡା ଥାନପତି ବିମାନ ମିଳଣ ପଡିଆରେ ଆସ୍ଥାନ ପାଇବାପରେ ତାଙ୍କୁ ଭୋଗଲାଗି କରାଯାଇଥିଲା ଓ ତା ପରେ ଅନ୍ୟ ବିମାନ ଗୁଡିକ ମେଳଣ ପଡିଆ ରେ ପହଞ୍ଚି ଥିଲେ ଏବଂ ସେମାନଙ୍କୁ ସମବେତ ଭୋଗଲାଗି କରାଯାଇଥିଲା । ଏହି ଅବସରରେ ଦୁଇଦିନ ଧରି ସମଗ୍ର ବଜାର ଅଞ୍ଚଳ ଉତ୍ସବମୁଖର ହୋଇଥିଲା । ସେହିପରି କାଳିଆଘୋଡା ପୀଠରେ ଆୟୋଜିତ ୪୭ ତମ ମେଳଣ ଉତ୍ସବ ରେ ୯ଟି ସୁସଜ୍ଜିତ ବିମାନ ଯୋଗଦେଇଥିଲେ । ବିମାନରେ ରାଧାକୃଷ୍ଣଙ୍କୁ ବିଜେ କରାଯାଇ ଥିଲା । ଏଠାରେ ପ୍ରଥମେ କଠଉଣୀ ଥାନପତି ବିମାନ ଆସ୍ଥାନକୁ ଯାଇ ଭୋଗଲାଗି ହେବାପରେ ଅନ୍ୟ ବିମାନ ଗୁଡିକ ଆସ୍ତାନକୁ ଯାଇ ଭୋଗଲାଗି ହୋଇଥିଲେ । ସେହିପରି ଯାଜପୁର ଜିଲ୍ଲାର ଅନ୍ୟତମ ପୁରାତନ ଓ ପ୍ରସିଦ୍ଧ ଦୋଳ ଉତ୍ସବ ବାଘୁଆ ବ୍ରାହ୍ମଣୀ ଦେବୀ ପୀଠ ବାଲିସାହି ଠାରେ ଶନିବାର ଦିନ ଉଦଯାପିତ ହୋଇଥିଲା । ଏଠାରେ ୮ଟି ସୁସଜ୍ଜିତ ବିମାନ ଯୋଗଦେଇଥିଲେ । ଇତ୍ୟବସରରେ ସଂନ୍ଧ୍ୟାରେ ମେଲୋଡି,ଆତସବାଜୀ ପ୍ରଦର୍ଶନ ସହିତ ଆଲୋକମାଳାରେ ସମଗ୍ର ଅଞ୍ଚଳକୁ ସଜ୍ଜିତ କରାଯାଇଥିଲା । କାଳିଆଘୋଡା ଓ ବାଲିସାହିରେ ଅନୁଷ୍ଠିତ ଉତ୍ସବରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଜେନାପୁର ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା

# ବଦଳିଲେ କର୍ମଚାରୀ, ସୁଧୁରୁନି ପ୍ରଶାସନିକ ବ୍ୟବସ୍ଥା

ମହାକାଳପଡ଼ା,(ସବ୍ୟୁ) : ରାଜ୍ୟରେ ବିଜେପି ସରକାର ଗାଦିସୀନହେବା ପରେ ଅଧିକାଂଶ କାର୍ଯ୍ୟାଳୟ ରେ ପୁରୁଣା କର୍ମଚାରୀ ଙ୍କୁ ଅନ୍ୟତ୍ର ବଦଳି କରାଯାଇଛି । ପ୍ରତିବଦଳରେ ଅନ୍ୟତ୍ର କର୍ମଚାରୀ ଏଠାରେ ଅବସ୍ଥାପନ କରାଯାଇଛି । ଶାସକ ଦଳର ଆଶା ଥିଲା ଯେ ପରିବର୍ତ୍ତିତ ସରକାରୀ କଳ ପୂର୍ବ ସରକାରଙ୍କ ମୋହ ଛାଡି ଅଞ୍ଚଳବାସୀଙ୍କୁ ସ୍ୱଚ୍ଛ ଓ ସୁସ୍ଥ ଶାସନ ଯୋଗାଇ ଦେବ । ମାତ୍ର ବଦଳି ପ୍ରକ୍ରିୟା ବିଶେଷ ଫଳପ୍ରଦ ହେଉନଥିବାର ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି । ଯେପରି ପୁରୁଣା ମୋହ ଭୁଲି ପାରୁନଥିବା କିଛି ଅଧିକାରୀ ଆଜି କାଲି ବିଭିନ୍ନ କାର୍ଯ୍ୟାଳୟ ବଦଳିରୁ ବାଦ ରହି ପୂର୍ବ ପ୍ରୀତି ଦେଖାଉଛନ୍ତି । ଆଉ ଯେଉଁ ବାବୁ ମାନେ ବଦଳିରେ ଆସିଲେ ତଥାପି ସେମାନେ କପଡା ଶୁଙ୍ଘି କପୁର ଚିହ୍ନିଲା ଭଳି କାର୍ଯ୍ୟ କରୁଛନ୍ତି । ଯାହା ଫଳରେ ବିରୋଧୀ ଦଳୀୟ ଲୋକେ ପ୍ରଶାସନିକ କଳକୁ ହାତବାରିସୀ କରି ଫାଇଦା ନେଉଥିବା ବେଳେ ଶାସକ ଦଳ ଲୋକେ ଆକ୍ରୋଶର ଶୀକାର ହେଉଛନ୍ତି । ଅଧିକାଂଶ ଭାବେ ପ୍ରଶାସନିକ ସ୍ତରରେ କିଛି ମାତ୍ରାରେ ଅଦଳବଦଳ ହୋଇଥିବା ବେଳେ ୱାର୍କ୍ସ ଡିପାର୍ଟମେଣ୍ଟ ରେ କାଁ ଭାଁ କର୍ମଚାରୀ ପରିବର୍ତ୍ତନ ହୋଇଛି । ଯାହା ନେଇ ନୂଆ ସରକାରଙ୍କ ବଦଳି ପର୍ଯ୍ୟାୟ ପରେ ବି କାର୍ଯ୍ୟାଳୟ ଗୁଡିକରେ ଯଥା ପୂର୍ବଂ ତଥା ପରଂ ପରିସ୍ଥିତି ବଜାୟ ରହିଛି ।

# ଶିକ୍ଷକ ରାଜୁ ସାରଙ୍କ ସ୍ମୃତିରେ ମେଧା ସମ୍ମାନ ପ୍ରଦାନ

ରାଜକନିକା,(ସବ୍ୟୁ) :ରାଜକନିକା ବ୍ଲକ ଓଡିଗିରିଆ ଗ୍ରାମର ଆଦର୍ଶ ଶିକ୍ଷକ ଦିବଂଗତ ରାଜ କିଶୋର ନାୟକଙ୍କ ସ୍ମୃତି ଉପଲକ୍ଷେ ତାଙ୍କ ନିଜ କୋରାନ୍ଦ ପଞ୍ଚାୟତରେ ଥିବା ଦୁଇଟି ଉଚ୍ଚ ବିଦ୍ୟାଳୟର ୨୦୨୪ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ପିଲାଙ୍କୁ ରାଜୁ ସାର ସ୍ମୃତି ମେଧା ସମ୍ମାନ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉଭୟ ବିଦ୍ୟାଳୟର ଛାତ୍ରୀ ଯଥା – ଜସ୍ମିନ ମଲ୍ଲିକ (ଗିରିୟା ଉଚ୍ଚ ବିଦ୍ୟାଳୟ ), ବିଜୟା ଲକ୍ଷ୍ମୀ ତରାଇ (ଅଯୋଧ୍ୟା ବିଦ୍ୟାପୀଠ )ରୁ ଏହି ପୁରସ୍କାର ପାଇବା ପାଇଁ ଯୋଗ୍ୟବିବେଚିତ ହୋଇଛନ୍ତ । ଉଭୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁକଦେବ ପ୍ରଧାନ ଓ ପ୍ରଭାତ ରଞ୍ଜନ ବାରିକ ଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ କର୍ମଚାରୀ ଉପସ୍ଥିତ ରହି ସମସ୍ତ ପିଲାମାନଙ୍କୁ ଉତ୍ସାହିତ କରିବା ସହ ଦୁଇ ଜଣ ଛାତ୍ରୀଙ୍କୁ ଶୁଭ କାମନା ଜଣାଇଥିଲେ । ସ୍ୱର୍ଗତ ନାୟକଙ୍କ ବଡ଼ ନାତି ତଥା ଶିକ୍ଷକ ନେତା ଦିଲ୍ଲୀପ କୁମାର ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜକନିକା ଓଷ୍ଟା ର ସମ୍ପାଦକ ଅରବିନ୍ଦ ନାୟକ, ପ୍ରାକ୍ତନ ସମ୍ପାଦକ ନବକିଶୋର ସୁତାର,ସତ୍ୟହରି ସ୍ମୃତି କମିଟି ର ସଭାପତି ଅମର କୁମାର ରାଉତ,ଏକା ନୁହଁନ୍ତି ଆପଣ, ଓଡିଶା ପରିବାରର ରାଜକନିକା ଶାଖା ର ସମ୍ପାଦୀକା ଶ୍ରୀମତୀ ନିରୁପମା ରାଉତ ଉପସ୍ଥିତ ଥିଲେ ।

# ୨୨ତମ ଜାତୀୟ ନାଟ୍ୟ ମହୋତ୍ସବ ଚତୁର୍ଥ ସନ୍ଧ୍ୟା



ପାରାଦୀପ ,( ଜି. ପ୍ର ): ବନ୍ଦର ନଗରୀ ପାରାଦ୍ୱୀପରେ କ୍ୟାନମାସ ଦ୍ୱାରା ଆୟୋଜିତ କ୍ୟାନଫେଷ୍ଟ – ୨୦୨୫ର ଚତୁର୍ଥ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଛି ଦୁଇଟି ମନମୁଗ୍ଧକର ନାଟକ । ଦକ୍ଷିଣ ଭାରତ ଓ ପଶ୍ଚିମ ଓଡ଼ିଶାର ଦୁଇଟି ନାଟକକୁ ସ୍ଥାନୀୟ ଜୟଦେବ ସଦନଠାରେ ଦର୍ଶକମାନେ ବେଶ ଉପଭୋଗ କରିଥିଲେ । କେରଳର କୋଚିରୁ ଆସିଥିବା ଲୋକଧର୍ମୀ ନାଟକ ସଂସ୍ଥାର ନିର୍ଦ୍ଦେଶକ ଡକ୍ଟର ଚନ୍ଦ୍ରଦାଶନଙ୍କ ନିର୍ଦ୍ଦେଶିତ ମାଲାୟାଲାମ ଭାଷାର ନାଟକ ଦି ବୋଟ ବୟ ସ୍ୱାଧୀନତା ସଂଗ୍ରାମୀ ସହିଦ ବାଜି ରାଉତଙ୍କ ଉପରେ ଆଧାରିତ । ବାଜି ରାଉତ ହେଉଛନ୍ତି ସବୁଠାରୁ କମ ବୟସ୍କ ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଏବଂ ସହିଦ । ରାତ୍ର ସମୟରେ ଇଂରେଜମାନେ ଯେତେବେଳେ ତାଙ୍କୁ ନୌକା ମାଧ୍ୟମରେ ବ୍ରାହ୍ମଣୀ ନଦୀ ପାରି କରିଦେବା ପାଇଁ ଆଦେଶ ଦେଇଥିଲେ, ସେତେବେଳେ ୧୨ ବର୍ଷର ବାଜି ରାଉତ ସାହସିକତାର ସହିତ ସେମାନଙ୍କୁ ମନା କରିଦେଇଥିଲେ । ଯାହାଦ୍ୱାରା ଖୁବ କମ ବୟସରୁ ତାଙ୍କୁ ନିଜର ମାତୃଭୂମି ପାଇଁ ଇଂରେଜ ମାନଙ୍କ ବନ୍ଧୁକ ଗୁଳିରେ ନିଜ ଜୀବନ ହରାଇବାକୁ ପଡିଥିଲା । ୧୨ ବର୍ଷର ଏହି କୁନି ସହିଦର ଜୀବନ କାହାଣୀକୁ ଅତି ସୁନ୍ଦର ଭାବେ ଲୋକଧର୍ମୀ ଅନୁଷ୍ଠାନର ଶିଶୁକଳାକାରମାନେ ନିଜର ବଳିଷ୍ଠ ଅଭିନୟ ଦ୍ୱାରା ଦର୍ଶକଙ୍କ ନିକଟରେ ପହଞ୍ଚାଇ ପାରିଥିଲେ ।

ଚତୁର୍ଥ ସଂଧ୍ୟାର ଦ୍ୱିତୀୟ ନାଟକ ଭାବେ ଦିଲ୍ଲୁ, ପଦମପୁର, ଓଡିଶାରୁ ଆସିଥିବା ସମ୍ବଲପୁରୀ ନାଟକ ✲ରଙ୍ଗଭୂମି✲ ମହୋତ୍ସବର ଅନ୍ୟ ଏକ ଆକର୍ଷଣ ଥିଲା । ନିର୍ଦ୍ଦେଶକ ଜଗନ୍ନାଥ ସେଠଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ନାଟକଟି ଅନ୍ଧ ସୂର ଦାସଙ୍କ ଜୀବନୀ ଉପରେ ପର୍ଯ୍ୟବେସିତ ହୋଇଥିଲା କାହାଣୀଟି ଶକ୍ତିଶାଳୀ ବ୍ୟକ୍ତିବିଶେଷଙ୍କ ସହିତ ସୂର ଦାସଙ୍କ ମୁକାବିଲାକୁ ପ୍ରକାଶ କରେ । ଏହି ନାଟକଟି ନୈତିକ, ସଚ୍ଚୋଟତା, ନ୍ୟାୟ ଏବଂ ମାନବ ଇଚ୍ଛାର ଜଟିଳତାକୁ ଅନୁସନ୍ଧାନ କରେ । ଅନୁଷ୍ଠାନର ସମସ୍ତ କଳାକାରମାନଙ୍କ ଅଭିନୟ ପାରିଦର୍ଶିତାକୁ ଉପସ୍ଥିତ ସମସ୍ତ ଦର୍ଶକ ଭୂୟଶୀ ପ୍ରଶଂସା କରିଥିଲେ । କ୍ୟାନଫେଷ୍ଟର ଏହି ସଂଧ୍ୟାରେ ସମ୍ମାନିତ ଅତିଥି ଭାବେ ପାରାଦ୍ୱୀପ ବନ୍ଦର ପ୍ରାଧିକରଣର ଡେପୁଟି କଂଜରଭେଟର କ୍ୟାପଟେନ ଅଲେଖ ସାହୁଏବଂ ପାରାଦ୍ୱୀପ ବନ୍ଦର ଲେଡ଼ିଜ କ୍ଲବର ଉପସଭାପତି ଶ୍ରୀମତୀ ବର୍ଣ୍ଣାଳି ଚେଟିଆ ଯୋଗ ଦେଇ କ୍ୟାନମାସର ଉନ୍ନତି କାମନା କରିବା ସହିତ କଳାକାରମାନଙ୍କ ଅଭିନୟକୁ ପ୍ରସଂଶା କରିଥିଲେ । ଆସନ୍ତାକାଲି ପଞ୍ଚମ ସନ୍ଧ୍ୟାରେ ମଧ୍ୟପ୍ରଦେଶରୁ ଆସିଥିବା କଳାକାରମାନେ ନିର୍ଦ୍ଦେଶକ ମନୋଜ ସୋନିଙ୍କ ହିନ୍ଦୀ ନାଟକ ସନ – ୨୦୨୫ ଓ କୋରାପୁଟରୁ ଆସିଥିବା କଳାକାରମାନେ ନିର୍ଦ୍ଦେଶକ ଯୋଗେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶିତ ଦେଶିଆ/ଓଡ଼ିଆ ନାଟକ ✲ରେମୋ✲ ମଞ୍ଚସ୍ଥ କରିବେ ।

# ପଛପଟୁ ଧକ୍କା ଦେଇ ହାଇୱା ଡ୍ରାଇଭର ଚମ୍ପଟ

ସାଲେପୁର,(ସବ୍ୟୁ) :ଦୁଇଟି ଗାଡି ମଧ୍ୟରେ ଧକ୍କା ହେବା ଫଳରେ ମୁଖ୍ୟ ରାସ୍ତାରେ ଟ୍ରାଫିକ ସମସ୍ୟା ଉପୁଜି କିଛି ସମୟ ପାଇଁ ଲୋକମାନେ ଯିବା ଆସିବା କରିବାକୁ ସମସ୍ୟା ଭୋଗି ଥିଲେ । ଏଭଳି ଦୃଶ୍ୟ ଆଜି ସନ୍ଧ୍ୟା ସମୟରେ ଦେଖିବାକୁ ମିଳିଥିଲା କେନ୍ଦ୍ରାପଡା– କଟକ ମୁଖ୍ୟ ରାସ୍ତାର ସାଲେପୁର ବଜାରର ମଧ୍ୟବର୍ତ୍ତୀ ସ୍ଥଳରେ । ଏକ କାର କେନ୍ଦ୍ରାପଡା ଆଡୁ କଟକ ଯାଉଥିବା ବେଳେ ଏହାର ପଛପଟୁ ଆସୁଥିବା ଏକ ଗୋଡି ବୋଝେଇ ହାଇୱା ଧକ୍କା ଦେଇଥିଲା ଏବଂ ରାସ୍ତା ମଝିରେ ଗାଡି ଥୋଇ ଫେରାର ହୋଇଯାଇଥିଲା । ଯାହା ଫଳରେ ମୁଖ୍ୟରାସ୍ତା ଭିଡ଼ ହୋଇଯାଇଥିଲା । ଦୀର୍ଘ ଏକ ଘଣ୍ଟା ପ୍ରଯ୍ୟନ୍ତ ବଜାରରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା । ଲୋକମାନେ ନାକେଦାମ ହୋଇଥିଲେ । ଶେଷରେ ସାଲେପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅନ୍ୟଏକ ଡ୍ରାଇଭର ସାହାଯ୍ୟରେ ହାଇୱା ଗାଡିକୁ ଥାନାକୁ ନେଇ ଟ୍ରାଫିକ କ୍ଲିୟର କରିଥିଲେ । ସାଲେପୁର ପୋଲିସ ଘଟଣା ଘଟାଇଥିବା ଗାଡି ମାଲିକ ଏବଂ ଡ୍ରାଇଭରର ଅନୁସନ୍ଧାନ ଚଳାଇଛି । ଅନ୍ୟପଟେ କାରର ପଛପଟ କ୍ଷତି ହୋଇଥିବା ବେଳେ ଭିତରେ ଥିବା ଯାତ୍ରୀଙ୍କ କୌଣସି କ୍ଷତି ହୋଇନଥିବା ସୂଚନା ମିଳିଛି ।

# ଜିଲ୍ଲା ପରିବେଶ ସମିତିର ବିଶ୍ୱ ଜଳ ଦିବସ

ଯାଜପୁର,(ସବ୍ୟୁ) :ପଂଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ, ଆରେଇକଣା ସମ୍ମିଳନୀ କକ୍ଷରେ ଜିଲ୍ଲା ପରିବେଶ ସମିତି ଆନୁକୂଲ୍ୟରେ ବ୍ଲକ ସ୍ତରୀୟ ବିଶ୍ୱ ଜଳ ଦିବସ ପାଳନ ଓ ଏକ ଆଲୋଚଜନାଚକ୍ର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଯାଜପୁର ଜିଲ୍ଲାର ଉଦ୍ୟାନ ବିଭାଗର ଅଧିନିରୀକ୍ଷକ ହରମୋହନ ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଉତ୍ସବକୁ ଉଦଘାଟନ କରି,ପରିବେଶ ସଫା ସୁତୁରା ରଖିବା, ଅଧିକ ବୃକ୍ଷ ରୋପଣ କରି ଜଙ୍ଗଲ ସୃଷ୍ଟି କରିବା, ଜଳ ସଂରକ୍ଷଣ ଓ ପ୍ରଦୂଷଣ ମୁକ୍ତ ରଖିବା ଦ୍ୱାରା ଆଗାମୀ ପିଢ଼ି ପାଇଁ ପରିବେଶ ସୁରକ୍ଷିତ ରହିପାରିବ ବୋଲି ବକ୍ତବ୍ୟ ରଖିଥିଲେ । ସମ୍ମାନୀୟ ଅତିଥି ବିଷ୍ଣୁ ଚରଣ ସାହୁ, ସଞ୍ଜୟ କୁମାର ରାଉତ, ବିଦ୍ୟାଳୟର ଏସ. ଏମ. ସି ସଭାପତି ଦେଷ୍ମନ୍ତ କୁମାର ରାୟ ବକ୍ତବ୍ୟ ରଖିଥିଲେ । ବିଜ୍ଞାନ ଶିକ୍ଷକ ଗଣେଶ୍ୱର ବେହେରା ସ୍ୱାଗତ ଭାଷଣ ଓ ପରିଚୟ ପ୍ରଦାନ କରିଥିଲେ ବକ୍ତବ୍ୟ ରଖିଥିଲେ । ସମ୍ପାଦକ ଡଃ ଶରତ କୁମାର ସାହୁ ବିଶ୍ୱ ଜଳ ଦିବସ ପାଳନର ଉଦେଶ୍ୟ,ଆବଶ୍ୟକତା, ଉପାଦେୟତା ସମ୍ବନ୍ଧରେ ଓ ଆଲୋଚନା ଚକ୍ରର ବିଷୟ ବସ୍ତୁ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ ବକ୍ତବ୍ୟ ରଖିଥିଲେ । ଜଳ ସମ୍ପଦର ସଂରକ୍ଷଣ ଓ ଏହାକୁ ପ୍ରଦୂଷଣ ମୁକ୍ତ ରଖିବା ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ପାଇଁ ବ୍ଲକର ବିଭିନ୍ନ ଇକୋ କ୍ଲ ସ୍କୁଲ ରୁ ଆସିଥିବା ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ତର୍କ, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ବକ୍ତବ୍ୟ ରଖିଥିଲେ । ଉକ୍ତ ଉଚ୍ଚ ବିଦ୍ୟାଳର ଛାତ୍ରୀ ମାନେ ଉଦ୍ଘାଟନୀ ସଂଗୀତ ପରିବେଷଣ କରିଥିଲେ ବକ୍ତବ୍ୟ ରଖିଥିଲେ । ଦେବ ରଞ୍ଜନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ବକ୍ତବ୍ୟ ରଖିଥିଲେ ।

# ରାଷ୍ଟ୍ରପତିଙ୍କ କଣ୍ଟିଲୋ ଗସ୍ତ ପୂର୍ବରୁ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା



ନୟାଗଡ଼, (ସବ୍ୟୁ): ଶ୍ରୀଜଗନ୍ନାଥ ସଂସ୍କୃତିର ଆଦିପୀଠ ନୟାଗଡ଼ ଜିଲ୍ଲା କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ଦର୍ଶନରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆସିବାକୁ ନେଇ ପୋଲିସ୍ ଓ ପ୍ରଶାସନିକ ସ୍ତରରେ ତତ୍ପରତା ଦେଖା ଦେଇଛି। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆସନ୍ତା ୨୪ ତାରିଖ ସୋମବାର ଅପରାହ୍ନରେ କଣ୍ଟିଲୋରେ ପହଁଚିବାକୁ ଆପାତଃ ସ୍ଥିର ହୋଇଥିବା ବେଳେ ସେଥିନେଇ ଉଚ୍ଚ ପୋଲିସ୍ ଅଧିକାରୀ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ରାଷ୍ଟ୍ରମୁଖ୍ୟଙ୍କ ଗସ୍ତ ସମୟରେ ୩୦ ପ୍ଲାଟୁନ ଫୋର୍ସ ମୃତୟନ ବ୍ୟତୀତ ୭୦ରୁ ଅଧିକ ସଂଖ୍ୟାରେ ପୋଲିସ୍ ଅଫିସର ସୁରକ୍ଷା ବ୍ୟବସ୍ଥାରେ ନିୟୋଜିତ ରହିବା ସୂଚନା ମିଳିଛି। ରାଜ୍ୟ ପୋଲିସ୍ ବିଭାଗ ବରିଷ୍ଠ ପଦାଧିକାରୀ ଅତିରିକ୍ତ ଡ଼ିଜି ରାଜେଶ କୁମାର ଶନିବାର ଅପରାହ୍ନରେ ନୟାଗଡ଼ ଠାରେ ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରିଛନ୍ତି। ପୋଲିସ୍ ଆଇଜି ପ୍ରବୀଣ କୁମାର ଏବଂ ଏସ୍ ପି ଏସ୍ ସୂଶ୍ରୀଙ୍କୁ ନେଇ ପୋଲିସ୍ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରପତି କଣ୍ଟିଲୋରେ ପହଞ୍ଚିବାର କିଛି ସମୟ ପୂର୍ବରୁ ବଜାର ବନ୍ଦ ରଖାଯିବା, କଣ୍ଟିଲୋ ଓ ଆଖପାଖ ଅଞ୍ଚଳକୁ ନୋ ଫ୍ଲାଇଙ୍ଗ ଜୋନ ଘୋଷଣା କରାଯିବା, ଶବର ରାଜା ବିଶ୍ୱାବସୁ ପୀଠ କାଳିଆପଲ୍ଲି ଠାରେ ରାଷ୍ଟ୍ରପତିଙ୍କ ସାଧାରଣ ସଭାସ୍ଥଳିର ସୁରକ୍ଷା ସହିତ ମନ୍ଦିରରେ ସାଧାରଣ ଦର୍ଶନ ଉପରେ କଟକଣା ଆଦି ବିଷୟରେ ଏଥିରେ ଆଲୋଚନା କରାଯାଇଛି। ସୁରକ୍ଷା ବ୍ୟବସ୍ଥାକୁ ସକ୍ଷମ ରଖିବାରେ ୩୦ ପ୍ଲାଟୁନ ଫୋର୍ସ ମୃତୟନ କରାଯିବା ସହିତ ୭୦ରୁ ଅଧିକ, ଅତିରିକ୍ତ ଏସ୍,ପି, ଡ଼ିଏସ୍ପି, ଇନିସ୍ପେକ୍ଟର ଏବଂ ସବ୍ଇନିସ୍ପେକ୍ଟର ନିୟୋଜିତ ରହିବେ। ମହାମହୀମ କଣ୍ଟିଲୋରେ ପହଞ୍ଚି ସମସ୍ତ କାର୍ଯ୍ୟକ୍ର ସାରି ଫେରିବା ପର୍ଯ୍ୟନ୍ତ ଜିଲ୍ଲା ଏସ୍ ପି ଓ ଆଇଜିଙ୍କୁ ନେଇ ଅତିରିକ୍ତ ଡିଜି ରାଜେଶ କୁମାର ମୁଖ୍ୟତ ବାହ୍ୟ ସୁରକ୍ଷା ବ୍ୟବସ୍ଥା ପରିଚାଳନା ଦାୟୀତ୍ୱରେ ରହିଛନ୍ତି। ଅପରାହ୍ନ ୧ଟା ପରେ ମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ ରହିବ। ସମୀକ୍ଷା ବୈଠକରେ ପୋଲିସ୍ ଉଚ୍ଚପଦାଧିକାରୀ ରାଜେଶ କୁମାର ଏନେଇ ସମସ୍ତ ପୋଲିସ୍ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଷ୍ଟ୍ରପତିଙ୍କ ଗସ୍ତର ଦିନକ ପୂର୍ବରୁ ଅର୍ଥାତ ଆସନ୍ତା ରବିବାର ୨୩ ତାରିଖ ଦିନ କଣ୍ଟିଲୋକେ ସୁରକ୍ଷାକୁ ବ୍ୟବସ୍ଥାର ମକ୍ ଡ୍ରିଲ ହେବ। ଉକ୍ତ ବୈଠକରେ ଜିଲ୍ଲାର ୫୦ରୁ ଅଧିକ ପୋଲିସ୍ ଅଫିସର ଉପସ୍ଥିତି ରହିଥିବା ବେଳେ ରାଷ୍ଟ୍ରପତିଙ୍କ ସୁରକ୍ଷା ବ୍ୟବସ୍ଥା ନିମନ୍ତେ କଟକଣା ଓ ନିର୍ଦ୍ଦେଶାବଳୀ ସଂପର୍କରେ ଅବଗତ ପାଇଁ ପୋଲିସ୍ ସ୍ୱତନ୍ତ୍ର ମାର୍ଗଦର୍ଶୀକା ପ୍ରସ୍ତୁତ କରିଥିବା ଏଠାରେ ସୂଚନା ମିଳିଛି।

## ଟ୍ରକ ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ

ବାଲୁଗାଁ ,(ସବ୍ୟୁ) :ଶୁକ୍ରବାର ରାତ୍ରିରେ ୧୬ ନଂ ଜାତୀୟ ରାଜପଥର ବାଲୁଗାଁ ବାଇପାସ ରାସ୍ତା ପ୍ରାଣଦେଇପୁର ଛକ ଠାରେ ଏକ ଟ୍ରକ ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଟାଙ୍ଗୀ ଥାନା କୟଥପଲ୍ଲୀ ଗ୍ରାମର ଅର୍ଜୁନ ମହାରଣା (୪୨) ।ଅର୍ଜୁନ କୌଣସି କାର୍ଯ୍ୟରେ ବାଣପୁର ଆସି ନିଜ ବାଇକ ଯୋଗେ ଗ୍ରାମକୁ ଫେରୁଥଲେ । ଶୁକ୍ରବାର ରାତ୍ରି ପ୍ରାୟ ୮ ଘଟିକା ସମୟରେ ବାଲୁଗାଁ ବାଇପାସ ରାସ୍ତାର ପ୍ରାଣଦେଇପୁର ଛକ ଠାରେ ଟି ଏନ ୧୨କ୍ୟୁ ୦୭୦୮ ନମ୍ବର ବିଶିଷ୍ଟ ଆଇଚର ଟ୍ରକ ଦ୍ରୁତ ଗତିରେ ବାଇକକୁ ପଛ ପାର୍ଶ୍ୱରୁ ଧକ୍କା ଦେବା ଫଳରେ ଅର୍ଜୁନ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ । ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ପ୍ରଥମେ ଟାଙ୍ଗୀ ହସ୍ପିଟାଲ ଏବଂ ପରବର୍ତ୍ତୀ ସମୟରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା । ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତ୍ରିରେ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଦୁର୍ଘଟଣା ପରେ ଟ୍ରକ ଡ୍ରାଇଭର ଫେରାର ହୋଇଯାଇଛି । ବାଲୁଗାଁ ପୋଲିସ ଉକ୍ତ ଟ୍ରକକୁ ଜବତ କରିଥିବା ବେଳେ ଏ ସଂକ୍ରାନ୍ତରେ କେଶ ନଂ ୮୪/୨୫ ରେ ଏକ ମାମଲା ରୁଜୁ କରିଛି ।

# ଶିଶୁ ବାଟିକାରେ ନାମ ଲେଖାଇବାକୁ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ



ସାକ୍ଷୀଗୋପାଳ ,(ସବ୍ୟୁ) : କୁନି କୁନି ପିଲାମାନଙ୍କୁ ବିଦ୍ୟାଳୟ ରେ ଉତ୍ତମ ଶିକ୍ଷଣୀୟ ପରିବେଶ ଯୋଗାଇଦେବା ସହ ନିୟମିତ ବିଦ୍ୟାଳୟ ଆସିବାକୁ ଆକର୍ଷିତ କରିବା ନିମନ୍ତେ ରାଜ୍ୟ ସରକାର ଚଳିତବର୍ଷ ନୂତନ ଶିକ୍ଷାନୀତି ଆରମ୍ଭ କରିଛନ୍ତି। ଶିଶୁ ବାଟିକା ନାମରେ ଏକ ଶିଶୁ ଶ୍ରେଣୀରେ ନାମ ଲେଖାଇବାକୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ନିମନ୍ତ୍ରଣ କାର୍ଯ୍ୟକ୍ରମ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ରେ ଏହି ଶିକ୍ଷା – ଯାତ୍ରା ନିମନ୍ତେ ପ୍ରକ୍ରିୟା ଆୟୋଜନ କରାଯାଇଥିଲା। ଜୟପୁର ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ଦୀପକ ଶତପଥି , ବିଦ୍ୟାଳୟ ଆଲୁମିନି କମିଟି ସଭାପତି କିଶୋର ମହାପାତ୍ର , ପରିଚାଳନା କମିଟି ସଭାପତି ଚକ୍ରଧର ମହାରଣା , ଉପସଭାପତି ବର୍ଷାରାଣୀ ମେକାପ , ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ବୈଜୟନ୍ତି ମିଶ୍ର , ଶିକ୍ଷୟତ୍ରୀ ତପସ୍ୱିନୀ ତ୍ରିପାଠୀ , ସୌଦାମିନୀ ନାୟକ, ଶିକ୍ଷକ ବସନ୍ତ ସ୍ୱାଇଁ ଓ ଅଙ୍ଗନବାଡି କର୍ମୀ ମଞ୍ଜୁଳା କର ପ୍ରମୁଖ ମିଳିତ ଭାବେ ଶିଶୁ ବାଟିକାରେ ବିଜୟ ମହାପାତ୍ରଙ୍କ ପରିବାରରେ ପହଞ୍ଚି ନାମ ଲେଖାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ବିଦ୍ୟାଳୟ ରେ ତାଙ୍କ ପୁଅ ଓମ୍ ର ନାମ ଲେଖାଇବାକୁ ଅନୁରୋଧ କରିଥିଲେ। ଏହି ଶିକ୍ଷା ବ୍ୟବସ୍ଥା ଅନୁଯାୟୀ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ଆରମ୍ଭ କରାଯାଉଛି । ଏଥିରେ ୫ ବର୍ଷରୁ ଅଧିକ ବୟସର ପିଲାମାନଙ୍କୁ ଉତ୍ତମ, ସଂଗଠିତ ଏବଂ ଅନୁଭୂତିମୂଳକ ଶିକ୍ଷଣ ପରିବେଶ ପ୍ରଦାନ କରାଯିବା।ତେଣୁ ସମସ୍ତ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ ଆସନ୍ତା ଅପ୍ରେଲ ୨ ତାରିଖରେ ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ ଉତ୍ସବ ଜରିଆରେ ବିଦ୍ୟାଳୟରେ ପିଲାଙ୍କ ନାମଲେଖାକୁ ସ୍ମରଣୀୟ କରିବା ପାଇଁ ମଧ୍ୟ ଅନେକ ଆକର୍ଷଣୀୟ ଏବଂ ଶିକ୍ଷଣୀୟ କାର୍ଯ୍ୟକ୍ରମର ଆୟୋଜନ କରାଯିବ ବ୍ଲକ ଶିକ୍ଷା ଅଧିକାରୀ ଭବମ ପ୍ରଧାନ ସୂଚନା ପ୍ରଦାନ କରିଥିଲେ। ।

# ନିରତାରରେ ଡାଉନ ସିଣ୍ଡ୍ରୋମ ଦିବସ

କଣ୍ଟାପଡ଼ା, (ସବ୍ୟୁ) :ଭାରତ ସରକାରଙ୍କଦ୍ୱାରା ପରିଚାଳିତ ଓଲଟପୁରଠାରେ ଥିବା ଏସଭି ନିରତାରରେ ବିଶ୍ୱଡାଉନ ସିଣ୍ଡ୍ରୋମ ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯକ୍ରମକୁ ପ୍ରତିଷ୍ଠାନର ନିର୍ଦ୍ଦେଶକଡାକ୍ତର ପତିତପାବନ ମହାନ୍ତି ଓ ବୈଷୟିକ ଉପନିର୍ଦ୍ଦେଶକ ଡାକ୍ତର କିଶୋରଚନ୍ଦ୍ର ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ ପୂର୍ବକଆନୁଷ୍ଠାନିକଭାବେ ଉଦଘାଟନ କରିଥିଲେ। ମିଳିତ ପ୍ରୟାସରେ ଡାଉନ ସିଣ୍ଡ୍ରୋମଦ୍ୱାରା ଆକ୍ରାନ୍ତ ଦିବାଙ୍ଗଶିଶୁମାନେ କିପରି ଶାରୀରିକ, ମାନସିକ ତଥା ବୌଦ୍ଧିକରୂପେ ବିକଶିତ ହୋଇପାରିବେ ଏବଂ ସେମାନଙ୍କ ମଧ୍ୟରେଅନ୍ତର୍ନିହିତ ସୁଗୁଣାବଳୀର କିପରି ପରିପ୍ରକାଶ ହୋଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ। ଉକ୍ତକାର୍ଯକ୍ରମରେ ୭ଟି ସାମାଜିକ ସଂଗଠନର ପ୍ରାୟ ୧୨୦ ଜଣ ଡାଉନ ସିଣ୍ଡ୍ରୋମ ଆକ୍ରାନ୍ତ ଶିଶୁ ଓ ସେମାନଙ୍କ ପରିବାରବର୍ଗ ଯୋଗଦେଇଥିଲେ। ଏହି ଅବସରରେ ଆକ୍ରାନ୍ତ ଶିଶୁ ଓ ପରିବାର ସଦସଙ୍କ ମଧରେ ବିଭିନ୍ନ କ୍ରୀଡ଼ାପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀତ୍ୱ ହାସଲ କରିଥିବାପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ପିଚ ଓ ହିୟରିଙ୍ଗ ବିଭାଗ ମୁଖ ଡାକ୍ତର ଜୟଶଙ୍କର ପଣ୍ଡା କାର୍ଯକ୍ରମପରିଚାଳନା କରିଥିଲାବେଳେ ଅଧାପିକା ଶୁଭଶ୍ରୀ ମିଶ୍ର, ଇତିଶ୍ରୀ ସାହୁ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।ପରିଶେଷରେ ବିଭାଗୀୟ ମୁଖ ଡା. ପଣ୍ଡା ସମସ୍ତଙ୍କୁ ଧନବାଦ ଅର୍ପଣ କରିଥିଲେ।

# ଦାଦାବଟି ମାଗି ବନ୍ଧା ହେଲେ ୩

ବାରଙ୍ଗ ,(ସବ୍ୟୁ) : ଦାଦାବଟି ମାଗିବା ତିନି ଜଣ ଯୁବକକୁ ମାହାଙ୍ଗା ପଡ଼ିଛି। ଏହି ଅଭିଯୋଗରେ ନନ୍ଦନକାନନଥାନା ପୋଲିସ ୩ଜଣଙ୍କୁ ଗିରଫ କରି ଶନିବାର ଦିନ କୋର୍ଟଚାଲାଣ କରିଛି।ସେମାନେ ହେଲେ ରଘୁନାଥପୁର ଗ୍ରାମର ବଳରାମ ରାଉତ ଓରଫ ବଳିଆ ,ନୟାଗଡ ଗଣିଆର ସୁଜନା ବେହେରା,ସାଲିଆସାହି ଶକ୍ତି ବିହାରର ଦିଲାଜନ ମହାନ୍ତି ନାମକ ମହିଳା। ପ୍ରକାଶ ଯେ,ଗୁରୁବାର ସଂଧ୍ୟାରେ ରଘୁନାଥପୁର ଗ୍ରାମର ଦୀପକ କୁମାର ରାଉତ ନାମକ ଯୁବକ ନନ୍ଦନକାନନ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ସେ ରଘୁନାଥପୁର ଗାଁପାଖରେ ଜଣେ ଡାକ୍ତରଙ୍କ ମାଲିକାନାରେ ଥିବା ଏକ ନିର୍ମାଣାଧୀନ କୋଠାରେ କାମ କରୁଥିଲେ। ସେହି ସମୟରେ ବଳରାମ, ସୁଜନ,ଦିଲାଜନ ନାମକ ଜଣେ ମହିଳା ଓଡି ୦୨ ସିଏକ୍ସ ୦୯୨୯ ନମ୍ବରର ଏକ କଳା ଥର ଗାଡ଼ିରେ ଆସି ତାଙ୍କଠାରୁ ୫୦ ହଜାରେ ଟଙ୍କା ଦାଦାବଟି ମାଗିଥିଲେ।ଟଙ୍କା ଦେବାକୁ ମନାକରିବାରୁ ଭୁଜାଲିରେ ଆକ୍ରମଣ କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।ପୋଲିସ୯୭/୨୩କେସ ନମ୍ବରରେ ମକଦ୍ଦମା ରୁଜୁକରି ପୋଲିସ ବଳରାମ ରାଉତ ଓରଫ ବଳିଆ , ସୁଜନା ବେହେରା, ଦିଲାଜନ ମହାନ୍ତି ନାମକ ମହିଳାଙ୍କୁ ଗିରଫ କରି କୋର୍ଟଚାଲଣ କରିଛିଛବଳରାମ ନିକଟରୁ ଗୋଟିଏ ଭୁଜାଲି ,ସୁଜନଙ୍କଠାରୁ ଓଡି ୦୨ସି ଏକ୍ସ ୦୯୨୯ ନମ୍ବରର ଗୋଟିଏ କଳାରଙ୍ଗର ଥର ଗାଡ଼ି ଜବତ କରିଛି ପୋଲିସ।

# ୨ ଦୁର୍ଘଟଣା : ଜଣେ ମୃତ, ୩ ଆହତ

ସାକ୍ଷୀଗୋପାଳ ,(ସବ୍ୟୁ) : ପୁରୀ ଭୁବନେଶ୍ୱର ଜାତୀୟ ରାଜପଥର ପିପିଲି ଥାନା ଅନ୍ତର୍ଗତ ନିର୍ମଳା ଛକ ନିକଟରେ ପୂର୍ବାହ୍ନ ୧୧ଟା ରେ ଓ ସତ୍ୟବାଦୀ ଥାନା ଅନ୍ତର୍ଗତ କାଦୁଆ ଛକ ନିକଟରେ ପୂର୍ବାହ୍ନ ସାଢେ ୧୧ଟା ରେ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨ ଜଣ ଆହତ ହୋଇଛନ୍ତି ।ସତ୍ୟବାଦୀ ଥାନା ଅନ୍ତର୍ଗତ ଜୟ ପୁର ଗ୍ରାମର ଭାସି ମୁଦୁଲି (୫୫) ହରିରାଜପୁର ପୁର ମେଳଣରେ ଠାକୁର ଦର୍ଶନ ସାରି ଏକ ବାଇକ ଯୋଗେ ଜୟ ପୁର ଫେରୁଥିଲେ । ନିର୍ମଳା ଛକ ନିକଟରେ ସେ ଆସୁଥିବା ବାଇକକୁ ଏକ ଟ୍ରାକ୍ଟର ଧକ୍କା ଦେଇଥିଲା । ଶ୍ରୀମତୀ ମୁଦୁଲି ବାଇକରୁ ଖସି ପଡ଼ିଥିଲେ। ଟ୍ରାକ୍ଟରଟି ତାଙ୍କ ଉପରେ ଚଢି ଯାଇଥିଲା। ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରା ଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱରକୁ ସ୍ଥାନାନ୍ତର କରା ଯାଇଥିଲା । କ୍ୟାପିଟାଲ ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଥିଲା ।ଶବ ବ୍ୟବଚ୍ଛେଦ ପରେ ପୁରୀସ୍ୱର୍ଗଦ୍ୱାର ଠାରେ ତାଙ୍କର ଶବ ସତ୍କାର କରା ଯାଇଅଛି ।ସେହିପରି ପୂର୍ବାହ୍ନ ସାଢେ ୧୧ ଟା ସମୟରେ କାଦୁଆ ଛକ ନିକଟରେ ଏକ ସ୍କୁଟି ଭାରସାମ୍ୟ ହରାଇ ରାଜପଥ ପାର୍ଶ୍ୱରେ ପବନା ବେହେରାଙ୍କ ଦୋକାନରେ ପିଟି ହୋଇ ଯାଇଥିଲା ।ସ୍କୁଟି ଆରୋହୀ ମଳିପଡ଼ା, ଭୁବନେଶ୍ୱରର ଶୁଭଙ୍କର ବିଶ୍ୱାଳ( ୧୯) ସୌରଭ ଶୁଭମ ମହାପାତ୍ର (୨୦) ଓ ଦୋକାନୀ ପବନା ବେହେରା (୪୦)ଗୁରୁତର ଆହତ ହୋଇଥିଲେ । ଚିକିତ୍ସା ନିମନ୍ତେ ଉଭୟ ଆହତଙ୍କୁ ସ୍ଥାନୀୟ ଜନସାଧାରଣ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ।ଅବସ୍ଥା ଗୁରୁତର ଥିବାରୁ ଉଭୟ ଆହତଙ୍କୁ ଅଧିକ ଚିକିତ୍ସା ନିମନ୍ତେ କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱର ସ୍ଥାନାନ୍ତର କରା ଯାଇଥିଲା । ସେହିପରି ଆହତ ଦୋକାନୀ ପବନା ବେହେରାଙ୍କୁ ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଦୋକାନୀ ଶ୍ରୀଯୁକ୍ତ ବେହେରାଙ୍କ ଦୋକାନ ଗୃହ କ୍ଷତିଗ୍ରସ୍ତ ହୋଇଅଛି ।

## ରାସ୍ତା ପାର୍ଶ୍ୱକୁ ଓଲଟିଲା ବସ:୨୦ରୁ ଉର୍ଦ୍ଧ ଯାତ୍ରୀ ଆହତ

ବାଲୁଗାଁ ,(ସବ୍ୟୁ) : ଶନିବାର ଅପରାହ୍ନରେ ୧୬ ନଂ ଜାତୀୟ ରାଜପଥର ବାଲୁଗାଁ ବାଇପାସ ରାସ୍ତା ବ୍ରାହ୍ମଣ କୁଶଡ଼ିହ ଛକ ଠାରେ ଏକ ଯାତ୍ରୀବାହୀ ବସ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ ବିଲକୁ ଖସିପଡ଼ିଛି । ଫଳରେ ବସରେ ଥିବା ପ୍ରାୟ ୨୦ ରୁ ଉର୍ଦ୍ଧ ଯାତ୍ରୀ ଆହତ ହୋଇଛନ୍ତି ।ଓଡି ୧୫ଇ ୬୪୫୬ ନମ୍ବର ସୀଲକ ସିଟି ନାମକ ବସ କଟକରୁ ଯାତ୍ରୀଙ୍କୁ ଧରି ବ୍ରହ୍ମପୁର ଅଭିମୁଖେ ଆସୁଥିଲା । ଅପରାହ୍ନ ପ୍ରାୟ ୪ ଟାରେ ବାଲୁଗାଁ ବାଇପାସ ରାସ୍ତାର ବ୍ରାହ୍ମଣ କୁଶଡ଼ିହ ଛକ ଠାରେ କୌଣସି କାରଣରୁ ବସଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ ବିଲ ମଧ୍ୟକୁ ଓଲଟି ପଡିଥିଲା । ଖବର ପାଇ ବାଲୁଗାଁ ଥାନାର କାର୍ଯ୍ୟରତ ହାଇୱେ ପାଟ୍ରୋଲିଂ ଗାଡି ଏବଂ ଦମକଳ ବାହିନୀ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବସ ମଧ୍ୟରୁ ୨୦ରୁ ଉର୍ଦ୍ଧ ଯାତ୍ରୀଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ଅନ୍ୟ ଏକ ବସ ଯୋଗେ ସମସ୍ତଙ୍କୁ ବ୍ରହ୍ମପୁର ପଠାଇଦିଆଯାଇଛି । ଉକ୍ତ ବସରେ ପ୍ରାୟ ୨୫ ଜଣ ଯାତ୍ରୀ ବସିଥିଲେ । ଦୁର୍ଘଟଣା ପରେ ବସ ଡ୍ରାଇଭର ଫେରାର ହୋଇଯାଇଥିବା ଜଣାଯାଇଛି । ପୋଲିସ ଉକ୍ତ ବସକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି ।

# ସାହିତ୍ୟରେ ପରମ୍ପରା ଓ ଆଧୁନିକତାର ସମ୍ମିଶ୍ରଣ ଏକ ସୁସ୍ଥ ସମାଜର ନିଦର୍ଶନ : ରାଜ୍ୟପାଳ




ବାରଙ୍ଗ,(ସବ୍ୟୁ) : ଭାଷା ଉପରେ ନିର୍ଭର କରେ ସୃଜନଶୀଳତା ଓ ତଦ୍ ସମ୍ପର୍କିତ ଗବେଷଣା । ଯେଉଁ ଜାତିର ଭାଷା ଯେତେ ସମୃଦ୍ଧ, ସେ ଜାତି ଓ ଦେଶ ସେତିକି ସମୃଦ୍ଧ । ତେଣୁ ଭାଷାକୁ ଉନ୍ନତ ଓ ପରିମାର୍ଜିତ କରିବା ସଙ୍ଗେ ସଙ୍ଗେ ପରମ୍ପରାର ସଂରକ୍ଷଣ କରିବା ଏବଂ ଏହାକୁ ପ୍ରୋତ୍ସାହନ ଦେବା ମଧ୍ୟ ଆମର ଧ୍ୟେୟ ହେବା ଉଚିତ । ଭାଷା–ସାହିତ୍ୟରେ ପରମ୍ପରା ଓ ଆଧୁନିକତାର ସମ୍ମିଶ୍ରଣ ଏକ ସୁସ୍ଥ ସମାଜର ନିଦର୍ଶନ । ଶନିବାର ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ କଳା, ଯୋଗାଯୋଗ ଓ ଭାରତୀୟ ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ସାହିତ୍ୟ ପର୍ବ 'ତତ୍ତ୍ୱ'ରେ ଯୋଗଦେଇ କିଛି ଏପରି କହିଥିଲେ ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପତି । ତତ୍ତ୍ୱ : ଦ ଏସେନ୍ସ ଅଫ୍ ଆର୍ଟ ଆଣ୍ଡ କଲଚର ଶୀର୍ଷକରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଥିଲା କଳା ଓ ସଂସ୍କୃତିର ଏକ ଉତ୍କୃଷ୍ଟ ଯୁଗଳବନ୍ଦୀ। କାର୍ଯ୍ୟକ୍ରମରେ କଳା, ଯୋଗାଯୋଗ ଓ ଭାରତୀୟ ଶିକ୍ଷା ବିଭାଗର ଡିନ୍ ତଥା ବିଭାଗୀୟ ମୁଖ୍ୟ ଗୁରୁ ରତିକାନ୍ତ ମହାପାତ୍ର ଆନୁଷ୍ଠାନିକ ଭାବରେ ରାଜ୍ୟପାଳ ତଥା ଅନ୍ୟମାନଙ୍କୁ ସ୍ୱାଗତ କରିଥିଲେ। ସାହିତ୍ୟ ଓ ସଂସ୍କୃତିର ଏହି ଉତ୍ସବକୁ ଯଥାର୍ଥରେ ଏକ 'ପର୍ବ' ଭାବରେ ପାଳନ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ବିଶ୍ୱବିଦ୍ୟାଳୟର ସଭାପତି ପ୍ରାଧାପିକା ରଜିତା କୁଲକର୍ଣ୍ଣୀ ନିଜ ଅଭିଭାଷଣରେ କହିଥିଲେ, ବିସ୍ତାରିତ ଜୀବନ ହେଉଛି ସେବା ଏବଂ ଅଧିକ ବିସ୍ତାରିତ ଜୀବନ ହେଉଛି ଧ୍ୟାନ । ତେଣୁ ତତ୍ତ୍ୱ ହେଉଛି ସମସ୍ତ କଳାତ୍ମକ ସୃଜନଶୀଳତାର ସମାହାର ସ୍ୱୟଂ ଜୀବନ ଛ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କଳା ଓ ସୃଜନଶୀଳତାକୁ ସର୍ବଦା ଗୁରୁତ୍ୱ ଦେଇ ଆସିଥିବା ବେଳେ 'ଆର୍ଟ ଅଫ୍ ଲିଭିଂ' ବିଭିନ୍ନ ନୃତ୍ୟକଳାରେ ୧୨ଟି ବିଶ୍ୱ ରେକର୍ଡର ଅଧିକାରୀ ହୋଇଥିବା ସେ କହିଥିଲେ ।ପୂର୍ବାହ୍ନରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଏକାଧିକ ଅଧିବେଶନରେ ବିଭକ୍ତ ହୋଇ ରାତି ପ୍ରାୟ ନଅଟା ପର୍ଯ୍ୟନ୍ତ ଚାଲିଥିଲା । ପ୍ରଥମ ଅଧିବେଶନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅନେକ ଅଜଣା ରହସ୍ୟ ଓ ଉପମାଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥିଲେ ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟଶିଳ୍ପୀ ରାହୁଲ ଆଚାର୍ଯ୍ୟ । ଦ୍ୱିତୀୟ ଅଧିବେଶନରେ ଗୀତା ଅଧ୍ୟୟନ କିଭଳି ମାନସିକ ଶାନ୍ତି ପ୍ରଦାନ କରେ, ତାହା ବ୍ୟାଖ୍ୟା କରିଥିଲେ ଟିସିଏସ୍, ଭୁବନେଶ୍ୱରର ଅବିନାଶ ସାମଲ । ତୃତୀୟ ଅଧିବେଶନରେ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଡ. ଇଲିଆନା ସିତାରିଷ୍ଟ ସମର ନୃତ୍ୟକଳା ସମ୍ପର୍କରେ ସୂଚନା ଦେଇଥିଲେ । ସ୍ୱନାମଧନ୍ୟ ସଂଗୀତଜ୍ଞ ରୂପକ ପରିଡ଼ା ଚତୁର୍ଥ ଅଧିବେଶନରେ ସଂଗୀତ ପରିବେଷଣ କରିଥିବା ବେଳେ ପଞ୍ଚମ ଅଧିବେଶନରେ ସାହିତ୍ୟିକ ଚିନ୍ତନ ଓ କାହାଣୀ କହିବା କଳା ସମ୍ପର୍କରେ ବିଶିଷ୍ଟ ହିନ୍ଦୀ ସାହିତ୍ୟିକ ଆଲୋକ ଶ୍ରୀବାସ୍ତବ ପ୍ରାଞ୍ଜଳ ଭାବରେ ବୁଝାଇ କହିଥିଲେ। ସନ୍ଧ୍ୟାରେ ହିନ୍ଦୀ ମ୍ୟୁଜିକାଲ୍ ପ୍ଲେ ରାମଲାଲାକି ମାତା ମଞ୍ଚସ୍ଥ ହୋଇ ଦର୍ଶକୀୟ ଆଦୃତି ଲାଭ କରିଥିଲା । ଭାଷା ସାହିତ୍ୟକୁ ଉଜ୍ଜୀବିତ କରିବା ଲକ୍ଷ୍ୟରେ ଆୟୋଜିତ ଏହି ଉତ୍ସବରେ ରାଜ୍ୟପାଳଙ୍କ ସମେତ ଅନ୍ୟମାନଙ୍କ ମଧ୍ୟରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଗାଡ଼ି ଜବତ, ପୋଲିସ ହାତରୁ ଖସିଗଲେ ଗୋରୁ ମାଫିଆ

ଆଠଗଡ଼ ,(ସବ୍ୟୁ) : ଦୀର୍ଘ ଦିନ ଧରି ଆଠଗଡ଼ ସହର ଦେଇ ରାତି ଅଧରେ ହେଉଥିଲା ବେଆଇନ ଗୋରୁ ଚାଲାଣ। ପୋଲିସ କିଛି ଟେର ପାଉନିଛ ସାଧାରଣ ଲୋକ ପୋଲିସ କୁ ଖବର ଦେଲେ।ଖବର ପାଇ ମଧ୍ୟ ବିଳମ୍ବରେ ପହଞ୍ଚିଲେଛ କିନ୍ତୁ ପୋଲିସ ହାତରୁ ଖସିଗଲେ ଗୋରୁ ମାଫିଆ।ଏଭଳି ଏକ ସ୍ୱର୍ଶକାତର ଘଟଣା ଘଟିଛି ଆଠଗଡ଼ ଥାନା ଅନ୍ତର୍ଗତ ରାଜନଗର ଗ୍ରାମରେ। ଶୁକ୍ରବାର ବିଳମ୍ବିତ ରାତିରେ ଗୋରୁ ମାଫିଆ ମାନେ ଆଠଗଡ଼ ମୁଣ୍ଡଳୀ ରାସ୍ତା ରେ ବେଆଇନ ଗୋରୁ ଚାଲାଣ କରୁଥିବା ଖବର ପାଇ ରାଜନଗର ଗ୍ରାମବାସୀମାନେ ସେମାନଙ୍କୁ ଅଟକାଇଥିଲେ।ଏକ ଟାଟା ସୁମୋ ଗାଡ଼ି ନଂ ଓଆର –୨୧– ବି–୯୩୬୪ ରେ ଦୁଇ ଜଣ ଗୋରୁ ମାଫିଆ ଅତି ଦୟନୀୟ ଭାବରେ ଗୋରୁ ନେଇ ଯାଉଥିବା ବେଳେ ଗ୍ରାମବାସୀମାନେ ଗୋରୁମାନଙ୍କୁ ମୁକ୍ତ କରି ଦୁଇ ଜଣ ମାଫିଆଙ୍କୁ ଅଟକ ରଖି ଆଠଗଡ଼ ପୋଲିସକୁ ଖବର ଦେଇଥିଲେ। ଆଠଗଡ଼ ପୋଲିସ ବିଳମ୍ବ ରେ ଘଟଣାସ୍ଥଳରେ ପହଞ୍ଚି ଥିଲେ ବୋଲି ଅଭିଯୋଗ ହୋଇଛି। ଆଠଗଡ଼ ଥାନା ଅଧିକାରୀ ସୁମତି ମହାନ୍ତିଙ୍କ ସହିତ ଜଣେ କନଷ୍ଟେବଳ ହୋମଗାର୍ଡ ଙ୍କ ସହିତ ପହଞ୍ଚିଥିଲେ। କିନ୍ତୁ ଆଠଗଡ଼ ପୋଲିସ ର ଅସାବଧାନତା ଯୋଗୁ ମାଫିଆ ମାନେ ଖସି ଯାଇଥିବା ଜଣାପଡିଛି। ପୋଲିସ କେବଳ ଉକ୍ତ ଟାଟା ସୁମୋ ଗାଡ଼ି କୁ ଜବତ କରି ଥିବା ବେଳେ ଏପର୍ଯ୍ୟନ୍ତ ମାଫିଆ ଙ୍କ ଟେର ପାଇ ପାରି ନ ଥିବା ଜଣାପଡିଛି। ତେବେ ଗତ ବର୍ଷ ଡିସେମ୍ବର ମାସରେ କଟକ ଗ୍ରାମାଞ୍ଚଳ ଏସପି ପ୍ରତୀକ ସିଂ ନିଜେ ଆସି ସଦଳବଳେ ତିଗିରିଆ ଥାନା ଅନ୍ତର୍ଗତ ବାରମାଣ ସଂରକ୍ଷିତ ଜଙ୍ଗଲରେ ଚଢାଉ କରି ୭୦୦ ଗୋରୁ ଙ୍କୁ ଉଦ୍ଧାର କରି ଥିଲେ। ତାପରେ ତିଗିରିଆ ଥାନା ରୁ ସମସ୍ତ କର୍ମଚାରୀଙ୍କୁ ବଦଳି ପରେ ନୂଆ ଥାନା ଅଧିକାରୀ ଆସି ପୁନର୍ବାର ଉକ୍ତ ଜଙ୍ଗଲ ରେ ଚଢାଉ କରି ପାହାଡ ଭଳି ଗଦା ଯାଇଥିବା ଗୋରୁ ହାଡ ଏବଂ ଚମଡା ଜବତ କରିବା ପରେ ଆଠଗଡ଼ ଅଞ୍ଚଳ ରୁ ଗୋରୁ ଚାଲାଣ ବନ୍ଦ ହେବ ବୋଲି ସାଧାରଣରେ ଆଶା କରା ଯାଉଥିଲା। କିନ୍ତୁ ମାଫିଆ ମାନେ ଅଭିନବ ଢ଼ଙ୍ଗରେ ଛୋଟ ଚାରି ଚକିଆ ସୌଖିନ ଗାଡ଼ିରେ ଗୋରୁ ଚାଲାଣ କରୁଥିବା ଅଭିଯୋଗ ହୋଇ ଆସୁଥିଲା। ପ୍ରତ୍ୟେକ ଦିନ ଏଭଳି ଢଙ୍ଗରେ ଗୋରୁ ଚାଲାଣ ହେଉଥିବା ଅଭିଯୋଗ ହେଉଛି। ଏଭଳି ଘଟଣା କୁ କଟକ ଗ୍ରାମାଞ୍ଚଳ ଏସପି ଗୁରୁବର ସହିତ ନେଇ ଯେଉଁମାନେ ଏଥିରେ ଦୋଷୀ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯିବ ବୋଲି କହିଛନ୍ତି।

# ପୁରାଣ ପରମ୍ପରାରେ ମାର୍କଣ୍ଡେୟ ଲୋକାର୍ପିତ



ଭୁବନେଶ୍ୱର ,(ସବ୍ୟୁ) : ଡକ୍ଟର ରଜନୀରଞ୍ଜନ ଦାଶଙ୍କ ଗବେଷଣା ମୂଳକ ପୁସ୍ତକ ପୁରାଣ ପରମ୍ପରାରେ ମାର୍କଣ୍ଡେୟ ଲୋକାର୍ପିତ ହୋଇଛି। ପୁରୁଣା ଭୁବନେଶ୍ୱରସ୍ଥିତ କେଦାରନାଥ ଗବେଷଣା ପ୍ରତିଷ୍ଠାନ ପରିସରରେ ଆୟୋଜିତ ଏହି ଲୋକାର୍ପଣ ଉତ୍ସବରେ ଜଗନ୍ନାଥ ସଂସ୍କୃତି ଗବେଷକ ଡକ୍ଟର ମଥୁରେନ୍ଦ୍ର ପୃଷ୍ଟି , ବୈଦିକ ବିଶ୍ୱବିଦ୍ୟାଳୟ , ତାମିଲନାଡୁର କୁଳପତି ଡକ୍ଟର ହରିହର କାନୁନଗୋ ,ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ , ବିଶିଷ୍ଟ କଥାକାର ଡକ୍ଟର ଅଜୟ ସ୍ୱାଇଁ ଅତିଥି ଭାବେ ଯୋଗ ଦେଇଥିଲେ । ପକ୍ଷୀଘର ପ୍ରକାଶନୀ ପକ୍ଷରୁ ପ୍ରକାଶିତ ଏହି ପୁସ୍ତକର ବିଭିନ୍ନ ଦିଗ ଉପରେ ଅତିଥିମାନେ ଆଲୋକପାତ କରିଥିଲେ । ସିନେ ସଂଳାପ ଲେଖକ ଓ ଗୀତିକାର ଭାବେ ରାଜ୍ୟରେ ପ୍ରସିଦ୍ଧି ଅର୍ଜନ କରିଥିବା ଡକ୍ଟର ରଜନୀ ରଞ୍ଜନଙ୍କ ବହୁମୁଖୀ ପ୍ରତିଭାର ଏହା ଏକ ଅନନ୍ୟ ଦିଗ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହା ତାଙ୍କର ପିଏଚଡି ଥେସିସ ଥିଲା ବୋଲି ଡକ୍ଟର ରଜନୀରଞ୍ଜନ ବର୍ଣ୍ଣନା କରି ଏହାକୁ ପୁସ୍ତକ ଆକାରରେ ପ୍ରକାଶ କରିଥିବାରୁ ପ୍ରକାଶକଙ୍କୁ କୃତଜ୍ଞତା ଜଣାଇଥିଲେ । ପ୍ରକାଶକ ବନୋଜ ତ୍ରିପାଠୀଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ଲୋକାର୍ପଣ ଉତ୍ସବରେ ବବିତା ତ୍ରିପାଠୀ ଦାଶ ସ୍ୱାଗତ ଭାଷଣ ଏବଂ ତନୟା ଦାସ ଗୋସ୍ୱାମୀ ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବରେ ଡ. ମହେନ୍ଦ୍ର ମଲ୍ଲିକ, ଡ. ପ୍ରଦୀପ ବାରିକ, ଡ. ଦେବାଶିଷ ମହାପାତ୍ର, ଡ. ରମେଶ ଚନ୍ଦ୍ର ପାଣି ପ୍ରମୁଖ ବହୁ ପ୍ରବୀଣ ସାହିତ୍ୟିକ ସାହିତ୍ୟିକା ଯୋଗ ଦେଇଥିଲେ ।

# ଅଙ୍ଗନବାଡ଼ି ଶିଶୁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ନିରାକାରପୁର,(ସବ୍ୟୁ) :ଭରତ ସରକାରଙ୍କ ଜାତୀୟ ଶିକ୍ଷା ନୀତି ୨୦୨୦ ଆମ ଓଡ଼ିଶା ରାଜ୍ୟରେ ଲାଗୁ ହେବାକୁ ଯାଉଥିବାବେଳେ ଗ୍ରାମାଞ୍ଚଳରେ ଅଙ୍ଗନ ବାଡ଼ି କେନ୍ଦ୍ର ଗୁଡିକ ଏବେ ମାର୍ଚ ମାସର ଅନ୍ତିମ ସପ୍ତାହରେ ଚଳ ଚଞ୍ଚଳ ହୋଇ ଉଠିଛି। ଛଅ ବର୍ଷ ନିକଟ ବର୍ତି ଶିଶୁମାନେ ଏବେ ସେମାନଙ୍କର ଜୀବନର ପ୍ରଥମ ଶିକ୍ଷା କେନ୍ଦ୍ର ଛାଡ଼ି ପ୍ରଥମ ଶ୍ରେଣୀକୁ ଯିବା ପୂର୍ବରୁ ନିଜ ନିଜର ଆଦ୍ୟ ଶିକ୍ଷା ଗୁରୁମା'ଙ୍କୁ ପ୍ରଣାମ ଜଣାଇଛନ୍ତି ଏକ ସ୍ୱତନ୍ତ୍ର ଉତ୍ସବ ପାଳନ କରି। ଖୋର୍ଦ୍ଧା ଜିଲ୍ଲା ନିରାକରପୁର ସେକ୍ଟର ଅନ୍ତର୍ଗତ କାଶୀପୁର, ଗୌରତି ସାହି ଏବଂ ବଡ଼ପାଟଣା ଅଙ୍ଗନବାଡ଼ି କେନ୍ଦ୍ରର କର୍ମୀ ଓ ସହାୟିକା , କିଛି ଉତ୍ସାହୀ ଯୁବଗୋଷ୍ଠୀମାନେ ମିଶି ଏକ ସ୍ୱତନ୍ତ୍ର ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରିଥିଲେ।କାଶୀପୁର ଗ୍ରାମ ନିକଟ ବାଘତୋଟାରେ ବିରାଜମାନ ପ୍ରଭୁ ନୀଳକଣ୍ଠେଶ୍ୱର ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ ହୋଇଥିଲାଛଏହି କାର୍ଯ୍ୟକ୍ରମରେ ସମସ୍ତ ପିତା–ମାତା, ଅଭିବାବକ, ଜେଜେ ଓ ଜେଜେମା, ଯାଞ୍ଚ କମିଟିର ମେମ୍ବରମାନେ ଅତି ଆଗ୍ରହ ସହକାରେ ଯୋଗ ଦେଇଥିଲେ। ସଭାରେ ମୁଖ୍ୟ ଅତିଥି ଭାବେ ଟାଙ୍ଗୀ ବ୍ଲକର ନିରାକରପୁର ସେକ୍ଟର ସୁପର ଭାଇଜର ଶ୍ରୀମତୀ ବିନତା ମଞ୍ଜରି ପଟ୍ଟନାୟକ ଯୋଗ ଦେଇ ଉପସ୍ଥିତ ପିତା ମାତାଙ୍କୁ ଓଡ଼ିଶା ସରକାରଙ୍କ ଆମ କୁନି ପିଲା ଅଭିଯାନ, ଶିଶୁ ବାଟିକା, ଖଡ଼ି ଛୁଆଁ ଓ ବିଦ୍ୟାଳୟ ପ୍ରବେଶ ଉସଚବ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ରୂପେ ଟାଙ୍ଗୀ ବ୍ଲକର ଉପ ସଭାପତି ଦୁର୍ଗା ନାଥ ଶର୍ମା ମହୋଦୟ ଅଙ୍ଗନ ବାଡ଼ିରେ ପଢା ଶେଷ କରୁଥିବା ଶିଶୁ ମାନଙ୍କ ପାଇଁ ଏଭଳି ବିଦାୟ କାଳୀନ ସଭା ସାରା ଓଡ଼ିଶାରେ ବୋଧହୁଏ କେଉଁଠାରେ ହେଉନଥିବ ବୋଲି ନିଜର ଭାବ ବିହ୍ଳ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନୀତ ଅତିଥି ଭାବେ ହିମାଂଶୁ ଭୁଷଣ ଚମ୍ପତିରାୟ , କାଶୀପୁର ପ୍ରାଥମିକ ବିଦ୍ୟାଳୟର ଏସ ଏମ୍ ସି ର ଅଧକ୍ଷ ମାଧବେଶ୍ବର ପାଇକରାୟ ଓ ଉପ ସଭାପତି ସୁବାସିନୀ ଲେଙ୍କା ପ୍ରମୁଖ ଉପସ୍ଥିତ ଅଙ୍ଗନବାଡ଼ି ନିମନ୍ତେ ଏହି କାର୍ଯ୍ୟକ୍ରମ ଆମ ରାଜ୍ୟରେ କେଉଁଠାରେ ଅନୁଷ୍ଠିତ ହେବା ଦେଖାଯାଉନାହିଁ ।ତେଣୁ ଏହା ସମସ୍ତଙ୍କ ପାଇଁ ପ୍ରେରଣା ହେଉ ବୋଲି ମତବ୍ୟକ୍ତ କରିଥିଲେ । ଏହି ତିନି ଅଙ୍ଗନ ବାଡ଼ି କେନ୍ଦ୍ରର ୫ ଟି ୱାଡ଼ର ସମସ୍ତ ୱାଡ଼ ମେମ୍ବର, ବଡ଼ପାଟଣା ଅଙ୍ଗନ ବାଡ଼ି କର୍ମୀ ଶ୍ରୀମତୀ ମନୋରମା ରାଉତରାୟ , ଗୌରତି ସାହି ଅଙ୍ଗନ ବାଡ଼ି କର୍ମୀ ସୁଜାତା ମହାପାତ୍ର ଏବଂ କାଶୀପୁର ଅଙ୍ଗନ ବାଡ଼ି କର୍ମୀ ସୌଦାମିନୀ ବେହେରା ପିଲାମାନଙ୍କ ଉତ୍ତୋରତର କାମନା କରି ପିତା ମାତାଙ୍କୁ ସବୁବେଳେ ଶିଶୁ ମାନଙ୍କର ଭବିଷ୍ୟତ ପ୍ରତି ସଚେତନ ରହିବା ପାଇଁ ନିବେଦନ କରିଥିଲେ।ବଡ଼ପାଟଣା ଅଙ୍ଗନ ବାଡ଼ି ସହାୟିକା ଲିଲୀ ଦଳେଇ, ଗୌରତି ସାହି ଅଙ୍ଗନ ବାଡ଼ି ସହାୟିକା ପୁଷ୍ପଲତା ପାଇକରାୟ ଏବଂ କାଶୀପୁର ଅଙ୍ଗନ ବାଡ଼ି ସହାୟିକା ଚାରୁଲତା ବେହେରା ଶିଶୁ ମାନଙ୍କୁ ବିଭିନ୍ନ ଖେଳ–କୁଦ, ନାଚ–ଗୀତ ଆଦିରେ ସହଯୋଗ କରିଥିଲେ। ଅଭିଭାବକ ରମାକାନ୍ତ ସୁନ୍ଦରୟ ଓ ଝରଣା ପରିଡ଼ା ଗୁରୁମା' ଏବଂ ସହାୟିକା ମାନଙ୍କୁ ହିନ୍ଦୁ ଧର୍ମ ଶିକ୍ଷାନୀତି ଅନୁଯାୟୀ ଛଞ୍ଚା ରୂପରେ ଗୁରୁ–ଦକ୍ଷିଣା ସ୍ୱରୂପ ଅରୁଆ ଚାଉଳ, ଆଳୁ, ବାଇଗଣ ଆଦି ପନିପରିବା ମଞ୍ଚ ଉପରେ ନେଇ ସମର୍ପଣ କରିଥିଲେ।ସଭାରେ ଡିଆ ଗ୍ରାମ ପଞ୍ଚାୟତ ସରପଞ୍ଚ ପ୍ରଶାନ୍ତ ବେହେରା ସଭାପତିତ୍ବ କରିଥିବାବେଳେ ପରିଶେଷରେ କୈଳାଶ ଦଳେଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।ହି ଅବସରରେ ସରପଂଚ ଶ୍ରୀ ବେହେରା ଆଗାମୀ ଏକ ମାସ ମଧ୍ୟରେ ତିନୋଟି ଯାକ ଅଙ୍ଗନ ବାଡ଼ି କେନ୍ଦ୍ରର ମରାମତି ନିମନ୍ତେ ଏକ ଲକ୍ଷ ଟଙ୍କା ପଞ୍ଚାୟତରୁ ଖର୍ଚ୍ଚ କରାଯିବ ବୋଲି ଘୋଷଣା କରିଥିଲେ।ଏହି କାର୍ଯ୍ୟକ୍ରମରେ ଉତ୍ସାହୀ ଯୁବକ ତପନ କୁମାର ଦଳେଇ, ସତ୍ୟନାରାୟଣ ଦାସ, ଭୀମ ବେହେରା, ପ୍ରମୋଦ କୁମାର ବଳିଆରସିଂ ଓ ଶରତ ଚନ୍ଦ୍ର ପରିଡ଼ାଙ୍କ ସମେତ ଅନ୍ୟ କିଛି ସହଯୋଗୀ ସମ୍ପୂର୍ଣ ସହଯୋଗ କରିଥିଲେ। ।

ସମୟ

ଗଳ୍ପ

# ଶେଷ ଦେଖା

## ଯଚିଦାନନ୍ଦ ଦାଶ

ସକାଳ ପ୍ରାୟ ନଅଟା ବାଜି ଯାଇଥିଲା । ମାତ୍ର ଘନ କୁହୁଡ଼ିଟା କାହିଁ ହଟୁନଥିଲା ଏଇ ଧରାପୃଷ୍ଠର । ସତେ ଯେମିତି ବିପଦର କାଳିମା ପୃଥିବୀକୁ ଗ୍ରାସ କରିଅଛି, ଯାହ ଆଗରେ ସୂର୍ଯ୍ୟ ଦେବତା ବି ହାରମାନି ଯାଇଛନ୍ତି । ରାମପୁର ଏକ ଆଦର୍ଶ ଗ୍ରାମ । ଯେଉଁଠି ଗ୍ରାମବାସୀମାନଙ୍କର ଏକତା ଅତି ଉଚ୍ଚକୋଟୀର । ରାମପୁର ଗ୍ରାମର ଶତ୍ରୁଘ୍ନ ମଉସାଙ୍କ ଘରେ ଖୁବ୍ ଗୋଟେ କାନ୍ଦକଟା ଚାଲିଥାଏ । ଗ୍ରାମର ଅଧିକାଂଶ ଲୋକ ସେଠାରେ ରୁଣ୍ଡ ହୋଇ ମଉସାଙ୍କୁ କିଛି ଆଶ୍ୱାସନା ଦେଉଥାନ୍ତି । ବୁଝୁବୁଝୁ ଖବରଟା ଖୁବ୍ ଶୀଘ୍ର ଜଣାପଡ଼ିଗଲା । ଶତ୍ରୁଘ୍ନ ମଉସାଙ୍କର ଏକମାତ୍ର ପୁତ୍ର ସହଦେବ ସୁଦୂର କାଶ୍ମୀର ସୀମାରେ ଆତଙ୍କବାଦୀଙ୍କ ସାଥିରେ ସାହାସର ସହିତ ଲଢ଼ି ଶହୀଦ ହୋଇଯାଇଛି । ଶତ୍ରୁଘ୍ନ ମଉସାଙ୍କ ପରିବାରର ସମସ୍ତ ସଦସ୍ୟ ଏବଂ ପଡୋଶୀଙ୍କ ଆଖିରେ ଲୁହ ଏବଂ ମନରେ କୋହ । ସମସ୍ତେ ସହଦେବର ମରଶରୀରକୁ ଅପେକ୍ଷା କରିଥାନ୍ତି । ମର ଶରୀର ଦିଲ୍ଲୀରୁ ବିମାନରେ ରାଜଧାନୀକୁ ଆସି, ସେଠାରୁ ରାମପୁର ଅଭିମୁଖେ ଯାତ୍ରା କରିବାର ବ୍ୟବସ୍ଥା ପ୍ରଶାସନ ଦ୍ୱାରା କରାଯାଇଥିଲା । ସମସ୍ତେ ଚାହିଁ ବସିଥାନ୍ତି ସହଦେବର ମରଶୀରକୁ ଏକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ମାଧ୍ୟମରେ ଶେଷଦେଖା କରିବାକୁ ।

ଶତ୍ରୁଘ୍ନ ମଉସା ରାମପୁର ଗ୍ରାମର ଏକ ପୋଖତ ଚାଷୀ । ନିଜର ଦୁଇ ଏକର ଜମି ସହିତ କିଛି ଭାଗଚାଷୀଙ୍କ ଜମି ନେଇ ଚାଷକାମରେ ଲାଗିଥାନ୍ତି । ପୁଅ ସହଦେବ ଜନ୍ମ ନେଲାପରେ ପରେ ଶତ୍ରୁଘ୍ନ ମଉସା ପତ୍ନୀ ଲକ୍ଷ୍ମୀଦେବୀଙ୍କୁ ହରେଇଥିଲେ । ପତ୍ନୀ ବିୟୋଗରେ ମର୍ମାହତ ହୋଇ ମଧ୍ୟ ତାଙ୍କର ଛୋଟ ସଂସାରକୁ ଚଳେଇ ନେବାକୁ ପ୍ରସ୍ତୁତ ହୁଅନ୍ତି । ପୁଅ ସହଦେବ ଆସ୍ତେ ଆସ୍ତେ ବଡ଼ ହେବାକୁ ଲାଗିଲା । ବାପା ଶତ୍ରୁଘ୍ନଙ୍କ ଚରିତ୍ରରେ ଆଦର୍ଶରେ ପ୍ରଭାବିତ ହୋଇ ଆସି ୧୨ ବର୍ଷ ବୟସରେ ପଦାର୍ପଣ କରିଆସିଲାଣି । ଏବେ ରାମପୁର ଗ୍ରାମର ପାଖ ସ୍କୁଲରେ ସହଦେବ ଅଧ୍ୟୟନରତ । ପାଠ ସିନା ଭଲ ପଢ଼େନାହିଁ, ମାତ୍ର ଅନ୍ୟାନ୍ୟ କ୍ଷେତ୍ରରେ ଖୁବ୍ କର୍ମୀ କହିଲେ ଅତ୍ୟୁକ୍ତି ହେବନାହିଁ । ଥରେ ଲକି ନାନୀ ଝିଅ ମୁନି ଖେଳୁ ଖେଳୁ ଲଙ୍ଗଳା କୂଅଟାରେ ପଡ଼ିଯାଇଥିଲା । ତାଙ୍କୁ କୂଅରୁ ଉଦ୍ଧାର କରିବା ପାଇଁ ସମସ୍ତେ ବ୍ୟସ୍ତ ହେବା ଛଡ଼ା ଆଉ କିଛି କରିପାରିଲେ ନାହିଁ । ଶେଷରେ ସହଦେବ, କୂଅ ଭିତରରେ ପଶି ମୁନିକୁ ସାହାସର ସହିତ ଉଠେଇ ଆଣିଲା । ଏପରି ଏକ ସୁକାର୍ଯ୍ୟ ପାଇଁ ଗ୍ରାମରେ ତାଙ୍କୁ ସମସ୍ତେ ଭଲ ପାଆନ୍ତି ଏବଂ ପ୍ରଶଂସା ମଧ୍ୟ କରିଚାଲନ୍ତି । ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି ଗ୍ରାମର ଲୋକେ ଭାବି ନେଇ ଥିଲେ ଯେ, ସହଦେବ ଦିନେ ନା ଦିନେ ଦେଶର ଏକ ମହାନ୍ ଆଦର୍ଶବାନ ନାଗରିକ ହୋଇ ବାହାରିବ । ସହଦେବର ଦେଶ ସେବା ଓ ଲୋକସେବାରେ ଭାରି ମନ ଲାଗିଥାଏ । ମାଟ୍ରିକ ପାସପରେ ଆର୍ମୀରେ ଯୋଗ ଦେବା ପାଇଁ ମନସ୍ଥ କଲା ଏବଂ ପିତା ଶତ୍ରୁଘ୍ନଙ୍କୁ ଏ ବିଷୟରେ ଅବଗତ କରାଇଲା । ସତକୁ ସତ ସହଦେବ ସେନାରେ ଭର୍ତ୍ତି ହେବାପାଇଁ ଚୟନ ହୋଇଗଲା । ନିଯୁକ୍ତି ପତ୍ର ପାଇଲାପରେ ପିତାଙ୍କ ଠାରୁ ମୁଣ୍ଡନୁଆଇ ଆଶୀର୍ବାଦ ନେଇ ବାହାରି ପଡ଼ିଲା ଦେଶସେବାରେ ।

ଏଣେ ଶତ୍ରୁଘ୍ନ ମଉସା ସହଦେବକୁ ହାତକୁ ଦୁଇହାତ କରିଦେବା ପାଇଁ ମନସ୍ଥ କରନ୍ତି । ପାଖ ମୁରାରୀପୁର ଗ୍ରାମର କାଶୀନାଥଙ୍କ ଝିଅ ରୀତା ସହିତ ବିବାହ କରିଦିଅନ୍ତି । ସହଦେବ ବିବାହ କରି ଛୁଟିରେ କିଛି ଦିନ ଘରେ ଥାଏ । ହଠାତ୍ କରି ସେନା କ୍ୟାମ୍ପରୁ ସହଦେବଙ୍କୁ କାର୍ଯ୍ୟରେ ଯୋଗଦେବା ପାଇଁ ଡାକରା ଆସିଲା । ସଦ୍ୟ ବିବାହିତ ସ୍ତ୍ରୀକୁ ଛାଡ଼ି ବାହାରକୁ ନ ଯିବାର ମୋହ ତା' ପାଖରେ ନଥିଲା ।

ସେ ହସି ହସି ଖୁସିରେ ପିତାଙ୍କ ଠାରୁ ମେଲାଣି ନେବା ପରେ ପତ୍ନୀ ରୀତାକୁ କିଛି ସମୟ ଚାହିଁ ରହିଲା ଏବଂ ରୀତା ମଧ୍ୟ ସହଦେବକୁ ନିର୍ନିବେଶ ନୟନରେ ଚାହିଁ ରହିଲା । କିଛି ସମୟପରେ ରୀତା ଆଖିରୁ ଟୋପାଏ ଲୁହ ଝରି ପଡ଼ିଲା । ସତେ ଯେମିତି ଏଇଟା ଥିଲା ସେମାନଙ୍କର ଶେଷ କଥା । ତା'ପରେ ସହଦେବ ଆଖି ପିଛୁଳାକେ ଆଉ ପଛକୁ ନ ଚାହିଁ ଚାଲିଆସିଲା ଏବଂ ତା'ପରଦିନ ସେନା କ୍ୟାମ୍ପରେ ଯୋଗଦେଲା । ଆତଙ୍କୀ ଓ ସେନା ମଧ୍ୟରେ ଘମାଘୋଟ ଯୁଦ୍ଧ ଚାଲିଥାଏ । ସହଦେବ ମଧ୍ୟ ନିଜକୁ ଠିକ୍ ରଖି ଆତଙ୍କବାଦୀ ଉପରକୁ ଗୁଳି ବର୍ଷଣ କରିବାକୁ ଲାଗିଲା । କିଛି ସମୟ ଅବିରାମ ପରସ୍ପର ମଧ୍ୟରେ ଗୁଳି ବିନିମୟ ପରେ ପରିବେଶ ଶାନ୍ତ ପଡ଼ିଲା ପରି ଜଣାପଡ଼ିଲା । ମାତ୍ର ବିଧିର ବିଧାନ ବଡ଼ ବିଚିତ୍ର ଥିଲା ।

ସହଦେବ ଏକ ପାହାଡ଼ ପାଖରେ ଲୁଚିଥିବା ସମୟରେ ଏକ ଆତଙ୍କୀର ଗୁଳି ତା' ଛାତିରେ ବାଜିଗଲା । ସହଦେବ ହଠାତ୍ କରି ତଳେ ଶୋଇ ପଡ଼ିଲା । କିଛି ସମୟ ଗୁଳି ବିନିମୟ ପରେ ଆତଙ୍କୀମାନେ ପଳେଇ ଯାଉଥିଲେ । ତା'ପରେ ବିଚରା ସହଦେବ ଘୁଷୁରି ଘୁଷୁରି ଅନ୍ୟ ଜଣେ ବନ୍ଧୁ ସୈନିକ ପାଖକୁ ପଳେଇ ଆସିଲା । ବନ୍ଧୁଟି ସହଦେବକୁ କାନ୍ଧରେ ପକେଇ ବହୁ କଷ୍ଟରେ କ୍ୟାମ୍ପ ହସ୍ପିଟାଲକୁ ନେଇ ଆସିଲା ମାତ୍ର ସବୁକିଛି ସରିଯାଇଥିଲା । ଡାକ୍ତରବାବୁ ସହଦେବ ମୃତ ବୋଲି କ୍ୟାମ୍ପର ଅଧିକାରୀଙ୍କୁ ଜଣାଇଦେଲେ । ମୃତ ଶରୀରକୁ ଦିଲ୍ଲୀ ପଠାଇ ଦିଆଗଲା । ସେଠାରେ ଗାର୍ଡ଼-ଅଫ-ଅନର ଦେବା ପରେ ତା'ର ଗ୍ରାମ ରାମପୁରକୁ ପଠାଇ ଦିଆଯାଉଥିଲା । ସନ୍ଧ୍ୟା ଅପସରି ରାତ୍ରିର ଆବାହମାନ ହୋଇ ସାରିଥିଲା । ସହଦେବର ସମସ୍ତ ବନ୍ଧୁ ଓ ସମ୍ପର୍କୀୟ ଇତି ମଧ୍ୟରେ ଆସି ପହଞ୍ଚି ଯାଇଥିଲେ । କିଛି ସମୟ ପରେ 'ସହଦେବ ଅମର ରହେ'ର ସ୍ଲୋଗାନରେ ରାମପୁର କମ୍ପି ଉଠିଲା । ସମସ୍ତେ ଚାତକ ପକ୍ଷୀ ପରି ଚାହିଁ ରହିଥାନ୍ତି ସହଦେବର ଶେଷ ଦର୍ଶନ ପାଇଁ ।

ମୋ – ୭୦୦୮୬୫୦୬୯୩

# ଭାଗବତର ସ୍ରଷ୍ଟା : ଅତିବଡ଼ୀ ଜଗନ୍ନାଥ ଦାସ

## ପୁଷ୍ପମିତ୍ର ମହାପାତ୍ର

ଓଡ଼ିଆ ସାହିତ୍ୟର ପଞ୍ଚସଖା ଯୁଗର କବି ଅତିବଡ଼ୀ ଜଗନ୍ନାଥ ଦାସ ଥିଲେ ପଣ୍ଡିତ ଓ ଆଧ୍ୟାତ୍ମିକ ପୁରୁଷ । ସେ ଓଡ଼ିଆ ଜାତିର ଜୀବନବେଦ ଭାଗବତର ସ୍ରଷ୍ଟା । ତାଙ୍କ ଭାଗବତ, ସଂସ୍କୃତ ଭାଗବତର ଆକ୍ଷରିକ ଅନୁବାଦ ନୁହେଁ । ଡ.ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ମତରେ ଜଗନ୍ନାଥ ଦାସଙ୍କ ଭାଗବତ, ମୂଳ ଭାଗବତ ଠାରୁ ଭିନ୍ନ । ସେ ସମକାଳୀନ ସାମାଜିକ ଅବସ୍ଥାକୁ ଦୃଷ୍ଟିରେ ରଖି ଭାଗବତ ରଚନା କରିଥିଲେ । ମୂଳ ଭାଗବତରେ ଯେଉଁଠି ସାମାଜିକ ମୂଲ୍ୟବୋଧ ନ ଥିବା ଅନୁଭବ କରିଥିଲେ, ସେହି ଅଂଶ ଯେ ପରିହାର କରିଥିଲେ । ସମାଜର ଉପକାର ପାଇଁ ସେ ଭାଗବତ ରଚନା କରିଥିଲେ । ଏକାଦଶ ସ୍କନ୍ଧ ପର୍ଯ୍ୟନ୍ତ ସେ ଲେଖିଥିଲେ । ଦ୍ୱାଦଶ ଓ ତ୍ରୟୋଦଶ ସ୍କନ୍ଧ ରଚନା କରିଥିଲେ ଯଥାକ୍ରମେ ମହାଦେବ ଦାସ ଏବଂ ଦ୍ୱାରିକା ଦାସ । ଏହି ଭାଗବତର ଅଧ୍ୟାୟ ତିନିଶହ ବୟାଳିଶ । କଥିତ ଅଛି ଜଗନ୍ନାଥ ଦାସଙ୍କ ମାତା ପୁରାଣ ଶୁଣିବା ପାଇଁ ଥରେ ମନ୍ଦିରକୁ ଯାଇଥିଲେ । ମାତ୍ର ଦକ୍ଷିଣା ଦେବାକୁ ସକ୍ଷମ ନଥିବାରୁ ପୁରାଣ ପଣ୍ଡା, ପୁରାଣ ଶୁଣାଇବାକୁ ମନା କରିଦେଇଥିଲେ । ମନ ଦୁଃଖରେ ଘରକୁ ଫେରି ପୁତ୍ରଙ୍କୁ ଓଡ଼ିଆରେ ଭାଗବତ ରଚନା ପାଇଁ ଉପଦେଶ ଦେଇଥିଲେ । ପୁଣି, ଏଥି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ, ତାଙ୍କୁ ନିର୍ଦ୍ଦେଶ ଦେଇଥିବା ରାମଦାସଙ୍କ ଦାର୍ଢ୍ୟତାଭକ୍ତି ରସାମୃତରେ ଉଲ୍ଲେଖିତ । ପ୍ରଭୁ ସ୍ୱପ୍ନରେ କହିଥିଲେ – 'ଭୟ ନକର ତୁମ୍ଭେ କିଛି, ଗୀତ ତୁ କର ମୁହିଁ ଅଛି ।' ଜଗନ୍ନାଥ ଦାସ ପୁରୀ ନିକଟବର୍ତ୍ତୀ କପିଳେଶ୍ୱରପୁରରେ ଜନ୍ମ ହୋଇଥିଲେ । କମ୍ ବୟସରେ ବିଭିନ୍ନ ଶାସ୍ତ୍ରରେ ପାରଦର୍ଶିତା ଲାଭ କରିଥିଲେ । ଉଣେଇଶ ବର୍ଷ ବୟସରେ ଶ୍ରୀକ୍ଷେତ୍ର ଆସି, ଶ୍ରୀଜଗନ୍ନାଥଙ୍କ ସେବାରେ ନିଜକୁ ଉତ୍ସର୍ଗୀତ କରିଥିଲେ । ଶ୍ରୀଚୈତନ୍ୟ, ତାଙ୍କୁ ନିତ୍ୟ ସହଚର ଭାବେ ଗ୍ରହଣ କରିଥିଲେ । ଶ୍ରୀଚୈତନ୍ୟ ହିଁ ତାଙ୍କୁ 'ଅତିବଡ଼ୀ' ଉପାଧି ଦେଇଥିଲେ । ଜଗନ୍ନାଥ ଦାସଙ୍କ ଅନ୍ୟ ପ୍ରସିଦ୍ଧ ରଚନା ମଧ୍ୟରେ 'ଗୁପ୍ତ ଭାଗବତ, ଅର୍ଥକୋଇଲି, ଶୂନ୍ୟ ଭାଗବତ, ତୁଳାଭିଣା, ବ୍ରହ୍ମଗୀତା, ଭାଗବତ ସାର, ଦାରୁବ୍ରହ୍ମ ଗୀତା ଆଦି ପ୍ରଧାନ ।

କଟକ, ମୋ– ୯୪୩୭୨୨୫୬୮୯

# ଭଗବତୀ ଚରଣ ପାଣିଗ୍ରାହୀ

## ଡ. ଅରୁନ୍ଧତୀ ଦେବୀ

ମାଟିକୁ ମାଆକୁ ଫିରିଙ୍ଗି କବଳରୁ ମୁକ୍ତ କରିବାକୁ ଆନ୍ଦୋଳନରେ ଝାସ ଦେଇଥିବା ବୀରଙ୍କ ମଧ୍ୟରେ ଭଗବତୀ ଚରଣ ପାଣିଗ୍ରାହୀ ଅନ୍ୟତମ । ସତ୍ୟବାଦୀ ବିଦ୍ୟାଳୟରେ ନାମ ଲେଖାଇବା ପରେ ପଣ୍ଡିତ କୃପାସିନ୍ଧୁ ମିଶ୍ର, ଆଚାର୍ଯ୍ୟ ହରିହର, ଲିଙ୍ଗରାଜ ମିଶ୍ର, ଗୋଦାବରୀଶ ମିଶ୍ରଙ୍କ ଭଳି ବ୍ୟକ୍ତିତ୍ୱଙ୍କ ସଂସ୍ପର୍ଶରେ ସେ ଆସିଥିଲେ । ସେମାନଙ୍କଠୁ ଦେଶାତ୍ମଭାବ, ତ୍ୟାଗ, ଦେଶ ସେବା ଶିକ୍ଷା ପାଇଲେ । ପୁରୀ ଜିଲ୍ଲା ସ୍କୁଲରୁ ମାଟ୍ରିକ ପାସ ପରେ କଟକରେ ଏଫ୍.ଏ. ଅଧ୍ୟୟନ କଲେ ।

ଏହି ସମୟରେ ଗାଁରେ ଜମିଦାର, ମହାଜନଙ୍କ ଶୋଷଣ ଓ ଅତ୍ୟାଚାର ବିଷୟରେ ସେ ଶୁଣୁଥିଲେ । ଜନସେବାରେ ସମୟ ବିତାଉଥିବାରୁ ତାଙ୍କ ପାରିବାରିକ ଜୀବନ ବହୁତ କଷ୍ଟରେ ବିତୁଥିଲା । ପାଟଣା ବିଶ୍ୱବିଦ୍ୟାଳୟରେ ଏମ୍.ଏ. ପଢ଼ିବା ସମୟରେ ଭଗବତୀ ସାମ୍ୟବାଦୀ ବିଚାରଧାରା ପ୍ରତି ଆକର୍ଷିତ ହୋଇଥିଲେ । ସେତେବେଳେ ଚାକିରି ସହଜରେ ମିଳୁଥିଲା, କିନ୍ତୁ ବ୍ରିଟିଶ ସରକାରଙ୍କ ଗୋଲାମ ହେବାକୁ ଚାହିଁନଥିଲେ ।

ଅହିଂସା ମାର୍ଗରେ ସ୍ୱାଧୀନତା ସମ୍ଭବ ନୁହେଁ ବୋଲି ଭଗବତୀ ମନେ କରୁଥିଲେ । ସମାଜବାଦ ବିଚାରକୁ ପ୍ରସାର କରିବା ଲାଗି ଓଡ଼ିଶା କଂଗ୍ରେସ ସୋସାଲିଷ୍ଟ ପାର୍ଟିର ସମ୍ପାଦକ ଭାବେ ଭଗବତୀ ନିର୍ବାଚିତ ହୋଇଥିଲେ । କୃଷକ ଆନ୍ଦୋଳନ, ଢ଼େଙ୍କାନାଳ ଆନ୍ଦୋଳନ, ଶ୍ରମିକ ସଂଗଠନ, ଛାତ୍ର ସଂଗଠନ ପ୍ରଭୃତିରେ ଭଗବତୀଙ୍କ ଅବଦାନ ସ୍ମରଣୀୟ ।

ସେ କୁସଂସ୍କାର ଓ ଅନ୍ଧବିଶ୍ୱାସର ଘୋର ବିରୋଧୀ ଥିଲେ । ନବଯୁଗ ସାହିତ୍ୟ ସଂସଦର ସେ ଥିଲେ ଅନ୍ୟତମ ପ୍ରତିଷ୍ଠାତା । ଜଙ୍ଗଲି, ହାତୁଡ଼ି ଓ ଦା, ଜୀବନର ସମାଧି, ମୃତ୍ୟୁର ବିବେଚନା, ଝଡ଼, ଆରମ୍ଭ ଓ ଶେଷ, ଶିକାରୀ ଆଦି ତାଙ୍କର କାଳଜୟୀ ସୃଷ୍ଟି । ୧୯୦୮ ଫେବୃଆରୀରେ, ପୁରୀ ଜିଲ୍ଲା ବାଲିପାଟଣା ଥାନା ଅନ୍ତର୍ଗତ ବିଶ୍ୱନାଥପୁରରେ ଜନ୍ମଗ୍ରହଣ କରିଥିଲେ ଭଗବତୀ ଚରଣ ।

କଟକ, ମୋ–୯୯୩୭୧୭୨୮୧୦

# କାଳଜୟୀ ପ୍ୟାରୀମୋହନ

## ଡକ୍ଟର ତପନ କୁମାର ପାଳ

ଓଡ଼ିଆ ଭାଷାରେ ଓଡ଼ିଶାର ଇତିହାସ ଲେଖାଯାଇ ନଥିଲା । ତାହା ପୂର୍ବରୁ ଯାହାସବୁ ଲେଖାଯାଇଥିଲା, ସବୁ ଇଂରାଜୀରେ ଏବଂ ଅଣ-ଓଡ଼ିଆଙ୍କ ଦ୍ୱାରା । ହର, ଷ୍ଟର୍ଲିଂ ଓ ଟଏନ୍‌ବି ସାହେବ ଆଦି ଯେଉଁ ସବୁ ଓଡ଼ିଶା ଇତିହାସ ଲେଖିଥିଲେ, ସେସବୁ ଅସଂପୂର୍ଣ୍ଣ ଥିଲା । ଓଡ଼ିଆ ଜାତି ସମ୍ପର୍କରେ ବହୁ କଥା ସେ ସବୁରେ ନଥିଲା ।

ମାତୃଭାଷାରେ ଜାତିର ଇତିହାସ ରଚନା ବିନା, ଲୋକଙ୍କ ଭିତରେ ଜାତୀୟତାଭାବ ଉଦ୍ରେକ ହୋଇପାରେନାହିଁ । ଏହା ବୁଝିଥିଲେ ପ୍ୟାରୀମୋହନ ଆଚାର୍ଯ୍ୟ ଏବଂ ଓଡ଼ିଆ ଭାଷାରେ ଆମ ଜାତିର ଇତିହାସ ଲେଖା ଆରମ୍ଭ କରିଥିଲେ । ଏଥିପାଇଁ ତାଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିଥିଲା ।

ଅତୀତର ସମସ୍ତ ଘଟଣା ପ୍ରବାହକୁ ସେ ନିଜ ପୁସ୍ତକରେ ସ୍ଥାନ ଦେବାରେ ସଫଳ ହୋଇଥିଲେ । ବିଭିନ୍ନ ସୂତ୍ରରୁ ତଥ୍ୟ ସଂଗ୍ରହ କରି ରଚନା କରିଥିଲେ ଓଡ଼ିଶା ଇତିହାସ, ଯେଉଁଟି ଉତ୍କଳୀୟଙ୍କ ମଧ୍ୟରେ ଉତ୍କଳୀୟ ଭାବ ଜାଗ୍ରତ କରିବାରେ ସକ୍ଷମ ହୋଇଥିଲା । ସେ ନିଜେ ଜଣେ ବଙ୍ଗୀୟ ଥିଲେ ହେଁ ଓଡ଼ିଶା ଏବଂ ଓଡ଼ିଆ ଭାଷା, ତାଙ୍କ ପାଇଁ ଥିଲା ସବୁକିଛି ।

ପ୍ୟାରୀମୋହନ ଥିଲେ ସ୍ୱାଧୀନଚେତା ଓ ମାନବବାଦୀ । ସଦାସର୍ବଦା ମାନବ ସମାଜର ଉନ୍ନତି କାମନା କରୁଥିଲେ ।

ଅନ୍ୟାୟ, ଅନୀତି, କୁସଂସ୍କାର, ଅନ୍ଧବିଶ୍ୱାସ ବିରୋଧରେ ସ୍ୱର ଉତ୍ତୋଳନ କରୁଥିଲେ । ସାଧାରଣ ଲୋକଙ୍କ ସମସ୍ୟାକୁ ସରକାରଙ୍କ ନିକଟରେ ପହଞ୍ଚାଇବା ପାଇଁ ୧୮୭୧ରେ ଉତ୍କଳ ପୁତ୍ର ନାମକ ସମ୍ବାଦପତ୍ରର ପ୍ରକାଶନ ଆରମ୍ଭ କରିଥିଲେ । ଶିକ୍ଷାର ବିକାଶ ପାଇଁ ସେ ଖୋଲିଥିବା ବିଦ୍ୟାଳୟ, ୧୮୭୯ରେ କଟକ ଏକାଡ଼େମୀ ନାମକ ଉଚ୍ଚ ବିଦ୍ୟାଳୟରେ ପରିଣତ ହୋଇଥିଲା, ଯେଉଁଟି ଆଜି ସଗର୍ବେ ପ୍ୟାରୀମୋହନ ଏକାଡ଼େମୀ ଭାବେ ଛିଡ଼ା ହୋଇ ତାଙ୍କ ସ୍ମୃତିଚାରଣ କରୁଛି । ୧୮୫୧ ଅଗଷ୍ଟରେ କୁଆଁପାଳ ଅନ୍ତର୍ଗତ ପଶୁଲୁଣ୍ଡା ଗ୍ରାମରେ ସେ ଜନ୍ମ ହୋଇଥିଲେ ।

କଟକ, ମୋ–୯୯୩୭୬୫୮୩୬୨

# ତମେ ଆଉ ନାହିଁ ବୋଲି ଖବର ଆସିଛି...

## ଇନ୍ଦୁ ଭୂଷଣ ଭୂୟାଁ

ସମକାଳୀନ ଓଡ଼ିଆ କବିତାର ଶିଖର ପୁରୁଷ ତଥା ଭାରତୀୟ ଆଧୁନିକ କବିତାର ପଥିକୃତ କବି ପଦ୍ମଭୂଷଣ ରମାକାନ୍ତ ରଥ ଓଡ଼ିଆ କବିତା ରାଇଜର ପୁଣ୍ୟତମ ଉଚ୍ଚାରଣ । ଓଡ଼ିଆ କବିତା ତଥା ଭାରତୀୟ କବିତାକୁ ନୂଆ ରୂପ, ଭାଷା, ଭଙ୍ଗୀ ଓ ସର୍ବୋପରି ନୂଆ ଦୃଷ୍ଟି ଦେବାରେ ତାଙ୍କର ଅବଦାନ ଅନନ୍ୟ ସାଧାରଣ ଓ ଅନସ୍ୱୀକାର୍ଯ୍ୟ । ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଓଡ଼ିଆ ଭାଷା ସାହିତ୍ୟକୁ ସେ ସମୃଦ୍ଧ କରି ରଖିଥିଲେ ।

କୌଣସି ବାଦ, କୌଣସି ପ୍ରଚାରରେ ବିଶ୍ୱାସ ରଖୁନଥିବା ଏହି ମୌନ ସାଧକ ଓଡ଼ିଆ କାବ୍ୟ ଜଗତର ଭାଷା ଓ ଶୈଳୀରେ ନିର୍ମାଣ କରିଥିଲେ ନବଯୁଗ । ତାଙ୍କ କବିତାର ଉଦାହରଣ ସ୍ୱୟଂ ତାଙ୍କର କବିତା । ସ୍ଥୂଳଗଦ୍ୟ ଓ ହାତ ପାହାନ୍ତାର ଶବ୍ଦକୁ ବ୍ୟଞ୍ଜନାତ୍ମକ ଓ ରୂପଦେବାରେ ସେ ସିଦ୍ଧ ହସ୍ତ ।

ଆମେ ଶୀର୍ଷକ ରଖିଥିବା 'ତମେ ଆଉ ନାହିଁ ବୋଲି ଖବର ଆସିଛି' ହେଉଛି ତାଙ୍କ ପ୍ରଖ୍ୟାତ ଓ ପ୍ରଚୁର ପାଠକୀୟ ଆଦୃତି ପାଇଥିବା 'ଶ୍ରୀରାଧା' କବିତାର ପ୍ରଥମ ଧାଡ଼ି, ଯାହାର ଅର୍ଥ ହେଉଛି 'ଶ୍ରୀକୃଷ୍ଣଙ୍କର ଦେହ ତ୍ୟାଗର ଖବର ପାଇ ତାହାକୁ ଗ୍ରହଣ କରିନଥିବା ଶ୍ରୀରାଧାଙ୍କ ଭାବନାର ପରିପ୍ରକାଶ ଇଏ' । ଏହି ସୌମ୍ୟ ସୁକୋମଳ କବିଙ୍କ ପରଲୋକ ଖବର ପାଇ ପୃଥିବୀର ବିଭିନ୍ନ କୋଣ ଅନୁକୋଣରେ ଥିବା ତାଙ୍କ ବିମୁଗ୍ଧ ପାଠକଙ୍କ ସମାନ ପ୍ରତିକ୍ରିୟ ଏହିପରି ହିଁ ସୃଷ୍ଟି ହୋଇଥିବ । ଏକାଧାରାରେ ସେ ଥିଲେ ବିଶିଷ୍ଟ କବି ଓ ଜଣେ ସୁନାମଧନ୍ୟ ପ୍ରଶାସକ । ତେବେ ଶ୍ରୀରାଧାର କବି ଭାବେ ପ୍ରସିଦ୍ଧି ଅର୍ଜନ କରିଥିବା ସ୍ୱର୍ଗତଃ ରଥ ପାଠକଙ୍କ ମହଲରେ ବେଶ ଲୋକପ୍ରିୟ ଥିଲେ । ତାଙ୍କର ପ୍ରତ୍ୟେକଟି ସୃଷ୍ଟି ଓଡ଼ିଶାର କାବ୍ୟ ଜଗତକୁ ଋଦ୍ଧିମନ୍ତ କରିଛି ।

୧୯୩୪ ମସିହା ଡିସେମ୍ବର ୧୩ ତାରିଖରେ କଟକର ବିଶ୍ୱନାଥପୁର ଗ୍ରାମରେ ପିତା ଲୋକନାଥ ମହାପାତ୍ର ଓ ମାଆ ପାର୍ବତୀ ଦେବୀଙ୍କ କୋଳମଣ୍ଡନ କରିଥିଲେ । ତେବେ ଅଜା ଜଣେ ସଂସ୍କୃତ ବିଦ୍ୱାନ ଥିବାରୁ ତାଙ୍କୁ ପୁଅ କରିବାରୁ ସେ ମହାପାତ୍ରରୁ ରଥ ହୋଇଥିଲେ । ଅନେକ ସାହିତ୍ୟ ଆଲୋଚନାରେ ସେ ନିଜେ ମଧ୍ୟ ସ୍ୱୀକାର କରିଥିଲେ ଯେ ବାସ୍ତବରେ ସେ କବିତା ଲେଖିବେ ବୋଲି ଭାବିନଥିଲେ ।

ପରିସ୍ଥିତିରେ ପଡ଼ି ପିଲାଦିନରେ ଦୁଇଟି କବିତା ଲେଖିଥିଲେ । ଏହା ସମ୍ଭବତଃ ତାଙ୍କୁ ଆଗକୁ ନେବା ପାଇଁ ବାଟ ଦେଖାଇଥିଲା । କବିତା ପାଇଁ ସେ ଥରେ ସୁନା ମୁଦିଟିଏ ପୁରସ୍କାର ପାଇଥିଲେ କିନ୍ତୁ ଆଇଏଏସ୍ ପରୀକ୍ଷା ପାଇଁ ସେ ଏହାକୁ ବିକିବା ପାଇଁ ବାଧ ହୋଇଥିଲେ । ରେଭେନ୍ସାରେ ପିଜି କରୁଥିବାବେଳେ ତାଙ୍କୁ କବି ଗୋଦାବରୀଶ ମହାପାତ୍ର, ନାଟ୍ୟକାର ଗୋପାଳ ଛୋଟରାୟ ଓ ଅନନ୍ତ ପଟ୍ଟନାୟକଙ୍କ ଠାରୁ ଉତ୍ସାହ ମିଳିଥିଲା । ସେ ଥିଲେ ସ୍ଥୂଳଗଦ୍ୟ ଓ ହାତପାହାନ୍ତାର ଶବ୍ଦକୁ ବେଶ ବ୍ୟଞ୍ଜନାତ୍ମକ ଓ ଅର୍ଥପୂର୍ଣ୍ଣ ରୂପ ଦେବାରେ ସିଦ୍ଧହସ୍ତ ।

ଉଚ୍ଚାରଣରେ ମୁକ୍ତ, ସ୍ପଷ୍ଟ, ଅବାଦ୍ଧ ତାଙ୍କ କବିତାର ନିର୍ଝରଣୀ କେତେ ଯେ ତୃଷିତ ହୃଦୟର ଶୋଷକୁ ମେଣ୍ଟାଇଛି ତାର ହିସାବ ନାହିଁ । ଓଡ଼ିଆଙ୍କର ପ୍ରିୟ କବି ପୁଣ୍ୟଶ୍ଲୋକ ରମାକାନ୍ତ ରଥଙ୍କ ନାମ ସାହିତ୍ୟ ନକ୍ଷତ୍ରର ଏକ ପ୍ରାତଃ ସ୍ମରଣୀୟ ଜ୍ୟୋତି । କବିତାର ତପସ୍ୟାରେ ତଲ୍ଲୀନ ଏହି ଜୀବନବୋଧର କବିଙ୍କ ଅନୁଭବ ଯୁଗେ ଯୁଗେ ଭାରତୀୟ କବିତା ପରମ୍ପରାକୁ ଆଚ୍ଛନ୍ନ ଓ ବିଭୋର କରି ରଖିବ ଏଥିରେ ସନ୍ଦେହ ନାହିଁ ।

୧୯୮୪/୧୯୮୫ ମସିହାରେ ପ୍ରକାଶିତ ତାଙ୍କ ଶ୍ରେଷ୍ଠ କୃତୀ ଥିଲା ଶ୍ରୀରାଧା ଯାହାକି ଲୋକପ୍ରିୟତାର ଏତେ ଶୀର୍ଷରେ ରହିଛି ଯେ ଏହା ଭାରତର ବିଭିନ୍ନ ଭାଷାରେ ଅନୁବାଦ ହୋଇ ପ୍ରଚୁର ପାଠକୀୟ ଆଦୃତି ପାଇଛି । ତାଙ୍କ ପ୍ରମୁଖ ସାରସ୍ୱତ ସୃଷ୍ଟିଗୁଡ଼ିକ ହେଉଛି 'ଅନେକ କୋଠରୀ', 'ସନ୍ଦିଗ୍ଧ ମୃଗୟା', 'କେତେ ଦିନର', 'ସପ୍ତମ ଋତୁ', 'ସଚିତ୍ର ଅନ୍ଧାର', 'ଶ୍ରୀପଳାତକ', 'ସୀମାନ୍ତ ବାସ', 'ଫେରି ଚାହିଁଲେ' ପ୍ରମୁଖ । ସେ ପ୍ରଥମ ଓ ଏକମାତ୍ର ଓଡ଼ିଆ ଭାବେ କେନ୍ଦ୍ର ସାହିତ୍ୟ ଏକାଡ଼େମୀର ସଭାପତି ଦାୟିତ୍ୱ ତୁଲାଇ ଥିଲେ । ୧୯୭୭ରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ, ୧୯୮୪ରେ ଶାରଳା ପୁରସ୍କାର, ୧୯୯୨ରେ ସରସ୍ୱତୀ ସମ୍ମାନ, ୧୯୯୪ରେ କବୀର ସମ୍ମାନ, ପ୍ରଜାତନ୍ତ୍ର ବିଷୁବ ସମ୍ମାନ ଓ ୨୦୧୮ରେ ଓଡ଼ିଆ ସାହିତ୍ୟ ଏକାଡ଼େମୀ ପକ୍ଷରୁ ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନରେ ସମ୍ମାନିତ ହୋଇଥିଲେ ।

ସାରସ୍ୱତ ଜଗତର ଏହି ଅମୂଲ୍ୟ ରତ୍ନଙ୍କ ସହିତ ରାଜଧାନୀ ପୁସ୍ତକ ମେଳାର ଏକ ପୁସ୍ତକ ଉନ୍ମୋଚନ ସଭାରେ ପ୍ରଖ୍ୟାତ ଲେଖକ ବିଭୂତି ପଟ୍ଟନାୟକ ଓ ଫନି ମହାନ୍ତିଙ୍କ ସହିତ ଏହି ଲେଖକ ସାନ୍ନିଧ ପାଇବାର ସୁଯୋଗ ପାଇଥିଲା । କେବଳ ଓଡ଼ିଆ ସାହିତ୍ୟ ନୁହେଁ ସମଗ୍ର ଭାରତୀୟ ସାହିତ୍ୟରେ ସେ ଥିଲେ ଜଣେ ସ୍ମରଣୀୟ ବ୍ୟକ୍ତିତ୍ୱ ।

ଭାରତୀୟ କାବ୍ୟ ସାହିତ୍ୟର ଅନ୍ୟତମ ଶିଖର ସ୍ୱାକ୍ଷର ଓ ଶ୍ରୀରାଧାର କବି ଯୁବ ମାନସ ପରିପକ୍ୱ ମାନସର କବି ଅମର ଧାମକୁ ଯାତ୍ରା କରିଛନ୍ତି । ସେ ଚିରଦିନ ପାଇଁ ସଭିଙ୍କ ମନରେ ହୃଦୟର କବି ଭାବେ ରହିଥିବେ ।

୪ଜି, ପ୍ରତାପ ଆପାର୍ଟମେଣ୍ଟ,
୭-ଏକ୍ସଟେନସନ ରୋଡ଼, ପୁରୁଣା
ସୋନାରୀ, ଜାମସେଦପୁର,
ମୋ–୯୨୦୪୬୫୨୦୬୫

# କବିତା

## ଝୁରୁଛି କଦମ୍ବ ଝୁରେ ଯମୁନା

### ଅବନୀ କୁମାର ରାଉତ

ଝୁରୁଛି କଦମ୍ବ ଝୁରୁଛି ଯମୁନା
ରାଧା ଭାବରେ ତଲ୍ଲୀନ
କାହ୍ନା ତୁମେ ଆଜି ହୃଦୟ ତନ୍ତ୍ରୀରେ
ବିରହିଣୀ ଝୁରେ ମନ!
ଏମିତି ଯେ ସେହି ବେଣୁ ବଂଶୀସ୍ୱନ
କାହାକୁ କହିବ ସିଏ
ଭାବନାରେ ଲାଜେ ହଜି ଯାଏ ନିଜେ
ଶିହରଣ ଖେଳୁଥାଏ !
ତୁମ ଭାବ ବିନା କିଛି ଭାବ ନାହିଁ
ଯମୁନା ରହିଛି ଚାହିଁ
ଶୂନ୍ୟ ମହାଶୂନ୍ୟ ପ୍ରେମ ସ୍ୱୀକୃତି ଦିଏ
ମୁଁ ରାଧା ତୁମ ପାଇଁ. !
ଶୁଣି ଶୁଣି ରାଧା ବିରହେ ହୁଏ ବାଇ
ତନୁ ମନ ଦେହ ପ୍ରାଣ
ତୋ ପାଇଁ ହେଲିଣି ପାଗିଳି କିପାଇଁ
ତୁମ ପ୍ରତୀକ୍ଷାରେ ଜାଣ!
ରାଧା ଚିତ୍ତ ଭାବ କିଏସେ ବୁଝିବ
ବୃନ୍ଦାବନ ରହିଛି ଚାହିଁ
ତୋର ମୋର କଥା ଆଖିରେ ଆଖିରେ
ବସିଛି ସଜେଇ ହୋଇ !
କାହ୍ନୁର ପୀତିରେ ବାୟାଣୀ ରାଧିକା
ମନହୁଏ ଅନାମନା
ଯମୁନା ଝୁରୁଛି କଦମ୍ବ ଝୁରଇ
ରାଧା ପ୍ରେମରେ ବିଲୀନ !
ଦେଖି ପାରେ ନାହିଁ ଶବ୍ଦ ପ୍ରତିଧ୍ୱନୀ
ମନରେ ମିଳନ ହୁଏ
ଅପୂର୍ବ ମିଳନ କେହି ଯାଣି ପାରେ ନାହିଁ
ରାଧା ଧୈର୍ଯ୍ୟ ତ୍ୟାଗ ପାଇଁ !
କାହିଁ ପାଇଁ ତୁମେ ଦେଉଛ କଳଙ୍କ
ମଥା ପାତି ସହିନିଏ
ତୁ ଆଜି ମୋହର ସୁଖର ସଂସାର
ସବୁ ମାଟି କରି ଦିଏ !
ଲୁହରେ ଭିଜୁଛି କଥା ଦେଇଥିଲି
ବୁକୁ ଚିରି ଦେବି ତୋତେ
ରୂପ ଲାବଣ୍ୟକୁ ଝୁରି ଝୁରି ମରେ
ଦଗାଦିଅ କାହ୍ନୁ ସତେ !

'ମା' ବିରଜା କ୍ଷେତ୍ର
କୋ–୯୪୩୯୬୨୨୬୨୩

## ବଦଳଇ ଚିନ୍ତାଧାରା

### ନିରଞ୍ଜନ ସାହୁ

ସମୟ ବଦଳି ବଦଳାଇ ଦିଏ
ମଣିଷର ଚିନ୍ତାଧାରା
କାଲିର ଚିନ୍ତନ ଆଜି ବଦଳଇ
ବଦଳେ ଜୀବନ ସାରା ।
ଏହି ଜୀବନରେ ଖରାପ ସମୟ
ଯେତେବେଳେ ଆସିଥାଏ
ସେତେବେଳେ ସିଏ ସଠିକ ମଣିଷ
ଚିହ୍ନା କରିଦେଇ ଯାଏ
ଦୁଃଖ ସମୟରେ ଜାଣି ହୋଇଯାଏ
ପ୍ରକୃତରେ ଭାଇଚାରା ।
ଭଲ ସମୟଟି ଜୀବନରେ ଯେବେ
ହୋଇଥାଏ ଉପଗତ
ଅନେକ ଲୋକଙ୍କ ଭିଡ଼ ଲାଗିଥାଏ
ସ୍ୱାର୍ଥେ ରହିଥାନ୍ତି ରତ
ବାହାଦୁରୀ ପାଇଁ ମଣିଷ ସହଇ
ଧନ ଖରଚର ଭାରା ।
ସମୟାନୁସାରେ ଭଲ ଚିନ୍ତାଧାରା
ବଦଳି ଯାଆଇ ଆପେ
ସେହିପରି ପୁଣି ଖରାପ ଚିନ୍ତନ
ଭଲ ଚିନ୍ତନକୁ ଚାପେ
ଖରାପ ଚିନ୍ତନ ବିପଦ ଆଣଇ
ଭୋଗିବାକୁ ହୁଏ କାରା ।

ନିହଲ ପ୍ରସାଦ,ଗଁଦିଆ ପାଟଣା
ଢେଙ୍କାନାଳ,ମୋ–୯୯୩୮୭୪୧୫୮୩

## ବସନ୍ତ ପ୍ରୀତିର ଚିଠି

### ସୁଜିତ କୁମାର ମିଶ୍ର

ବୈଶାଖ ଭରା ଏ ପୃଥିବୀରେ
ତୁମେ ବସନ୍ତ ପ୍ରୀତିର ଚିଠି,
ଉଦାସୀ ଉଦାସୀ ପ୍ରାଣରେ
ସାଜିଛ ଉଲ୍ଲସିତ ରାଗ କୋଠି ।
ନିର୍ଜନ ମୁହୂର୍ତ୍ତେ ଉଇଁ ଆସ
ତୁମେ ହୋଇ ନୀଳିମାର ରଙ୍ଗ,
ଆଳାପ ବର୍ଷାରେ ଝରୁଥାଏ ଅଶ୍ରୁ
ପ୍ରେମ ଆଉ ଅନୁରାଗ ।
କିଛି କଥା ତୁମ କଦମ୍ବ ବନର
ମିଠା ମିଠା କୋହ ଗୀତି,
କିଛି ସେ ଅବ୍ୟକ୍ତ ସ୍ୱରର ମୂର୍ଚ୍ଛନା
କେଉଁ ଜନମର ପ୍ରାପ୍ତି ।
ଅଦେଖା ନଈର ସୁଅଟିଏ ତୁମେ
ଅନ୍ତରଙ୍ଗ ଅଭିସାର,
ବିମୁଗ୍ଧ ନୟନେ ଛୁଉଁଥାଅ ଛାତି
ବିରହିଣୀ ବାରମ୍ବାର ।
ଜିତୁଥାଏ ପୁଣି ହାରୁଥାଏ ନିତି
ଜଳିଜଳି ତୁମ ପାଶେ,
ସେଇ ଜ୍ୱଳନରେ ଝରେ ପ୍ରଣୟର
ପଦ୍ମରାଗ ଶ୍ରଦ୍ଧାରସେ ।
ଆଶା ଅଭିପ୍ସାର ଗୋପନ ସପନେ
ତୁମେ ମୋ ଅଳକାନନ୍ଦା,
ଭାବନୟନା ଗୋ ହୃଦୟରେ
ମୋର ବଉଳବାସରେ ବନ୍ଧା ।
ସିକ୍ତ ଆବେଗର ସାତସୁରେ ତୁମେ
ସ୍ନିଗ୍ଧ ଶ୍ରାବଣର ଧାରା,
ଜୀବନ ନାଟକେ ସରାଗ ତୁମର
ଜହ୍ନରାତି ଅପାଶୋରା ।

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର, ମୋ–୭୬୮୩୮୬୭୭୪୨

## ମଳୟ ପରଶେ ବସନ୍ତ ଛିଟା

### କବି କେଶବ ଚନ୍ଦ୍ର ନାୟକ

ମଳୟ ପରଶେ ବସନ୍ତ ଛିଟା
ମଧୁପ ଗୁଞ୍ଜନ ଶ୍ରୁତିକୁ ମିଠା...!!
ତରୁ ଲତା ଡାଳେ ସୁମନ ଗୁଚ୍ଛ
ନାନା ବିଭୂଷଣେ ମାଣିକ ତୁଚ୍ଛ...!!
ସୌରଭ ମଳୟେ ହୋଇ ମିଶ୍ରିତ
ହରଇ ବିଷାଦ ପ୍ରସନ୍ନ ଚିତ୍ତ...!!
ସୌନ୍ଦର୍ଯ୍ୟ ପସରା ବିପଣି ମେଳା
ଚାରୁ ଚିତ୍ରପଟ ପ୍ରକୃତି ଲୀଳା...!!
ବିଚିତ୍ର ଲାଗଇ ଅପୂର୍ବ ଛବି
ବସନ୍ତ ବିଭବେ ବିମୁଗ୍ଧ କବି...!!
ରସୋତୀର୍ଣ୍ଣ ଶୋଭା ଅରଣ୍ୟ କାନ୍ତି
ମୃଦୁ ମନ୍ଦେ ଝର କରଇ ଗତି...!!
ମଞ୍ଜୁଳ କଣ୍ଠେ କଳକଣ୍ଠ ଗୀତି
ଶ୍ରବଣେ ବିଷାଦୁ ମିଳେ ମୁକତି...!!
ରଜନୀକର ରଜନୀ କର ଢାଳି
ବିରହୀ ହୃଦୟେ କାମନା ଜାଳି...!!
ନିର୍ମଳ ଗଗନ କି ଶୋଭାବନ
ବିସ୍ମିତ କରୁଛି ବେନି ନୟନ...!!
ନିଶି ଅମ୍ବରେ ନକ୍ଷତ୍ର ମାଳ...
ଅପୂର୍ବ ସୌନ୍ଦର୍ଯ୍ୟ ହୋଇଛି ଠୁଳ...!!
ପ୍ରେମିକା ପ୍ରେମିକ ମଳୟ ସ୍ପର୍ଶେ
ପ୍ରୀତି ଆରମ୍ଭନ୍ତି ହୋଇ ହରଷେ...!!
ଫଗୁଣରେ ମନ୍ଦ ମଳୟ ବହି
ମନ୍ମଥ ବାଣରେ ଦେହକୁ ଦହି...!!
ବୃଦ୍ଧଙ୍କୁ କରଇ ଯୁବ ଭାବନା...
ବସନ୍ତ ରସାଏ ସୁରସେ ସିନା...!!
ସ୍ୱଳ୍ପ ଜ୍ଞାନ କବି ରଚିବି କିବା...
ବର୍ଣ୍ଣିବାକୁ ଶବ୍ଦ ପ୍ରକୃତି ଆଭା....!!

ସଭାପତି, ଉତ୍କଳ ସାହିତ୍ୟ ସଂସଦ,
ମାଲକାନଗିରି,ମୋ–୯୪୩୭୭୭୯୪୪୭



ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)

samayaeditorial2021@gmail.com

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୨୫ ଯାଏ...

ଢେଙ୍କାନାଳ, ଭଦ୍ରକ, ଦେବଗଡ଼, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ କଟକରେ ପବନ ଯୋଗୁ ଉଦ୍ୟାନ କୃଷି ପ୍ରଭାବିତ ହୋଇପାରେ । କଦଳୀ ଗଛ ଭାଙ୍ଗିବା ସହ ପାଚିଥିବା ଧାନକୁ କ୍ଷତି ପହଞ୍ଚାଇପାରେ । ସେହିଭଳି ଅସୁରକ୍ଷିତ ଘରଗୁଡ଼ିକରେ କ୍ଷତି ହୋଇପାରେ । କଚ୍ଚା ଘର ଓ କାନ୍ଥ ମଧ୍ୟ ଭାଙ୍ଗିପାରେ । ରାଜଧାନୀ ଭୁବନେଶ୍ୱରରେ ଆଜି ସକାଳୁ ପାଗ ମେଘୁଆ ରହିଥିଲା । ମଧ୍ୟାହ୍ନରେ ଝିପି ଝିପି ବର୍ଷା ହୋଇଥିବାବେଳେ ସନ୍ଧ୍ୟା ସମୟରେ କିଛି ସମୟ ଲାଗି ଲଗାଣ ବର୍ଷା ଜାରି ରହିଥିଲା । ବର୍ଷା ଯୋଗୁ ତାତିରେ ଆଶ୍ୱସ୍ତି ମିଳିଥିବାବେଳେ କାଳବୈଶାଖୀ ଯୋଗୁ ଜନଜୀବନ ସାମାନ୍ୟ ବାଧାପ୍ରାପ୍ତ ହୋଇଛି ।

ସେହିଭଳି ଶନିବାର ବ୍ରହ୍ମପୁର ସହରରେ କାଳ ବୈଶାଖୀ ପ୍ରଭାବ ଦେଖିବାକୁ ମିଳିଛି। କାଳବୈଶାଖୀ ପ୍ରଭାବ ୩୨୦ ମିମି ବର୍ଷା ହେବେ ସହିତ ବହୁ ସ୍ଥାନରେ ଗଛ ଭାଙ୍ଗିପଡ଼ି ରାସ୍ତା ଘାଟ ଅବରୁଦ୍ଧ ବିପର୍ଯ୍ୟସ୍ତ ହୋଇପଡ଼ିଛି। ପାଣି ସହରରୁ ନିଷ୍କାସନ ହେବା ପାଇଁ ସେହିଭଳି କୌଣସି ସଠିକ ବ୍ୟବସ୍ଥା ନଥିବାରୁ ଆଜି କାଳବୈଶାଖୀ ବର୍ଷାରେ ସାଧାରଣ ଲୋକଙ୍କ ଜୀବନ ଯାତ୍ରାରେ ପ୍ରତିବନ୍ଧକ ସୃଷ୍ଟି କରିଛି। ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ସଫେଇ କାର୍ଯ୍ୟ କରାଯାଇଛି। ଶନିବାର କାଳବୈଶାଖୀ ବର୍ଷାରେ ବ୍ରହ୍ମପୁର ସହରରେ ଏମକେସିଜି ମେଡ଼ିକାଲ କଲେଜ ଓ ହସପିଟାଲ ଟିକେଟ କାଉଣ୍ଟର ଓ ଆଉଟଡୋର ଭିତରେ ବର୍ଷା ପାଣି ଭର୍ତ୍ତି ହୋଇ ଯାଇଥିବାରୁ ରୋଗୀ ସେବା ବାଧାପ୍ରାପ୍ତ ହୋଇଥିଲା ବେଳେ ବର୍ଷା ଛାଡ଼ିବା ପରେ ମୋଟର ଲଗାଇ ପାଣି ବାହାର କରାଯାଇଥିଲା। ସହର କୋର୍ଟ ପେଟା ଛକ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ରାସ୍ତା, ନୂଆଁ ବସ୍‌ଷ୍ଟାଣ୍ଡ, ଗେଟ ବଜାର,ବଡ ବଜାର,ଫାଷ୍ଟ ଗେଟ, ଗଜପତି ନଗର ଓ ମେଡ଼ିକାଲ କଲେଜ ରାସ୍ତା, ଗାନ୍ଧୀ ନଗର ୧୦ ଲାଇନ ରେ ଗଛ ପଡି ଅବରୋଧ ହଟାଇବା ଲାଗି ଅଗ୍ନିଶମ ବାହିନୀ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ରାସ୍ତା ଅବରୋଧ ହଟିବା ପରେ ରାସ୍ତା ରେ ଯାତାୟତ ସୁବିଧା ହୋଇ ଥିଲା। ସହର ରେ ରାସ୍ତା ଉପରେ ଏକ ଫୁଟ ରୁ ଦୁଇ ଫୁଟ ଉଚ୍ଚରେ ପାଣି ରାସ୍ତା ଦେଇ ବୋହି ଥିଲା। ପୂର୍ବରୁ ବର୍ଷା ହେବା ସୂଚନା ଥିଲେ ମଧ୍ୟ ଏହି ନିମନ୍ତେ ବିଭାଗୀୟ ଅଧିକାରୀ ନା ସୁପର ଭାଇଜର ପକ୍ଷରୁ କୌଣସି ସଠିକ କାର୍ଯ୍ୟ ଉପରେ ତଦାରଖ କରାନଯିବା ବା ସ୍ଥାନୀୟ ଜନ ପ୍ରତିନିଧିଙ୍କ ଏଥି ପ୍ରତିଦୃଷ୍ଟି ଦିଆ ନଯିବାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ସାମାନ୍ୟ ବର୍ଷା ହେଲେ ସହରରେ କୃତ୍ରିମବନ୍ୟା ହେଉଛିଛଜନସାଧାରଣଙ୍କୁ ଏହି ଭଳି ବିପଦ ଜନକ ପରିସ୍ଥିତିରେ ମୁକାବିଲା ପାଇଁ ମହାନଗର ନିଗମ ପ୍ରଶାସନ ପକ୍ଷରୁ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବୀ କରିଛନ୍ତି। ବ୍ରହ୍ମପୁର ସହରରେ ସାମାନ୍ୟ ବର୍ଷା ହେଲେ କୃତ୍ରିମ ବନ୍ୟାର ପ୍ରକ୍ରିୟା ସୃଷ୍ଟି ହେଉଛି। ଏହି ଭଳି ପରିସ୍ଥିତି ସୃଷ୍ଟି କରୁଛି ଅଶୋକ ନଗର, ଗୋଦା ବରୀଶ ନଗର, ବ୍ରହ୍ମା ନଗର, ବାପୁଜୀ ନଗର, ଜ୍ୟୋତି ନଗର,ଗଜପତି ନଗର,ଗାନ୍ଧୀ ନଗର, ପ୍ରେମ ନଗର,ଆମ୍ବା ରୋଡ଼,ଅଟୋ ନଗର ,ପୁରୁଣା ବ୍ରହ୍ମପୁର ଅଞ୍ଚଳ, ନେହେରୁ ନଗର ,ଗେଟ ବଜାର, ଭବାନୀ ନଗର,,ଦୁର୍ଗା ନଗର,ଅନ୍ନପୂର୍ଣ୍ଣା ପୁରି,ନିରାଞ୍ଜଳ ନଗର, ବାପୁଦେବ ନଗର ,ଅଯୋଧ୍ୟା ନଗର ଭଳି ଅନେକ ଅଞ୍ଚଳରେ ବର୍ଷା ପାଣି ନିଷ୍କାସନ ହୋଇ ନ ପାରିବାରୁ ଏହି ସବୁ ଅଞ୍ଚଳ ଜଳମଗ୍ନରେ ପରିଣତ ହେଉଛି। ନାଳ ନର୍ଦ୍ଦମା ପାଣି ଘର ମଧ୍ୟରେ ପ୍ରବେଶ କରୁଛି। ସହରର ଅର୍ଦ୍ଧାଧିକ ଡ୍ରେନ୍ ପୁରୁଣା ପଡ଼ିଛି।ଡ୍ରେନ ଗୁଡ଼ିକ ସଫା କରାଯାଇ ନଥିବାରୁ ଲୋକମାନଙ୍କ ଅବସ୍ଥା ସଙ୍ଗୀନ ହୋଇପଡ଼ିଛି।ନିଗମ ପକ୍ଷରୁ ତୁରନ୍ତ ଯୁଦ୍ଧ କାଳୀନ ଭିତ୍ତିରେ କୃତିମ୍ ବନ୍ୟାର ମୁକାବିଲା ପାଇଁ ଯୋଜନା ପ୍ରସ୍ତୁତ କରାଯିବାକୁ ସାଧାରଣ ରେ ଦାବୀ କରିଛନ୍ତି।

### ରଙ୍ଗାରଙ୍ଗ...

ନାଚୁଥିବା ନଜର ଆସିଥିଲେ । ଆଇପିଏଲ୍-୨୦୨୫ ଉଦ୍‌ଘାଟନୀ ସମାରୋହର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଶେଷ ହେବା ପରେ ଶାହାରୁଖ ଖାନ୍ ଦର୍ଶକଙ୍କୁ ସମ୍ବୋଧିତ କରିଥିଲେ । ଶାହାରୁଖ ଶେଷରେ ଆର୍‌ସିବିର ଷ୍ଟାର ବ୍ୟାଟର ବିରାଟ କୋହଲି ଓ କୋଲାକାତର ରିଙ୍କୁ ସିଂଙ୍କୁ ଡାକି ନାଚି ଥିଲେ । ଶେଷରେ ଜାତୀୟ ସଂଗୀତ ଜ୍ଞାନ ସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଶେଷ ହୋଇଥିଲା ।

### ଆପୋଷ...

ସମାଧାନ ହେବା ଆବଶ୍ୟକ । ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ଏହା ଉପରେ ସକାରାତ୍ମକ ମତାମତ ପ୍ରକାଶ କରି କହିଥିଲେ ଯେ, ସେ ସଦାସର୍ବଦା ଆପୋଷ ସମାଧାନ ସପକ୍ଷରେ ଅଛନ୍ତି । ଆଲୋଚନା ଜରିଆରେ ଏହି ସମସ୍ୟାର ଉପଯୁକ୍ତ ସମାଧାନ ହୋଇପାରିବ ବୋଲି ସେ ମତ ଦେଇଥିଲେ । ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଏହି ବିଷୟ ଉପରେ ଗୁରୁତ୍ୱ ଦେଇ ଏହାର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ରାସ୍ତା ବାହାର କରିବାକୁ ଏକମତ ହୋଇଛନ୍ତି ।

### ମାଡ...

ଥାନାରେ ଚିନ୍ମୟଙ୍କ ଅଭିଯୋଗ କ୍ରମେ ସେହି ସ୍ଥାନରୁ ଆକାଶଙ୍କ କ୍ଷେତିପଡ଼ା ସ୍ଥିତ ଘରକୁ ଡାକି ଆଣିଥିଲେ। ଆକାଶ ବାଡିରେ ଚିନ୍ମୟଙ୍କୁ ନିସ୍ଚୁକ ମାଡ ମାରିଥିଲେ। ସେ ଚୋରି କରିନଥିବା କହିବାରୁ ତାଙ୍କ ଦେହରେ ଗରମ ପାଣି ଢ଼ାଳି ୪ ଦିନ ଧରି ଖାଇବା ପିଇବା ନଦେଇ ଘର ଭିତରେ ତାଲା ପକାଇ ଦେଇଥିଲେ । ଚିନ୍ମୟ ଙ୍କ ମୋବାଇଲ ଛଡାଇ ନେଇଥିବାରୁ ସେ ପରିବାର ଲୋକଙ୍କ ସହ ଯୋଗାଯୋଗ କରିପାରିନଥିଲେ । ଗତ ୧୯ରେ ସ୍ଥାନୀୟ ଜଣେ ବ୍ୟକ୍ତିଙ୍କ ଫୋନ ନେଇ ଚିନ୍ମୟ ପରିବାର ଲୋକଙ୍କ ସହ ଯୋଗାଯୋଗ କରି ଘଟଣା ସମ୍ପର୍କରେ ଜଣାଇଥିଲେ । ଚିନ୍ମୟଙ୍କ ବଡଭାଇ ଘଟଣାସ୍ଥଳରେ ଅଭିଯୁକ୍ତ ଆକାଶ ସହ ସୁରକ୍ଷା କର୍ମୀ ଓ ଗାଡ଼ିଚାଳକ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଆକାଶଙ୍କ ସୁରକ୍ଷା କର୍ମୀ ମୟୁରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା କେନ୍ଦୁଡ଼ିହା ଗ୍ରାମର ଦିନେଶ ବେହେରା (୪୩) ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଆକାଶ ଓ ଗାଡ଼ି ଚାଳକ ଫେରାର୍ ଥିବା ଜଣାପଡିଛି । କୋର୍ଟରେ ଜାମିନ ଆବେଦନ ଖାରଜ ହେବାରୁ ଦିନେଶଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଫେରାର୍ ଅଭିଯୁକ୍ତଙ୍କୁ ୭ ଦିନ ପରେ ବି ପୁଲିସ ଗିରଫ କରିବାରେ ସକ୍ଷମ ହୋଇନଥିବା ଜଣାପଡିଛି । ଅନ୍ୟ ପଟେ ଗୁରୁତର ଚିନ୍ମୟ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ।

### ବିନୋଦ...

ତେବେ ରଚନା ସୃଷ୍ଟି କରିବା ବେଳେ କେବେବି ପୁରସ୍କାର କଥା ଭାବିନଥାଏ । ଲୋକେ ପ୍ରାୟ କୁହନ୍ତି ମୋତେ ଜ୍ଞାନପୀଠ ପୁରସ୍କାର ମିଳିବା ଉଚିତ୍ । ଏଥିରେ ମୁଁ ବା କ'ଣ କୁହନ୍ତି କହିବାକୁ ଶବ୍ଦ ଖୋଜି ପାଏନି । ଖାସ୍ କରି ପିଲାଙ୍କ ପାଇଁ ଲେଖିବାକୁ ସେ ପସନ୍ଦ କରନ୍ତି । ବିନୋଦ କୁମାର ଶୁକ୍ଲାଙ୍କ ରଚନା ଭିତରେ ଦିବାର ମେ ଏକ ଖିଡ଼କୀ ରହତି ଥି, ନୌକରୀ କି କମିଜ୍ ଓ କବିତା ସଂଗ୍ରହ ସବୁକିଛି ହେନା ବଚ୍ଚା ରହେଗା ଆଦି ପ୍ରମୁଖ ।

### ବଜ୍ରାଘାତରେ...

ଘର ତରାଙ୍ଗଙ୍କୁ ଫେରୁଥିବା ବେଳେ ଚକ୍ରଧରପୁର ଛକ ନିକଟରେ ବଜ୍ରାଘାତରେ ଶିକାର ହୋଇଥିଲେ। ଖଇରା ବ୍ଲକ ଅନ୍ତର୍ଗତ ତରାଙ୍ଗ ଗ୍ରାମର ଦିବ୍ୟାଂଶୁ ସେଠି ଯୁବକ ଘର ହୋଇଥିବା ନେଇ ସୂଚନାଝ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ଆମ୍ବୁଲାନ୍ସ ରେ ଖଇରା ମେଡିକାଲକୁ ନେଇଥିଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବାଲି...

ଜିଲ୍ଲାର ନାଗାବଳୀ ଓ ବଂଶୋଧାରା ନଦୀରୁ ଆନ୍ଧ୍ରପ୍ରଦେଶକୁ ବାଲି ଚୋରା ଚାଲାଣ ହେଉଛି । ମୟୁରଭଞ୍ଜ ଜିଲ୍ଲାରୁ ଝାଡଖଣ୍ଡକୁ ବେଆଇନ୍ ଚାଲାଣ ହେଉଥିବାବେଳେ ବାଲେଶ୍ୱରରୁ ପଶ୍ଚିମବଙ୍ଗକୁ ବାଲି ଚୋରା ଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇଥିଲା ।

### ୨୫ ବର୍ଷ...

ସାମିଲ ହୋଇଥିଲେ । ବୈଠକରେ ୨୫ ବର୍ଷ ପର୍ଯ୍ୟନ୍ତ ସୀମା ପୁନଃନିର୍ଦ୍ଧାରଣ ପ୍ରକ୍ରିୟାକୁ ସ୍ଥଗିତ ରଖିବାକୁ କୁହାଯାଇଛି । ରାଜ୍ୟଗୁଡ଼ିକ ନିଜର ଅସ୍ତିତ୍ୱ ବଞ୍ଚାଇବା ପାଇଁ ଷ୍ଟାଲିନ୍ ପରାମର୍ଶ ଦେଇଛନ୍ତି । କେବଳ ରାଜନୈତିକ ଗଣିତକୁ ଆଧାର କରାନଯାଉ । ଷ୍ଟାଲିନ କହିଥିଲେ ଯେ ଜନସଂଖ୍ୟା ନିୟନ୍ତ୍ରଣକୁ ତାମିଲନାଡୁ ସଫଳତାର ସହ ଲାଗୁ କରିଛି । ଫଳରେ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ ବୃଦ୍ଧି ପାଇଛି । ଯଦି ସୀମା ପୁନଃନିର୍ଦ୍ଧାରଣ ଜନସଂଖ୍ୟା ସୂତ୍ରରେ ହୁଏ ତେବେ ୮ ଆସନ ତାମିଲନାଡୁ ହରାଇବ । ମଣିପୁର ଏବେ ଦୁଇ ବର୍ଷ ହେଲାଣି ଜଳୁଛି । ସେମାନଙ୍କ ସ୍ୱର ଶୁଣାଯାଉନାହିଁ । ଏହାର କାରଣ ହେଉଛି ସଂସଦରେ ସେମାନଙ୍କର ସଂଖ୍ୟାଧିକ ପ୍ରତିନିଧିତ୍ୱ ନାହିଁ । କେନ୍ଦ୍ର ସରକାର କେବଳ ପ୍ରତିଶ୍ରୁତି ଦେଉଛନ୍ତି । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଥିଲେ ଯେ ଦକ୍ଷିଣାଞ୍ଚଳ ରାଜ୍ୟଗୁଡ଼ିକ କୌଣସି ଆସନ ହରାଇବେ ନାହିଁ । ତେବେ ଷ୍ଟାଲିନ୍ ଏହାକୁ ଖାରଜ କରି ଏହା ଏକ ରାଜନୈତିକ ବୟାନବାଜି ଓ ବିଧିବଦ୍ଧ ପ୍ରତିଶ୍ରୁତିରୁ ଦୂରରେ ବୋଲି କହିଥିଲେ । ପ୍ରଧାନମନ୍ତ୍ରୀଙ୍କର ୨୦୨୩ରେ ତେଲେଙ୍ଗାନା ବିଧାନସଭା ନିର୍ବାଚନ ବେଳେ ଏକ ଭାଷଣକୁ ଉଲ୍ଲେଖ କରିଥିଲେ । ଦକ୍ଷିଣାଞ୍ଚଳ ରାଜ୍ୟଗୁଡ଼ିକ ଜନସଂଖ୍ୟା ଆଧାରରେ ୧୦୦ରୁ ଉର୍ଦ୍ଧ୍ୱ ଆସନ ହରାଇବ ବୋଲି ସେ ସୂଚନା ଦେଇଥିଲେ ।

ଚେନ୍ନାଇରେ ହୋଇଥିବା ଏହି ବୈଠକ ଏକ ବ୍ୟାପକ ରାଜନୈତିକ ସମନ୍ୱୟ ସୃଷ୍ଟି କରିଛି । ବିରୋଧୀ ରାଜ୍ୟଗୁଡ଼ିକ ଲାଗି ଏକ ପ୍ରସଙ୍ଗ ମିଳିଛି । ବିଜେପି ଦକ୍ଷିଣାଞ୍ଚଳ ରାଜ୍ୟଗୁଡ଼ିକୁ କ୍ଷତି ପହଞ୍ଚାଇବ ନାହିଁ ବୋଲି କେନ୍ଦ୍ର ସରକାର ଗ୍ୟାରେଣ୍ଟି ଦିଅନ୍ତୁ ବୋଲି କଥା ଉଠିଛି । ଜେଏସି ବୈଠକରେ ହୋଇଥିବା ପ୍ରସ୍ତାବରେ ଏହାକୁ ଅତ୍ୟନ୍ତ ଗୁରୁତ୍ତର ବୋଲି କୁହାଯାଇଛି । କେନ୍ଦ୍ର ସରକାର ସୀମା ପୁନଃନିର୍ଦ୍ଧାରଣ ପ୍ରକ୍ରିୟାକୁ ସ୍ଥଗିତ କରନ୍ତୁ ବୋଲି ଉଲ୍ଲେଖ କରାଯାଇଥିଲା । ବୈଠକରେ କେରଳ, ତେଲେଙ୍ଗାନା, ପଞ୍ଜାବର ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିଲେ । କର୍ଣ୍ଣାଟକର ଉପମୁଖ୍ୟମନ୍ତ୍ରୀ ବିକେ ଶିବକୁମାର ଉପସ୍ଥିତ ଥିଲେ । ସେହିଭଳି ୱାଇଏସ୍‌ଆର୍‌ସିପି, କଂଗ୍ରେସ, ସିପିଆଇଏମ୍, ସିପିଆଇ, ବିଜେଡି ଓ ଆପ୍ ପକ୍ଷରୁ ମଧ୍ୟ ପ୍ରତିନିଧି ପଠାଯାଇଥିଲା । ବିଜେଡି ପକ୍ଷରୁ ପୂର୍ବତନ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ ଓ ପୂର୍ବତନ ମନ୍ତ୍ରୀ ସଞ୍ଜୟଦାସ ବର୍ମା ପ୍ରତିନିଧି ଭାବେ ଯୋଗ ଦେଇଥିଲେ ।

## ବନ ଦିବସରେ ଫରେଷ୍ଟର ସୁମିତାଭ ପୁରସ୍କୃତ

ଟିଟିଲାଗଡ଼,(ସବ୍ୟୁ): ବିଶ୍ୱ ବନ ଦିବସ ଅବସରରେ ଭୁବନେଶ୍ୱର ଲୋକସେବା ଭବନ ଠାରେ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆଙ୍କ ଉପସ୍ଥିତିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଇଁତଲା କେନ୍ଦୁପତ୍ର ରେଞ୍ଜ ଅନ୍ତର୍ଗତ ଟିଟିଲାଗଡ଼ ସେକ୍ସନର ଫରେଷ୍ଟର ସୁମିତାଭ ତ୍ରିପାଠୀ (ଇଶା ) ଉଲ୍ଲେଖନୀୟ କାର୍ଯ୍ୟ ନେଇ ପୁରସ୍କୃତ ହୋଇଛନ୍ତି । ସୁମିତାଭ ବେଲଗାଁ ନିବାସୀ ସମାଜସେୀ ବିଶ୍ୱନାଥ ତ୍ରିପାଠୀ ଏବଂ ଆଇସିଡ଼ିଏସ ସୁପରଭାଇଜର ପ୍ରଭାତୀ ତ୍ରିପାଠୀଙ୍କ କନ୍ୟା । ଧରପଗଡ଼ ନିବାସୀ କୃଷକ ନେତା ସତ୍ୟ ନାରାୟଣ ପଣ୍ଡା ଏବଂ ସରପଞ୍ଚ ଗୀତାଞ୍ଜଳି ପଣ୍ଡାଙ୍କ ପୁତ୍ରବଧୂ। କେନ୍ଦୁପତ୍ର ବିଭାଗ ଫରେଷ୍ଟର ସୋମ୍ୟରଞ୍ଜନ ପଣ୍ଡାଙ୍କ ଧର୍ମ ପତ୍ନୀ ଅଟନ୍ତି । ଉଲ୍ଲେଖନୀୟ କାର୍ଯ୍ୟ ନେଇ ପୁରସ୍କୃତ ହୋଇଥିବା ସୁମିତାଭଙ୍କୁ ସ୍ଥାନୀୟ ବିଭାଗୀୟ ଅଧିକାରୀ, କର୍ମଚାରୀ ତଥା ନିକଟ ପରିଜନଙ୍କ ଠାରୁ ସମ୍ବର୍ଦ୍ଧନା ଦିଆଯାଉଛି ।

## ଟାଙ୍ଗିଆ ଚୋଟରେ ଦୁଇ ମହିଳା ମୃତ

ସୁନ୍ଦରଗଡ଼ (ସବ୍ୟୁ): ପାରିବାରିକ ଶତ୍ରୁତାକୁ କେନ୍ଦ୍ର କରି ସୁନ୍ଦରଗଡ଼ ଜିଲ୍ଲା ହେମଗିରି ଥାନା ଗଡ଼ତୁମୁଳିଆରେ ଶନିବାର ଦୁଇ ଜଣ ମହିଳାଙ୍କୁ ହତ୍ୟା କରାଯାଇଛି। ହତ୍ୟାକାଣ୍ଡର ଶିକାର ହୋଇଛନ୍ତି ଆଈ ଓ ଝିଅ। ସେମାନେ ହେଲେ ବିଳାସିନୀ ସୁଇ (୫୦) ଓ ତାଙ୍କର ମା'। ହେମଗିରି ଥାନା ଗଡ଼ତୁମୁଳିଆ ଗାଁରେ ବିଳାସିନୀ ଓ ତାଙ୍କର ମା' ପାଣି ନେଇକି ଘରକୁ ଆସୁଥିଲେ। ଏହି ସମୟରେ ଅଭିଯୁକ୍ତ ବ୍ୟକ୍ତି ଟାଙ୍ଗିଆ ଧରି ପୂର୍ବ ପ୍ରସ୍ତୁତିରେ ଥିଲା। ସେ ବିଳାସିନୀ ଓ ତାଙ୍କର ମା'ଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ହିଁ ୨ ମହିଳା ଟଳି ପଡ଼ିଥିଲେ। ଏହା ପରେ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ପୁଲିସ ସୂଚନା ପାଇଁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

## ବାଙ୍କିପାଲିରେ ଗଞ୍ଜେଇ ଜବତ୍, ଦୁଇ ଗିରଫ

ଡୁଙ୍ଗୁରିପାଲି/ଏସ.ରାମପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ରାମପୁର ପୋଲିସ ଶୁକ୍ରବାର ରାତିରେ ବାଙ୍କିପାଲିରେ ୫କେଜି ଗଞ୍ଜେଇ ଜବ୍ତ୍ କରିବା ସହ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ପୋଲିସ ସୂଚନାରୁ ଜଣାପଡିଛି ଯେ, ବାଙ୍କିପାଲି ଗ୍ରାମର ଅନିରୁଦ୍ଧ ଗୁପ୍ତା (୭୪)ମିଥଲ ଗୁପ୍ତା ଓ ସଦାନନ୍ଦ ଭୋଇ (ସଦା)ଙ୍କ ଠାରୁ ରାମପୁର ପୋଲିସ ୫କେଜି ଗଞ୍ଜେଇ ତାଙ୍କ ଘରୁ ଜବତ କରିଛି । ଏନେଇ ରାମପୁର ପୋଲିସ କେଶ ନଂ ୩୭ ତା ୨୧/୩/୨୫ ରେ ମାମଲା ରୁଜୁ କରି ଉଭୟଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ଜଣା ପଡିଛି। ରାମପୁର ଥାନା ଅଧିକାରୀ ପଦ୍ମାସିନୀ ମେହେରଙ୍କ ନେତୃତ୍ୱରେ ଏଏସଆଇ ସୁରଞ୍ଜି ସେଠୀ ଓ ପୋଲିସ ଟିମ୍ ଚଢ଼ାଉ କରିଥିଲେ।

## କାଳବୈଶାଖୀ ପ୍ରଭାବରେ ବର୍ଷା ସହ କୁଆପଥର ମାଡ

ଦେବଗଡ,(ସବ୍ୟୁ): ଶନିବାର ସନ୍ଧ୍ୟାରେ ଦେବଗଡ ଜିଲ୍ଲାର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ବର୍ଷା ହୋଇଥିବା ଦେଖିବାକୁ ମିଳିଛି। ଜୋରରେ ପବନ ହେବା ସହ କୁଆପଥର ମାଡ ହେବା ଯୋଗୁଁ ବିଭିନ୍ନ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଅଭିଯୋଗ ହୋଇଛି। ରିଆମାଳ ବ୍ଲକ ଅଞ୍ଚଳର ଗୁଣ୍ଡିଆପାଲି, ଧଉରାଗୋଠ, ପାଇକନଗର ଆଦି ଅଞ୍ଚଳରେ କୁଆପଥର ମାଡରେ ଘରର ଆଜବେଷ୍ଟସ କଣା ହୋଇଯାଇଥିବା ଅଭିଯୋଗ ହୋଇଛି। ସେହିପରି ବିଭିନ୍ନ ଅଞ୍ଚଳରେ କୁଆପଥର ମାଡ ଯୋଗୁଁ ତରଭୁଜ ଚାଷ କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି।

## ନାବାଳିକା ଦୁଷ୍କର୍ମକାରୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ଅଭିଲାଶ ସେନାପତି ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ରାୟ ପ୍ରଦାନ କରିଛନ୍ତି । ଦୋଷୀ ଗୋପିନାଥ ମୁଣ୍ଡା(୧୯)ଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୫୦ହଜାର ଟଙ୍କା ଜରିମାନା କରିଥିବା ବେଳେ ଅର୍ଥ ଅନାଦେୟ ଦେଲେ ଅଧିକ ୧ବର୍ଷ ଦଣ୍ଡାଦେଶ ରହିଛି । ସୂଚନାଯୋଗ୍ୟ, ସମ୍ବଲପୁର ସହର ଅଇଁଠାପାଲି ଥାନା ଅଞ୍ଚଳର ଜଣେ ୧୧ବର୍ଷିୟା ନାବାଳିକା ଗତ ୨୮ଜୁଲାଇ, ୨୦୨୨ତାରିଖ ରାତି ପ୍ରାୟ ୧୧ଟାରେ ନିଜ ବଡ ଭଉଣୀ ସହ ପରିସ୍ରା କରିବାକୁ ପଦାକୁ ଆସିଥିଲେ । ଏହି ସମୟରେ ଘରେ ପାଟିତୁଣ୍ଡ ଶୁଣି ବଡ ଭଉଣୀ ଘରକୁ ଚାଲି ଯାଇଥିଲା । ନାବାଳିକା ଜଣକ ପଡାର ଗଳିରେ ପରିସ୍ରା କରୁଥିବା ବେଳେ ସେହି ଅଞ୍ଚଳର ଅଭିଯୁକ୍ତ ଗୋପିନାଥ ତାକୁ ବଳ ପୂର୍ବକ ଦୁଷ୍କର୍ମ କରିଥିଲା । ପୀଡିତାର ପାଟିଶୁଣି ମାଆ ଓ ବଡ ଭଉଣୀ ଘଟଣାସ୍ଥଳରେ ପହଞ୍ଚିବାରୁ ଅଭିଯୁକ୍ତ ଫେରାର ହୋଇ ଯାଇଥିଲା । ଏହାର ଦିନକ ପରେ ପୀଡିତା ପରିବାର ପକ୍ଷରୁ ଅଇଁଠାପାଲି ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା । ଏନେଇ ୪୫/୨୨ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ ପୋଲିସ ଗିରଫ କରିବା ସହ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲା । ପରେ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ଏହି ମାମଲାର ବିଚାର ହୋଇଥିଲା । ୧୬ଜଣ ସାକ୍ଷ୍ୟ ବୟାନକୁ ଭିତ୍ତି କରି କୋର୍ଟ ଏହି ରାୟ ପ୍ରଦାନ କରିଛନ୍ତି । ମାମଲାକୁ ସ୍ୱତନ୍ତ୍ର ପିପି ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ ।

## ସମୁଦୀ ହାଣିଲା ସମୁଦୀଙ୍କୁ, ଅଭିଯୁକ୍ତ ଅଟକ

ରେଢ଼ାଖୋଲ,(ସବ୍ୟୁ): ପାରିବାରିକ ଶତୃତାରୁ ସମୁଦୀ - ସମୁଦୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିବା ଭଳି ଘଟଣା ଘଟିଛି ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା ଥାନା ଅନ୍ତର୍ଗତ ଗଞ୍ଜାବାହାଲ ଗ୍ରାମରେ ଆଜି ସ୍ପଷ୍ଟ ଦିବା ଲୋକରେ ।

ସୂଚନା ଅନୁସାରେ ଗତ ପ୍ରାୟ ଚାରି ବର୍ଷ ତଳେ ଗଞ୍ଜାବାହାଲ ଗ୍ରାମର ମୁରଲୀ ଧର ଧଳଙ୍କ ପୁଅ କେଲୋ ଗ୍ରାମର ଗିରିଧାରୀ ସାହୁଙ୍କ ଝିଅକୁ ପ୍ରେମ ବିବାହ କରିଥିଲେ। ଏହି ବିବାହକୁ ଗିରିଧାରୀ ସେହି ସମୟରେ ବିରୋଧ କରିଥିଲେ। ଏପରିକି ବିବାହ ପରେ ଗିରିଧାରୀ ସମୁଦୀ ମୁରଲୀ ଧରଙ୍କୁ ବିଭିନ୍ନ ସମୟରେ ଜୀବନରେ ମାରିଦେବାକୁ ଧମକ ଚମକ ଦେଇ ଆସୁଥିବା ଅଭିଯୋଗ ହେଉଥିଲା ।

ଶନିବାର ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ମୁରଲୀଧର ଧଳ ନିଜ ବାଇକରେ ଏକାକୀ କଞ୍ଚନପୁର ପଟରୁ ଘରକୁ ଫେରୁଥିବା ବେଳେ ନୂତନ ଗଞ୍ଜାବାହାଲ ପ୍ରାଥମିକ ସ୍କୁଲ ସମ୍ମୁଖରେ ପୂର୍ବରୁ ଛକି ରହିଥିବା ଗିରିଧାରୀ ଟାଙ୍ଗିଆରେ ମୁରଲୀଧର ଧଳଙ୍କ ଉପରେ ଚୋଟ ପରେ ଚୋଟ ପକାଇ ହତ୍ୟା କରିଥିଲେ। ଫଳରେ ମୁରଲୀଧରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଖବର ପାଇ କିସିଣ୍ଡା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହକୁ ଜବତ କରିବା ସହ ହତ୍ୟାକାରୀ ଗିରିଧାରୀ ସାହୁକୁ ତାଙ୍କ ଘରୁ ଆଣି ଅଟକ ରଖି ତଦନ୍ତ କରୁଥିବା ଜଣା ପଡିଛି । କିଛି ବର୍ଷ ହେଲା ଉଭୟ ପରିବାର ମଧ୍ୟରେ ତିକ୍ତତା ରହିଥିଲା ବୋଲି ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି । ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ବେଳେ ୨୦/୨୦୨୫ରେ ଏକ ହତ୍ୟା ମାମଲା ରୁଜୁକରି ଶବକୁ ରେଢ଼ାଖୋଲକୁ ବ୍ୟବଛେଦ ପାଇଁ ପଠାଯାଇଥିବା ପୋଲିସ ପ୍ରକାଶ କରିଛି ।

## କୋଟିପତି ପିଇଓଙ୍କୁ ଗିରଫ କଲା ଭିଜିଲାନ୍ସ

ଭବାନୀପାଟଣା, (ସବ୍ୟୁ): କ୍ରିକେଟ୍ ବ୍ୟାଟିଂରେ କଳାହାଣ୍ଡି ଜିଲ୍ଲା ଥୁଆମୁଲ ରାମପୁର ବ୍ଲକର ନିଲମ୍ବିତ ପିଇଓ ଦେବାନନ୍ଦ ସାଗର ଗିରଫ। ସରକାରୀ ଟଙ୍କା ୩ କୋଟି ୨୬ ଲକ୍ଷକୁ ସରପଞ୍ଚଙ୍କ ନକଲି ଦସ୍ତଖତରେ ଉଠାଇ କ୍ରିକେଟ ବ୍ୟାଟିଂରେ ଖର୍ଚ୍ଚ କରିଥିବା ଭିଜିଲାନ୍ସ ପକ୍ଷର ସୂଚନା ଦିଆଯାଇଛି । ୨୦୧୬ ରୁ ୨୦୨୨ ମସିହା ପର୍ଯ୍ୟନ୍ତ ସେ ଥୁଆମୁଲ ରାମପୁର ବ୍ଲକର ତଳନାଗି ପଞ୍ଚାୟତରେ ପିଇଓ ଭାବେ ଚାକିରି ଜୀବନ ଆରମ୍ଭ କରିଥିବା ବେଳେ ୨୦୧୮ ମସିହାରେ ପୋଡ଼ାପଦର୍ ପଂଚାୟତର ପିଇଓ ଭାବରେ ଅତିରିକ୍ତ ଦାଇତ୍ୱ ନେଇଥିଲେ। ସେହି ସମୟରେ ଏହି ସରକାରୀ ଟଙ୍କାକୁ ସେ ଆତ୍ମସାତ କରିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି । ସେହିପରି ୨୦୨୩ ମସିହାରେ ୧ କୋଟି ୪ ଲକ୍ଷ ସରକାରୀ ଟଙ୍କାକୁ ସେ ଆତ୍ମସାତ କରିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି । ସେହି ସମୟରେ ସେ ବଡ଼ଛତ୍ରଙ୍ଗ, ବିରିକୋଟ ଏବଂ ଲାଞ୍ଜିଗଡ ବ୍ଲକର ପାହାଡ଼ ପଦର ପଞ୍ଚାୟତରେ ପିଇଓ ଭାବେ କାର୍ଯ୍ୟରତ ଥିଲେ । ଏହି ଉଭୟ ଘଟଣାରେ ତାଙ୍କ ନାଁରେ ଦୁଇଟି ପୃଥକ୍ ପୃଥକ କୋରାପୁଟ ଡ଼ିଭିଜନ ଭିଜିଲାନ୍ସ ମାମଲା ରୁଜୁ କରି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଭବାନୀପାଟଣାକୁ ଚାଲାଣ କରିଛି। ଏନେଇ ଭବାନୀପାଟଣା ଭିଜିଲାନ୍ସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥଲା। ସାମ୍ବାଦିକ ସମ୍ମିଳନୀରେ କୋରାପୁଟ ଭିଜିଲାନ୍ସ ଏସପି ରବୀନ୍ଦ୍ର କୁମାର୍ ପଣ୍ଡା ସମସ୍ତ ସୂଚନା ଦେଇଛନ୍ତି। ଏନେଇ କୋରାପୁଟ ଭିଜିଲାନ୍ସ ଏସପି ରବୀନ୍ଦ୍ର ପଣ୍ଡା କହିଛନ୍ତି ଯେ, ଥୁଆମୁଲ ରାମପୁର ବ୍ଲକର ପୋଡାପଦର୍ ଓ ତାଳନାଗି ପଂଚାୟତରେ ଅନେକ ସରକାରୀ ଯୋଜନାରେ ଜାଲିଆତି କରି ୩ କୋଟି ୨୬ ଲକ୍ଷ ଟଙ୍କା ପିଇଓ ଦେବାନନ୍ଦ ସାଗର ଅନଲାଇନ୍ ମାଧ୍ୟମରେ ନିଜ ଖାତାକୁ ନେଇ ସମସ୍ତ ଟଙ୍କାକୁ ଅନଲାଇନ୍ ବ୍ୟାଟିଂ ରେ ଲଗାଇଥିଲେ। ଅଭିଯୋଗ ପରେ ଘଟଣାର ତଦନ୍ତ କରିବା ପରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଏହା ସହିତ ଅଧିକ୍ ତଦନ୍ତ ଜାରୀ ରହିଥିବା ଶ୍ରୀ ପଣ୍ଡା ପ୍ରକାଶ କରିଛନ୍ତି ।

## କାକା ଓ ଦୁଇ ପୁତୁରା ମଧ୍ୟରେ ହଣାହଣି, ତିନି ଗୁରୁତର

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଗାଁରେଇ ଗ୍ରାମରେ ପୂର୍ବ ଶତ୍ରୁତା ଓ ପାରିବାରିକ କଳହକୁ ନେଇ ଜଣେ ସମ୍ପର୍କୀୟ କାକା ଓ ତାଙ୍କ ଦୁଇ ପୁତୁରା ମଧ୍ୟରେ ଧାରୁଆ କଟୁରୀରେ ହଣାହଣି ହେବାରୁ ତିନିଜଣ ଗୁରୁତରଙ୍କୁ ରାୟପୁର ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ଗାଁରେଇ ଗ୍ରାମର ପ୍ରଭୁଲାଲ ନାଗ(୮୦) ଥାନାରେ ଦେଇଥିବା ଏତଲା ମୁତାବକ ତାଙ୍କ ପୁଅ ନରସିଂହ ନାଗ(୩୭)ଙ୍କୁ ସମ୍ପର୍କୀୟ ପୁତୁରା ନୂଆଁଖାଉ ନାଗ,ଇନ୍ଦ୍ର ନାଗ, ଲାଏବାନ ନାଗ,ଚେର ନାଗ ଓ କର୍ପୁର ନାଗ ଶନିବାର ସନ୍ଧ୍ୟାରେ ପୂର୍ବ ଶତ୍ରୁତା ଓ ପାରିବାରିକ କଳହକୁ ନେଇ ଧାରୁଆ କଟୁରୀରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ତାଙ୍କର ହାତ କଟିଯାଇଥିବା ବେଳେ ଅନ୍ୟାନ୍ୟ ସ୍ଥାନରେ ଗୁରୁତର ଆଘାତ ଲାଗିଥିଲା। ଗୁରୁତର ନରସିଂହଙ୍କୁ ପ୍ରଥମେ ମୁରିବାହାଲ ପରେ ବଲାଙ୍ଗିର ଓ ଶେଷ ଖବର ସୁଦ୍ଧା ରାୟପୁର ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ସେହିପରି ଦୁଇ ପୁତୁରା ନୂଆଁଖାଉ ଓ ଇନ୍ଦ୍ର ସନ୍ଧ୍ୟାରେ କଥା ହେଉଥିବା ବେଳେ ହଠାତ୍ ସମ୍ପର୍କୀୟ କାକା ନରସିଂହ ଉଭୟଙ୍କୁ କଟୁରୀରେ ଅତର୍କିତ ଆକ୍ରମଣ କରିଥିଲା। ଉଭୟ ଗୁରୁତର ପୁତୁରା ସେହି କଟୁରୀରେ ହିଁ ନରସିଂହଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଗୁରୁତର ଆହତଙ୍କୁ ଉଦ୍ଧାର କରି ପୁଲିସ ମେଡିକାଲରେ ଭର୍ତ୍ତି କରିଥିଲା। ଗୁରୁତର ଦୁଇ ପୁତୁରା ଏବେ ରାୟପୁର ମେଡିକାଲରେ ଚିକିତ୍ସିତ ହେଉଥିବାରୁ ଖବର ଲେଖାସୁଦ୍ଧା ଥାନାରେ ଏତଲା ଦେଇନାହାଁନ୍ତି । ଅନ୍ୟ ପକ୍ଷରେ ପ୍ରଭୁଲାଲଙ୍କ ଏତଲା ଆଧାରରେ ପୁଲିସ କେଶ ନଂ୩/୨୫ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ଥାନା ଆଇଆଇସି ସିପୋରା ସରାୟ ଲୁଗୁନ୍ ପ୍ରକାଶ କରିଛନ୍ତି ।

**AFFIDAVIT**

**(BEFORE NOTARY PUBLIC, RAYAGADA)**

I, Dinesh Kumar Taunk, S/O Sri Rasiklal Mulji Taunk, resident of K.D. singh street, B.C Road, Jaykaypur, Po : J.K. Pur, PS : Chandili, Tah/Dist : Rayagada, Odisha, PIN-765017, declare by this Affidavit No. 3962 dtd. 21.3.25 that now onwards I shall be known as Dinesh Kumar Rasiklal Taunk for all future purposes.

## ଶ୍ରୀଜୀଉଙ୍କ ଦର୍ଶନ କଲେ ଜରା ନିବାସ ଅନ୍ତେବାସୀ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ସାଥି ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଜରା ନିବାସ ଅନ୍ତେବାସୀ ଶ୍ରୀଜିଉଙ୍କ ଦର୍ଶନ କରିଛନ୍ତି । ଏଥିସହ ମନ୍ଦିର ବେଢା ବୁଲିବା ସହ ମହୋଦଧିରେ ସ୍ନାନ, ମହାପ୍ରସାଦ ସେବନ କରି ବେଶ ଆନନ୍ଦିତ ହୋଇଛନ୍ତି । ଶନିବାର ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ମ୍ୟୁନସିପାଲଟି ଛକ ସ୍ଥିତ ପଞ୍ଚମୁଖି ହନୁମାନ ଦର୍ଶନ ପରେ ୫୧ଜଣ ଅନ୍ତେବାସୀ ଏକ ସ୍ୱତନ୍ତ୍ର ବସ୍ ଯୋଗେ ପୁରୀ ଅଭିମୁଖେ ଯାତ୍ରା କରିଥିଲେ । ଟ୍ରଷ୍ଟ ସଭାପତି ଶତୃଘନ ଲାଲ ସାହା, କାର୍ଯ୍ୟକାରୀ ସଭାପତି ସିଦ୍ଧାର୍ଥ ସାହା ଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି ଯାତ୍ରାରେ ଫୁଲଝରଣର ସ୍ଥିତ ମା ପାର୍ବତୀ ଗିରି ମାତୃଭବନ ଓ ହୁମା ସ୍ଥିତ ବୀର ସୁରେନ୍ଦ୍ର ସାଏ ଜରା ନିବାସର ଅନ୍ତେବାସୀଙ୍କ ସହ ଜିଲ୍ଲା ରେଡକ୍ରସର ୨ଜଣ ସଦସ୍ୟ, ମେଡିକାଲ ଟିମ୍ ଓ ୧୨ଜଣ ଅଭିଜ୍ଞ ସଦସ୍ୟ ଯାତ୍ରା କରିଛନ୍ତି । ଏସମସ୍ତ ତୀର୍ଥଯାତ୍ରୀଙ୍କ ଯାତ୍ରା, ଖାଦ୍ୟପାନୀୟ ଓ ରହଣୀ ବ୍ୟବସ୍ଥା ସଂସ୍ଥା ପକ୍ଷରୁ ବହନ କରାଯାଇଛି । ସୂଚନାଯୋଗ୍ୟ, ପବିତ୍ର ମହାକୁମ୍ଭ ସ୍ନାନ ପାଇଁ ୨୦୦ରୁ ଅଧିକ ବରିଷ୍ଠ ନାଗରିକଙ୍କୁ ପୂର୍ବରୁ ପ୍ରୟାଗରାଜ ନିଆଯାଇଥିଲା ।

**ନାମ ପରିବର୍ତ୍ତନ ସତ୍ୟପାଠ**

ଆମ୍ଭେ ଯୋଗେଶ୍ୱର ଜେନା, ବୟସ-୪୨, ପିତା-ରାମଚନ୍ଦ୍ର ଜେନା, ସା-ବେଲପଦର, ପୋ-କାସନ୍ଦା, ଥାନା-ବୋଲଗଡ଼, ଜିଲ୍ଲା-ଖୋର୍ଦ୍ଧା ର ଜଣେ ସ୍ଥାୟୀ ବାସିନ୍ଦା ଅଟୁ । ଆମ୍ଭ ନାବାଳିକା କନ୍ୟା ନାମ ସରକାରୀ ସ୍ତରରେ ମଞ୍ଜୁର ଜନ୍ମ ପ୍ରମାଣପତ୍ର ଅନୁଯାୟୀ ରାଲି ଜେନା ଏବଂ ଜନ୍ମ ତାରିଖ : ୩୦.୦୫.୨୦୧୨ ଅଟେ । କିନ୍ତୁ ଆଧାର ପ୍ରମାଣପତ୍ର ସଂଖ୍ୟା - ୫୫୬୫ ୮୫୬୫ ୧୨୪୨ରେ ଆମ୍ଭ ନାବାଳିକା କନ୍ୟା ନାମ ପାପାଲି ଜେନା ଏବଂ ଜନ୍ମ ତାରିଖ : ୨୪.୦୫.୨୦୧୩ ଦରଜ ହୋଇଛି । ଆଧାର ପ୍ରମାଣପତ୍ର ରେ ନାମ ସଂଶୋଧନ ନିମନ୍ତେ ୨୪.୦୨.୦୨୫ ତାରିଖରେ ରଣପୁର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଅଦାଲତରେ ସତ୍ୟପାଠ ଦାଖଲ କରି ଆମ୍ଭ ନାବାଳିକା କନ୍ୟା ନାମ ପରିବର୍ତ୍ତନ ସ୍ୱରୂପ ପାପାଲି ଜେନା, ଜନ୍ମ ତାରିଖ ୨୪.୦୫.୨୦୧୨ ପରିବର୍ତ୍ତେ ରାଲି ଜେନା, ଜନ୍ମ ତାରିଖ ୩୦.୦୫.୨୦୧୨ ଘୋଷଣା କରୁଅଛୁ । ଏଣିକି ଆମ୍ଭ ନାବାଳିକା କନ୍ୟା ନାମ ରାଲି ଜେନା, ଜନ୍ମ ତାରିଖ ୩୦.୦୫.୨୦୧୨, ପିତା-ଯୋଗେଶ୍ୱର ଜେନା ରୂପେ ସବୁଠାରେ ପରିଚିତ ହେବେ ।

ସ୍ୱାକ୍ଷର /- ଯୋଗେଶ୍ୱର ଜେନା

**AFFIDAVIT**

I, Jemadei Podha, Aged (73), D/o- Baidhar Padhan, Resident of At- Mochibahal, Po- Mochibahal, Ps- Charmal, Dist- Sambalpur. Declare by this Affidavit No- 1296, Dtd. 22.03.2025, I have changed my name from Jemadei Binjhal, D/o- Jogeswar Binjhal to Jemadei Podha, D/o- Baidhar Padhan. Henceforth she shall be known as Jemadei Podha, D/o- Baidhar Padhan for all purposes.

Sd/- Jemadei Podha

## ଫେରିଲେ ୭୧ ଟିକିଆ ହାତୀ ପଲ



ବେତନଟୀ (ସବ୍ୟୁ) : ଝାଡଖଣ୍ଡ ଦଲମା ଅଞ୍ଚଳରୁ ଆସିଥିବା ୭୧ ଟିକିଆ ହାତୀପଲ ।ତିନି ମାସ ପୂର୍ବେ ବେତନଟୀ ରେଞ୍ଜ ଅଧୀନସ୍ଥ ବିଭିନ୍ନ ଜଙ୍ଗଲରେ ରହିବା ସହିତ କ୍ଷୀରପଦା ଜଙ୍ଗଲରେ ପହଞ୍ଚିବା ପରେ ସେଠାରେ ଏକ ହାତୀ ଶାବକ ଜନ୍ମ ନେଇଥିଲା । ଯାହା ଦ୍ୱାରା ଏହି ହାତୀ ପଲ ହାତୀ ଶାବକ କୁ ଜଗି ରହିବା ସହ ଶହ ଶହ ଏକର ଧାନ ବିଲ ସହିତ ପରିବା ବାଡି ଧ୍ୱଂସ କରି ଚାଲି ଥିଲେ। କିଛି ଦିନ ଧାନ ଫସଲ ଧ୍ୱଂସ କରିବା ପରେ ଫେରିଯାଇଥିଲେ। ପ୍ରାୟ ତିନିମାସ ପରେ ୨୫/୩୦ ଟିକିଆ ହାତୀ ପଲ ପୁଣି ରେଞ୍ଜ ଅଧୀନକୁ ପଶି ତିଳପଦା ଜଙ୍ଗଲରେ ପହଞ୍ଚିଥିଲେ। ହାତୀ ପଲ ଭାଗ ଭାଗ ହୋଇ ବିଭିନ୍ନ ଅଞ୍ଚଳରେ ତାଣ୍ଡବ ଚଳାଇଥିଲେ। ଗୁରୁବାର ସନ୍ଧ୍ୟାରେ ୩୫ ଟିକିଆ ହାତୀପଲ ହାତୀଝୁରୀ ଠାରେ ୧୮ ନଂ ଜାତୀୟ ରାଜପଥ ପାରି ହୋଇ ଫୁଲଝରୀ , ନଡପୁର, ଦଲକି ଜଙ୍ଗଲରେ ରହିଥିବା ନେଇ ଜଙ୍ଗଲ ବିଭାଗ ତରଫରୁ ପ୍ରକାଶ। ପୂର୍ବ ହାତୀପଲ କ୍ଷୀରପଦା, ଦଲଦଲି, ମୋହନପୁର, ଚୁଆପଦା, ପାଟଲୀପୁରା ଅଞ୍ଚଳର ଚାଷୀ ମାନେ ଯେଉଁ ପରି ଆତଙ୍କିତ ଥିଲେ, ପୁଣି ଏହି ହାତୀ ପଲ ଫେରି ଆସିବା ପରେ ସେମାନଙ୍କର ଭୟ ଦ୍ୱିଗୁଣିତ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଏହି ହାତୀ ପଲ ବୁଢ଼ାବଳଙ୍ଗ ନଦୀ ପଠା ନାଖରା, ଦେବସ୍ଥଳ, ଖଣ୍ଡଦେଉଳା ଆଦି ଅଞ୍ଚଳରେ ଥିବା ଏକର ଏକର ଜମିରେ ଲଗାଯାଇଥିବା ଜହ୍ନି,କାକୁଡି ,ଭେଣ୍ଡି , ବୋଇତାଳୁ ,ପୋଟଳ କ୍ଷେତକୁ ଛିନ୍ ଭିନ୍ କରିଦେଇଛନ୍ତି। ଲକ୍ଷ ଲକ୍ଷ ଟଙ୍କାର ପନିପରିବା ନଷ୍ଟ ହୋଇ ଯାଇଥିବାର ଅଭିଯୋଗ ହୋଇଛି । ରେଞ୍ଜ ଅଧିକାରୀଙ୍କ ଠାରୁ ପ୍ରକାଶ ଶନିବାର ସନ୍ଧ୍ୟା ସୁଦ୍ଧା ନଡପୁରରେ ୩୫,ବଡାମପୁରରେ ୪,କ୍ଷୀରପଦା ରେ ୪,ଏବଂ ତିଳପଦା ଅଞ୍ଚଳରେ ବାକି ହାତୀ ପଲ ରହିଥିବା ଜଣାଯାଇଛି। ଏହି ହାତୀ ପଲଙ୍କ ଗତିପଥ ଉପରେ ବେତନଟୀ ରେଞ୍ଜ ଅଧିକାରୀ ମନୱର ଖାଁ, ବେତନଟୀ ବନପାଳ ପ୍ରଶାନ୍ତ ସିଂ ସାମନ୍ତ , ବଡ଼ାମପୁର ବନପାଳ ଦୀପକ କୁମାର ପାତ୍ର , ବନରକ୍ଷୀ ଓ ଗଜ ସାଥି କର୍ମଚାରୀ ତୀକ୍ଷ୍ଣ ନଜର ରଖିଥିବା ଜଣାଯାଇଛି।

**MANIKESWARI DEGREE COLLEGE**

Email-manikeswaridegreecollege@gmail.com
AT/PO-GARH TUMULIA, DIST-SUNDARGARH (ODISHA)
PIN-770024, MOB-7205195224

Letter No. MC 3524/25 Date : 22.03.2025

**QUOTATION CALL NOTICE**

Sealed Quotations are invited from the eligible authorized dealers/suppliers having valid GST and PAN for supply of Science Laboratory Chemicals & Equipment's and other items. The details of items can be obtained from the college office. Documents must reach this office within seven days from publication of this notice. All the documents must be sent via Speed Post/Registered Post only.

The authority reserves the right to cancel any or all quotations without assigning any reason thereof.

Principal,
Manikeswari Degree College,
At/Po- Garh-Tumulia,
Dist-Sundargarh,
Pin-770024, Odisha.

Yours faithfully
Sd/- Principal

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

### କଳିଙ୍ଗ ସାହିତ୍ୟ ମହୋତ୍ସବ–୨୦୨୫ ର ଦ୍ୱିତୀୟ ଦିନ

# ଭାରତରେ ବହି ପଢିବା ପାଇଁ ପାଠକୀୟ ଆଗ୍ରହ ଶୁଭ ସଂକେତ

ଭୁବନେଶ୍ୱର: (ସବ୍ୟୁ): ପୁସ୍ତକ ରଚନା କଲାବେଳେ ରାଜନୈତିକ ଜୀବନର ଆଦର୍ଶ ଗତ ଦୃଷ୍ଟିଭଙ୍ଗୀ ବାରମ୍ବାର ସାମାନକୁ ଆସିଲେ ମଧ୍ୟ ତଥ୍ୟଗତ ପ୍ରମାଣ ମାଧ୍ୟମରେ ନିଜ ଲେଖାକୁ ପାଠକଙ୍କ ପାଇଁ ଉପସ୍ଥାପନ କରିବାରେ କୌଣସି ଅସୁବିଧା ହୁଏନି, ବରଂ ଲେଖାକୁ ଅଧିକ ଗବେଷଣା କରି ବୁଦ୍ଧିମନ୍ତ କରିହେବ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ, ବରିଷ୍ଠ ସାଂସଦ ତଥା ଜଣାଶୁଣା ଲେଖକ ଶଶୀ ଥରୂର କହିଛନ୍ତି । ଶନିବାର ଦିନ କଳିଙ୍ଗ ସାହିତ୍ୟ ମହୋତ୍ସବର ଦ୍ୱିତୀୟ ଦିବସରେ ଭୁବନେଶ୍ୱରସ୍ଥ ମେ ଫେର ହୋଟେଲ ରେ ଅନୁଷ୍ଠିତ ସଭାରେ ଯୋଗଦେଇ ଥରୂର କହିଲେ ଯେ ରୁଷିଆ ଓ ୟୁକ୍ରେନ ଯୁଦ୍ଧ ନେଇ ତାଙ୍କ ବକ୍ତ୍ୟବ୍ୟ ନେଇ ଯେଉଁ ଚର୍ଚ୍ଚା ଚାଲିଛି ତାହା ସେ ତଥ୍ୟ ଆଧାରରେ କହିଥିଲେ କାରଣ ଉଭୟ ଦେଶ ଭାରତ ର ଭୂମିକାକୁ ଗ୍ରହଣ କରି ନେଇଛନ୍ତି ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରିଛନ୍ତି । ଥରୁର ରାଜନୀତି, ସାହିତ୍ୟ, ଲେଖକଙ୍କ ଭୂମିକା, ନୂଆ ଟ୍ରମ୍ପ ପ୍ରଶାସନ ଓ ଭାରତ




–ଆମେରିକା ଦୁଇପାକ୍ଷିକ ବାଣିଜ୍ୟ ଓ ଟାରିଫ ନେଇ ଅନେକ ବିଷୟରେ ଆଲୋଚନା କରି ବରିଷ୍ଠ ସାମ୍ବାଦିକ ସତୀଶ ପଦ୍ମନାଭନ ଓ ଉପସ୍ଥିତ ଲେଖକଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ । ସେ କହିଥିଲେ ଯେ ଅନ୍ୟ ଦେଶ ଅପେକ୍ଷା ଭାରତରେ ଏବେ ବି ପୁସ୍ତକ ପାଇଁ ପାଠକୀୟ ଆଗ୍ରହ ରହିଛି । ଦ୍ୱିତୀୟ ଦିବସ ର ଅଧିବେଶନକୁ ନାଗାଲାଣ୍ଡ ର ପର୍ଯ୍ୟଟନ ମନ୍ତ୍ରୀ ଟେମଜେମ ଇମ୍ନା ଏବଂ କେରଳ ତ୍ରିଭାନକର ରାଜକନ୍ୟା ଗୌରୀ ଲକ୍ଷ୍ମୀ ବଝୟୀ ଓ ପ୍ରଫେସର ଯତୀନ ନାୟକ ଉଦଘାଟନ କରି, ସାହିତ୍ୟ ଓ ପୁରାତନ ଐତିହ୍ୟ ସମ୍ପର୍କରେ ଆଲୋଚନା କରିଥିଲେ ।

ଶନିବାର ଦିନ ଅନୁଷ୍ଠିତ ଅନ୍ୟ ଏକ ଅଧିବେଶନ ରେ ସାହିତ୍ୟ ଓ ସାଂସ୍କୃତିକ ଉତ୍ଥାନ ରେ ତ୍ରିଭାନକାରେ ରାଜ ପରିବାର ର ଅବଦାନ ବିଷୟରେ ତଥ୍ୟଗତ ଉପସ୍ଥାପନା କର ଯାଇଥିଲା । 'ବ୍ରାଣ୍ଡ ଓଡିଶା' ବିଷୟରେ ହୋଇଥିବା ଅଧିବେଶନ ରେ ଯୋଗଦେଇ ଆଇ ଆଇ ଟି ଭୁବନେଶ୍ୱର, ଆଇ ଆଇ ଏମ ଟି ଓ ଏମ୍ସ ଭୁବନେଶ୍ୱର ର ନିର୍ଦ୍ଦେଶକ ଯୋଗଦେଇ ଶିକ୍ଷା, ଗବେଷଣା, ବିଜ୍ଞାନ, କାରିଗରୀ କୌଶଳ, ସ୍ୱାସ୍ଥ୍ୟ ଓ ଚିକିତ୍ସା ସୁବିଧା ତଥା ଶିଳ୍ପ ଓ ଭିତିଭୂମି ବିକାଶ ଦିଗରେ ଓଡ଼ିଶାର ଅଗ୍ରଗତି କୁ ଭୂୟଶୀ ପ୍ରଶଂସା କରି କିଭଳି ଭାବେ ସେମି କଣ୍ଡକଟର ଉତ୍ପାଦନ ଓ ତଝରକଶି ଶିଳ୍ପ ବିକାଶ କ୍ଷେତ୍ର ବିଭିନ୍ନ ସରକାରି ଅନୁଷ୍ଠାନ ମାନେ ଆଗଭର ହେଉଛନ୍ତି ଓ ଶିଳ୍ପ ଅନୁଷ୍ଠାନ ମାନଙ୍କ ସହ ମିଳିତ ଭାବେ କାମ କରି ଏ ସବୁ ଦିଗରେ ଗବେଷଣା କୁ ଆଗକୁ ବାଇଛନ୍ତି, ବର୍ଣନା କରିଥିଲେ । କଳିଙ୍ଗ ସାହିତ୍ୟ ମହୋତ୍ସଭ ର ସଫଳତା ସମ୍ପର୍କରେ ବର୍ଣନା କାରି ପ୍ରତିଷ୍ଠାତା ରଶ୍ମି ରଞ୍ଜନ ପରିଡା କହିଛନ୍ତି ଯେ ଯୁବ ବର୍ଗ ମଧ୍ୟରେ ବହି ଓ ଲେଖକ ଙ୍କ ସମ୍ପର୍କରେ ଜାଣିବାକୁ ଆଗ୍ରହ ପ୍ରକାଶ ପାଉଥିବାରୁ, ଆମ ଉଦ୍ୟମ ସଫଳ ହୋଇଥିବା ଅନୁଭବ କରୁଛୁ । ତିନିଦିନ ଧରି ଭୁବନେଶ୍ୱର ର ବିଭିନ୍ନ ସଭାକକ୍ଷରେ ଚାଲୁଥିବା ଏହି ମହୋତ୍ସବ ରବିବାର ଦିନ ଉଦଯାପିତ ହେବ । ଏହି କାର୍ଯ୍ୟକ୍ରମ ରେ ଦେଶ ବିଦେଶର ଶତାଧିକ କବି, ଲେଖକ, ସମାଲୋଚକ, ଅଧାପକ ଓ ଗବେଷକ ଯୋଗ ଦେଉଛନ୍ତି ।

## ମାସିକ ବିଦ୍ୟୁତ କିଣା ଖର୍ଚ୍ଚ ୩୭୫ କୋଟି ଟଙ୍କା : ଟିପିଡବ୍ଲ୍ୟୁଓଡିଏଲ୍

ଭୁବନେଶ୍ୱର (ସବ୍ୟୁ): ବିଦ୍ୟୁତ୍ ଭିତ୍ତିଭୂମିର ନିରନ୍ତର ଉନ୍ନତିକରଣ ତଥା ପଶ୍ଚିମ ଓଡ଼ିଶାର ଜନସାଧାରଣଙ୍କୁ ନିରବଚ୍ଛିନ୍ନ ଓ ନିର୍ଭରଯୋଗ୍ୟ ବିଦ୍ୟୁତ୍ ସେବା ଯୋଗାଇ ଦେବା ଦିଗରେ ସଦାସର୍ବଦା ଚେଷ୍ଟିତ ରହିଅଛି ଟିପି ୱେଷ୍ଟର୍ଣ୍ଣଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଡବ୍ଲ୍ୟୁଓଡିଏଲ୍) । ମାତ୍ର ଏହି ଉନ୍ନତିକରଣ କାର୍ଯ୍ୟ ତଥା ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ପାଇଁ ବିଦ୍ୟୁ ଗ୍ରାହକଙ୍କ ସହଯୋଗ ମଧ୍ୟ ଆବଶ୍ୟକ ରହିଛି ଏବଂ ଏହା କେବଳ ବିଦ୍ୟୁତ୍ ଗ୍ରାହକଙ୍କ ନିୟମିତ ମାସିକ ବିଦ୍ୟୁତ୍ ବିଲ୍ ପୈଠ ଦ୍ୱାରା ହିଁ ସମ୍ଭବ ହୋଇପାରିବ । ଏଠାରେ ଆମେ ସମସ୍ତ ବିଦ୍ୟୁତ୍ ଗ୍ରାହକ ତଥା ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚାହୁଁଅଛୁ ଯେ, ଗୁଣାତ୍ମକ ବିଦ୍ୟୁ ସେବା ପାଇଁ କମ୍ପାନୀ ପ୍ରତ୍ୟେକ ମାସରେ ଗ୍ରୀଡ଼କୋ ଠାରୁ ହାରାହାରି ୩୭୫ କୋଟି ଟଙ୍କାର ବିଦ୍ୟୁତ୍ ଶକ୍ତି କ୍ରୟ କରି ପଶ୍ଚିମ ଓଡ଼ିଶାର ୯ ଗୋଟି ଜିଲ୍ଲାରେ ଗ୍ରାହକଙ୍କ ମଧ୍ୟରେ ବିତରଣ କରିଥାଏ । ଏହି ଅର୍ଥରାଶି ପ୍ରତ୍ୟେକ ମାସରେ ଗ୍ରୀଡ଼କୋକୁ ଅଗ୍ରୀମ ଭାବେ ପ୍ରଦାନ କରିବାକୁ ପଡ଼ିଥାଏ । ଏତଦ୍ ବ୍ୟତୀତ କମ୍ପାନୀରେ ପ୍ରତ୍ୟକ୍ଷ ଭାବେ କର୍ମରତ ଥିବା ୩୩୩୫ ଜଣ କର୍ମଚାରୀଙ୍କ ମାସିକ ବେତନ ପ୍ରତ୍ୟେକ ମାସର ଶେଷ ତାରିଖ ସୁଦ୍ଧା ପ୍ରଦାନ କରାଯାଇଥାଏ । ସେହିପରି ୪୩୧୫ ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ୍ ମଧ୍ୟ ପ୍ରତ୍ୟେକ ମାସର ପ୍ରଥମ ତାରିଖରେ ପ୍ରଦାନ କରାଯାଇଥାଏ ।

ସେହିପରି ବିଦ୍ୟୁ ଗ୍ରାହକଙ୍କୁ ବିଭିନ୍ନ ପ୍ରକାର ସେବା ଯୋଗାଇବା ପାଇଁ ୧୫୫୪୧ ଜଣ ପରୋକ୍ଷ କର୍ମଚାରୀଙ୍କ ବେତନ ସଠିକ୍ ସମୟରେ ପ୍ରଦାନ କରାଯାଇଥାଏ । ଏତଦ୍ ବ୍ୟତୀତ କମ୍ପାନୀ ତରଫରୁ କର୍ମଚାରୀମାନଙ୍କ ସ୍ୱାସ୍ଥ୍ୟ ବୀମା, ଜୀବନ ବୀମା, ଭବିଷ୍ୟନିଧି, ଜମା ତଥା ସରକାରୀଙ୍କ ଟିକସ୍ ନିର୍ଦ୍ଧାରିତ ସମୟ ମଧ୍ୟରେ ପୈଠ କରାଯାଇଥାଏ । ସେହିପରି କମ୍ପାନୀ ତରଫରୁ କର୍ମଚାରୀଙ୍କ ନିମନ୍ତେ ଅଫିସ୍ ଘର, ଅଫିସ୍ ଆସବାସ ପତ୍ର, ନୂତନ ବୈଦ୍ୟୁତିକ ସରଞ୍ଜାମ, ନୂତନ ଜ୍ଞାନକୌଶଳ, ଆଧୁନିକ ଯନ୍ତ୍ରପାତି, ଗ୍ରାହକଙ୍କୁ ସେବା ପ୍ରଦାନ କରିବା ନିମନ୍ତେ ଯାନବାହନ ଇତ୍ୟାଦିରେ ମଧ୍ୟ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥାଏ । ଏହି ସମସ୍ତ ଖର୍ଚ୍ଚ ଭରଣା କରିବା ପରେ ମଧ୍ୟ କମ୍ପାନୀ ଏହାର ସାମାଜିକ ଦାୟିତ୍ୱବୋଧକୁ ପ୍ରତିପାଦନ କରିଥାଏ । ମାନ୍ୟବର ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି)ଙ୍କ ଦ୍ୱାରା ପ୍ରଦତ୍ତ ନିର୍ଦ୍ଦେଶନାମା ମୁତାବକ ଗ୍ରାହକମାନଙ୍କୁ ରିହାତି ଏବଂ କୃଷି କ୍ଷେତ୍ରକୁ ରିହାତି ପ୍ରଦାନ କରାଯାଇଥାଏ । ଏହି ଅର୍ଥନୈତିକ ଆଦାନ ପ୍ରଦାନ ଦ୍ୱାରା ପ୍ରତ୍ୟେକ ମାସରେ ପଶ୍ଚିମ ଓଡ଼ିଶାର ୯ ଗୋଟି ଜିଲ୍ଲାରେ କୋଟି କୋଟି ଟଙ୍କାର ଅର୍ଥରାଶି ସଞ୍ଚାଳିତ ହେବା ଫଳରେ ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧି ମଧ୍ୟ ଘଟିଥାଏ । ଏହି ସମସ୍ତ ବ୍ୟୟବରାଦ ଗ୍ରାହକଙ୍କ ଠାରୁ ପ୍ରାପ୍ୟ ମାସିକ ବିଦ୍ୟୁତ ବିଲରୁ ହିଁ ଉପଯୋଗ କରାଯାଇଥାଏ । ଓଡ଼ିଶାର ପଶ୍ଚିମାଞ୍ଚଳ ତଥା ସମଗ୍ର ରାଜ୍ୟର ବିଦ୍ୟୁତ୍ ଭିତ୍ତିଭୂମିର ଉନ୍ନତି ନିମନ୍ତେ ସମସ୍ତ ଗ୍ରାହକ ନିର୍ଦ୍ଧାରିତ ସମୟ ମଧ୍ୟରେ ବିଦ୍ୟୁତ୍ ବିଲ୍ ପରିଶୋଧ କରିବା ଅନିର୍ବାର୍ଯ୍ୟ ବୋଲି ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ କୁହାଯାଇଛି ।

## କଂଗ୍ରେସର ଜିଲ୍ଲା ସ୍ତରୀୟ ଜରୁରୀକାଳୀନ ପ୍ରସ୍ତୁତି ବୈଠକ

ପୁରୀ (ସବ୍ୟୁ) : ଶନିବାର ଅପରାହ୍ଣରେ ପୁରୀ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ, ଇନ୍ଦିରା ଭବନ ଠାରେ ଜିଲ୍ଲା ସ୍ତରୀୟ ଏକ ଜରୁରୀକାଳୀନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ସମସ୍ତ ପ୍ରକୋଷ୍ଠ ଯଥା ମହିଳା, ଯୁବ, ଛାତ୍ର, ପଛୁଆ ବର୍ଗ ତଥା ଦଳିତ ବର୍ଗର ସମସ୍ତ ନେତା ଓ କର୍ମୀ ଯୋଗଦେଇଥିଲେ । ଓଡ଼ିଶାର ମହିଳା ଚାଲାଣ, ଗଣ ଦୁଷ୍କର୍ମ, ବଳାତ୍କାର ଆଦି ତସ୍କରି କାର୍ଯ୍ୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା କାରଣରୁ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କୁ ବିଧାନସଭା ଭଳି ପବିତ୍ର ଗୃହରେ ଶାରୀରିକ ଆକ୍ରମଣ କରିବା ଏବଂ ପରବର୍ତ୍ତୀ ସମୟରେ ୭ ଦିନ ନିଲମ୍ବନ କରିବା ପ୍ରତିବାଦରେ ଆସନ୍ତା ୨୭ ତାରିଖ ଦିନ ବିଧାନସଭା ଘେରାଉ ସଂପର୍କରେ ଆଲୋଚନା ହୋଇଥିଲା । ଏଥିରେ ପୁରୀ ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଜୟନାରାୟଣ ପଟ୍ଟନାୟକ ସଭାପତିତ୍ୱ କରିଥିଲେ । ପ୍ରଦେଶ କଂଗ୍ରେସ ପକ୍ଷରୁ ନିଯୁକ୍ତ ପର୍ଯ୍ୟବେକ୍ଷକ ଅଭିଳାଷ ମାଣିଆ ଏବଂ ପ୍ରବକ୍ତା ପ୍ରଶାନ୍ତ ଶତପଥୀ ଯୋଗଦେଇ ପୁରୀ ଜିଲ୍ଲାରୁ କିପରି ସମସ୍ତ ବିଧାନସଭା କ୍ଷେତ୍ରରୁ ଅଧିକରୁ ଅଧିକ ସଂଖ୍ୟକ କର୍ମୀ ସାଧାରଣ ଜନତା ଆଦି ରାଜ୍ୟରେ ମହିଳା ଉତ୍ପିଡନ ବିରୁଦ୍ଧରେ ନିଜକୁ ସାମିଲ କରିବେ ସେଥିପାଇଁ ଆଲୋଚନା ହୋଇଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱଭୂଷଣ ଦାସ, ମନୋଜ ରଥ, ବିଦୁତଲତା ଆଚାର୍ଯ୍ୟ, ନିରଞ୍ଜନ ରଥ, ଭାସ୍କର ସେଠ, ସୌମ୍ୟକାନ୍ତ ଖୁଣ୍ଟିଆ, ଅମରେନ୍ଦ୍ର ପାଇକରାୟ, ସ୍ୱାଧୀନ କୁମାର ପଣ୍ଡା, କାହ୍ନୁଚରଣ ପ୍ରଧାନ, ରାଜା ମହାନ୍ତି, ମନୋଜ କୁମାର ବେହେରା, ଆଶୁତୋଷ ମିଶ୍ର, ବିଶ୍ୱରଂଜନ ସାମନ୍ତରାୟ, ପ୍ରମୁଖ ଉପସ୍ଥିତ ଥିଲେ ।

### ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

## ଜାତୀୟ ସେବା ଯୋଜନା ପକ୍ଷରୁ ଶୀତକାଳୀନ ସ୍ୱତନ୍ତ୍ର ଶିବିର

ଭୁବନେଶ୍ୱର (ସବ୍ୟୁ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା (ଏନ୍.ଏସ୍.ଏସ୍) ପକ୍ଷରୁ ସାତ ଦିବସୀୟ ଶୀତକାଳୀନ ସ୍ୱତନ୍ତ୍ର ଶିବୀର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ସ୍ୱେଚ୍ଛାସେବୀ ମାନଙ୍କୁ ଉତ୍ତମ ଚରିତ୍ର ଗଠନ ନିମନ୍ତେ ବାର୍ତ୍ତା ପ୍ରଦାନ କରିବା ସହ ସ୍ୱେଚ୍ଛାସେବୀ ମାନଙ୍କୁ ସେବା ସଙ୍କଳ୍ପ ବଦ୍ଧ ହେବା ନିମନ୍ତେ ଉତ୍ସାହିତ କରିଛନ୍ତି । ଜାତୀୟ ସେବା ଯୋଜନାର ଲକ୍ଷ୍ୟ, ଜୀବନ ଗଠନରେ ଏହାର ଭୂମିକା ଓ




ଗଠନରେ ସ୍ୱେଚ୍ଛାସେବୀ ମାନଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ ପ୍ରଫେସର୍ ଅଲିଭା ମହାନ୍ତି । ଆଗାମୀ ସାତ ଦିବସ ଧରି ପାଳିତ ହେବାକୁ ଯାଉଥିବା ଏହି ଶିବିରରେ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗର ଛାତ୍ରୀମାନେ ଯୋଗ ଦେବା ସହ ଶିବିର ନିମନ୍ତେ ଉତ୍ସାହିତ ଥିବା ସହ ଏହା ପ୍ରେରଣାଦାୟୀ ହେବ ବୋଲି ବ୍ୟକ୍ତ କରିଛନ୍ତି । ଡ଼. ଗୀତାଞ୍ଜଳି ନାୟକ ଓ ବି.ଆର୍. ଆଭା ଆୟୁ ଶ୍ରୀ ଶିବିର ପରିଚାଳନା କରିବା ସହ ସ୍ୱାଗତ ସମ୍ବର୍ଦ୍ଧନା ଓ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଓଡ଼ିଶାର ଧାନ ଚାଷୀ ମାନଙ୍କୁ ଡ୍ରୋନସ ଟେକ୍ନୋଲୋଜିର ସମ୍ବନ୍ଧରେ ଶିକ୍ଷା ଦେଉଛି ମାରୁତ ଡ୍ରୋନସ

ଭୁବନେଶ୍ୱର (ସବ୍ୟୁ): ମାରୁତ ଡ୍ରୋନସ – ଭାରତର ଅଗ୍ରଣୀ ଡ୍ରୋନସ ଟେକ୍ନୋଲୋଜି ଏବଂ ଉତ୍ପାଦନ କମ୍ପାନୀ ପକ୍ଷରୁ ଓଡିଶାର ଧାନ ଚାଷୀ ମାନଙ୍କୁ ଡ୍ରୋଣ ଟେକ୍ନୋଲୋଜିକୁ ବ୍ୟବହାର କରି କିପରି ଧାନ ଉତ୍ପାଦିକା ଶକ୍ତି ବଢ଼େଇ ପାରିବେ ତାହାର ଶିକ୍ଷା ପ୍ରଦାନ କରୁଛନ୍ତି । ମାରୁତ ଗତ ୧୩ ଦିନ ମଧ୍ୟରେ ୪୫ ଟି ଗ୍ରାମକୁ ଗସ୍ତ କରି ୨୫୦୦ ରୁ ଅଧିକ ଧାନ ଚାଷୀଙ୍କ ପାଇଁ ଅନ୍‌-ସାଇଟ୍ ଡ୍ରୋନ୍ ପ୍ରଦର୍ଶନ କରିଛନ୍ତି। ରାଜ୍ୟର ସବୁଠାରୁ ଅଧିକ କୃଷି ଉତ୍ପାଦନକାରୀ ଜିଲ୍ଲା ମଧ୍ୟରୁ ବରଗଡ଼ ହେଉଛି ଅନ୍ୟତମ, ଏହାର ୮୦% ରୁ ଅଧିକ ଜନସଂଖ୍ୟା କୃଷି ଉପରେ ନିର୍ଭରଶୀଳ। କିଛି ଉନ୍ନତ ଚାଷୀ ଡ୍ରୋନ୍ ବିଷୟରେ ସଚେତନ ଥିଲେ ମଧ୍ୟ, ଅଧିକାଂଶ କ୍ଷୁଦ୍ର ଚାଷୀ ଏହାର କ୍ଷମତା ବିଷୟରେ ଅଜ୍ଞ ଅଛନ୍ତି। ସାର, କୀଟନାଶକ ସିଂଚନ ଏବଂ ଫସଲ ସ୍ୱାସ୍ଥ୍ୟ ନିରୀକ୍ଷଣ ପାଇଁ ଡ୍ରୋନ୍ ବ୍ୟବହାର, ମଜୁରୀ ଖର୍ଚ୍ଚକୁ ଯଥେଷ୍ଟ ହ୍ରାସ କରିବା ଏବଂ ଉତ୍ପାଦକତାକୁ ଉନ୍ନତ କରିବାର ସମ୍ଭାବନା ରଖିଛି। ନିଜ ହାତରେ କରି ଶିଖେଇବା – ଡ୍ରୋନ୍ ଆଡଭୋକେଟଙ୍କ ସହ ମେହେର ବାବୁ, ବରଗଡ଼ ଜିଲ୍ଲାର ଡାଙ୍ଗ ଗାଁର ଜଣେ ୫୦ ବର୍ଷୀୟ ବ୍ୟକ୍ତି କୃଷି କାର୍ଯ୍ୟ ପାଇଁ ଡ୍ରୋନ୍ ପ୍ରଯୁକ୍ତିର ଉପକାରିତା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଡ୍ରୋନ୍ ପ୍ରଦର୍ଶନର ନେତୃତ୍ୱ ନେଇ ଗ୍ରାମାଂଚଳ ଓଡ଼ିଶାରେ ଚହଳ ସୃଷ୍ଟି କରୁଛନ୍ତି। ଗତ କିଛି ମାସ ଧରି, ମେହେର ବାବୁ କିଷାନ ମେଳା ଏବଂ କୃଷି ସମାବେଶରେ ସାମିଲ ହୋଇଛନ୍ତି, ତାଙ୍କ ସହିତ ଚାରୋଟି କିଷାନ୍ ଡ୍ରୋନ୍ ଆଣିଛନ୍ତି ଯାହା ଦ୍ୱାରା ଚାଷୀମାନଙ୍କ କୃଷି ଉତ୍ପାଦନ ବୃଦ୍ଧି କରିବା ସହିତ ଡ୍ରୋନ୍ କିପରି ମଜୁରୀ ଏବଂ ସିଂଚନ ଖର୍ଚ୍ଚ ହ୍ରାସ କରିପାରିବ ସେ ବିଷୟରେ ଶିକ୍ଷା ଦେଉଛନ୍ତି ।

## ମା ଶାରଳା ଙ୍କ ମଧୁପାର୍ବଣ ପୂଜା ପାଇଁ ପ୍ରସ୍ତୁତି ବୈଠକ



ତିର୍ତ୍ତୋଲ (ସବ୍ୟୁ): ଓଡ଼ିଶାର ପ୍ରାଚୀନ ତଥା ପ୍ରସିଦ୍ଧ ବାଣୀ କ୍ଷେତ୍ର ଝଙ୍କଡ଼ ର ଅଧିଷ୍ଠାତ୍ରୀ ଦେବୀ ମା ସାରଳା ଠାକୁରାଣୀଙ୍କ ମନ୍ଦିରରେ ଚୈତ୍ର ମଧୁପାର୍ବଣ (ବାସନ୍ତୀ ପୂଜା) ନବରାତ୍ର ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ, ମନ୍ଦିରର ସଭାଗୃହ ରେ ଗତ ଶନିବାର ଦିନ ପୂର୍ବାହ୍ଣରେ ଅନୁଷ୍ଠିତ ହୋଇଯାଇଛି । ଜଗତସିଂହପୁର ଜିଲ୍ଲା ସହକାରୀ ଜିଲ୍ଲାପାଳ ତଥା ସାରଳା ମନ୍ଦିର ପ୍ରଶାସନର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତାପ ଚନ୍ଦ୍ର ଜେନା ଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ଏହି ବୈଠକରେ , ଆସନ୍ତା ମାର୍ଚ୍ଚ ୨୯ ତାରିଖରୁ ଏହି ନବରାତ୍ର ମଧୁପାର୍ବଣ ପୂଜା ର ଶୁଭାରମ୍ଭ ହୋଇ ଏପ୍ରିଲ ୬ ତାରିଖ ଦିନ ଉଦଯାପିତ ହେବ ଓ ଏପ୍ରିଲ ୭ ତାରିଖ ଦଶହରା ଦିନ, ମାଆଙ୍କ ଚନ୍ଦନ ପୁଷ୍କରିଣୀ ରେ ସମାର୍ଜ୍ଜ୍ନୀ କଳସ ବିସର୍ଜନ ପରେ ଏହି ପୂଜା ର ପରିସମାପ୍ତି ହେବ ବୋଲି ନିଷ୍ପତି ନିଷ୍ପତି ନିଆଯାଇଥିଲା । ଏହି ଉପଲକ୍ଷେ ପ୍ରତିଦିନ ଯଜ୍ଞଶାଳାରେ ବିଶ୍ୱଶାନ୍ତି ଯଜ୍ଞରେ ଆହୁତି ପ୍ରଦାନ, ଷୋଡ଼ଶଉପଚାର ପୂଜା ଆଦି ସ୍ୱତନ୍ତ୍ର ନୀତି କାନ୍ତି, ବୈଦିକ ବିଧିବିଧାନ ରେ ଅନୁଷ୍ଠିତ ହେବା ପାଇଁ ମଧ୍ୟ ସ୍ଥିର କରାଯାଇଥିଲା । ତେବେ ଏହି ଆଲୋଚନା ରେ, ପଣ୍ଡା ସେବକ ମାନଙ୍କ ପ୍ରତିନିଧି ଦୁର୍ଗାଚରଣ ପଣ୍ଡା, ମନ୍ଦିର ପ୍ରଶାସନିକ ଅଧିକାରୀ ବରଦା ପ୍ରସାଦ ମହାନ୍ତି, ରାଜସ୍ୱ ବିଭାଗ ଅଧିକାରୀ ସୁଦର୍ଶନ ମହାନ୍ତି, ବରିଷ୍ଠ ସେବାୟତ ବିଷ୍ଣୁ ଚରଣ ରାଉଳ , ରମେଶ ଚନ୍ଦ୍ର ରାଉଳ, ଜିତେନ୍ଦ୍ର ରାଉଳ , ଅଶୋକ କୁମାର ବେହେରା ଓ ସାରଳା ସଂସ୍କୃତି ଗବେଷକ ରମାକାନ୍ତ ରାଉଳ ପ୍ରମୁଖ ଯୋଗଦେଇ ନିଜ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ । ସମସ୍ତ ପଣ୍ଡା ସେବକ ଓ ଛତିଶା ନିଯୋଗ ଏହି ମଧୁପାର୍ବଣ ପୂଜାର ସୁପରିଚାଳନା କରିବାପାଇଁ ସକ୍ରିୟ ସହଯୋଗ କରିବେ ବୋଲି ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା ।

## ଏପ୍ରିଲ ୩ରେ ବାସନ୍ତୀ ଦୁର୍ଗାପୂଜା ୮ରେ ଭସାଣି

କଟକ, (ସବ୍ୟୁ):ଚଳିତ ବର୍ଷ ଏପ୍ରିଲ ୩ ଗୁରୁବାର ମହାଷଷ୍ଠୀରୁ ବାସନ୍ତୀ ଦୁର୍ଗାପୂଜା ଆରମ୍ଭ ହୋଇ ୮ ମଙ୍ଗଳବାର ଏକାଦଶୀ ତିଥିରେ ଭସାଣୀ ଉତ୍ସବ ଅନୁଷ୍ଠିତ ହେବ ବୋଲି କଟକ ମହାନଗର ଶାନ୍ତି କମିଟି ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଦରଘାବଜାରସ୍ଥିତ କାର୍ଯ୍ୟାଳୟରେ କମିଟିର ସଭାପତି ଦେବେନ୍ଦ୍ରନାଥ ସାହୁଙ୍କ ଅଧ୍ୟକ୍ଷତାରେ କର୍ମକର୍ତ୍ତାମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ଉତ୍କଳ ଦିବସ ଅବସରରେ ଏପ୍ରିଲ ୧ ତାରିଖ ମଙ୍ଗଳବାର ସକାଳ ୮ ଘଟିକା ସମୟରେ ଗୋରାକବରସ୍ଥିତ ମଧୁବାବୁଙ୍କ ସମାଧି ପୀଠରେ କର୍ମକର୍ତ୍ତାମାନେ ଉପସ୍ଥିତ ହୋଇ ମାଲ୍ୟାର୍ପଣ କରିବା ସହ ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କୁ ମାଲ୍ୟାର୍ପଣ କରିବା ପାଇଁ ବୈଠକରେ ସ୍ଥିର କରାଗଲା । ବାସନ୍ତୀ ଦୁର୍ଗାପୂଜାକୁ ସଫଳ କରିବା ପାଇଁ ମଙ୍ଗଳାବାଗ ପୂଜା କମିଟି ନିମନ୍ତ୍ରଣ କ୍ରମେ ମାର୍ଚ୍ଚ ୨୯ ତାରିଖ ଶନିବାର ସନ୍ଧ୍ୟା ୬ ଘଟିକା ସମୟରେ ସ୍ଥାନୀୟ ମୋହନ ମଣ୍ଡପଠାରେ ଏକ ପ୍ରସ୍ତୁତି ସଭା ଅନୁଷ୍ଠିତ ହେବ ଏହି ସଭାରେ ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ, ସି.ଏମ.ସି.ର ପଦାଧିକାରୀ, ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦ, ସମସ୍ତ ବାସନ୍ତୀ ଦୁର୍ଗା ମଣ୍ଡପର ସଭାପତି ଓ ସମ୍ପାଦକମାନଙ୍କ ସହ ଶାନ୍ତି କମିଟିର ଉପଦେଷ୍ଟା, କର୍ମକର୍ତ୍ତା ଓ କାର୍ଯ୍ୟକାରିଣୀ ସଦସ୍ୟମାନେ ଯୋଗ ଦେବାପାଇଁ ନିମନ୍ତ୍ରଣ କରାଯିବ ବୋଲି ସ୍ଥିର କରାଗଲା । ଏହି ବୈଠକରେ କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ । ସଂଗଠନ ସମ୍ପାଦକ ଦେବାଶିଷ ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।



ନିପ୍ପନ ଇଣ୍ଡିଆ ମ୍ୟୁଚୁଆଲ ଫଣ୍ଡ ସତ୍ୟନଗର, ଭୁବନେଶ୍ୱର ଠାରେ ତାହାର ରିଜିଓନାଲ ଅଫିସ୍, ଅମିତ୍ ତ୍ରିପାଠୀ, ସିଆଇଓ – ଫିକ୍ସଡ ଇନକମ୍ ଏବଂ ସୌଗତ ଚାଟାର୍ଜୀ, ଚିଫ ବିଜନେସ ଅଫିସରଙ୍କ ଉପସ୍ଥିତିରେ ଉଦଘାଟନ କରିଛି ।

### ଚାନ୍ଦାମାଗି ବିଜେପି ଜିଲ୍ଲାସଭାପତି ରାୟଗଡ଼ା ଜିଲ୍ଲାରେ ଚଳାଇଛନ୍ତି ଆତଙ୍କରାଜ : ବିଜେଡି

## ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛି ବ୍ୟବସାୟୀ ସଙ୍ଘ

ଭୁବନେଶ୍ୱର, (ସବ୍ୟୁ): ସବ୍‌କାସାଥ୍ ସବ୍‌କାବିକାଶର ନାରା ଦେଇ କ୍ଷମତା ହାସଲ କରିଥିବା ବିଜେପି ରାୟଗଡ଼ା ଜିଲ୍ଲା ସଭାପତି ସ୍ଥାନୀୟ ବ୍ୟବସାୟୀମାନଙ୍କୁ ଧମକଚମକ ଦେଇ ମୋଟା ଅଙ୍କର ମାସିକ ଚାନ୍ଦା ଆଦାୟ ଆରମ୍ଭ କରିଛନ୍ତି ବୋଲି ବିଜେଡ଼ି ପକ୍ଷରୁ ଗୁରୁତର ଅଭିଯୋଗ କରାଯାଇଛି। ଶଙ୍ଖଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ପୂର୍ବତନ ସାଂସଦ ପ୍ରଦୀପ ମାଝୀ କହିଛନ୍ତି, ଗତ ପ୍ରାୟ ମାସେ ତଳେ ନିଯୁକ୍ତି ହୋଇଥିବା ବିଜେପିର ଜିଲ୍ଲା ସଭାପତି ଚାନ୍ଦାମାଗି ଏକ ପ୍ରକାରର ଆତଙ୍କରାଜ ସୃଷ୍ଟି କରିଛନ୍ତି । ଉଦାହରଣ ସ୍ୱରୂପ, ବିଜେପି ରାୟଗଡା ଜିଲ୍ଲାସଭାପତି ଗୋପୀ ଆନନ୍ଦ ଗତ କିଛିଦିନ ହେଲା ଜିଲ୍ଲାର ବ୍ୟବସାୟୀମାନଙ୍କ ଠାରୁ ଜୋରଜବରଦସ୍ତ ଭାବେ ଚାନ୍ଦା ଦାବି କରିଆସୁଛନ୍ତି । ଫଳରେ ସ୍ଥାନୀୟ ବ୍ୟବସାୟଙ୍କ ମଧ୍ୟରେ ଆତଙ୍କ ଖେଳାଇଛନ୍ତି । ସୁନା ଦୋକାନୀ, ମିଲର ଓ ଶିକ୍ଷାନୁଷ୍ଠାନ ମାନଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଦାବି କରୁଛନ୍ତି । ଏହି ଚାନ୍ଦାଟଙ୍କା ନଦେଲେ ତାଙ୍କ ବ୍ୟବସାୟ ବନ୍ଦ କରି ଦିଆଯିବ ବୋଲି ଧମକ ଦେଉଛନ୍ତି । ଆନନ୍ଦଙ୍କ ଏହି ଆଚରଣରେ ଅତିଷ୍ଠ ହୋଇ ରାୟଗଡାର ବ୍ୟବସାୟ ସଙ୍ଘ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ପାଖରେ ପତ୍ରମାଧ୍ୟମରେ ଫେରାଦ ହୋଇଛନ୍ତି ଓ ସମ୍ପୃକ୍ତ ବିଜେପି ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ବୋଲି ଶ୍ରୀ ମାଝୀ ଅଭିଯୋଗ କରିଛନ୍ତି । ରାଜ୍ୟ ସରକାର ତୁରନ୍ତ ବ୍ୟବସାୟ ସଙ୍ଘ କରିଥିବା ଅଭିଯୋଗର ତଦନ୍ତ ନିର୍ଦ୍ଦେଶ ଦେବାସହିତ ଏଥିରେ ସମ୍ପୃକ୍ତଥିବା ବିଜେପି ନେତାମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଶ୍ରୀ ମାଝୀ ଦାବି କରିଥିଲେ।

### ବିହାର ଦିବସରେ ସ୍ନେହ ମିଳନ କାର୍ଯ୍ୟକ୍ରମ

କଟକ, (ସବ୍ୟୁ): ବିଭିନ୍ନତା ମଧ୍ୟରେ ଏକତା ବଜାୟ ରଖିବା ହେଉଛି ଆମର ମୂଳଲକ୍ଷ୍ୟ । ଯିଏ ଯେଉଁଠି ଅବସ୍ଥାନ କରୁଥିଲେ ବି ଆମେ ନିଜକୁ ଭାରତୀୟ ଭାବେ ଗର୍ବ କରିଥାଉ । ତେଣୁ ଏକ ଭାରତ ହେଉଛି ଶ୍ରେଷ୍ଠ ଭାରତ ବୋଲି କଟକ ସାରଳା ଭବନ ଠାରେ ବିହାର ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି । ମୁଖ୍ୟବକ୍ତା ଭାବେ ବିହାରର ସୁଚନା, ପ୍ରଯୁକ୍ତି ଓ ଯୋଗାଯୋଗ ବିଭାଗ ମନ୍ତ୍ରୀ କ୍ରିଷ୍ଣା କୁମାର ମଣ୍ଟୁ ଓ ସମ୍ମାନୀତ ଅତିଥି ଭାବେ ବିହାର ବିଧାନସଭା ନିର୍ବାଚନ ମଣ୍ଡଳୀ ବିଧାୟିକା ସଙ୍ଗୀତା କୁମାରୀ ଏଥିରେ ଯୋଗଦେଇ ଶ୍ରେଷ୍ଠ ଭାରତ ଗଠନ ପାଇଁ ସମସ୍ତେ ଏକ ମନ ହୋଇ କାର୍ଯ୍ୟ କରିବାକୁ ଉପସ୍ଥିତ ବିହାର ଅଧିବାସୀ ମାନଙ୍କୁ ଅନୁରୋଧ କରିଥିଲେଛ ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସଦର ବିଧାୟକ ପ୍ରକାଶ ସେଠୀ, ବରିଷ୍ଠ ବିଜେପି ନେତା ନୟନ ମହାନ୍ତି, ବିନୋଦ ଦାଶ, ତୁଷାର ଚକ୍ରବର୍ତ୍ତୀ, ଲଲାଟେନ୍ଦୁ ବଡୁଙ୍କ ସମେତ ବହୁ ବିଜେପି କର୍ମୀ ଯୋଗ ଦେଇ କଟକରେ ଏଭଳି ସ୍ନେହ ମିଳନ କାର୍ଯ୍ୟକ୍ରମ ଆୟୋଜନକୁ ସ୍ୱାଗତ କରିଥିଲେ ।

### ବିରଳ ଅସ୍ତ୍ରୋପଚାର ପ୍ରକ୍ରିୟା ସବୁ ସ୍ଥାନରେ ସମ୍ଭବ

## ବିଶିଷ୍ଟ ରୋବୋଟିକ୍ ଅଙ୍କୋ ସର୍ଜନ୍

ଭୁବନେଶ୍ୱର, (ସବ୍ୟୁ): ଆଧୁନିକ ଅସ୍ତ୍ରୋପଚାର ପଦ୍ଧତିର ଉଦ୍‌ଭାବନ ଦ୍ୱାରା ବର୍ତମାନ ଛୋଟ ଛୋଟ ସହରରେ ମଧ୍ୟ ବିରଳ ଅସ୍ତ୍ରୋପଚାର ସମ୍ଭବପର ହୋଇପାରୁଛି। ଏହା ରୋଗୀମାନଙ୍କ ପାଇଁ ବେଶ ଆସ୍ୱସ୍ତିକର ବୋଲି କହିଛନ୍ତି ଭାରତର ପ୍ରଥମ ରୋବୋଟିକ୍ ଅଙ୍କୋସର୍ଜନ ଡକ୍ଟର ଶୈଳେଶ ପୁନ୍‌ଟାମ୍‌ବେକର। କ୍ୟାନ୍ସର ରୋଗୀଙ୍କ ଚିକିତ୍ସା ନିମନ୍ତେ ଲାପାରୋସ୍କୋପିକ୍ ରାଡିକାଲ୍ ହିଷ୍ଟେରେକ୍ଟୋମି ପଦ୍ଧତିର ପ୍ରୟୋଗ କ୍ଷେତ୍ରରେ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିବା 'ପୁନେ ଟେକ୍ନିକ୍' ଡାକ୍ତର ପୁନ୍‌ଟାମ୍‌ବେକରଙ୍କ ଦ୍ୱାରା ହିଁ ଆରମ୍ଭ କରାଯାଇଥିଲା । ଶନିବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ସ୍ତ୍ରୀ ଓ ପ୍ରସୂତି ବିଭାଗ ଦ୍ୱାରା ଆୟୋଜିତ 'ଆଡ୍‌ଭାନ୍ସଡ ମିନିମାଲ୍ ଇନ୍‌ଭାସିଭ୍ ସର୍ଜରୀ' କର୍ମଶାଳାରେ ଯୋଗ ଦେଇ ଏହି ବିଶିଷ୍ଟ ସର୍ଜନ କହିଥିଲେ ଯେ ନୂତନ ପ୍ରୟୋଗର ଉଦ୍ଭାବନ ହେତୁ ଏହି ପ୍ରକ୍ରିୟା ଏବେ ଯେ କୌଣସି ସ୍ଥାନରେ ମଧ୍ୟ ଉପଲବ୍ଧ ହୋଇପାରିବ ।

ଏହି କର୍ମଶାଳାରେ ଡାକ୍ତର ପୁନ୍‌ଟାମ୍‌ବେକର ଦୁଇ ଜଣ ରୋଗୀଙ୍କ ଶରୀରରେ ଲାଇଭ ଲାପାରୋସ୍କୋପିକ୍ ରାଡିକାଲ୍ ହିଷ୍ଟେରେକ୍ଟୋମି କରି ଉପସ୍ଥିତ ଡାକ୍ତର ଓ ଛାତ୍ରଛାତ୍ରୀଙ୍କୁ ଏହି ପ୍ରକ୍ରିୟା ସମ୍ପର୍କରେ ଅଧିକ ତଥ୍ୟ ପ୍ରଦାନ କରିଥିଲେ । ୨୦୦୩ ମସିହାରେ ସେ ପ୍ରଥମ କରି ଏହି ଅସ୍ତ୍ରୋପଚାର କରିଥିଲେ ବୋଲି କହିଥିଲେ । ନିଜର ପ୍ରଥମ ଲାପାରୋସ୍କୋପିକ୍ ରାଡିକାଲ୍ ହିଷ୍ଟେରେକ୍ଟୋମି ପ୍ରକ୍ରିୟା ସମ୍ପର୍କରେ ଅନୁଭୂତି ବଖାଣି ଡାକ୍ତର ପୁନ୍‌ଟାମ୍‌ବେକର କହିଥିଲେ ଯେ ତାଙ୍କର ବିଶେଷ ପରିଚୟ ନ ଥାଇ ମଧ୍ୟ ସେ ଚିକିତ୍ସା କରୁଥିବା ରୋଗୀଙ୍କର ତାଙ୍କ ଉପରେ ଅତୁଟ ବିଶ୍ୱାସ ଥିବାରୁ ସେ ଏହି ବିରଳ ଅସ୍ତ୍ରୋପଚାର ସଫଳତାର ସହ କରିପାରିଥିଲେ। ୨୦୦୮ ମସିହାରେ ଏହି ନୂତନ ପ୍ରକ୍ରିୟାକୁ ନେଇ ସେ ଗୋଟିଏ ସନ୍ଦର୍ଭ ଲେଖିଥିଲେ। ଏହା ପରେ ତାଙ୍କୁ ଏହି ପ୍ରକ୍ରିୟାଟି ନିଜ ନାମରେ ନାମିତ କରିବାକୁ କୁହାଯାଇଥିଲା । ତେବେ ଏଭଳି କଲେ ଯେଉଁମାନେ ତାଙ୍କୁ ଏହି ପ୍ରୟୋଗରେ ସାହାଯ୍ୟ କରିଥିଲେ ତାଙ୍କ ପ୍ରତି ଅନ୍ୟାୟ ହେବ ବୋଲି ଚିନ୍ତାକରି ସେ ଏହି ପ୍ରକ୍ରିୟାର ନାମ 'ପୁନେ ଟେକ୍ନିକ୍' ଦେବା ନିମନ୍ତେ ନିଷ୍ପତି ନେଇଥିଲେ।



ପୁନେ ସ୍ଥିତ ଗ୍ୟାଲେକ୍ସି କେୟାର ହସ୍ପିଟାଲ୍‌ର ପ୍ରତିଷ୍ଠାତା ଡକ୍ଟର ପୁନ୍‌ଟାମ୍‌ବେକର କହିଛନ୍ତି ଭାରତରେ ସମସ୍ତ ପ୍ରକାର କର୍କଟ ରୋଗର ୨୦ ପ୍ରତିଶତ ହେଉଛି ଜରାୟୁ କର୍କଟ। ତେଣୁ ଏହି ନୂତନ ପ୍ରକ୍ରିୟା ରୋଗୀଙ୍କ କ୍ଷେତ୍ରରେ ବେଶ ଉପକାରୀ ହୋଇପାରୁଛି ବୋଲି ସେ କହିଥିଲେ।

# ନା ପାଣି ମିଳିବ, ନା କେହି ଶୁଣିବେ: ଷ୍ଟାଲିନ



**ନୂଆଦିଲ୍ଲୀ:** ସୀମା ପୁନଃନିର୍ଦ୍ଧାରଣ ପ୍ରସଙ୍ଗରେ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ନେତାମାନଙ୍କର କେବଳ ବୟାନ ଆସୁଥିଲା, କିନ୍ତୁ ଏବେ ଏହି ପ୍ରସଙ୍ଗରେ କର ବା ମର ଭଳି ଲଢେଇ ଆରମ୍ଭ ହୋଇଯାଇଛି । ଚେନ୍ନାଇରେ ଏହି ପ୍ରସଙ୍ଗରେ ଏକ ବଡ଼ ବୈଠକ ଅନୁଷ୍ଠିତ ହୋଇଥିଲା । ପାଞ୍ଚଟି ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ । ଏହି ବୈଠକରେ ଅନ୍ୟ ତିନୋଟି ରାଜ୍ୟର ନେତାମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ । ବୈଠକରେ ଉପସ୍ଥିତ ସମସ୍ତ ଜନପ୍ରତିନିଧି ସେମାନଙ୍କ ରାଜ୍ୟ ଉପରେ ସୀମା ନିର୍ଦ୍ଧାରଣର ପାର୍ଶ୍ୱ ପ୍ରତିକ୍ରିୟା ବର୍ଣ୍ଣନା କରିଥିଲେ ।

ଏହି ବୈଠକ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । କେରଳ ମୁଖ୍ୟମନ୍ତ୍ରୀ ପି ବିଜୟନ, ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ଏବଂ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଏଥିରେ ଅଂଶଗ୍ରହଣ କରିଥିଲେ । ଓଡ଼ିଶାର ବିରୋଧୀ ଦଳ ବିଜୁ ଜନତା ଦଳ ଏବଂ ଆନ୍ଧ୍ର ପ୍ରଦେଶର ବିରୋଧୀ ଦଳ ୱାଇଏସଆର-କଂଗ୍ରେସର ପ୍ରତିନିଧିମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ । ସମସ୍ତେ ନିଜ ନିଜ ତଥ୍ୟ ସହିତ ସୀମା ନିର୍ଦ୍ଧାରଣକୁ ବିରୋଧ କରିଥିଲେ । ଏନେଇ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ କହିଥିଲେ ଯେ ଯେଉଁ ରାଜ୍ୟଗୁଡ଼ିକ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ପରିବାର ଯୋଜନାକୁ କଡ଼ାକଡ଼ି କାର୍ଯ୍ୟକାରୀ କରିଛନ୍ତି ଏବଂ ସଫଳ ହୋଇଛନ୍ତି, ସେମାନଙ୍କ ପାଇଁ ସୀମା ନିର୍ଦ୍ଧାରଣ ଅତ୍ୟନ୍ତ ବିପର୍ଯ୍ୟୟକାରୀ ପ୍ରମାଣିତ ହେବ ।

ଆମେ ସୀମା ନିର୍ଦ୍ଧାରଣ ବିରୋଧରେ ନାହୁଁ । ଆମେ ନିରପେକ୍ଷ ସୀମା ନିର୍ଦ୍ଧାରଣର ସପକ୍ଷରେ ଅଛୁ । ଯଦି ଜନସଂଖ୍ୟା ଅନୁସାରେ ସୀମା ନିର୍ଦ୍ଧାରଣ କରାଯାଏ, ତେବେ ସଂସଦରେ ଆମର ପ୍ରତିନିଧିତ୍ୱ କମ୍ ହେବ । ଯଦି ଏହା ହୁଏ, ତେବେ ଆମକୁ କେନ୍ଦ୍ର ସରକାରଙ୍କଠାରୁ ପାଣି ପାଇବା ପାଇଁ ସଂଘର୍ଷ କରିବାକୁ ପଡିବ, ଚାଷୀମାନେ ପ୍ରଭାବିତ ହେବେ, ଆମର ସଂସ୍କୃତି ଏବଂ ବିକାଶ ବିପଦରେ ପଡ଼ିବ । ଆମର ନାଗରିକମାନେ ନିଜ ଦେଶରେ କ୍ଷମତା ହରାଇବେ । ତାଙ୍କ କଥା ଶୁଣାଯିବ ନାହିଁ । ସେହିପରି କେରଳ ମୁଖ୍ୟମନ୍ତ୍ରୀ ପି ବିଜୟନ କହିଥିଲେ ଯେ ବିଜେପି ସରକାର କୌଣସି ପରାମର୍ଶ ବିନା ଏହି ପ୍ରସଙ୍ଗରେ ଆଗକୁ ବଢୁଛି । ଏହା ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ଦ୍ୱାରା ପ୍ରେରିତ ଏକ ପଦକ୍ଷେପ । ଯଦି ଜନସଂଖ୍ୟା ଅନୁସାରେ ସୀମା ନିର୍ଦ୍ଧାରଣ କରାଯାଏ, ତେବେ ଉତ୍ତର ରାଜ୍ୟଗୁଡ଼ିକ ପାଇଁ ଆସନରେ ଅଭୂତପୂର୍ବ ବୃଦ୍ଧି ଘଟିବ, ଯେତେବେଳେ ଦକ୍ଷିଣ ରାଜ୍ୟଗୁଡ଼ିକର ସଂସଦରେ ଆସନ ହ୍ରାସ ପାଇବ । ଏହା ବିଜେପି ପାଇଁ ଏକ ଲାଭଦାୟକ ଚୁକ୍ତି ହେବ କାରଣ ଉତ୍ତର ରାଜ୍ୟଗୁଡ଼ିକରେ ସେମାନଙ୍କର ଭଲ ପ୍ରଭାବ ଅଛି ।

## ଜଜ୍‌ଙ୍କ ଘରୁ ଟଙ୍କା ମିଳିବା ଘଟଣା

# ୩ ସଦସ୍ୟ ବିଶିଷ୍ଟ କମିଟି ଗଠନ କଲେ ସିଜେଆଇ

**ନୂଆଦିଲ୍ଲୀ:** ଜଷ୍ଟିସ୍ ଯଶବନ୍ତ ବର୍ମାଙ୍କ ଘରୁ ଟଙ୍କା ମିଳିବା ଅଭିଯୋଗର ତଦନ୍ତ ୩ ଜଣିଆ ସଦସ୍ୟ କମିଟି କରିବେ । ପ୍ରଧାନବିଚାରପତି ସଞ୍ଜୀବ ଖାନ୍ନା ୩ ଜଣିଆ କମିଟି ଗଠନ କରିଛନ୍ତି । ସିଜେଆଇ ଖାନ୍ନା ଏକ ହାଉସ୍ ୟୁନ୍‌କ୍ୱାରି ଦେବା ସହ ଦିଲ୍ଲୀ ହାଇକୋର୍ଟର ପ୍ରଧାନପତି ଡିକେ ଉପାଧ୍ୟାୟଙ୍କୁ କହିଛନ୍ତି । ଏହାଛଡା ଜଷ୍ଟିସ୍ ବର୍ମାଙ୍କୁ କୌଣସି କାର୍ଯ୍ୟ ନଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ୩ ଜଣିଆ ତଦନ୍ତ କମିଟିରେ ପଞ୍ଜାବ- ହରିୟାଣାର ମୁଖ୍ୟବିଚାରପତି ଜଷ୍ଟିସ୍ ସେଲ ନାଗୁ ହିମାଚଳ ହାଇକୋର୍ଟର ମୁଖ୍ୟବିଚାରପତି ଜଷ୍ଟିସ୍ ଜିଏସ୍ ସାନ୍ଧୁୱାଲ୍ୟା କର୍ଣ୍ଣାଟକ ହାଇକୋର୍ଟର ଜଜ୍ ଅନୁ ଶିବରମଣଙ୍କୁ ନେଇ କମିଟି ଗଠନ କରାଯାଇଛି । ଦିଲ୍ଲୀ ହାଇକୋର୍ଟ ମୁଖ୍ୟବିଚାରପତିଙ୍କୁ ଟଙ୍କା ଜବତ ନେଇ ରିପୋର୍ଟ ଦିଆଯିବ । ଏହା ସୁପ୍ରିମ୍‌କୋର୍ଟ ୱେବସାଇଟରେ ଉପଲବ୍ଧ ରହିବ । ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ନିଆଁ ଲାଗିବା ସମୟରେ ଜଷ୍ଟିସ୍ ବର୍ମାଙ୍କ ଘରୁ ବିପୁଳ ଅର୍ଥ ଜବତ ହୋଇଥିଲା ।



### ଯଶବନ୍ତ ବର୍ମାଙ୍କୁ କୌଣସି କାର୍ଯ୍ୟ ନଦେବା ପାଇଁ ଦିଲ୍ଲୀ ହାଇକୋର୍ଟ ମୁଖ୍ୟବିଚାରପତିଙ୍କୁ ନିର୍ଦ୍ଦେଶ

ସୁଗାର ମିଲ ବ୍ୟାଙ୍କ ଠକେଇ ମାମଲାରେ ସିବିଆଇ ୨୦୧୮ରେ ଗୋଟିଏ ଏଫଆଇଆର କରିଥିଲା । ଏହି ଏଫଆଇଆରରେ ଜଷ୍ଟିସ ବର୍ମାଙ୍କ ନାଁ ରହିଥିଲା । ବିବାଦରେ ଥିବା ଦିଲ୍ଲୀ ହାଇକୋର୍ଟର ବିଚାରପତି ଜଷ୍ଟିସ ଯଶବନ୍ତ ବର୍ମାଙ୍କୁ ନେଇ ଗୋଟିଏ ବଡ଼ ଖବର ସାମ୍ନାକୁ ଆସିଛି । ମାର୍ଚ୍ଚ ୧୪ରେ ଜଷ୍ଟିସ ବର୍ମାଙ୍କ ଘରେ ନିଆଁ ଲାଗି ଯାଇଥିଲା । ଏହାପରେ ତାଙ୍କ ଘରକୁ ବିପୁଳ ପରିମାଣର ନଗଦ ଟଙ୍କା ମିଳିଥିବା ଜଣାପଡ଼ିଛି । ଏହାକୁ ନେଇ ସେ ଅଡୁଆରେ ପଡ଼ିଥିବା ବେଳେ ତାଙ୍କ ସମ୍ପର୍କରେ ନୂଆ ତଥ୍ୟ ଆସିଛି । ସୁଗାର ମିଲ ବ୍ୟାଙ୍କ ଠକେଇ ମାମଲାରେ ସିବିଆଇ ୨୦୧୮ରେ ଗୋଟିଏ ଏଫଆଇଆର କରିଥିଲା । ଏହି ଏଫଆଇଆରରେ ଜଷ୍ଟିସ ବର୍ମାଙ୍କ ନାଁ ରହିଥିଲା ।

ସିବିଆଇ ସିମ୍ଭାଓଲି ସୁଗାର ମିଲ ଓ ଏହାର ନିର୍ଦ୍ଦେଶକ ଓ ଯଶବନ୍ତ ବର୍ମାଙ୍କ ନାଁରେ ଏଫଆଇଆର କରିଥିଲା । ଜଷ୍ଟିସ ବର୍ମା ଉକ୍ତ କମ୍ପାନୀରେ ଅଣ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ରହିଥିଲେ । ତେଣୁ ତାଙ୍କ ନାଁ ଏଫଆଇଆରର ୧୦ ନମ୍ବର ସ୍ଥାନରେ ରହିଥିଲା । ଗୋଟିଏ ଋଣ ସ୍କିମ ମାଧ୍ୟମରେ ସୁଗାର ମିଲ ଠକେଇ କରିଥିବା ପ୍ରଥମେ ଓରିଏଣ୍ଟାଲ ବ୍ୟାଙ୍କ ଅଫ କମର୍ସ ବା ଓବିସି ଅଭିଯୋଗ କରିଥିଲା ।

ଏହାପରେ ସିବିଆଇ ଏଫଆଇଆର ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ବ୍ୟାଙ୍କ ଅଭିଯୋଗରେ ଦର୍ଶାଇଥିଲା ଯେ ୨୦୧୨ ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ଓବିସିର ହାପୁର ବ୍ରାଞ୍ଚ ୫,୭୬୨ ଜଣ ଚାଷୀଙ୍କୁ କୀଟନାଶକ ଓ ମଞ୍ଜି କିଣିବାକୁ ୧୪୮.୫୯ କୋଟି ଟଙ୍କା ଦେଇଥିଲା । ଚୁକ୍ତି ଅନୁସାରେ ଏହି ଅର୍ଥକୁ ପ୍ରଥମେ ଗୋଟିଏ ସୁରକ୍ଷିତ ଆକାଉଣ୍ଟକୁ ପଠାଯିବ ଓ ଏହାପରେ ଚାଷୀମାନଙ୍କ ବ୍ୟକ୍ତିଗତ ଆକାଉଣ୍ଟକୁ ଟଙ୍କା ଯିବ । ସିମ୍ଭାଓଲି ସୁଗାର ମିଲ ଋଣ ପରିଶୋଧର ଗ୍ୟାରେଣ୍ଟୀ ନେଇଥିଲା ଓ ଋଣ ପରିଶୋଧ ଚାଷୀମାନଙ୍କୁ ଚିହ୍ନଟ କରିବ ବୋଲି କହିଥିଲା ।

ଏହି ସମୟରେ ଯଶବନ୍ତ ବର୍ମା ଉକ୍ତ କମ୍ପାନୀର ଅଣ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରହିଥିଲେ । କମ୍ପାନୀ ଠକେଇ କରିବା ପାଇଁ ନକଲି ଦସ୍ତାବିଜ ଦେଇଥିଲା ଓ ବ୍ୟାଙ୍କରୁ ଆସିଥିବା ପାଣ୍ଠିକୁ ହେରଫେର କରିଥିବା ଅଭିଯୋଗ ହୋଇଛି । ଚାଷୀଙ୍କ ପାଇଁ ଆସିଥିବା ଟଙ୍କାକୁ କମ୍ପାନୀ ଅନ୍ୟ ଆକାଉଣ୍ଟକୁ ପଠାଇ ଦେଇଥିଲା । ୨୦୧୫ ମାର୍ଚ୍ଚ ସୁଦ୍ଧା ଓବିସି ଋଣ ନେଣଦେଣରେ ବ୍ୟାପକ ହେରଫେର ହୋଇଥିବା ଘୋଷଣା କରିଥିଲା । ୯୭.୮୫ କୋଟି ଟଙ୍କା କ୍ଷତି ହୋଇଥିଲା ଓ ୧୦୯.୦୮ କୋଟି ଟଙ୍କା ବାକି ରହିଥିଲା ।

ଏହି ଠକେଇ ମାମଲାରେ ସିବିଆଇ ରୁଜୁ କରିଥିବା ଏଫଆଇଆରରେ ୧୨ ଜଣଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଯାଇଥିଲା । ୧୦ ନମ୍ବର ସ୍ଥାନରେ ଯଶବନ୍ତ ବର୍ମାଙ୍କ ନାଁ ରହିଥିଲା । ଏଫଆଇଆରରେ ଅନ୍ୟତମ ଅଭିଯୁକ୍ତ ଭାବେ ଗୁରପାଲ ସିଂହ ରହିଥିଲେ । ସେ କମ୍ପାନୀର ଡେପୁଟି ମ୍ୟାନେଜିଂ ଡାରେକ୍ଟର । ଗୁରପାଲ ତତ୍କାଳୀନ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂହଙ୍କ ଜ୍ୱାଇଁ । ସିବିଆଇର ଏଫଆଇଆର ଆଧାରରେ ଇଡି ସମାନ୍ତରାଳ ଭାବେ ମନି ଲଣ୍ଡରିଂ ମାମଲା ତଦନ୍ତ ଆରମ୍ଭ କରିଥିଲା ।

### ହାଇକୋର୍ଟଙ୍କ ହସ୍ତକ୍ଷେପ

୨୦୨୩ ମସିହା ଡିସେମ୍ବର ମାସରେ ଆହ୍ଲାବାଦ ହାଇକୋର୍ଟ ଋଣ ଅନୁମୋଦନ ଲିଙ୍କରେ ୭ଟି ବ୍ୟାଙ୍କ ବିରୋଧରେ ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ । କୋର୍ଟ ସେତେବେଳେ କହିଥିଲେ ଯେ ଏପରି ଠକେଇ ନ୍ୟାୟପାଳିକାର ଅନ୍ତରଆତ୍ମାକୁ ଦୋହଲାଇ ଦେଇଛି । କୋର୍ଟ ଜାଣିବାକୁ ପାଇଥିଲେ ଯେ ଏକାଧିକ ବ୍ୟାଙ୍କ କର୍ମଚାରୀ ସିମ୍ଭାଓଲି ସୁଗାର ମିଲ ସହ ମିଶି ୯୦୦ କୋଟି ଟଙ୍କାର ଋଣକୁ ମଞ୍ଜୁରୀ ଦେଇଛନ୍ତି । ହେଲେ ଓବିସି ଏକମାତ୍ର ବ୍ୟାଙ୍କ ଯିଏ ଋଣ ଜାଲିଆତି କଥା ଉଠାଇ ଇଡିର ଦ୍ୱାରସ୍ଥ ହୋଇଥିଲା । ଏଥିଯୋଗୁ କିଛି ସମ୍ପତ୍ତି ଜବତ ହୋଇପାରି ଥିଲା ।

କୋର୍ଟ ନିଜ ରୟରେ କହିଥିଲେ, ବ୍ୟାଙ୍କ ଅଧିକାରୀମାନେ ସଂପୂର୍ଣ୍ଣ ଭାବେ ଆରବିଆଇ ଗାଇଡଲାଇନ ଓ ସର୍କୁଲାରକୁ ଅଣଦେଖା କରିଛନ୍ତି । କେଉଁ ସବୁ ଅଧିକାରୀମାଦେ ଋଣକୁ ମଞ୍ଜୁରୀ ଦେଇଛନ୍ତି, ତା'ର ତଦନ୍ତ କରିବାକୁ ସିବିଆଇକୁ ନିର୍ଦ୍ଦେଶ ଦେଉଛୁ । ବୋର୍ଡର କେଉଁ ସଦସ୍ୟ କିମ୍ବା କେଉଁ କ୍ରେଡିଟ କମିଟି ଟଙ୍କା ଛାଡ଼ିଛନ୍ତି? ଜାଲିଆତିକୁ କେଉଁ ସବୁ ଅଧିକାରୀମାନେ ଯାଞ୍ଚ କରି ନଥିଲେ, ତା'ର ମଧ୍ୟ ତଦନ୍ତ ହେବ ।

### ୨୦୨୪ରେ ସିବିଆଇର ନୂଆ ତଦନ୍ତ

ଆହ୍ଲାବାଦ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ସିବିଆଇ ପୁଣିଥରେ ୨୦୨୪ ଫେବୃଆରୀ ମାସରେ ନୂଆ କରି ତଦନ୍ତ ଆରମ୍ଭ କରିଥିଲା । ସିମ୍ଭାଓଲି ସୁଗାର ମିଲ ଋଣ ଜାଲିଆତି କରିଥିବା ୨୦୧୫ରୁ ଜଣାପଡ଼ିବା ପରେ ବି କାହିଁକି ୨୦୦୯ରୁ ୨୦୧୭ ଯାଏ ବ୍ୟାଙ୍କଗୁଡ଼ିକ କମ୍ପାନୀକୁ ଋଣ ମଞ୍ଜୁର କରି ଚାଲିଥିଲେ, ସେକଥା ଜାଣିବାକୁ ସିବିଆଇ ଲାଗି ପଡ଼ିଥିଲା । ତଦନ୍ତ ବେଳେ ସିବିଆଇ କମ୍ପାନୀ, ଏହାର ନିର୍ଦ୍ଦେଶକ ଓ ଅଜଣା ବ୍ୟାଙ୍କ କର୍ମଚାରୀଙ୍କ ନାଁ ଏଫଆଇଆରରେ ଦର୍ଶାଇଥିଲା । ତେବେ ସୁପ୍ରିମକୋର୍ଟ ୨୦୨୪ ମାର୍ଚ୍ଚ ମାସରେ ଏଥିରେ ହସ୍ତକ୍ଷେପ କରିଥିଲେ ଓ ଆହ୍ଲାବାଦ ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ ରୋକ ଲଗାଇ ଦେଇଥିଲେ ।

### ଜଷ୍ଟିସ ବର୍ମାଙ୍କ ଘରେ ଲାଗିଲା ନିଆଁ

ମାର୍ଚ୍ଚ ୧୪ ତାରିଖରେ ଜଷ୍ଟିସଚ ବର୍ମାଙ୍କ ଦିଲ୍ଲୀ ସ୍ଥିତ ସରକାରୀ ବାସଭବନରେ ନିଆଁ ଲାଗି ଯାଇଥିଲା । ନିଆଁକୁ ଆୟତ୍ତ କରିବା ପାଇଁ ରାତି ପ୍ରାୟ ୧୧.୪୩ରେ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଆସିଥିଲେ । ନିଆଁକୁ ଆୟତ୍ତ କରିବା ପରେ ଅଖା ଭିତରୁ ପୁଳାପୁଳା ନଗଦ ଟଙ୍କା ମିଳିଥିଲା । କିଛି ଟଙ୍କା ଭର୍ତ୍ତି ଅଖା ମଧ୍ୟ ଜଳି ଯାଇଥିଲା । କେହି ବି ଅଗ୍ନିକାଣ୍ଡରେ ଆହତ ହୋଇ ନଥିବାରୁ କୌଣସି ଏଫଆଇଆର ହୋଇନି ।

ତଥାପି ଘରୁ ମିଳିଥିବା ପୁଳାପୁଳା ଟଙ୍କାର ଭିଡିଓ ରେକର୍ଡ କରାଯାଇଥିଲା ଓ ଏହାକୁ ବରିଷ୍ଠ ଦିଲ୍ଲୀ ପୁଲିସ୍ ଅଧିକାରୀଙ୍କୁ ଦେଖାଯାଇଥିଲା । ବରିଷ୍ଠ ଅଧିକାରୀମାନେ ସରକାର ଓ ପ୍ରଧାନ ବିଚାରପତିଙ୍କୁ ଏ ସମ୍ପର୍କରେ ଜଣାଇଥିଲେ । ସିଜେଆଇ ଘଟଣାର ଆଭ୍ୟନ୍ତରୀଣ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । କୁହାଯାଉଛି ଯେ ଜଷ୍ଟିସ ବର୍ମାଙ୍କ ଘରକୁ ୧୫ କୋଟି ଟଙ୍କା ମିଳିଛି ।

# ଅଧିକ ଗରମରୁ ହୋଇପାରେ ହାର୍ଟ ଆଟାକ

**ନୂଆଦିଲ୍ଲୀ:** ଜଳବାୟୁ ପରିବର୍ତ୍ତନ କାରଣରୁ ଦେଖା ଦେଇପାରେ ହୃତପିଣ୍ଡ ଜନିତ ସମସ୍ୟା । ନିକଟରେ ଅଷ୍ଟ୍ରେଲିଆରେ ହୋଇଥିବା ଏକ ଗବେଷଣା ଅନୁସାରେ ତାପମାତ୍ରା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ କାରଣରୁ ପ୍ରତି ବର୍ଷ ହଜାର ହଜାର ଜୀବନ ଯାଉଥିବା ଜାଣିବାକୁ ମିଳିଛି । ଜଳବାୟୁ ପରିବର୍ତ୍ତନ ସହିତ ହୃତପିଣ୍ଡର କ'ଣ ରହିଛି ସମ୍ପର୍କ ? ତାପମାତ୍ରା ବଢିଲେ ଦେଖାଦିଏ କି ହୃତପିଣ୍ଡ ଜନିତ ସମସ୍ୟା ?



ବୈଜ୍ଞାନିକଙ୍କ କହିବା ଅନୁସାରେ, ତାପମାତ୍ରା ବୃଦ୍ଧି ପାଇଲେ ଏହାର ପ୍ରଭାବ ଶରୀର ଉପରେ ପଡିଥାଏ । ଏହା ଦ୍ୱାରା ଶରୀରର ତାପମାତ୍ରା ବୃଦ୍ଧି ପାଇଥାଏ । ଏହି କାରଣରୁ ଶରୀରକୁ ନିୟନ୍ତ୍ରିତ ରଖିବାକୁ ଅଧିକ ସମୟ କାମ କରିଥାଏ ହୃତପିଣ୍ଡ । ତାପମାତ୍ରା ବୃଦ୍ଧି ହେଲେ ଅସୁସ୍ଥ ବ୍ୟକ୍ତିମାନଙ୍କ ହୃତପିଣ୍ଡ ଜନିତ ସମସ୍ୟା ଅଧିକ ଦେଖା ଦେଇଥାଏ । ଅତ୍ୟଧିକ ଗରମ କାରଣରୁ ରକ୍ତ ଚାପ ମଧ୍ୟ ବଢିଥାଏ । ଏହାଦ୍ୱାରା ହାର୍ଟ ଆଟାକ ଭଳି ରୋଗର ସମସ୍ୟା ବୃଦ୍ଧି ପାଏ ।

ଗବେଷଣା ଅନୁସାରେ, ତାପମାତ୍ରା ବୃଦ୍ଧି ହେଲେ ଆଗାମୀ ୨୫ ବର୍ଷ ମଧ୍ୟରେ ହୃଦୟ ଜନିତ ସମସ୍ୟା, ବର୍ତ୍ତମାନ ଅପେକ୍ଷା ୩ ଗୁଣ ବଢିପାରେ । ଭାରତରେ ଏହି ରୋଗୀଙ୍କ ସଂଖ୍ୟା ହୁ ହୁ ହୋଇ ବଢିବାରେ ଲାଗିଛି । ଅନ୍ୟପଟେ ଜଳବାୟୁ ପରିବର୍ତ୍ତନ ଲାଗି ରହିଲେ ହୃତପିଣ୍ଡ ଜନିତ ସମସ୍ୟା ଅନେକ ପରିମାଣରେ ବଢିବାର ସମ୍ଭାବନା ରହିଛି । ଜଳବାୟୁ ପରିବର୍ତ୍ତନର ପ୍ରଭାବରୁ ଏ ବର୍ଷ ଭାରତରେ ଅଧିକ ତାପମାତ୍ରା ଓ ଲୁ' ର ଆଶଙ୍କା କରାଯାଉଛି । ଦେଶର ଅନେକ ରାଜ୍ୟରେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରେକର୍ଡ କରାଯାଇଛି । ଏପରି ସ୍ଥିତିର ମୁଖ୍ୟ କାରଣ ଜଳବାୟୁ ପରିବର୍ତ୍ତନର ବୋଲି ପାଣିପାଗ ବିଜ୍ଞାନୀମାନେ କହିଛନ୍ତି ।

# ଲୋକୋମୋଟିଭ୍ ଇଂଜିନ ନିର୍ମାଣରେ ରେଳବାଇ ଆଗରେ

**ନୂଆଦିଲ୍ଲୀ:** ଭାରତୀୟ ରେଳବାଇ ଚଳିତ ବର୍ଷ ଲୋକୋମୋଟିଭ୍ ଉତ୍ପାଦନରେ ଏକ ନୂତନ ରେକର୍ଡ ସୃଷ୍ଟି କରିଛି । ଏହି ବର୍ଷ ଭାରତରେ ୧୪୦୦୦ ଲୋକୋମୋଟିଭ୍ ଇଂଜିନ ନିର୍ମାଣ କରାଯାଇଛି, ଯାହା ଆମେରିକା ଏବଂ ୟୁରୋପର ମିଳିତ ଉତ୍ପାଦନ ଅପେକ୍ଷା ଅଧିକ । ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଲୋକସଭାରେ ସୂଚନା ଦେଇଛନ୍ତି ଯେ ଦେଶର ଲୋକୋମୋଟିଭ୍ ଉତ୍ପାଦନ ପ୍ରତିବର୍ଷ ୧୪,୦୦୦ରେ ପହଞ୍ଚିଛି । ଯଦି ଆମେ ୟୁରୋପ ଏବଂ ଆମେରିକାର ମୋଟ ଉତ୍ପାଦନକୁ ମିଶାଇବା, ତେବେ ଦେଶର ଲୋକୋମୋଟିଭ୍ ଉତ୍ପାଦନ ସେମାନଙ୍କଠାରୁ ବହୁତ ଆଗରେ । ଏହି ନୂତନ ଇଞ୍ଜିନଗୁଡ଼ିକ ବର୍ତ୍ତମାନ ଚିତ୍ତରଞ୍ଜନ ଲୋକୋମୋଟିଭ୍ ୱାର୍କ୍ସ , ବନାରସ ଲୋକୋମୋଟିଭ୍ ୱାର୍କ୍ସ, ପଟିଆଲା ଲୋକୋମୋଟିଭ୍ ୱାର୍କ୍ସ ଭଳି ଉତ୍ପାଦନ ୟୁନିଟରେ ଉପଲବ୍ଧ । ରେଳମନ୍ତ୍ରୀ ଏହା ମଧ୍ୟ ସୂଚନା ଦେଇଛନ୍ତି ଯେ ଚଳିତ ବର୍ଷ ଭାରତୀୟ ରେଳବାଇରେ ପ୍ରାୟ ଦୁଇ ଲକ୍ଷ ନୂତନ ୱାଗନ ମଧ୍ୟ ଯୋଡା ଯାଇଛି । ଗତ ଦଶ ବର୍ଷ ମଧ୍ୟରେ, ରେଳବାଇ ପ୍ରାୟ ୪୧୦୦୦ ଲିଙ୍କେ-ହଫମ୍ୟାନ୍-ବୁସ୍ କୋଚ୍ ନିର୍ମାଣ କରିଛି । ପୂର୍ବରୁ ବାର୍ଷିକ କେବଳ ୪୦୦-୫୦୦ ଏଲଏଚବି କୋଚ୍ ତିଆରି ହେଉଥିଲା ଏବଂ ଏବେ ୫,୦୦୦-୫,୫୦୦ କୋଚ୍ ତିଆରି ହେଉଛି ।

# ବେଲୁଚିସ୍ତାନ ପାଲଟିଛି ୟୁକ୍ରେନ

**ଇସଲାମାବାଦ:** ମାର୍ଚ୍ଚ ୧୧ ତାରିଖରେ ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲଏ) କ୍ୱେଟାରୁ ପେଶାୱର ଯାଉଥିବା ଜାଫର ଏକ୍ସପ୍ରେସ ଟ୍ରେନକୁ ଅପହରଣ କରିନେଇଥିଲା । ଏହା ସହିତ ବେଲୁଚିସ୍ତାନ ହଠାତ୍ ଅନ୍ତର୍ଜାତୀୟ ଗଣମାଧ୍ୟମର ଶିରୋନାମାରେ ପରିଣତ ହୋଇଥିଲା ।

ବେଲୁଚ୍ ବିଦ୍ରୋହୀମାନେ ୨୦୦ ରୁ ଅଧିକ ଯାତ୍ରୀଙ୍କୁ ବନ୍ଧକ ରଖିଥିଲେ ଏବଂ ନିଖୋଜ ବାଲୁଚ୍ କର୍ମୀଙ୍କୁ ଫେରାଇବାକୁ ଦାବି କରିଥିଲେ । ଦୁଇ ଦିନ ପରେ ଯେତେବେଳେ ଏହି ନାଟକୀୟ ଗତିରୋଧ ଶେଷ ହେଲା, ପାକିସ୍ତାନୀ ସେନା ଏବଂ ବାଲୁଚ୍ ବିଦ୍ରୋହୀଙ୍କ ଦାବି ଭିନ୍ନ ଭିନ୍ନ ଥିଲା । କିନ୍ତୁ ଏହା ଗୋଟିଏ କଥା ପ୍ରମାଣିତ କଲା ଯେ, ଏବେ ବେଲୁଚ୍ ବିଦ୍ରୋହୀମାନେ ବଡ଼ ଆକ୍ରମଣ କରିବାର କ୍ଷମତା ରଖିଛନ୍ତି ।

ଏହି ଘଟଣା ବେଲୁଚିସ୍ତାନରେ ଏକ କିଛି ନୂଆ ଘଟଣା ନୁହେଁ । ଏହା ବେଲୁଚିସ୍ତାନରେ ଦୀର୍ଘକାଳୀନ ବିବାଦର ଏକ ଅଂଶ, ଯେଉଁଥିରେ ଚୀନ୍ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଏହି ପ୍ରଦେଶରେ ତମ୍ବା, ସୁନା, କୋଇଲା ଏବଂ ପ୍ରାକୃତିକ ଗ୍ୟାସର ବିପୁଳ ପରିମାଣ ଗଚ୍ଛିତ ରହିଛି । କିନ୍ତୁ ଏଠାକାର ଲୋକେ ପାକିସ୍ତାନର ସବୁଠାରୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀର ଲୋକଙ୍କ ମଧ୍ୟରେ ଅନ୍ୟତମ । ଏହି ପ୍ରଦେଶର ପ୍ରଚୁର ସମ୍ପତ୍ତି ଏଠାରେ ବିଦେଶୀ ହସ୍ତକ୍ଷେପ ପାଇଁ ଏକ ଭୂମି ଯୋଗାଇଛି ।

ଚୀନ୍ ଦୀର୍ଘ ଦିନ ଧରି ଏହି ଅଞ୍ଚଳ ଉପରେ ନଜର ରଖି ଆସୁଛି । ଯେପରି ରୁଷିଆର ନଜର ୟୁକ୍ରେନର ପ୍ରାକୃତିକ ସମ୍ପଦ ଉପରେ ରହିଛି, ସେହିପରି ଚୀନର ନଜର ବେଲୁଚିସ୍ତାନର ସମ୍ପଦ ଉପରେ ରହିଛି । ସିଙ୍ଗିଙ୍ଗ ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍ ଅଧୀନରେ ଚୀନ୍ ପାକିସ୍ତାନରେ ୬୨ ବିଲିୟନ ଡଲାର ନିବେଶ କରିଛି ।



ଯାହାଦ୍ୱାରା ଏହି ଅଞ୍ଚଳରେ ପ୍ରବେଶ ପାଇପାରିବ । କିନ୍ତୁ ବାଲୁଚ୍ ଲୋକଙ୍କ କ୍ରୋଧ ଏହା ବିରୁଦ୍ଧରେ ବଢ଼ିବାରେ ଲାଗିଛି । ଏବେ ଏହା ଏସିଆର ସବୁଠାରୁ ଅସ୍ଥିର ଅଞ୍ଚଳ ମଧ୍ୟରୁ ଗୋଟିଏ ହୋଇଗଲାଣି ।

ବେଲୁଚିସ୍ତାନ ଏକ ବିଶାଳ ଏବଂ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ, ଯାହା ଭୌଗୋଳିକ ଭାବରେ ତିନୋଟି ଦେଶ ପାକିସ୍ତାନ, ଇରାନ ଏବଂ ଆଫଗାନିସ୍ତାନକୁ ଘେରି ରହିଛି । ଏହାର ସବୁଠାରୁ ବଡ଼ ଅଂଶ ପାକିସ୍ତାନରେ ଅବସ୍ଥିତଛ ଯାହା ଏହାର ସବୁଠାରୁ ବଡ଼ ପ୍ରଦେଶ । ଯେତେବେଳେ ଇରାନର ନିଜସ୍ୱ ସିସ୍ତାନ ଏବଂ ବେଲୁଚିସ୍ତାନ ପ୍ରଦେଶ ଅଛି । ଏଠାରେ ଜାତିଗତ ବାଲୁଚ୍ ଜନସଂଖ୍ୟା ଏହି ଅଞ୍ଚଳଗୁଡ଼ିକରେ ବିସ୍ତାରିତ । ପ୍ରାକୃତିକ ସମ୍ପତ୍ତି ସତ୍ତ୍ୱେ, ବେଲୁଚିସ୍ତାନ ଅର୍ଥନୈତିକ ଭାବରେ ଅବହେଳିତ । ବେଲୁଚିସ୍ତାନ ଚୀନ୍ କମ୍ପାନିମାନଙ୍କ ଦ୍ୱାରା ଶାସିତ । ଚୀନ୍ କମ୍ପାନି ଏଠାରେ ଖଣି କାର୍ଯ୍ୟରେ ନିୟୋଜିତ ଅଛନ୍ତି ଏବଂ ପ୍ରଚୁର ସମ୍ପତ୍ତି ରୋଜଗାର କରୁଛନ୍ତି । କିନ୍ତୁ ବାଲୁଚ୍ ଲୋକଙ୍କୁ ଏହି ଲାଭରୁ ବାଦ ଦିଆଯାଇଛି । ଏହାର ଏକ ଭଲ ଉଦାହରଣ ହେଉଛି ସୈନ୍ଦକ ସୁନା ଏବଂ ତମ୍ବା ଖଣି । ଏହାର ଲାଭ ମୁଖ୍ୟତଃ ଏହାକୁ ପରିଚାଳନା କରୁଥିବା ଚୀନ୍ କମ୍ପାନି ଏବଂ ପାକିସ୍ତାନର ସଂଘୀୟ ସରକାରଙ୍କ ମଧ୍ୟରେ ବଣ୍ଟାଯାଏ । ବେଲୁଚିସ୍ତାନର ପ୍ରାଦେଶିକ ସରକାରଙ୍କୁ ରାଜସ୍ୱର ମାତ୍ର ୫ ପ୍ରତିଶତ ମିଳିଥାଏ ।

କେବଳ ଏତିକି ନୁହେଁ, ବେଲୁଚ୍ ଲୋକମାନଙ୍କୁ ସେମାନଙ୍କ ଅଞ୍ଚଳରେ ଥିବା କମ୍ପାନିଗୁଡ଼ିକରେ ଉଚ୍ଚ ପଦବୀ ମଧ୍ୟ ଦିଆଯାଏ ନାହିଁ । ଏହା ବାଲୁଚ୍ ଲୋକଙ୍କ କ୍ରୋଧର ନିଆଁରେ ଘିଅ ମିଶାଇ ଦେଇଛି । ୨୦୧୮ରେ ଅନେକ ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ହାତ ମିଳାଇଲା ପରେ ବାଲୁଚ୍ ଆନ୍ଦୋଳନ ଏକ ନୂତନ ମୋଡ଼ ନେଇଥିଲା । ଏହା ସହିତ, ବାଲୁଚ୍ ଆନ୍ଦୋଳନ ଆଦିବାସୀ ନେତାଙ୍କ ହାତରୁ ବାହାରି ବିଶ୍ୱବିଦ୍ୟାଳୟରେ ଶିକ୍ଷାପ୍ରାପ୍ତ ଯୁବକମାନଙ୍କ ହାତକୁ ଚାଲି ଯାଇଥିଲା ।

ନିକଟରେ, ଏହି ମେଣ୍ଟ ବାଲୁଚ୍ ନ୍ୟାସନାଲ୍ ଆର୍ମିରେ ପରିଣତ ହୋଇଛି । ଯାହା ପାକିସ୍ତାନୀ ସେନା ଏବଂ ବଢୁଥିବା ଚୀନ୍ ପ୍ରଭାବ ଉଭୟର ମୁକାବିଲା କରିବା ପାଇଁ ଏହାର ଲକ୍ଷ୍ୟ ଘୋଷଣା କରିଛି । ସାମ୍ପ୍ରତିକ ବର୍ଷଗୁଡ଼ିକରେ, ବେଲୁଚ୍ ବିଦ୍ରୋହୀମାନେ ପାକିସ୍ତାନୀ ସୁରକ୍ଷା ବାହିନୀ ସହିତ ଚୀନ୍ ପ୍ରକଳ୍ପ ଏବଂ ଏହାର ନାଗରିକମାନଙ୍କୁ ଟାର୍ଗେଟ କରିଛନ୍ତି । ଏହି ଆକ୍ରମଣ ଯୋଗୁ ବେଲୁଚିସ୍ତାନରେ ସିପିଇସିରେ ଚୀନର ନିବେଶ ଅଟକି ରହିଥିବା କୁହାଯାଉଛି ।

ପ୍ରଦେଶର ରଣନୈତିକ ଅବସ୍ଥିତି, ବିଶେଷକରି ଗ୍ୱାଦର ବନ୍ଦର ଉପରେ ଚୀନ୍ ନିୟନ୍ତ୍ରଣ, ଏହାକୁ ଚୀନ୍-ପାକିସ୍ତାନ ଅର୍ଥନୈତିକ କରିଡର (ସିପିଇସି)ର ଏକ ପ୍ରମୁଖ ଅଂଶ କରିଛି । ଏହା ପାକିସ୍ତାନର ଆରବ ସାଗର ଉପକୂଳକୁ ଅନ୍ତର୍ଜାତୀୟ ବଜାର ସହିତ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି । ତଥାପି, ବେଲୁଚ୍ ଲୋକମାନେ ଏହାକୁ ବାହ୍ୟ ଶୋଷଣ ଭାବରେ ଦେଖନ୍ତି, ଯାହା ଚୀନ୍ ରୂପରେ ଆସିଛି । ଚୀନ୍ କମ୍ପାନି ଏବଂ ଶ୍ରମିକଙ୍କ ଉପସ୍ଥିତି ଏହି ଅସନ୍ତୋଷକୁ ଆହୁରି ବାଇ ଦେଇଛି । ବିଏଲଏ ପାରମ୍ପାରିକ ଭାବରେ ପାକିସ୍ତାନ ସରକାରୀ ପ୍ରତିଷ୍ଠାନଗୁଡ଼ିକୁ ଟାର୍ଗେଟ କରିଆସିଛି, କିନ୍ତୁ ସାମ୍ପ୍ରତିକ ରଣନୀତି ଏକ ବଡ଼ ପରିବର୍ତ୍ତନକୁ ଚିହ୍ନିତ କରୁଛି । ଚୀନ୍ ନିବେଶ ଉପରେ ଆକ୍ରମଣ ପାକିସ୍ତାନ ଉପରେ ଅତିରିକ୍ତ ଚାପ ପକାଇବା ପାଇଁ ଉଦ୍ଦିଷ୍ଟ, ଯାହା କାମ କରୁଥିବା ପରି ମନେ ହେଉଛି ।

# ଲଦାଖରେ ଚୀନର ବେଆଇନ ପଦକ୍ଷେପକୁ କଡ଼ା ଜବାବ

**ନୂଆଦିଲ୍ଲୀ:** ଚୀନ୍ ନିଜର ଷଡ଼ଯନ୍ତ୍ରରୁ ପଛକୁ ହଟିବାର କୌଣସି ସଙ୍କେତ ଦେଖାଉନାହିଁ । ସେ ଭାରତ ସୀମାରେ ନିରନ୍ତର ଉତ୍ତେଜନାମୂଳକ କାର୍ଯ୍ୟ ଚଳାଇ ଆସୁଛନ୍ତି । ଏବେ ଏହା ଲଦାଖ ନିକଟବର୍ତ୍ତୀ ସୀମାନ୍ତ ଅଞ୍ଚଳରେ ଦୁଇଟି ନୂତନ ଜିଲ୍ଲା ଗଠନ ଘୋଷଣା କରିଛି । ଭାରତ ଏହି ପଦକ୍ଷେପର କଡ଼ା ବିରୋଧ କରିଛି । କେନ୍ଦ୍ର ସରକାର ଶୁକ୍ରବାର ସଂସଦରେ କହିଛନ୍ତି ଯେ, ଏହି ପ୍ରସଙ୍ଗରେ କୂଟନୈତିକ ମାଧ୍ୟମରେ ଚୀନ୍ ବିରୋଧରେ ଏକ ଆନୁଷ୍ଠାନିକ ପ୍ରତିବାଦ ଦାଖଲ କରାଯାଇଛି ।

ବୈଦେଶିକ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହ ଲୋକସଭାରେ ଲିଖିତ ଭାବରେ ସ୍ପଷ୍ଟ କରିଛନ୍ତି ଯେ, ଭାରତ ସରକାର କେବେ ବି ଭାରତୀୟ ଭୂଖଣ୍ଡରେ ଚୀନର ବେଆଇନ ଦଖଲକୁ ସ୍ୱୀକୃତି ଦେଇନାହାନ୍ତି । ସେ କହିଛନ୍ତି, ଚୀନ୍ ଦ୍ୱାରା ସୃଷ୍ଟି ହୋଇଥିବା ନୂତନ ଜିଲ୍ଲାଗୁଡ଼ିକ ଭାରତର ସାର୍ବଭୌମତ୍ୱ ଉପରେ କୌଣସି ପ୍ରଭାବ ପକାଇବ ନାହିଁ, କିମ୍ବା ଏହା ଚୀନର ବେଆଇନ ଦଖଲକୁ କୌଣସି ଆଇନଗତ ସ୍ୱୀକୃତି ପ୍ରଦାନ କରିବ ନାହିଁ । ସଂସଦରେ ସରକାରଙ୍କୁ ପଚରାଯାଇଥିଲା ଯେ, ଚୀନ୍ ହୋତାନ ପ୍ରଦେଶରେ ଦୁଇଟି ନୂତନ ଜିଲ୍ଲା ସୃଷ୍ଟି କରିଛି ବୋଲି ସରକାର ଜାଣିଛନ୍ତି କି? ଯେଉଁଥିରେ ଭାରତୀୟ ଅଞ୍ଚଳ ଲଦାଖର ଏକ ଅଂଶ ମଧ୍ୟ ଅନ୍ତର୍ଭୁକ୍ତ । ଏହା ସହିତ, ଏହି ପରିସ୍ଥିତିର ମୁକାବିଲା ପାଇଁ ନିଆଯାଇଥିବା ରଣନୈତିକ ଏବଂ କୂଟନୈତିକ ପଦକ୍ଷେପ ବିଷୟରେ ସୂଚନା ମଗାଯାଇଥିଲା ।

ଏହାର ଉତ୍ତର ଦେଇ ମନ୍ତ୍ରୀ କହିଥିଲେ ଯେ, ସରକାର ଏହି ଘୋଷଣା ବିଷୟରେ ସମ୍ପୂର୍ଣ୍ଣ ଅବଗତ ଏବଂ ସୀମାବର୍ତ୍ତୀ ଅଞ୍ଚଳରେ ଚୀନ୍ ଦ୍ୱାରା କରାଯାଉଥିବା ଭିତ୍ତିଭୂମି ବିକାଶ ଉପରେ କଡ଼ା ନଜର ରଖିଛନ୍ତି । ସେ କହିଥିଲେ ଯେ, ଭାରତ ସରକାର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଭିତ୍ତିଭୂମିର ପ୍ରସାରକୁ ପ୍ରାଥମିକତା ଦେଉଛନ୍ତି, ଯାହା କେବଳ ଏହି କ୍ଷେତ୍ରଗୁଡ଼ିକର ଆର୍ଥିକ ବିକାଶ ସୁନିଶ୍ଚିତ କରିବା ସହ ଭାରତର ରଣନୈତିକ ଏବଂ ସୁରକ୍ଷା ଆବଶ୍ୟକତାକୁ ପୂରଣ କରନ୍ତି । ମନ୍ତ୍ରଣାଳୟ ଅନୁଯାୟୀ, ସୀମାନ୍ତ ଭିତ୍ତିଭୂମି ପାଇଁ ବଜେଟ୍ ୨୦୧୪ ରୁ ୨୦୨୪ ମଧ୍ୟରେ ଯଥେଷ୍ଟ ବୃଦ୍ଧି ପାଇଛି । ଗତ ଦଶନ୍ଧି ମଧ୍ୟରେ ସୀମା ସଡ଼କ ସଂଗଠନ (ବିଆରଓ)ର ଖର୍ଚ୍ଚ ତିନି ଗୁଣା ବୃଦ୍ଧି ପାଇଛି । ଏହି ସମୟ ମଧ୍ୟରେ, ରାସ୍ତା ନେଟୱାର୍କ, ସେତୁ ଏବଂ ସୁଡ଼ଙ୍ଗ ସଂଖ୍ୟାରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସାର ହୋଇଛି । ସ୍ଥାନୀୟ ସମ୍ପ୍ରଦାୟର ସଂଯୋଗୀକରଣରେ ଉନ୍ନତି ଆସିଛି ଏବଂ ସଶସ୍ତ୍ର ବାହିନୀକୁ ଲଜିଷ୍ଟିକ୍ ସମର୍ଥନକୁ ସୁଦୃଢ଼ କରାଯାଇଛି । ସରକାର ସ୍ପଷ୍ଟ କରିଛନ୍ତି ଯେ, ସରକାର ଭାରତର ସୁରକ୍ଷା ସହିତ ଜଡିତ ପ୍ରତ୍ୟେକ ଦିଗ ଉପରେ କଡ଼ା ନଜର ରଖିଛନ୍ତି । ଦେଶର ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ଅଖଣ୍ଡତାକୁ ରକ୍ଷା କରିବା ପାଇଁ ପ୍ରତ୍ୟେକ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସରକାର ପ୍ରତିଶ୍ରୁତିବଦ୍ଧ ।

**ଆଇପିଏଲ୍ ମହାସମର**

# କୋଲକାତାର ସ୍ୱପ୍ନ ଭାଙ୍ଗି ଦେଲା ବେଙ୍ଗାଲୁରୁ

କୋଲକାତା,୨୨।୩ (ଏଜେନ୍ସି): ବହୁ ପ୍ରତୀକ୍ଷିତ ଆଇପିଏଲ୍‌ର ୧୮ତମ ସଂସ୍କରଣ ବିଗୁଲ ବାଜିଛି । କୋଲକାତାର ଐତିହାସିକ ଇଡେନ୍ ଗାର୍ଡେନରେ ଖେଳାଯାଇଥିବା ଏହି ମ୍ୟାଚରେ ଘରୋଇ କେକେଆର୍‌କୁ ୭ ୱିକେଟରେ ଧରାଶାୟୀ କରି ଜମାଣିଆ ଆରମ୍ଭ କରିଛି ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ । ଘରୋଇ ଗ୍ରାଉଣ୍ଡରେ ବିଜୟରୁ ଅଭିଯାନ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଥିବା କୋଲକାତାର ସ୍ୱପ୍ନକୁ ଭାଙ୍ଗି ଚୁରମାର କରିଦେଇଛି ବେଙ୍ଗାଲୁରୁ । ଅଧିନାୟକ ଆଜିଙ୍କ୍ୟ ରାହାଣେଙ୍କ ଲଢୁଆ ଅର୍ଦ୍ଧଶତକ (୫୬ ରନ) ବେଙ୍ଗାଲୁରୁର ବିରାଟ କୋହଲି ଓ ଫିଲ୍ ସଲ୍ଟଙ୍କ ଅର୍ଦ୍ଧଶତକ ଯୋଗୁଁ ଫିକା ପଡିଯାଇଛି । ଭଲ ଲୟରେ ଥିବା ବିରାଟ କୋହଲି ୩୬ ବଲରୁ ୫୯ ରନ୍‌ର ଅପରାଜିତ ଇନିଂସ ଖେଳି ଦଳ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ଏହି ମ୍ୟାଚରେ କୋଲକାତା ୨୦ ଓଭରରେ ୮ ୱିକେଟ୍ ହରାଇ ୧୭୪ ରନ୍ କରିଥିଲା । ଜବାବରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ୨୨ଟି ବଲ ବାକିଥାଇ ୧୭୭/୩ ରନ୍ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଛି ।

ଇଡେନ୍‌ରେ ଟସ୍ ଜିତି ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଅଧିନାୟକ ରଜତ ପାଟିଦାର କୋଲକାତାକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ । ଅବଶ୍ୟ ପ୍ରଥମ ଓଭରରେ ବେଙ୍ଗାଲୁରୁକୁ ୱିକେଟ୍ ସଫଳତା ମିଳିଥିଲା । ହାଜଲେଉଡ ପ୍ରଥମ ୱିକେଟ୍ ଯୋଡି ଭାଙ୍ଗିବାକୁ ସଫଳ ହୋଇଥିଲେ । ଦଳୀୟ ସ୍କୋର ୪ ରନ୍ ବେଳେ ହିଁ କୋଲକାତା ପ୍ରଥମ ୱିକେଟ୍ ହରାଇଥିଲା । ଏହାପରେ ପଡିଆକୁ ଆସିଥିଲେ ଅଧିନାୟକ ରାହାଣେ । ଓପନର ସୁନୀଲ ନାରିନ ଓ ରାହାଣେ ବିସ୍ଫୋରକ ବ୍ୟାଟିଂ କରିଥିଲେ । ନାରିନ ୨୬ ବଲରୁ ୫ଟି ଚୌକା ଓ ୩ଟି ଛକା ସହାୟତାରେ ୪୪ ରନ୍ କରି ରସିକ ସଲାମଙ୍କ ବଲରେ ଆଉଟ୍ ହୋଇଥିଲେ । ସବୁଠୁ ଆକର୍ଷଣୀୟ ଥିଲା ରାହାଣେଙ୍କ ଇନିଂସ । ସେ ପଡିଆକୁ ଆସୁ ଆସୁ ଚୌକା ଛକାର ବର୍ଷା କରିଥିଲେ । ସେ ୩୧ଟି ବଲର ସମ୍ମୁଖୀନ ହୋଇ ୪ଟି ଛକା ଓ ୬ଟି ଚୌକା ସହାୟତାରେ ୫୬ ରନ୍‌ର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ । ଅନ୍ୟ ବ୍ୟାଟରଙ୍କ ମଧ୍ୟରେ ଭେଙ୍କଟେଶ ଆୟର ୬ ରନ୍, ଅଙ୍ଗକ୍ରିଶ ରଘୁବାଂଶୀ ୩୦ ରନ୍ ଓ ରିଙ୍କୁ ସିଂ ୧୨ ରନ୍ କରି ପାଭିଲିୟନ୍ ଫେରିଯାଇଥିଲେ । ଆନ୍ଦ୍ରେ ରସେଲ ୬ ରନ୍ କରିଥିବା ବେଳେ ରମଣଦୀପ ସିଂ ୬ ଓ ହର୍ସିତ ରାଣା ୫ ରନ୍ କରିଥିଲେ । ତେଣୁ କୋଲକାତା ୨୦ ଓଭରରେ ୮ ୱିକେଟ୍ ହରାଇ ୧୭୪ ରନ୍ କରିବାକୁ ସକ୍ଷମ ହୋଇଥିଲା । ବୋଲିଂରେ ବେଙ୍ଗାଲୁରୁର କ୍ରୁନାଲ ପାଣ୍ଡ୍ୟାଙ୍କୁ ସର୍ବାଧିକ ୩ ୱିକେଟ୍ ସଫଳତା ମିଳିଥିଲା । ଅନ୍ୟମାନଙ୍କ ମଧ୍ୟରେ ଜୋସ ହାଜଲେଉଡ ଦୁଇଟି, ୟାସ ଦୟାଲ, ରସିଦ ସଲମାନ ଓ ସୂର୍ଯ୍ୟାସ ଶର୍ମା ଗୋଟିଏ କରି ୱିକେଟ୍ ହାସଲ କରିଛନ୍ତି ।



୧୭୫ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରିଥିଲା ବେଙ୍ଗାଲୁରୁ । ଇଡେନ୍‌ର ବ୍ୟାଟିଂ ଟ୍ରକ୍‌ରେ ବେଙ୍ଗାଲୁରୁ ମଧ୍ୟ ଭଲ ଆରମ୍ଭ କରିଥିଲା । ଆରସିବିର ଦୁଇ ଓପନର ଫିଲ ସଲ୍ଟ ଓ ବିରାଟ କୋହଲି ଅର୍ଦ୍ଧଶତକୀୟ ଇନିଂସ ଖେଳି ଭଲ ମୁଳଦୁଆ ପକାଇଥିଲେ । ଏହି ରନ୍ ହାରକୁ ଅନ୍ୟମାନେ ଆଗେଇ ନେଇଥିଲେ । ସଲ୍ଟ ୩୧ ବଲ୍‌ରୁ ୫୬ ରନ୍ ତଥା କୋହଲି ୩୬ ବଲ୍‌ରୁ ୬୯ ରନ୍‌ର ଅପରାଜିତ ଇନିଂସ ଖେଳିଥିଲେ । ଦେବଦୁତ ପଡ଼ିକାଲ୧୦ ରନ୍, ଅଧିନାୟକ ରଜତ ପଟିଦାର ୧୬ ବଲ୍‌ରୁ ଉପଯୋଗୀ ୩୪ ରନ୍ ତଥା ଶେଷ ଭାଗରେ ଲିଆମ୍ ଲିଭିଂ ଷ୍ଟୋନ୍ ୫ ବଲ୍‌ରୁ ୧୫ ରନ୍ କରି ସବୁ ଆଶଙ୍କାରେ ପୂର୍ଣ୍ଣଚ୍ଛେଦ ପକାଇଥିଲେ । ସବୁଠୁ ଜମାଣିଆ ଥିଲା ବିରାଟ କୋହଲିଙ୍କ ଇନିଂସ । ୩୬ ବଲ୍‌ରୁ ୪ଟି ଚୌକା ଓ ୩ ଛକା ସହାୟତାରେ ୫୯ ରନ୍‌ର ମହତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ । ତେଣୁ ବେଙ୍ଗାଲୁରୁ ୧୬.୨ ବଲରେ ୧୭୭/୩ ରନ୍ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା । ବୋଲିଂରେ କୋଲକାତାର ବୈଭବ ଅରୋରା, ବରୁଣ ଚକ୍ରବର୍ତ୍ତୀ ଓ ସୁନୀଲ ନାରିନ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ ।

## ଆଇପିଏଲ୍‌ରେ ବଦଳିଲା ସୁପର ଓଭର ନିୟମ

ନୂଆଦିଲ୍ଲୀ,୨୨।୩ (ଏଜେନ୍ସି): ନିର୍ଦ୍ଧାରିତ ଓଭର ଶେଷ ପରେ ଯଦି ମ୍ୟାଚ ଡ୍ର ରହେ ତେବେ ସୁପର ଓଭର ଖେଳାଯାଏ । କିନ୍ତୁ ଏଥର ଏଥିରେ ପରିବର୍ତ୍ତନ କରାଯାଇଛି । ଯେତେ ସୁପର ଓଭର ହେଉନା କାହିଁକି ଗୋଟିଏ ଘଣ୍ଟା ଭିତରେ ଶେଷ ହେବା ଦରକାର । ଏହା ବ୍ୟତୀତ ସୁପର ଓଭରରେ କେବଳ ଗୋଟିଏ ଡିଆର୍‌ଏସ୍ ଅନୁମତି ମିଳିବ । ବିଜେତା ଘୋଷଣା ହେବା ପର୍ଯ୍ୟନ୍ତ ଯେତେ ବି ସୁପର ଓଭର ଦରକାର ପଡିବ ଖେଳାଯିବ । କିନ୍ତୁ ତାହା ଏକ ଘଣ୍ଟା ଭିତରେ ଶେଷ ହେବା ଦରକାର । ପ୍ରଥମ ମ୍ୟାଚ ଶେଷ ହେବାର ୧୦ ମିନିଟ୍ ଭିତରେ ହିଁ ସୁପର ଓଭର ଖେଳାଯିବ । ଯଦି ପ୍ରଥମ ସୁପର ଓଭର ଟାଇ ହୁଏ ତେବେ ଏହାର୫ ମିନିଟ୍ ଭିତରେ ଦ୍ୱିତୀୟ ସୁପର ଓଭର ଆରମ୍ଭ କରିବାକୁ ପଡିବ । ଯଦି ମ୍ୟାଚ ରେଫରୀ ଅନୁଭବ କରନ୍ତି ଯେ, ଏକ ଘଣ୍ଟା ସମୟ ସରିବାକୁ ଯାଉଛି ସେତେ ବେଳେ ଉଭୟ ଅଧିନାୟକ ଫାଇନାଲ ସୁପର ଓଭର ଖେଳାଯିବ ବୋଲି ଜଣାଇ ଦେବେ ।






### ଆଜିର ମ୍ୟାଚ

| ହାଇଦ୍ରାବାଦ-ରାଜସ୍ଥାନ | ଚେନ୍ନାଇ-ମୁମ୍ବାଇ |
|---|---|
| ସମୟ: ଅପରାହ୍ନ ୩.୩୦ | ସମୟ: ରାତି ୭.୩୦ |
| ସ୍ଥାନ: ହାଇଦ୍ରାବାଦ | ସ୍ଥାନ: ଚେନ୍ନାଇ |

ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା

### ଇଣ୍ଡିଜ୍, ଦ.ଆଫ୍ରିକା ଶୃଙ୍ଖଳା ପାଇଁ କାର୍ଯ୍ୟସୂଚୀ ଘୋଷଣା

## ବାରବାଟୀରେ ଭାରତ-ଦ.ଆଫ୍ରିକା ଟି-୨୦

ନୂଆଦିଲ୍ଲୀ,୨୨।୩ (ଏଜେନ୍ସି): ଶନିବାର ବିସିସିଆଇ ପକ୍ଷରୁ ୱେଷ୍ଟଇଣ୍ଡିଜ୍ ଓ ଦ.ଆଫ୍ରିକା ବିପକ୍ଷ ଘରୋଇ ଶୃଙ୍ଖଳା ପାଇଁ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି । ପୁଣିଥରେ ବାରବାଟୀକୁ ମ୍ୟାଚ ମିଳିଛି । ଭାରତ ଓ ଦ.ଆଫ୍ରିକା ମଧ୍ୟରେ ଖେଳାଯିବାକୁଥିବା ଟି-୨୦ ଶୃଙ୍ଖଳାର ଗୋଟିଏ ମ୍ୟାଚ ବାରବାଟୀକୁ ମିଳିଛି । ଗତ ଫେବୃଆରୀ ୯ରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଦିନିକିଆ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ ବାରବାଟୀରେ ଖେଳାଯାଇଥିଲା । ଏହି ମ୍ୟାଚରେ ଭାରତ ୪ ୱିକେଟ୍‌ରେ ବିଜୟୀ ହୋଇଥିଲା । ରୋହିତ ଶର୍ମା ୧୧୯ ରନ୍‌ର ଇନିଂସ ଖେଳି ଲୟକୁ ଫେରିଥିଲେ । କିନ୍ତୁ ଫ୍ଲଡଲାଇଟ ଲିଭିଥିବା ଘଟଣା ବାରବାଟୀର ଛବିକୁ ମଳିନ କରିଥିଲା । ଏହା ସତ୍ତ୍ୱେ ୯ ମାସ ପରେ ବାରବାଟୀରେ ଆଉ ଏକ ଅନ୍ତର୍ଜାତୀୟ ମ୍ୟାଚ ଖେଳାଯିବ । ଏଥର ଘରୋଇ ଭାରତ ଓ ଦ.ଆଫ୍ରିକା ମଧ୍ୟରେ ଟି-୨୦ ମ୍ୟାଚ ଖେଳାଯିବ ।



ଆଗାମୀ ଅକ୍ଟୋବରରେ ଭାରତୀୟ ଦଳ ଇଣ୍ଡିଜ୍ ବିପକ୍ଷରେ ଦୁଇଟି ଟେଷ୍ଟ ମ୍ୟାଚ ଖେଳିବ । ମୋହାଲି ଓ ଇଡେନ୍ ଗାର୍ଡେନରେ ଏହି ମ୍ୟାଚ ଖେଳାଯିବ । ଏହାପରେ ନଭେମ୍ବରରେ ଦ.ଆଫ୍ରିକା ଓ ଭାରତ ମଧ୍ୟରେ ଦୁଇଟି ଟେଷ୍ଟ, ୩ଟି ଦିନିକିଆ ଓ ୫ଟି ଟି-୨୦ ମ୍ୟାଚ ଖେଳାଯିବ । ଦିଲ୍ଲୀରେ ପ୍ରଥମ ଟେଷ୍ଟ ଓ ଗୋଆରେ ଦ୍ୱିତୀୟ ଟେଷ୍ଟ ଖେଳାଯିବ । ପ୍ରଥମଥର ପାଇଁ ଗୋଆରେ ଟେଷ୍ଟ ମ୍ୟାଚ ଖେଳାଯିବାକୁ ସ୍ଥିର ହୋଇଛି । ନଭେମ୍ବର ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ଗୋଆରେ ଖେଳାଯିବ । ଦିନିକିଆ ଶୃଙ୍ଖଳା ନଭେମ୍ବର ୩୦ରୁ ରାଞ୍ଚିରୁ ଆରମ୍ଭ ହେବ । ଡିସେମ୍ବର ୯, ୧୧, ୧୪, ୧୭ ଓ ୧୯ରେ ଯଥାକ୍ରମେ କଟକ, ନାଗପୁର, ଧର୍ମଶାଳା, ଲକ୍ଷ୍ନୌ ଓ ଅହମ୍ମଦାବାଦରେ ଟି-୨୦ ମ୍ୟାଚ ଖେଳାଯିବ । ମହିଳା ଦିନିକିଆ ବିଶ୍ୱକପ୍ ଭାରତରେ ଆୟୋଜନ ହେବ । ମୁଲାପୁର, ଇନ୍ଦୋର, ଥିରୁବନନ୍ତପୁରମ୍ ଓ ଗୌହାଟୀରେ ମହିଳା ବିଶ୍ୱକପ୍‌ର ମ୍ୟାଚ ଗୁଡିକ ଖେଳାଯିବ । ବିସିସିଆଇ ବୈଠକରେ ଏସମ୍ପର୍କରେ ନିଷ୍ପତ୍ତି ହୋଇଛି ।

## କମେଣ୍ଟ୍ରି ପ୍ୟାନେଲରୁ ବାଦ ପଡିଲେ ଇର୍ଫାନ

ନୂଆଦିଲ୍ଲୀ,୨୨।୩ (ଏଜେନ୍ସି): ଆଇପିଏଲ୍‌ର ୧୮ତମ ସିଜନ୍ ବିଗୁଲ ବାଜି ସାରିଛି । ତେବେ ଏହି ସିଜନ୍ ପାଇଁ କମେଣ୍ଟ୍ରି ପ୍ୟାନେଲ ତାଲିକା ପ୍ରକାଶ ପାଇଥିବା ବେଳେ ଆଶ୍ଚର୍ଯ୍ୟଜନକ ଭାବେ ଏଥିରେ କିମ୍ବଦନ୍ତୀ ବୋଲର ଇର୍ଫାନ ପଠାନଙ୍କ ନାମ ନାହିଁ । ହିନ୍ଦୀ କମେଣ୍ଟ୍ରି ପ୍ୟାନେଲରେ ସମସ୍ତ ଭାଷ୍ୟକାରଙ୍କ ନାଁ ଏଥର ତାଲିକାରେ ଥିବା ବେଳେ ଇର୍ଫାନଙ୍କ ନାମକୁ ବାଦ ଦିଆଯାଇଛି ।



ମାଇଁ ଖେଲ୍ ୱେବସାଇଡ୍ ଅନୁଯାୟୀ କିଛି ଭାରତୀୟ ଖେଳାଳିଙ୍କ ବିରୋଧରେ ବ୍ୟକ୍ତିଗତ ମନ୍ତବ୍ୟ ଦେଇଥିବାରୁ ଇର୍ଫାନଙ୍କୁ ବହିଷ୍କାର କରାଯାଇଛି । ଅନେକ ଖେଳାଳି ଅଭିଯୋଗ କରିଥିଲେ ଇର୍ଫାନ ଜାଣିଶୁଣି ସେମାନଙ୍କ ଉପରେ ବ୍ୟକ୍ତିଗତ ମନ୍ତବ୍ୟ ଦେଉଛନ୍ତି । ଗତ ଦୁଇ ବର୍ଷ ଧରି ଏପରି ଘଟୁଥିଲା । ଯେପରି ଇର୍ଫାନ କିଛି ଖେଳାଳିଙ୍କ ବିରୋଧରେ ଆକ୍ରମଣାତ୍ମକ ମନ୍ତବ୍ୟ ଦେଉଥିଲେ । ଯାହାକୁ ଉଚ୍ଚ ଅଧିକାରୀମାନେ ପସନ୍ଦ କରିନଥିଲେ । ଇର୍ଫାନଙ୍କ ବ୍ୟତୀତ ବହୁ କ୍ରିକେଟ୍‌ର କମେଣ୍ଟ୍ରି ବାଦ ପଡିଛନ୍ତି । ପୂର୍ବରୁ ଭାରତୀୟ କ୍ରିକେଟ୍‌ର ସଞ୍ଜୟ ମଞ୍ଜରେକର ଏବଂ କ୍ରିକେଟ୍ ବିଶେଷଜ୍ଞ ହର୍ସ ଭୋଗଲେଙ୍କ ବିରୋଧରେ ମଧ୍ୟ ସମାନ ଅଭିଯୋଗ ହୋଇଥିଲା । ୨୦୨୦ରେ ଭାରତ-ଦ.ଆଫ୍ରିକା ଶୃଙ୍ଖଳା ପୂର୍ବରୁ ମଞ୍ଜରେକରଙ୍କୁ ବିସିସିଆଇ କମେଣ୍ଟ୍ରି ପ୍ୟାନେଲରୁ ବହିଷ୍କାର କରିଥିଲା । ସେହିପରି ୨୦୧୯ରେ ସୌରଭ ଗାଙ୍ଗୁଲିଙ୍କ ଉପରେ ବ୍ୟକ୍ତିଗତ ମନ୍ତବ୍ୟ ଦେବା ପାଇଁ ହର୍ସ ଭୋଗଲେଙ୍କୁ ଦଣ୍ଡ ଭୋଗିବାକୁ ପଡିଥିଲା ।

## ଜାତୀୟ ତୀରନ୍ଦାଜି: ଚମକିଲେ ସଞ୍ଜଳୀ

ଭୁବନେଶ୍ୱର,୨୨।୩ (ସବ୍ୟୁ): ଆନ୍ଧ୍ରପ୍ରଦେଶର ଗୁଣଟୁରରେ ଅନୁଷ୍ଠିତ ୧୩ ବର୍ଷରୁ କମ୍ ଜାତୀୟ ତୀରନ୍ଦାଜ ପ୍ରତିଯୋଗିତାରେ ଓଡ଼ିଶାର ସଞ୍ଜଳୀ ଓରାମ ପ୍ରଭାବୀ ପ୍ରଦର୍ଶନ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ସେ ଏହି ବିଭାଗରେ ଏକମାତ୍ର ଓଡ଼ିଆ ପ୍ରତିଯୋଗୀ ଭାବେ ଏହି ସଫଳତା ପାଇଛନ୍ତି । ସୁନ୍ଦରଗଡ଼ର ବଣାଇ ଅଞ୍ଚଳର ଏହି ପ୍ରତିଭା ଜଣଙ୍କ ପ୍ରଦର୍ଶନ ମାଧ୍ୟମରେ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି । ବାପା ସମ୍ବର ଓରାମ ଓ ମା ଗଣ୍ଡୁରି ଓରାମଙ୍କ ଝିଅ ସଞ୍ଜଳୀ । ଜିଜିଏଚ୍‌ଏସ୍ ବରଇଦପଲ୍ଲୀରେ ସେ ଟିକିଲି ମହାକୁଲଙ୍କ ନିକଟରୁ ପ୍ରଶିକ୍ଷଣ ନେଉଛନ୍ତି । ତାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି କୋଚ୍ କହିଛନ୍ତି । ୩ ଜୁଲାଇ ୨୦୨୩ରୁ ସେ ପ୍ରଶିକ୍ଷଣ ନେବା ଆରମ୍ଭ କରିଛନ୍ତି । ଅପରପକ୍ଷରେ ବେଙ୍ଗାଲୁରୁରେ ଅନୁଷ୍ଠିତ ୨୦ ବର୍ଷରୁ ମହିଳା ଲଙ୍ଗଜମ୍ପ ବିଭାଗରେ ଓଡ଼ିଶା ପକ୍ଷରୁ ଯମୁନା ଟୁଡୁ ବ୍ରୋଞ୍ଜ ପଦକ ଜିତିଛନ୍ତି ।



## ମହୁଲ ପଡ଼ିଆ କ୍ରିକେଟ୍: କାନ୍ତେଶ୍ୱର ଫାଇଟର ଚାମ୍ପିଅନ

ବାଲେଶ୍ୱର,୨୨।୩ (ସବ୍ୟୁ): ଅବିନାଶ କ୍ଲବ ପକ୍ଷରୁ ଗତ ୨ ତାରିଖ ଠାରୁ ମହୁଲ ପଡ଼ିଆ ଠାରେ ଚାଲିଥିବା ମହୁଲ ପଡ଼ିଆ କ୍ରିକେଟ ଲିଗ୍ ସିଜନ-୬ ମାର୍ଚ୍ଚ ୨୧ ତାରିଖ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ କାନ୍ତେସ୍ୱର ଫାଇଟର ଏବଂ ଏସଟିଡି ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୧୦ ଓଭର ବିଶିଷ୍ଟ ଏହି ଫାଇନାଲ ମ୍ୟାଚରେ ଟସ ଜିତି ଏସଟିଡି ଫାଇଟର ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା। ଏସଟିଡି ଫାଇଟର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭର ରେ ୮ ୱିକେଟ ହରାଇ ୧୧୨ ରନ ସଂଗ୍ରହ କରିଥିଲା। ଜବାବରେ କାନ୍ତେଶ୍ୱର ଫାଇଟର ୭.୪ ଓଭର ରେ ୪ ୱିକେଟ ହରାଇ ୧୧୩ ରନ କରି ଲକ୍ଷ୍ୟ ହାସଲ କରିବାରେ ସଫଳ ହୋଇଥିଲା। ଫଳରେ କାନ୍ତେଶ୍ୱର ଫାଇଟର ଫାଇନାଲ ମ୍ୟାଚ ଜିତିବା ସହ ଚମ୍ପିୟାନ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ବିଜେଡି ଯୁବ ନେତା ରିତିକ ଜି, କଂଗ୍ରେସ ଯୁବ ନେତା ସରୋଜ ଲେଙ୍କା, ଭାଜପା ନେତା ସୁଜିତ ଦେବ, ଲକ୍ଷ୍ମୀଧର ସ୍ୱାଇଁ ପ୍ରମୁଖ ଯୋଗ ଦେଇ ଖେଳ ଖେଳିବା ଦ୍ୱାରା କିଭଳି ଶାରୀରିକ ଓ ମାନସିକ ସ୍ତରରେ ଶାନ୍ତି ଅନୁଭବ ହୁଏ ସେ କଥା ଅତିଥି ମାନେ ଉଲ୍ଲେଖ କରିଥିଲେ। ତତ୍ ସହିତ କ୍ରିକେଟ ଖେଳ ଦ୍ୱାରା ଭାଇଚାରା ସୃଷ୍ଟି ହୁଏ ବୋଲି ସେମାନେ ଉଲ୍ଲେଖ କରିଥିଲେ। ସଭାପତି ସୁବ୍ରତ ଦାସ, ସମ୍ପାଦକ ରାଜେନ୍ଦ୍ର ମାଝୀ, ଉପ ସଭାପତି ଶ୍ରାବଣ ଦାସ, ସହ ସମ୍ପାଦକ ମାନସ ମାଝୀ, ଅନନ୍ତ ବାରିକ, ଦିନେଶ ବେହେରା, ଜିତେନ୍ଦ୍ର ମାଝୀ, ପ୍ରିନ୍ସ ପ୍ରଧାନ, ଜୀବନ ଜ୍ୟୋତି ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ରେ ସକ୍ରିୟ ସହଯୋଗ କରିଥିଲେ। ଅତିଥିମାନଙ୍କ ଦ୍ୱାରା ଚମ୍ପିୟାନ ଏବଂ ରନର୍ସଅପ ଟିମ କୁ ଟ୍ରଫି ଏବଂ ଅର୍ଥରାଶି



ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟାର ଭାବେ ପ୍ରିନ୍ସ ପ୍ରଧାନ ଏବଂ ଶିବା ମାଝୀ ଦାୟିତ୍ୱ ତୁଲାଇଥିଲେ।ସୁମନ ମାଝୀ ମ୍ୟାନ ଓଫ ଦି ସିରିଜ ଏବଂ ବିକାଶ ଦାସ ମ୍ୟାନ ଓଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ତପନ ବେହେରା ବେଷ୍ଟ ବେଟ୍ସମେନ ସୁରଜ ମାଝୀ ବେଷ୍ଟ ବୋଲରର ପୁରସ୍କାର ପାଇଥିଲେ ।

## ଖେଲୋ ଇଣ୍ଡିଆ ପାରାଗେମ୍ସ: ସୁଚିତ୍ରାଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର,୨୨।୩ (ସବ୍ୟୁ): ଓଡ଼ିଶା ପାରା ଆଥଲେଟ୍ ସୁଚିତ୍ରା ପରିଡା ଖେଲୋ ଇଣ୍ଡିଆ ପାରାଗେମ୍ସ, ମହିଳା ଜାଭେଲିନ୍ ଏଫ୍-୫୫ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ସେ ୧୮.୫୭ ମିଟର ଜାଭେଲିନ୍ ଫିଙ୍ଗି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଏହି କ୍ରୀଡାରେ ଉତ୍ତରାଖଣ୍ଡର ଗାରିମା ଜୋସି ରୌପ୍ୟ ପଦକ ହାସଲ କରିଥିଲେ । ସେ ୧୫.୨୪ ମିଟର ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ଉତ୍ତରପ୍ରଦେଶର ସାକ୍ଷୀ କାସାନ ୧୪.୪୧ ମିଟର ଫିଙ୍ଗି ତୃତୀୟ ସ୍ଥାନ ଅଧିକାର କରୁଥିଲେ । ଏହି କ୍ରୀଡା ନୂଆଦିଲ୍ଲୀରେ ଗତ ୨୦ ତାରିଖରୁ ଆରମ୍ଭ ହୋଇଥିବା ବେଳେ ଆଗାମୀ ୨୭ରେ ଶେଷ ହେବ । ଓଡ଼ିଶାରୁ ଏକ ୨୪ ଜଣିଆ ଦଳ ଭାଗ ନେଇଛି । ଓଡ଼ିଶା ପ୍ରତିଯୋଗୀ ମୋଟ୍ କ୍ରୀଡାବର୍ଗ ଯଥା ଆର୍ଚେରୀ, ଆଥଲେଟିକ୍ସ, ବ୍ୟାଡ଼ମିଣ୍ଟନ, ପାୱାରଲିଫ୍ଟିଂ, ସୁଟିଂ ଓ ଟେବୁଲ ଟେନିସ୍ କ୍ରୀଡାରେ ଅଂଶଗ୍ରହଣ କରିଛନ୍ତି ।



**ସୂଚନା**

ସମୟ

BHIM BHARAT INTERFACE FOR MONEY

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

**Printed & Published by Satyanarayan Mohanty** for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି। **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି